# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୫/୨୦୨୨ (୧୬ ପୃଷ୍ଠା+କ୍ରୋଡ଼ପତ୍ର) | Bhubaneswar, Sunday, June 5/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


# ମନ୍ତ୍ରୀ ବଦଳାଇଲେ ନବୀନ

- ■ ଆଜି ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ
- ■ ସମ୍ଭାବ୍ୟ ତାଲିକାରେ ୯ ମନ୍ତ୍ରୀ, ୧୧ ନୂଆ

ଭୁବନେଶ୍ୱର,୪।୬(ବ୍ୟୁରୋ)

ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ବିଜେଡି ସରକାରର ପଞ୍ଚମ ପାଳି ୩ ବର୍ଷ ପୂରଣ କରିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଷ୍ଟରଷ୍ଟ୍ରୋକ୍ ଖେଳି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ପ୍ରଥମ ଥର ପାଇଁ ତାଙ୍କ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଶନିବାର ସକାଳୁ ଜଣଙ୍କ ପରେ ଜଣେ ମନ୍ତ୍ରୀଙ୍କୁ ଫୋନ କରାଯାଇ ଇସ୍ତଫା ଦେବାକୁ କୁହାଯାଇଥିଲା। ତଦନୁଯାୟୀ ମଧ୍ୟାହ୍ନ ୧୨ଟା ସୁଦ୍ଧା ୨୦ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଧ୍ୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ।

ରବିବାର ପୂର୍ବାହ୍ନ ୧୧ଟା ୪୫ରେ ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନବୀନଙ୍କ ନୂଆ ଟିମ୍‌ରେ ୯ ମନ୍ତ୍ରୀଙ୍କୁ ପୁଣିଥରେ ସ୍ଥାନ ମିଳିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେମାନେ ହେଲେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଭିନ୍ନକ୍ଷମ ଓ ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା । ସେହିପରି ନବୀନ ନିଜ ମନ୍ତ୍ରିମଣ୍ଡଳରୁ ୧୧ ମନ୍ତ୍ରୀଙ୍କୁ ହଟାଇଥିବା କୁହାଯାଉଛି। ସେମାନଙ୍କ ବଦଳରେ ୫ ପୂର୍ବତନ ମନ୍ତ୍ରୀ ଓ ୬ ନୂଆ ମୁହଁଙ୍କୁ ସାମିଲ କରାଯାଇଥିବା ଚର୍ଚ୍ଚା ହେଉଛି। ଏଥିସହିତ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବାଚସ୍ପତି, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ସରକାରୀ ଦଳର ମୁଖ୍ୟ ସଚେତକ ଓ ପାଟଣାଗଡ଼ ବିଧାୟକ ସରୋଜ ମେହେର ଉପମୁଖ୍ୟ ସଚେତକ ହୋଇପାରନ୍ତି।

କେଉଁମାନେ ମନ୍ତ୍ରୀ ହେବେ ସେ ନେଇ ଶନିବାର ଦିନତମାମ କଳ୍ପନାଜଳ୍ପନା ଲାଗି ରହିଥିଲା। ଫୋନ କଲ୍‌କୁ ନେଇ ମନ୍ତ୍ରୀ ଓ ବିଧାୟକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଥିଲା। ଅପରାହ୍ନ ୫ଟାରୁ ବିଧାୟକମାନଙ୍କୁ ଗୋଟିଏ ପରେ ଗୋଟିଏ ଫୋନ୍ କଲ୍ କରାଯାଇ ମୁଖ୍ୟାଳୟରେ ରହିବାକୁ କୁହାଯାଇଥିଲା। ସମ୍ଭାବ୍ୟ ମନ୍ତ୍ରୀ ତାଲିକାରେ ବୌଦ୍ଧ ବିଧାୟକ ପ୍ରଦୀପ ଅମାତ, ପ୍ରତାପ ଦେବ (ଆଳି), ରୋହିତ ପୂଜାରୀ (ରେଢ଼ାଖୋଲ), ରାଜେନ୍ଦ୍ର ଢୋଲକିଆ (ନୂଆପଡ଼ା), ପ୍ରମିଳା ମଲ୍ଲିକ (ବିଞ୍ଝାରପୁର), ଅତନୁ ସବ୍ୟସାଚୀ ନାୟକ (ମହାକାଳପଡ଼ା), ଶ୍ରୀକାନ୍ତ ସାହୁ (ପୋଲସରା), ଅଶ୍ୱିନୀ ପାତ୍ର (ଜଳେଶ୍ୱର), ପ୍ରୀତିରଞ୍ଜନ ଘଡାଇ (ସୁକିନ୍ଦା), ରୀତା ସାହୁ (ବିଜେପୁର)ଙ୍କ ନାମ ଥିବା ଚର୍ଚ୍ଚା ହେଉଛି।

ମନ୍ତ୍ରୀ ଭାବେ ଉତ୍ତମ ପ୍ରଦର୍ଶନ ଓ ଦଳ ପ୍ରତି ଆନୁଗତ୍ୟ ଥିବା ☞ପୃଷ୍ଠା-୪

## ସମ୍ଭାବ୍ୟ ନୂଆ ମନ୍ତ୍ରୀ ତାଲିକା

| | |
|---|---|
| ସମୀର ରଞ୍ଜନ ଦାଶ | ନିମାପଡ଼ା |
| ନବକିଶୋର ଦାସ | ଝାରସୁଗୁଡ଼ା |
| ଟୁକୁନି ସାହୁ | ଟିଟିଲାଗଡ଼ |
| ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ଆଠଗଡ଼ |
| ନିରଞ୍ଜନ ପୂଜାରୀ | ସୋନପୁର |
| ଅଶୋକ ଚନ୍ଦ୍ର ପଣ୍ଡା | ଏକାମ୍ର ଭୁବନେଶ୍ୱର |
| ପ୍ରଫୁଲ୍ଲ ମଲ୍ଲିକ | କାମାକ୍ଷା ନଗର |
| ତୁଷାରକାନ୍ତି ବେହେରା | କାକଟପୁର |
| ଜଗନ୍ନାଥ ସାରକା | ବିଷମକଟକ |
| ପ୍ରଦୀପ ଅମାତ | ବୌଦ୍ଧ |
| ଉଷା ଦେବୀ | ଚିକିଟି |
| ପ୍ରତାପ ଦେବ | ଆଳି |
| ରୋହିତ ପୂଜାରୀ | ରେଢ଼ାଖୋଲ |
| ରାଜେନ୍ଦ୍ର ଢୋଲକିଆ | ନୂଆପଡ଼ା |
| ପ୍ରମିଳା ମଲ୍ଲିକ | ବିଞ୍ଝାରପୁର |
| ଅତନୁ ସବ୍ୟସାଚୀ | ମହାକାଳପଡ଼ା |
| ଶ୍ରୀକାନ୍ତ ସାହୁ | ପୋଲସରା |
| ଅଶ୍ୱିନୀ ପାତ୍ର | ଜଳେଶ୍ୱର |
| ପ୍ରୀତିରଞ୍ଜନ ଘଡ଼େଇ | ସୁକିନ୍ଦା |
| ରୀତା ସାହୁ | ବିଜେପୁର |
| ବିକ୍ରମକେଶରୀ ଆରୁଖ | ବାଚସ୍ପତି |
| ପ୍ରଶାନ୍ତ ମୁଦୁଲି | ସରକାରୀ ଦଳ ମୁଖ୍ୟ ସଚେତକ |
| ସରୋଜ ମେହେର | ଉପମୁଖ୍ୟ ସଚେତକ |

**ଆଜିର ସମ୍ପାଦକୀୟ** ଧର୍ମନିରପେକ୍ଷତାରୁ ଦୂରରେ







ଧରିତ୍ରୀ
DHARITRI
ରବିବାର, ୫ ଜୁନ୍, ୨୦୨୨



## ସଂକ୍ଷେପରେ

### ନାବାଳିକା ଗଣବଳାତ୍କାର ମାମଲା

## ଟିଆର୍‌ଏସ୍ ନେତାଙ୍କ ପୁଅ ଗିରଫ

**ହାଇଦ୍ରାବାଦ,୪ା୬:** ହାଇଦ୍ରାବାଦର ଜୁବିଲି ହିଲ୍ସ ଅଞ୍ଚଳରେ ଗତ ସପ୍ତାହରେ ସ୍କୁଲ୍ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ତେଲଙ୍ଗାନାର ଶାସକ ଦଳ ଟିଆର୍‌ଏସ୍‌ର ଜଣେ ସ୍ଥାନୀୟ ନେତାଙ୍କ ପୁଅ ସମେତ ୨ ନାବାଳକଙ୍କୁ ପୋଲିସ ଶନିବାର ହାଜତକୁ ନେଇଛି। ଶୁକ୍ରବାର ଅନ୍ୟତମ ଅଭିଯୁକ୍ତ ସଦୁଦ୍ଦିନ ମଲିକଙ୍କୁ ଗିରଫ କରାଯାଇଥିଲା। ଗତ ମାସ ୨୮ରେ ହାଇଦ୍ରାବାଦରେ ପବ୍ ପାର୍ଟିରୁ ଫେରୁଥିବା ୧୭ ବର୍ଷୀୟା ଛାତ୍ରୀଙ୍କୁ ମର୍ସିଡିଜ୍ କାର୍ ଭିତରେ ୫ ନାବାଳକ ଗଣବଳାତ୍କାର କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ବିଧାୟକଙ୍କ ପୁଅ ଥିବା ଅଭିଯୋଗ ହୋଇଥିଲା। ଛାତ୍ରମାନେ ତାଙ୍କୁ ଘରେ ଛାଡ଼ିଦେବାକୁ ପ୍ରତିଶ୍ରୁତି ଦେଇ ଜୁବିଲି ହିଲ୍ସରେ କାର୍ ଅଟକାଇଥିଲେ। କାର୍ ଭିତରେ ପୀଡ଼ିତାଙ୍କୁ ଜଣେ ପରେ ଜଣେ ବଳାତ୍କାର କରିବା ବେଳେ ଅନ୍ୟମାନେ ବାହାରେ ଜଗି ରହିଥିଲେ। ପୀଡ଼ିତାଙ୍କ ପିତାଙ୍କ ଅଭିଯୋଗକ୍ରମେ ପୋକ୍ସୋ ଆଇନ ଏବଂ ଆଇପିସି ଦଫା ୩୭୬ ବଳରେ ବଳାତ୍କାର ମାମଲା ରୁଜୁ ହୋଇଥିଲା।

## ଗାଜିଆବାଦରେ ସନ୍ଦିଗ୍ଧ ମଙ୍କିପକ୍ସ ମାମଲା



**ନୋଏଡା,୪ା୬:** ଉତ୍ତରପ୍ରଦେଶର ଗାଜିଆବାଦରେ ଜଣେ ୫ ବର୍ଷର ଝିଅ ମଙ୍କିପକ୍ସରେ ଆକ୍ରାନ୍ତ ହୋଇଥିବା ଡାକ୍ତରମାନେ ସନ୍ଦେହ କରିବା ପରେ ତାଙ୍କର ନମୁନା ପରୀକ୍ଷା ପାଇଁ ସରକାରୀ ଲାବରେଟୋରିକୁ ପଠାଯାଇଛି। ମଙ୍କିପକ୍ସ ବିଭିନ୍ନ ଦେଶରେ ବ୍ୟାପିଥିବାବେଳେ ଏପର୍ଯ୍ୟନ୍ତ ଭାରତରେ ଦେଖାଯାଇ ନ ଥିଲା। ଗାଜିଆବାଦ ଜିଲା ସର୍ଭିଲାନ୍ସ ଅଫିସର ଡ. ରାକେଶ ଗୁପ୍ତା ଶୁକ୍ରବାର ଏକ କ୍ଲିନିକରେ ବିଶେଷଜ୍ଞ ଓ ଲାବ୍ ଟେକ୍ନିସିଆନ୍‌ଙ୍କ ସହ ଶିଶୁଟିର ନମୁନା ପରୀକ୍ଷା କରିଥିଲେ। ଅଧିକ ପରୀକ୍ଷାର ଆବଶ୍ୟକତା ଥିବାରୁ ନୋଏଡାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବାୟୋଲୋଜିକାଲ୍‌କୁ ନମୁନା ପଠାଯାଇଛି।

## ୧୭୭ କଶ୍ମୀରୀ ପଣ୍ଡିତ ଶିକ୍ଷକଙ୍କ ବଦଳି

**ଶ୍ରୀନଗର,୪ା୬ :** ଜମ୍ମୁ-କଶ୍ମୀରରେ ଟାର୍ଗେଟ କିଲିଂ ବଢୁଥିବାରୁ ଶ୍ରୀନଗରରେ ପୋଷ୍ଟିଂ ହୋଇଥିବା କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ୧୭୭ ଜଣ ଶିକ୍ଷକଙ୍କୁ ଶନିବାର ନିରାପଦ ସ୍ଥାନକୁ ବଦଳି କରାଯାଇଛି। ଅନ୍ୟତ୍ର ବଦଳି ପାଇଁ ସେମାନେ ଦାବି କରିଥିଲେ। ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏକ ଉଚ୍ଚସ୍ତରୀୟ ବୈଠକରେ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ସ୍ଥିତି ସମୀକ୍ଷା କରିଥିଲେ। ଉପତ୍ୟକାରେ ମେ' ୧ରୁ ଇତିମଧ୍ୟରେ ୯ ଜଣଙ୍କୁ ଟାର୍ଗେଟ କିଲିଂ କରାଗଲାଣି। ଗତ ମାସ ୧୨ ତାରିଖରେ ବଡଗାମ୍ ଜିଲାରେ ଆତଙ୍କବାଦୀଙ୍କ ଗୁଳିରେ ରାହୁଲ ଭଟ୍ଟଙ୍କ ମୃତ୍ୟୁ ପରେ କଶ୍ମୀରୀ ପଣ୍ଡିତମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ୨୦୧୨ରେ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି ପାଇଥିବା କଶ୍ମୀରୀ ପଣ୍ଡିତ ଶିକ୍ଷକମାନେ ପଳାୟନ କରିବାକୁ ଚେତାବନୀ ଦେଇଥିଲେ।

## କାନପୁର ହିଂସା

# ୮୦୦ରୁ ଊର୍ଦ୍ଧ୍ୱଙ୍କ ନାଁରେ ମାମଲା

**କାନପୁର,୪ା୬**

ଭାଜପା ନେତ୍ରୀ ନୂପୁର ଶର୍ମା ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ଉତ୍ତରପ୍ରଦେଶର କାନପୁର ସହରରେ ଘଟିଥିବା ହିଂସାରେ ପୋଲିସ ୮୦୦ରୁ ଊର୍ଦ୍ଧ୍ୱଙ୍କ ନାଁରେ ମାମଲା ରୁଜୁ କରିଛି। ହିଂସାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ମୌଲାନା ମହମ୍ମଦ ଅଲ୍ଲୀ (ଏମ୍‌ଏମ୍‌ଏ) ଜୌହର ଫ୍ୟାନ୍ସ ଆସୋସିଏଶନର ମୁଖ୍ୟ ହୟାତ୍ ଜାଫର ହାସ୍‌ମୀଙ୍କ ସମେତ ୩୬ ଜଣଙ୍କୁ ଗିରଫ କରାଯାଇଛି। ଭିଡିଓ କ୍ଲିପ୍‌ରୁ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ପଚରାଉଚରା କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ୍(ଏନ୍‌ଏସ୍‌ଏ) ଏବଂ ଗ୍ୟାଙ୍ଗଷ୍ଟର ଆକ୍ଟ ବଳରେ ୩ ମାମଲା ରୁଜୁ ହୋଇଛି। ହିଂସାରେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଏବଂ ଅନ୍ୟ କେତେକ ମୁସଲିମ୍ ସଙ୍ଗଠନର ସମ୍ପୃକ୍ତିକୁ ନେଇ ୟୁପି ପୋଲିସ ତନାଘନା ଚଳାଇଛି। ଅଭିଯୁକ୍ତଙ୍କ ନାଁରେ ଥିବା ବେଆଇନ ସମ୍ପତ୍ତି ଜବତ କରାଯିବ ବୋଲି ଅତିରିକ୍ତ ଡିଜିପି (ଆଇନ ଓ ଶୃଙ୍ଖଳା) ପ୍ରଶାନ୍ତ କୁମାର କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ ଚାଲିଥିବା ପୋଲିସ କମିଶନର ବିଜୟ ସିଂ ମିନା ସୂଚନା ଦେଇଛନ୍ତି।

ହିଂସାକାଣ୍ଡ ପରେ କାନପୁର ସହରରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କୌଣସି ଅପ୍ରୀତିକର ଘଟଣା ଏଡ଼ାଇବାକୁ ବହୁସଂଖ୍ୟାରେ ପୋଲିସ ମୁତୟନ ହୋଇଛନ୍ତି। ଜ୍ଞାନବାପି ମସ୍‌ଜିଦ ବିବାଦକୁ ନେଇ ମେ ୨୬ରେ ଏକ ଟିଭି ବିତର୍କ କାର୍ଯ୍ୟକ୍ରମରେ ଭାଜପା ମୁଖପାତ୍ର ନୁପୂର କହିଥିଲେ,



କାନପୁରର ହିଂସାକାଣ୍ଡ ଘଟିଥିବା ଅଞ୍ଚଳରେ ଶନିବାର ପୋଲିସର ଫ୍ଲାଗ୍ ମାର୍ଚ୍ଚ।



ହୟାତ୍ ଜାଫର ହାସ୍‌ମୀ

ମୁସଲମାନ ଧର୍ମଗ୍ରନ୍ଥର କେତେକ ଉକ୍ତିକୁ ନେଇ ଲୋକେ ଉପହାସ କରିପାରନ୍ତି। ଜ୍ଞାନବାପି ମସ୍‌ଜିଦ ପରିସରରୁ ଶିବଲିଙ୍ଗ ମିଳିଥିଲେ ହେଁ ମୁସଲମାନ ସମ୍ପ୍ରଦାୟ ଏହାକୁ ଏକ ଫାଉଣ୍ଟେନ୍ କହି ହିନ୍ଦୁ ଭାବାବେଗ ଓ ଆସ୍ଥାକୁ ପରିହାସ କରୁଛନ୍ତି। ନୁପୂରଙ୍କ

- ମାଷ୍ଟରମାଇଣ୍ଡ ହୟାତ୍‌ଙ୍କ ସମେତ ୩୬ ଗିରଫ
- ସହରରେ ପୋଲିସ ଛାଉଣୀ
- ଅଭିଯୁକ୍ତଙ୍କ ସମ୍ପତ୍ତି ଜବତ ହେବ

ଏହି ମନ୍ତବ୍ୟକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହାର ପ୍ରତିବାଦରେ ଏକ ମୁସଲମାନ ସଂଗଠନ ଶୁକ୍ରବାର କାନପୁରସ୍ଥିତ ପରେଡ୍ ମାର୍କେଟ ବନ୍ଦ ଡାକରା ଦେଇଥିଲା। ଏହାକୁ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିବାରୁ ପରେଡ୍ ଚୌକରେ ଗୋଷ୍ଠୀସଂଘର୍ଷ ହୋଇଥିଲା। ଢେଲାମାଡ଼ରେ ୧୩ ପୋଲିସ କର୍ମଚାରୀ ଏବଂ ଉଭୟ ପକ୍ଷର ୩୦ ଜଣ ଆହତ ହୋଇଥିଲେ।

ବେକୋନ୍‌ଗଞ୍ଜ ଷ୍ଟେଶନ ହାଉସ୍ ଅଫିସର (ଏସ୍‌ଏଚ୍‌ଓ)ଙ୍କ ଅଭିଯୋଗ ଆଧାରରେ ପ୍ରଥମ ଏଫ୍‌ଆଇଆର୍ ରୁଜୁ ହୋଇଥିଲା। ଏଥିରେ ୩୬ ଜଣଙ୍କ ନାଁ ରହିଥିଲା। ସେହିପରି ସବ୍‌ଇନ୍‌ସ୍ପେକ୍ଟର ଆସିଫ୍ ରାଜାଙ୍କ ପକ୍ଷରୁ ହୋଇଥିବା ଦ୍ୱିତୀୟ ଏଫ୍‌ଆଇଆର୍‌ରେ ଆଉ ୨୦ ଜଣଙ୍କ ନାଁରେ ଅଭିଯୋଗ ରହିଥିବାବେଳେ ୩୫୦ ଅଜଣା ବ୍ୟକ୍ତିଙ୍କ ବାବଦରେ ମଧ୍ୟ ଦର୍ଶାଯାଇଥିଲା। ଚନ୍ଦକେଶ୍ୱର ହାଟ ବାସିନ୍ଦା ମୁକେଶ ଆଉ ଏକ ଏଫ୍‌ଆଇଆର ଦାଖଲ କରିଥିଲେ। ମୁଖ୍ୟ ଅଭିଯୁକ୍ତ ହୟାତ୍‌ଙ୍କ ସମେତ ୟୁସୁଫ୍ ମନ୍‌ସୁରୀ ଏବଂ ଆମୀର ଜାୱେଦ୍ ଅନସାରୀଙ୍କୁ ଲକ୍ଷ୍ନୌର ହଜରତ୍‌ଗଞ୍ଜ ଅଞ୍ଚଳରୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ୧୪ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ପୋଲିସ କହିଛି।

## ବିବାଦୀୟ ମନ୍ତବ୍ୟରୁ ସାମ୍ପ୍ରଦାୟିକ ହିଂସା

ଭାଜପା ଶାସିତ ଉତ୍ତରପ୍ରଦେଶ ଧ୍ରୁବୀକରଣ ରାଜନୀତି ଓ କଠୋର ହିନ୍ଦୁତ୍ୱବାଦର ପ୍ରୟୋଗଶାଳା ପାଲଟିଛି। ରାଜ୍ୟରେ ସଂଖ୍ୟାଲଘୁ ମୁସଲମାନଙ୍କୁ ଟାର୍ଗେଟ କରି ବିବାଦୀୟ ମନ୍ତବ୍ୟ ଦେବା ଭାଜପା ନେତାମାନଙ୍କ ପାଇଁ ନିତିଦିନିଆ କଥା ହୋଇଯାଇଛି। ନେତା ଓ କର୍ମୀ ଉତ୍ତେଜନାମୂଳକ ବୟାନ ଦେଇ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ କରୁଥିବାବେଳେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସେମାନଙ୍କୁ କ୍ଷାନ୍ତ ରହିବା ପାଇଁ ତାଗିଦ୍ କରିବା ପରିବର୍ତ୍ତେ ନିଜେ ନିଆଁରେ ଘିଅ ଢାଳିବା ଭଳି କଥା କହୁଛନ୍ତି। ଏହା ଦୁଇ ସମୁଦାୟ ମଧ୍ୟରେ ଉତ୍ତେଜନା ବୃଦ୍ଧି ସହ ସ୍ଥିତିକୁ ଆହୁରି ସଙ୍ଗିନ କରୁଛି। ଏପରିକି କାନପୁର ସହରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ ହିନ୍ଦୁ-ମୁସଲିମ୍ ପରସ୍ପରକୁ ଶତ୍ରୁ ଭଳି ଆଚରଣ କରିଛନ୍ତି। ତେଣୁ ଏଭଳି ମନ୍ତବ୍ୟ ଦେଉଥିବା ନେତାମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ବିରୋଧୀ ସମାଜବାଦୀ ପାର୍ଟି, କଂଗ୍ରେସ ଏବଂ ବହୁଜନ ସମାଜପାର୍ଟି ପକ୍ଷରୁ ଦାବି ହୋଇଛି।



ନୂପୁର ଶର୍ମା

## ରୁଷିଆକୁ ଅପମାନିତ କରା ନ ଯାଉ: ମାକ୍ରଁ



**ପ୍ୟାରିସ୍,୪ା୬**

ୟୁକ୍ରେନ୍ ପ୍ରସଙ୍ଗରେ ରୁଷିଆକୁ ଅପମାନିତ କରା ନ ଯାଉ। ୟୁକ୍ରେନ୍-ରୁଷିଆ ଭିତରେ ଯୁଦ୍ଧ ଥମିଲେ ଆଗକୁ ଦୁଇ ଦେଶ ମଧ୍ୟରେ କୂଟନୈତିକ ଉପାୟରେ ସମାଧାନର ରାସ୍ତା ବାହାରିପାରିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ କହିଛନ୍ତି। ଲଢ଼େଇ ଶେଷ କରିବା ପାଇଁ ଫ୍ରାନ୍ସ ଗୁରୁତ୍ୱପୂର୍ଣ୍ଣ ମଧ୍ୟସ୍ଥ ଭୂମିକା ତୁଲାଇପାରିବ ବୋଲି ସେ କହିଛନ୍ତି। ୟୁକ୍ରେନ୍ ପ୍ରସଙ୍ଗରେ ଆମେରିକା ସମେତ ୟୁରୋପୀୟ ସଂଘର ପ୍ରାୟ ସମସ୍ତ ଦେଶ ରୁଷିଆକୁ ସମାଲୋଚନା କରି ଆସିଛନ୍ତି। ତେବେ ଯୁଦ୍ଧ ଆରମ୍ଭରୁ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରଁ ଏକାଧିକ ଥର ତାଙ୍କ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ସହ ବୁଝାମଣା ନିମନ୍ତେ ଆଲୋଚନା କରିଛନ୍ତି। ଫ୍ରାନ୍ସ ୟୁକ୍ରେନ୍‌କୁ ସାମରିକ ସହାୟତା ଯୋଗାଇଥିଲେ ମଧ୍ୟ ମାକ୍ରଁ ଅନ୍ୟ ଇୟୁ ଦେଶର ପ୍ରତିନିଧିଙ୍କ ପରି କିଭ୍ ଗସ୍ତ କରିନାହାନ୍ତି।

## ରାଜସ୍ଥାନ ହାଇକୋର୍ଟରେ ଜଜ୍ ଦମ୍ପତି



**ଜୟପୁର,୪ା୬**

କେନ୍ଦ୍ର ସରକାର ଶୁକ୍ରବାର ରାଜସ୍ଥାନ ହାଇକୋର୍ଟରେ କୁଳଦୀପ ମାଥୁର ଏବଂ ଶୁଭା ମେହଟ୍ଟାଙ୍କୁ ନୂଆ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି। ଶୁଭା ମେହଟ୍ଟାଙ୍କ ସ୍ୱାମୀ ମହେନ୍ଦ୍ର ଗୋଏଲ ପୂର୍ବରୁ ରାଜସ୍ଥାନ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରୁଥିବାବେଳେ ପ୍ରଥମ ଥର ପାଇଁ ନ୍ୟାୟାଳୟରେ ଜଜ୍ ଦମ୍ପତି ଏକାଠି କାର୍ଯ୍ୟ କରିବାକୁ ଯାଉଛନ୍ତି। ନୂଆ ନିଯୁକ୍ତି ପରେ ହାଇକୋର୍ଟରେ ଜଜ୍ ସଂଖ୍ୟା ୨୭ରେ ପହଞ୍ଚିଛି। ତେବେ ଆହୁରି ୨୩ ବିଚାରପତି ପଦବୀ ଏବେ ସୁଦ୍ଧା ଖାଲି ପଡ଼ିଛି। କୁଳଦୀପ ମାଥୁର ଆଇନଜୀବୀ କୋଟାରେ ବିଚାରପତି ପଦ ଗ୍ରହଣ କରିଥିବାବେଳେ ଶୁଭା ମେହଟ୍ଟା ଜୁଡିସିଆଲ ସର୍ଭିସ୍ କୋଟା ଅନ୍ତର୍ଗତ ହାଇକୋର୍ଟରେ ବିଚାରପତିପଦ ପାଇଛନ୍ତି।

## କେମିକାଲ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୧୨ ମୃତ



**ହାପୁର(ୟୁପି),୪ା୬**

ଉତ୍ତରପ୍ରଦେଶର ହାପୁର ଜିଲାରେ ଥିବା ଏକ ରାସାୟନିକ କାରଖାନାର ବଏଲରରେ ଶନିବାର ବିସ୍ଫୋରଣ ଘଟି ନିଆଁ ଲାଗିଯିବାରୁ ୧୨ ଶ୍ରମିକ ପ୍ରାଣ ହରାଇଛନ୍ତି। ଅନ୍ୟ ୧୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦିଲ୍ଲୀଠାରୁ ୮୦ କିଲୋମିଟର ଦୂର ହାପୁର ଜିଲାର ଧୋଲନା ଅଞ୍ଚଳରେ ଉକ୍ତ ରାସାୟନିକ କାରଖାନା ଅବସ୍ଥିତ। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ବିସ୍ଫୋରଣରେ ମୃତକଙ୍କ ପାଇଁ ୟୁପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଜିଲା ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଯାଇ ଉଦ୍ଧାର ଓ ରିଲିଫ କାର୍ଯ୍ୟର ତଦାରଖ କରିବା ସହ ଆହତମାନଙ୍କ ଚିକିତ୍ସା ଲାଗି ସମସ୍ତ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବିସ୍ଫୋରଣ ବେଳେ କାରଖାନାର ଉକ୍ତ ଅଞ୍ଚଳରେ ପ୍ରାୟ ୩୦ ଶ୍ରମିକ ନିୟୋଜିତ ଥିଲେ। ୧୨ ଜଣଙ୍କ ଜୀବନ ଯାଇଥିବାବେଳେ ଅବଶିଷ୍ଟ ୧୭ ଜଣଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଥିବା ଜଣାପଡ଼ିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଉକ୍ତ ଅଞ୍ଚଳରେ ଥିବା ଅନ୍ୟ କେତେକ କାରଖାନାର ଛାତ କ୍ଷତିଗ୍ରସ୍ତ ହୋଇଛି। ନିଆଁ ଲିଭାଇବାକୁ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା।

## କୋର୍ବେଭାକ୍ସ ବୁଷ୍ଟର ଡୋଜ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ,୪ା୬**

ବାୟୋଲୋଜିକାଲ-ଇ କମ୍ପାନୀ ପ୍ରସ୍ତୁତ କୋଭିଡ୍-୧୯ ଟିକା କୋର୍ବେଭାକ୍ସର ବୁଷ୍ଟର ଡୋଜ୍‌କୁ ବ୍ୟବହାରିକ ମଞ୍ଜୁରୀ ମିଳିଛି। ୧୮ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସ ବର୍ଗର ଲୋକଙ୍କୁ ବୁଷ୍ଟର ବା ପ୍ରିକଶନ ଡୋଜ୍ ଭାବେ ଏହି ଟିକା ଦିଆଯିବ। ଯେଉଁମାନେ ପ୍ରଥମ ଓ ଦ୍ୱିତୀୟ ଡୋଜ୍‌ରେ କୋଭିଶିଲ୍ଡ କିମ୍ବା କୋଭାକ୍ସିନ ନେଇଥିବେ, ସେମାନେ ୬ ମାସ ପରେ କୋର୍ବେଭାକ୍ସର ବୁଷ୍ଟର ଡୋଜ୍ ନେଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଭାରତରେ ଏହା ପ୍ରଥମ ହେଟେରୋଲୋଗସ୍ କୋଭିଡ୍ ବୁଷ୍ଟର। କୋଭିଡ୍ ଟିକାକରଣ ଅଭିଯାନରେ ଏହା ଆଉ ଏକ ସଫଳତା ବୋଲି ବାୟୋଲୋଜିକାଲ-ଇ'ର ପରିଚାଳନା ନିର୍ଦ୍ଦେଶକ ମହିମା ଡାଟ୍‌ଲା କହିଛନ୍ତି। ଗତ ଏପ୍ରିଲରେ ଭାରତର ଔଷଧ ନିୟନ୍ତ୍ରକ ଡିସିଜିଆଇ କୋର୍ବେଭାକ୍ସ ଟିକାକୁ ୫ରୁ ୧୨ ବର୍ଷ ବୟସର ପିଲାଙ୍କ ପାଇଁ ଜରୁରୀ ବ୍ୟବହାର ନିମନ୍ତେ ମଞ୍ଜୁରୀ ପ୍ରଦାନ କରିଥିଲା। କମ୍ପାନୀ ଗଥତ ମେ' ମାସରେ ଏହି ଟିକାର ଦାମ୍ ୮୪୦ ଟଙ୍କାରୁ ୨୫୦ ଟଙ୍କାକୁ ହ୍ରାସ କରିଥିଲା।

## ମହାରାଷ୍ଟ୍ରରେ ମାସ୍କ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୪ା୬**

କୋଭିଡ୍-୧୯ ସଂକ୍ରମଣ ପୁଣି ବଢୁଥିବାରୁ ମହାରାଷ୍ଟ୍ର ସରକାର ରାଜ୍ୟବାସୀଙ୍କୁ ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା ପାଇଁ ଶନିବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ସଂକ୍ରମଣ ବୃଦ୍ଧିକୁ ନେଇ ରାଜ୍ୟ ସରକାର ଚିନ୍ତାବ୍ୟକ୍ତ କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପ୍ରଦୀପ ବ୍ୟାସ ସମସ୍ତ ଜିଲା କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିବା ସହ ଅନ୍ୟ କେତେକ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରେନ୍, ବସ୍, ସିନେମା ହଲ୍, ପ୍ରେକ୍ଷାଳୟ, ଅଫିସ, ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଭଳି ଆବଦ୍ଧ ସର୍ବସାଧାରଣ ସ୍ଥାନରେ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି। କିଛିଦିନ ହେଲା ମହାରାଷ୍ଟ୍ରରେ ଦୈନିକ ସଂକ୍ରମଣ ଅଧିକ ରହିଛି। ଶୁକ୍ରବାର ଦେଶରେ ଦୈନିକ ସଂକ୍ରମଣ ୪ ହଜାର ଟପିବା ପରେ କେନ୍ଦ୍ର ସରକାର ୫ ରାଜ୍ୟକୁ ପତ୍ର ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ।

## ଗୋହତ୍ୟା ଅଭିଯୁକ୍ତଙ୍କୁ ଗୋସେବା ନିର୍ଦ୍ଦେଶ

**ଆଲ୍ଲାହାବାଦ,୪ା୬**

ଆଲ୍ଲାହାବାଦ ହାଇକୋର୍ଟ ଜଣେ ଗୋହତ୍ୟା ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏଥିପାଇଁ ଅଦାଲତ ଅଭିଯୁକ୍ତ ସଲିମ୍ ଓରଫ କାଲିଆଙ୍କୁ ମାସେ ଏକ ଗୋଶାଳାରେ ସେବା କରିବାକୁ ସର୍ତ୍ତ ରଖିଛନ୍ତି। ଏତଦ୍ ବ୍ୟତୀତ ଏକ ପଞ୍ଜୀକୃତ ଗୋଶାଳା ପାଇଁ ଲକ୍ଷେ ଟଙ୍କା ଜମା କରିବାକୁ ଜଷ୍ଟିସ୍ ଶେଖର କୁମାର ଯାଦବ ନିର୍ଦ୍ଦେଶ ଦେଇଛନ୍ତି। ସଲିମଙ୍କ ବିରୋଧରେ ଉତ୍ତରପ୍ରଦେଶ ଗୋହତ୍ୟା ନିରୋଧୀ ଆଇନରେ ମାମଲା ରୁଜୁ ହୋଇଥିଲା।



## ପ୍ରଶାନ୍ତ ମହାସାଗରରେ ଏକାକୀ ଯାତ୍ରା କରି ରେକର୍ଡ

**ଟୋକିଓ,୪ା୬:** ପ୍ରଶାନ୍ତ ମହାସାଗରରେ ଏକୁଟିଆ ଅବିରାମ ଯାତ୍ରା କରି ଜାପାନର ୮୩ ବର୍ଷୀୟ ନାବିକ କେନିଚି ହୋରି ରେକର୍ଡ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି ବିଶ୍ୱର ସବୁଠାରୁ ବୟସ୍କ ବ୍ୟକ୍ତି ଯିଏ କି ଏକାକୀ ପ୍ରଶାନ୍ତ ମହାସାଗର ଭ୍ରମଣ କରିଛନ୍ତି। ସେ ଗତ ମାର୍ଚ୍ଚରେ ଫ୍ରାନ୍ସିସ୍କୋର ୟାର୍ଟ ହାର୍ବରରୁ ଯାତ୍ରା ଆରମ୍ଭ କରିଥିଲେ। ଏଥିପାଇଁ ତାଙ୍କୁ ଦୁଇମାସ ସମୟ ଲାଗିଥିଲା। ୧୯୬୨ରେ ଜାପାନର ଭୋୟାଗେଡ ମାତ୍ର ୨୩ ବର୍ଷ ବୟସରେ ଏକୁଟିଆ ପ୍ରଶାନ୍ତ ମହାସାଗର ପରିଭ୍ରମଣ କରି ରେକର୍ଡ କରିଥିଲେ।

# ପଲିଥିନ ବନ୍ଦ ଲାଗି ରାଜ୍ୟକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୪ା୬**

ଜୁଲାଇ ୧ରୁ ପଲିଥିନ୍ ବ୍ୟବହାର ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପତ୍ର ଲେଖିଛନ୍ତି। ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ୍ (ଏସ୍‌ୟୁପି) ବନ୍ଦ କରିବାକୁ ବର୍ତ୍ତମାନ ସୁଦ୍ଧା ଦେଶର ପ୍ରାୟ ୪,୭୦୦ ପୌରସଂସ୍ଥା ମଧ୍ୟରୁ ମାତ୍ର ୨,୫୯୧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହା ଜଣାପଡ଼ିବା ପରେ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏଭଳି ନିର୍ଦ୍ଦେଶନାମା ଜାରି କରିଛି। ଏସ୍‌ୟୁପି ବନ୍ଦ କରି ସ୍ୱଚ୍ଛ ଓ ସବୁଜ ପରିବେଶ ସୃଷ୍ଟିରେ ସହାୟତା କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେଥିପାଇଁ ଅବଶିଷ୍ଟ ପ୍ରାୟ ୨,୧୦୦ ପୌରସଂସ୍ଥା ନିମନ୍ତେ ଜୁନ୍ ୩୦ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପାଇବା ଆବଶ୍ୟକ ବୋଲି ବିଶ୍ୱ ପରିବେଶ ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ନିର୍ଦ୍ଦେଶନାମା ଜାରି ହୋଇଛି।

ସ୍ୱଚ୍ଛ ଭାରତ ମିଶନ- ସହରାଞ୍ଚଳ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ୟୁପି ସମ୍ପୂର୍ଣ୍ଣ ବନ୍ଦ କରିବା ସହ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଉପରେ ସର୍ବାଧିକ ଫୋକସ୍ ରହିଛି। ଏଥପାଇଁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସବିଶେଷ ଆଡଭାଇଜରି ଜାରି କରାଯାଇ ସ୍ୱଚ୍ଛତା ଅଭିଯାନକୁ ଆଗେଇ ନେବା ସହ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ, ବହୁସଂଖ୍ୟାରେ ଚାରାରୋପଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହି ଅଭିଯାନରେ ସମସ୍ତ ନାଗରିକଙ୍କୁ ସାମିଲ କରିବା ଲାଗି ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା (ସଂଶୋଧନ) ନିୟମାବଳୀ, ୨୦୨୧ ଅନୁଯାୟୀ ପ୍ଲାଷ୍ଟିକ୍ ରିସାଇକ୍ଲିଂରୁ ପ୍ରସ୍ତୁତ ୭୫ ମାଇକ୍ରନ୍‌ରୁ କମ୍ ମୋଟେଇର ପଲିଥିନ୍ ଜରି ଉତ୍ପାଦନ, ଆମଦାନି, ମହଜୁଦ ରଖିବା, ବିକ୍ରି ଓ ବ୍ୟବହାରକୁ ୨୦୨୧ ସେପ୍ଟେମ୍ବର ୩୦ରୁ ନିଷେଧ କରାଯାଇଥିଲା। ଏହାକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେବାକୁ କୁହାଯାଇଛି। ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ବଜାରରେ ଉପଲବ୍ଧ ହେଉଥିବା କପଡ଼ା, ଖୋଟ, ବିଘଟିତ ହୋଇପାରୁଥିବା ଅନ୍ୟ ପଦାର୍ଥ ବ୍ୟବହାର ନିମନ୍ତେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପୌରସଂସ୍ଥାଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସେହିପରି ମୃଦୁ ପାନୀୟ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ବଟଲ ବ୍ୟାଙ୍କ ସ୍ଥାପନ କରିବାକୁ କୁହାଯାଇପାରିବ। ଗ୍ରାହକ ମୃଦୁ ପାନୀୟ ପିଇବା ପରେ ବୋତଲକୁ ସେଠାରେ ଦେଇ ପଇସା ପାଇପାରିବେ। ସେହିପରି ବିଭିନ୍ନ ସ୍ଥାନରେ ସବ୍‌ସିଡିଯୁକ୍ତ ପୁନଃ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ୍ ବୋତଲ ବୁଥ୍ ସ୍ଥାପନ କରିବାକୁ ମଧ୍ୟ କୁହାଯାଇପାରିବ। ଏହା ବ୍ୟତୀତ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ପୌରସଂସ୍ଥାଗୁଡ଼ିକ ଲୋକଙ୍କୁ ଯୋଗାଇବା ପାଇଁ ବ୍ୟାଗ୍ ବା ବାସନ ଭଣ୍ଡାର ସ୍ଥାପନ କରିପାରିବେ। ସର୍ବସାଧାରଣ ଉତ୍ସବ, ସଭା ଇତ୍ୟାଦିରେ ଏଗୁଡ଼ିକୁ ବ୍ୟବହାର କରାଗଲେ ଏସ୍‌ୟୁପି ବ୍ୟବହାର ଯଥେଷ୍ଟ ହ୍ରାସ ପାଇପାରିବ। ଲୋକଙ୍କ ମଧ୍ୟରେ ଏସ୍‌ୟୁପି ବ୍ୟବହାର ବିରୋଧରେ ସଚେତନତା ସୃଷ୍ଟି ଲାଗି ସର୍ବସାଧାରଣ ସ୍ଥାନ, ବଜାର ଓ ଗହଳି ସ୍ଥାନରେ ସ୍ୱଚ୍ଛତା ରଥ ନିୟୋଜିତ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୪୮,୮୭,୯୯୩ | ୬୩,୧୯,୩୭୫ | ୫୦,୫୬,୫୨,୯୦୧ |
| ଭାରତ | ୪,୩୧,୭୧,୮୭୨ | ୫,୨୪,୬୫୧ | ୪,୨୬,୨୨,୭୫୭ |
| ଓଡ଼ିଶା | ୧୨,୮୮,୪୮୫ | ୯୧୨୬(+୫୩) | ୧୨,୭୯,୨୮୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଶନିବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ସଚେତନତା କରୁଛନ୍ତି ଶିଳ୍ପୀ ମାନସ ସାହୁ।

# ଅଭୟାରଣ୍ୟର ୧ କି.ମି. ମଧ୍ୟରେ ନିର୍ମାଣ ମନା

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



**ନୂଆଦିଲ୍ଲୀ,୪।୬**

ପ୍ରତି ସୁରକ୍ଷିତ ଜଙ୍ଗଲ ଚାରିପଟେ ୧ କିଲୋମିଟର ପରିଧି ପରିବେଶ ସମ୍ବେଦନଶୀଳ ଅଞ୍ଚଳ ବା ଇକୋ ସେନ୍‌ସିଟିଭ୍ ଜୋନ୍ (ଇଏସ୍‌ଜେଡ୍) ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଉକ୍ତ ଅଞ୍ଚଳରେ କୌଣସି ପ୍ରକାର ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ। ସେହିପରି ଜାତୀୟ ବନ୍ୟପ୍ରାଣୀ ଅଭୟାରଣ୍ୟ ବା ଜାତୀୟ ଉଦ୍ୟାନର ୧ କିଲୋମିଟର ପରିଧି (ଇଏସ୍‌ଜେଡ୍) ମଧ୍ୟରେ ଖଣି ଖନନ ଲାଗି ଅନୁମତି ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ବର୍ତ୍ତମାନର ଇଏସ୍‌ଜେଡ୍ ୧ କିଲୋମିଟର ବଫର ଜୋନ୍‌ରୁ ବାହାରକୁ ଯାଏ କିମ୍ବା ଅଭୟାରଣ୍ୟ କର୍ତ୍ତୃପକ୍ଷ ଅଧିକ ଅଞ୍ଚଳକୁ ଏଥିରେ ସାମିଲ କରିବାକୁ ଚାହିଁଲେ, ତାହା କାର୍ଯ୍ୟକାରୀ କରିବାକୁ ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ, ବି.ଆର୍. ଗଭାଇ ଏବଂ ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠ ରାୟରେ କହିଛନ୍ତି। ଟିଏନ୍ ଗୋଦାଭର୍ମନ ଥିରୁମାଲପାଦ ମାମଲାରେ ଦାଏର ଏକାଧିକ ପିଟିଶନ୍‌ର ଶୁଣାଣି କରି ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ପ୍ରତ୍ୟେକ ରାଜ୍ୟର ମୁଖ୍ୟ ବନ ସଂରକ୍ଷକ ଇଏସ୍‌ଜେଡ୍‌ଗୁଡ଼ିକର ତାଲିକା ପ୍ରସ୍ତୁତ କରି ୩ ମାସ ମଧ୍ୟରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।
୨୦୦୨ରେ ସୁପ୍ରିମକୋର୍ଟ ଗଠନ କରିଥିବା

### ଜାତୀୟ ଉଦ୍ୟାନ ଅଞ୍ଚଳ ପାଇଁ ମଧ୍ୟ ଲାଗୁ ହେବ କଟକଣା

କେନ୍ଦ୍ରୀୟ କ୍ଷମତାସମ୍ପନ୍ନ କମିଟି (ସିଇସି) ରିପୋର୍ଟ ଆଧାରରେ ୨୦୦୩ ନଭେମ୍ବର ୨୦ରେ ଉପରୋକ୍ତ ପିଟିଶନ ହୋଇଥିଲା। ଜାମୁଆ ରାମଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅବକ୍ଷୟକୁ ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ୩୦୦ କିଲୋମିଟର ପରିବ୍ୟାପ୍ତ ଏହି ଅଭୟାରଣ୍ୟର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବିଭିନ୍ନ ଘରୋଇ ଖଣି କମ୍ପାନୀ ସରକାରୀ ସଂସ୍ଥାଠାରୁ ଅସ୍ଥାୟୀ ଅନୁମତି ବଳ ଖନନ କାର୍ଯ୍ୟ ଚଳାଇଥିବା କୋର୍ଟ ଜାଣିବାକୁ ପାଇଥିଲେ। ୨୦୧୨ ସେପ୍ଟେମ୍ବର ୨୦ରେ ସିଇସିର ଦ୍ୱିତୀୟ ରିପୋର୍ଟରେ ଜାମୁଆ ରାମଗଡ଼ ଅଭୟାରଣ୍ୟ ବାହାରେ ଦେଶର ସମସ୍ତ ସଂରକ୍ଷିତ ଜଙ୍ଗଲ ଚାରିପଟେ ନିରାପଦ ଜୋନ୍ ଚିହ୍ନଟ କରି ଘୋଷଣା କରିବାକୁ ସୁପାରିସ କରାଯାଇଥିଲା।

# ‘ସ୍କୁଲ ରୂପାନ୍ତରଣ ପିଲାଙ୍କ ସ୍ୱପ୍ନରେ ଡେଣା ଯୋଡ଼ିଛି’

## ୫ ଜିଲ୍ଲାର ୪୪୦ ରୂପାନ୍ତରିତ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ପ୍ରତ୍ୟେକ ପିଲା ସ୍ୱତନ୍ତ୍ର ଏବଂ ତା'ଭିତରେ ଭରି ରହିଛି ବିପୁଳ ସମ୍ଭାବନା। ପିଲାଙ୍କ ଆଖିରେ ଥାଏ ସୁନ୍ଦର ଭବିଷ୍ୟତର ସ୍ୱପ୍ନ। ଜୀବନରେ କିଛି ବଡ଼ କରିବାର ସ୍ୱପ୍ନ। ସ୍କୁଲ ରୂପାନ୍ତରଣ ପିଲାମାନଙ୍କର ଏହି ସ୍ୱପ୍ନରେ ଡେଣା ଯୋଡ଼ିପାରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିବସରେ ମୁଖ୍ୟମନ୍ତ୍ରୀ ୫ଟି ଜିଲ୍ଲାର ୪୪୦ ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କରିଛନ୍ତି। ଏଥି ମଧ୍ୟରେ କେନ୍ଦୁଝର ଜିଲ୍ଲାର ୧୪୫ ହାଇସ୍କୁଲ, ସୁନ୍ଦରଗଡ଼ର ୧୮୦, ରାୟଗଡ଼ାର ୭୦ ଓ ନୂଆପଡ଼ାର ୪୫ ହାଇସ୍କୁଲ ରହିଛି। ଏହାକୁ ମିଶାଇ ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୨୯୦୮ ହାଇସ୍କୁଲର ରୂପାନ୍ତରଣ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ସ୍କୁଲ ରୂପାନ୍ତରଣ ପିଲାମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛି। ତେଣୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପିଲାମାନଙ୍କ ସ୍ୱପ୍ନ ସାକାର ହେଲେ, ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବ ଓ ନୂଆ ଓଡ଼ିଶା ଗଠନର ଭିତ୍ତି ସ୍ଥାପିତ ହେବ। ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ଼ ରୂପାନ୍ତରଣ ଆଣିଥାଏ। ତେଣୁ ଜୀବନର ଏ ଗୁରୁତ୍ୱପୂର୍ଣ୍ଣ ସମୟକୁ ଠିକ୍ ଭାବରେ ଉପଯୋଗ କରି ନିଜ ପାଇଁ, ପରିବାର ପାଇଁ ଓ ପ୍ରିୟ ଓଡ଼ିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହ ପିଲାମାନଙ୍କୁ ୫-ଟି ମହତ୍ତ୍ୱ ବିଷୟରେ ବୁଝାଇ ମୁଖ୍ୟମନ୍ତ୍ରୀ କହିଲେ, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ ବା ସମୟ ଏବଂ ଟ୍ରାନ୍ସପରେନ୍ସି ବା ସ୍ୱଚ୍ଛତାର ପ୍ରୟୋଗରେ ରୂପାନ୍ତର ଆସେ। ଏ ରୂପାନ୍ତରଣ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସ୍କୁଲ ମ୍ୟାନେଜମେଣ୍ଟ କମିଟି, ପଞ୍ଚାୟତ ପ୍ରତିନିଧି, ପୁରାତନ ଛାତ୍ର ସଂସଦ, ଶିକ୍ଷୟିତ୍ରୀଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରେମାନନ୍ଦ ନାୟକ, ଜଗନ୍ନାଥ ସାରକା, ରାଜେନ୍ଦ୍ର ଢୋଲକିଆ ଓ ସାରଦା ପ୍ରସାଦ ନାୟକ ପ୍ରମୁଖ ଉଦବୋଧନ ଦେଇ ମାନବ ସମ୍ବଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଦୂରଦର୍ଶୀ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ। ୫-ଟି ସଚିବ ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆଲୋଚନାରେ ଭାଗ ନେଇ କେନ୍ଦୁଝରରୁ ଲକ୍ଷ୍ମୀ, ରାୟଗଡ଼ାରୁ କସ୍ତୁରୀ, ନୂଆପଡ଼ାରୁ ଶୁଭଶ୍ରୀ ଓ ସୁନ୍ଦରଗଡ଼ରୁ ଦେବରାଜ ପ୍ରମୁଖ ଛାତ୍ରୀଛାତ୍ର ସ୍କୁଲ ରୂପାନ୍ତରଣକୁ ନେଇ ସେମାନଙ୍କ ଅନୁଭବ ବର୍ଣ୍ଣନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଧନ୍ୟବାଦ ଦେଇଥିଲେ।

# ପୁଣି ପୁଷ୍ପା ଷ୍ଟାଇଲରେ ଗଞ୍ଜେଇ ଚାଲାଣ

■ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ରାଜ୍ୟରେ ଦିନକୁ ଦିନ ଗଞ୍ଜେଇ ଚୋରା ଚାଲାଣ ବଢ଼ିଚାଲିଛି। ଚୋରାଚାଲାଣ ବେଳେ କିଭଳି ପୋଲିସ ହାତରେ ଧରା ନ ପଡ଼ିବେ ସେଥିପାଇଁ ନୂଆ ନୂଆ ପନ୍ଥା ମଧ୍ୟ ଆପଣାଉଛନ୍ତି। ଏବେ ନିଶା ବେପାରୀମାନେ ପୁଷ୍ପା ଫିଲ୍ମ ଷ୍ଟାଇଲରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଦେଖିବାକୁ ମିଳୁଛି। ଫିଲ୍ମ ଷ୍ଟାଇଲ୍‌ରେ ହାଇୱା ଗାଡ଼ିରେ ସିକ୍ରେଟ ଚାମ୍ବର କରାଯାଇ ୧୦ କୁଇଣ୍ଟାଲ ଗଞ୍ଜେଇ ରାଜ୍ୟ ବାହାରକୁ ଚୋରା ଚାଲାଣ କରାଯାଉଥିବାବେଳେ ଏସ୍‌ଟିଏଫ୍ ହାତରେ ଧରାପଡ଼ିଯାଇଛି। ଓଡ଼ିଶାରୁ ଝାଡ଼ଖଣ୍ଡ ଓ ବିହାରକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥ ତମାଣ୍ଡୋ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଚଢାଉ କରି ଯାଞ୍ଚ କରିଥିଲା। ଯାଞ୍ଚବେଳେ ଜେଏଚ୍୦୬-ଡି-୪୦୪୧ ନମ୍ବର ବିଶିଷ୍ଟ ହାଇୱା ଟ୍ରକ୍‌ର ସିକ୍ରେଟ ଚାମ୍ବରରୁ ୧୦ କୁଇଣ୍ଟାଲ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଡ୍ରାଇଭର ରାକେଶ ସିଂଙ୍କୁ ଗିରଫ କରିଛି।

# ଜୁନ୍ ଶେଷ ସପ୍ତାହରେ ମାଟ୍ରିକ ରେଜଲ୍ଟ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ଚଳିତ ମାସ ଶେଷ ସପ୍ତାହରେ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବ। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମାଟ୍ରିକ ଖାତା ଦେଖା ଶେଷ ହୋଇଯାଇଛି। ରେଜଲ୍ଟ ନେଇ ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ହୋଇଥିଲା। ଏଥର ମାଟ୍ରିକ ଛାତ୍ରୀଛାତ୍ର ଅଫ୍‌ଲାଇନ୍ ପରୀକ୍ଷା ଦେଇଛନ୍ତି। ଚଳିତ ବର୍ଷ ୩,୨୦୩ ପରୀକ୍ଷା କେନ୍ଦ୍ରରେ ମୋଟ ୫ଲକ୍ଷ ୭୧ ହଜାର ୯୦୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏପ୍ରିଲ ୨୯ ତାରିଖଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମେ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପିଲାଙ୍କୁ ମିଶାଇଲେ ମୋଟ ୫ ଲକ୍ଷ ୮୫ ହଜାର ୭୩୦ ଜଣ ପିଲା ୩,୫୪୦ କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ପ୍ରଶ୍ନ ସୁରକ୍ଷିତ ରଖିବା ଓ ପରୀକ୍ଷା ଦିନ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଇବା ନିମନ୍ତେ ମୋଟ ୩୧୫ ନୋଡାଲ ସେଣ୍ଟର କରାଯାଇଥିଲା। ଯାହା ଭିତରୁ ୨୧ଟି ଥାନାକୁ ନୋଡାଲ ସେଣ୍ଟର କରାଯାଇଥିଲା। ୬୫ଟି ଫ୍ଲାଇଂ ସ୍କ୍ୱାଡ୍ ପରୀକ୍ଷା ଉପରେ ନଜର ରଖିବାକୁ ମୁତୟନ ହୋଇଥିଲେ। ମେ' ୨୧ରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହୋଇଥିଲା।




# ଫେରିପାରେ ମାସ୍କ କଟକଣା

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ଦେଶରେ ଏବେ ପୁଣି ଥରେ ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ମୁମ୍ବାଇରେ ରେକର୍ଡ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ସେଠାକାର ସରକାର ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିଛନ୍ତି। ହେଲେ ଓଡ଼ିଶାରେ ସ୍ଥିତି ଉଦ୍‌ବେଗଜନକ ନ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ସ୍ଥିତି ଏବେ ଭଲ ଅଛି। ସର୍ଭିଲାନ୍ସ ଓ ଟେଷ୍ଟିଂ ଜାରି ରହିଛି। ତେବେ ଭିଡ଼କୁ ଯାଉଥିଲେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି। କରୋନା ଲକ୍ଷଣ ଦେଖାଦେଲେ ଟେଷ୍ଟ କରିବା ସହ ଅଲଗା ରୁହନ୍ତୁ। କୋଭିଡ୍ ହେବାଠୁ ଯେଉଁ ନିୟମ ପାଳନ କରାଯାଉଛି, ଏବେ ବି ତାହା ପାଳନ ହେଉଛି। ରାଜ୍ୟ ସରକାର ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଆବଶ୍ୟକ ପଡ଼ିଲେ ପୁଣି ମାସ୍କ ବାଧ୍ୟତାମୂଳକ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ଦିନର ବ୍ୟବଧାନ ପରେ ଦେଶର ବିଭିନ୍ନ ରାଜ୍ୟରେ ପୁଣି ଥରେ କରୋନା ସଂକ୍ରମଣ ଉପରମୁହାଁ ହୋଇଛି। ଗତ କିଛି ଦିନରେ ତାମିଲନାଡୁ, କେରଳ, ତେଲଙ୍ଗାନା, କର୍ନାଟକ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ସଂକ୍ରମଣ ସଂଖ୍ୟା ବଢ଼ିବାରେ ଲାଗିଛି। ସଂକ୍ରମଣ ରୋକିବା ଓ ନିୟନ୍ତ୍ରଣ କରିବା ଲାଗି ସଜାଗ ଓ ସତର୍କ ରହିବା ପାଇଁ କେନ୍ଦ୍ର ସରକାର ୫ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁମ୍ବାଇରେ ପୁଣିଥରେ ରେକର୍ଡ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ସେଠାକାର ସରକାର ପୁଣି ଥରେ ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି।


ସୋମନାଥ ବାବା ବରବେଶରେ ସଜ୍ଜିତ ହୋଇ ବରାତିରେ ବାହାରିଛନ୍ତି।

# ମାହେନ୍ଦ୍ର ବେଳାରେ ବିବାହ ସମ୍ପନ୍ନ

**ସମ୍ବଲପୁର, ୪।୬(ବ୍ୟୁରୋ)**

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଷଷ୍ଠୀ ତିଥି ମାହେନ୍ଦ୍ର ବେଳାରେ ସମ୍ପନ୍ନ ହୋଇଛି। ଜଗଜ୍ଜନନୀ ମାତା ପାର୍ବତୀ ଓ ଶିବଙ୍କ ବିବାହ ସମ୍ପୂର୍ଣ୍ଣ ଲୋକାଚାର, ପରମ୍ପରା ଓ ରୀତିନୀତିରେ ହୋଇଥିଲା। ସର୍ବପୁରାତନ ଶୈବପୀଠ ବାଲିବନ୍ଧାସ୍ଥିତ ସୋମନାଥ ବାବା, ନନ୍ଦପଡ଼ା ବମ୍ବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା ସ୍ୱମନ୍ଦିର ସମ୍ମୁଖରେ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ଆଭୂଷଣ ହୋଇ ବରବେଶରେ ସଜ୍ଜିତ ହୋଇଥିଲେ। ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ୧୦୮ ମହାଆଳତି କରିଥିଲେ। ହରିବୋଲ, ହୁଳହୁଳି ଓ ଶଙ୍ଖନାଦରେ ଶୈବପୀଠ ଉଚ୍ଛୁଳି ପଡ଼ିଥିଲା। ବରାତିରେ ରଙ୍ଗିନ ଆତସବାଜିରେ ମୁକ୍ତାକାଶ ଚମକୁଥିଲା। ଦେବଦେବୀ ବେଶରେ ସଜ୍ଜିତ ହୋଇ ଭକ୍ତମାନେ ବରାତିରେ ସାମିଲ ହୋଇଥିଲେ। ଘଣ୍ଟ, ଶଙ୍ଖ, ଢାକି ବାଜା, ଦୁଲ୍‌ଦୁଲି, ସମ୍ପ୍ରଦା, ଝାଞ୍ଜ ଓ ଘୁମୁରା, ଆଧୁନିକ ନୃତ୍ୟ, ବିଭିନ୍ନ ପାରମ୍ପରିକ ନୃତ୍ୟ ବାଦ୍ୟ ବରାତିରେ ସାମିଲ ହୋଇଥିଲା। ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ପଶ୍ଚିମବଙ୍ଗ, ପଞ୍ଜାବ, ଆସାମ, ରାୟପୁରର କଳାକାର ଆଧୁନିକ ଓ ପାରମ୍ପରିକ ନୃତ୍ୟ କରିଥିଲେ। ସେହିପରି ଐତିହାସିକ ଶୈବପୀଠ ବୁଢ଼ାରଜା ମହାଦେବ, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡ଼େଶ୍ୱର ବାବା, ସାଲିହାବଗିଚା, ସାକ୍ଷୀପଡ଼ା, ଫାଟକ, ସହର ଉପକଣ୍ଠସ୍ଥ ମାନେଶ୍ୱର ମାନଧାତା ବାବା, ସିନ୍ଦୂରପଙ୍କ ତାରକେଶ୍ୱର ବାବା, ଶଙ୍କରମଠ ବାବାଙ୍କର ମାତା ପାର୍ବତୀଙ୍କ ସହ ବିବାହ ସମ୍ପନ୍ନ ହୋଇଛି। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜେଇ ହୋଇ ଜଗଜ୍ଜନନୀ ମାତା ପାର୍ବତୀ ବଧୂବେଶରେ ଶିବଙ୍କୁ ଚାହିଁ ବସିଥିଲେ। କନ୍ୟା ପରିବାର ଓ ବନ୍ଧୁପରିଜନ ମଧ୍ୟରାତ୍ରର ଶେଷଭାଗରେ ବରଯାତ୍ରୀ ନେଇ ଆସିଥିବା ଦେବ ଦେବ ମହାଦେବଙ୍କୁ ବାଟବରଣ କରି ବିବାହ ମଣ୍ଡପକୁ ନେଇଥିଲେ। ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖନାଦରେ ଗୁଞ୍ଜରିତ ହେଉଥିଲା ବିବାହ ମଣ୍ଡପ।

**ଆଜିର ମନ୍ତବ୍ୟ**

"କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ମହାରାଷ୍ଟ୍ର ଆଖୁ ଚାଷୀଙ୍କ ସ୍ୱର ପାଲଟିଛନ୍ତି।
**-ଶରଦ ପାୱାର, ଏନ୍‌ସିପି ମୁଖ୍ୟ**




## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ: ................................
ଜନ୍ମ ତାରିଖ: ................................



ରିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୮ରୁ ଏମ୍.ଫିଲ, ପିଏଚ୍.ଡି ପ୍ରଥମ ସେମିଷ୍ଟର ପରୀକ୍ଷା

କଟକ ଅଫିସ,୪।୬– ଆସନ୍ତା ୧୮ ତାରିଖରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଏମ୍.ଫିଲ ଓ ପିଏଚ୍.ଡି ଛାତ୍ରୀଛାତ୍ରଙ୍କ ପ୍ରଥମ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ପାଇଁ ଆରମ୍ଭ ହୋଇଥିବା ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନ୍ୟପକ୍ଷରେ କମ୍ପ୍ୟୁଟେଶନାଲ ହ୍ୟୁମାନିଟିଜ ପ୍ରୋଗ୍ରାମ ପାଠ୍ୟକ୍ରମର ପ୍ରଥମ ସେମିଷ୍ଟର ପରୀକ୍ଷା ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେବେ। ଏହି ପରୀକ୍ଷା ନିମନ୍ତେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ପ୍ରକ୍ରିୟା ଜାରି ରହିବ।


# classifieds Everyday
**0674-2580101, 2549302**




**BRIDE WANTED**

Handsome Khandayat boy 1992, 5'6" serving IFS "SUNASANSAR". 9937512659, 8249969649. D-652

Kshatriya boy August-1993/5'9" Software Engineer Capgemini, Bangalore, Pune, vegetarian. 9668599723, 9040851751. D-71036

**GROOM WANTED**

ବୟସ 35 Government Job କରୁଥିବା ସୁନ୍ଦରୀ divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8093886498. D-73702




**SALE**

Maruti Breeza, Scorpio 2016, 2013 XUV500-2018 for sale. 7381091234, 9861194627. D-73256




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-606

**LAND FOR SALE- Area: A1.500Dec. BDA YellowZone, Hanspal Bhubaneswar. Contact: 91+7682954721. Brokers Excuse.** D-644

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NH ପାଖରେ develope plot ଘରକରି ରହିବା ପାଇଁ ମିଳୁଛି। 9692213354. D-73912

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-73910

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-525

Ready to move 2BHK flat at prime location near Ravitalkies Square @82lakhs. 9861037729, 9040337729. D-73613

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-524

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

Own gharabari plot sale, Hanspal, Andhilo, Bhubaneswar, 2000sqft. 9658609631. D-73813

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

7 Guntha Gharabari SC land near Salepur, Highway side. Clear title. SC customers only. Brokers Excuse. Owner contact: 9900677338 / 7829553888. D-593

**Ready to move premium 3BHK and 2BHK flat at 300mtr from Patia Station. 7437998131.** D-71641

SBI Colony ପାଖ Kesuraରେ immediate ଘରକରି ରହିବା ପାଇଁ ଘରବାରି plot ମିଳୁଛି। 9692213354. D-73913

Readymade new 3BHK flat, 1st floor, 3 wash room at BJB Nagar 1600sqft. @1cr. 10lac. including all. 7978584549 (only buyer contact). D-73810

ପାତ୍ରପଡ଼ାରେ yellowzone, ଘରବାଡ଼ି ପଟ୍ଟା plot ବିକ୍ରିହେବ। Near SBI Area-2600, Rs.3300/-sqft. No.- 7538973070. D-646

**ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି.ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। 8658219495.** D-487

LIG house for sale Dumduma Phase-II 1125sqft. Orissa State Housing Board. Mob: 9937208241. D-634

**ଭୁବନେଶ୍ୱର Sum Hospitalରୁ 2K.M. ଦୂରତାରେ BDA yellowzone plot ଏବଂ ନୂଆଗାଁ ମଳିପଡ଼ା 100ft. wide roadକୁ ଲାଗି ମିଳୁଛି। Owner- 9090963952.** D-73255

GA Freehold 50X75=3750sqft. West Facing at Bharatpur for immediate sale. Owner- 7978214375. D-71642




Construct your home @900/- with TATA ROD, Ultratech Cement. 7537874306. D-73812

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73254




Shop of 250sqft. for rent on new Care Hospital Road, Chandrasekharpur, Bhubaneswar. 9937000624. D-73908

2BHK ground at SBI Lane Oldtown rent Rs- 8000/-. Contact: 9556791383. D-59895




Refreshments rejuvenation body massage therapy with experienced therapists, Bhubaneswar. 7854099233. D-73814

Newly open SPA positively health benefit with expert. Contact: 7749976301. D-73809

Full body massage relax your body mind by best therapist. 9861193818. D-73612

Newly open SPA positively health benefits by expert therapist. 8455987557. D-73611

Newly open full body massage ladies and gents. 7750077371. D-73911

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807

A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73815




**ଅଗରବତି ପେପରପ୍ଲେଟ୍ ମେସିନ ବସାଇ ମାସିକ** 20000 **ଟଙ୍କା ରୋଜଗାରକ୍ଷମ ହୁଅନ୍ତୁ। ଯୋଗାଯୋଗ-** 8249230728. D-73323

**Institute of Astroguide**ର ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ **30,000** ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ– ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। **7008510005, 9437932751.** D-73805

**LOST**

I, Sri Niranjan Deo, aged about 51 years, S/o Sri Trilochan Deo, At- Plot No. N- 4/50 , IRC Village, Bhubaneswar – 751015, do hereby declare that on Dt.03.06.2022 at 10 A.M., Original ROR (Patta) Khata No. 453/2299 (In the name of myself and Tapas Ranjan Panda) and that of Khata No.1240 (In the name of Rushiraj Solanki) of Mouza- Bhubaneswar Sahar, Unit-16, Jayadev Vihar, P.S.- New Capital, Dist.- Khurda being link deed relating to my property bearing Drawing Plot No. N/2-110 Jayadev Vihar, Bhubaneswar (i.e. Plot No. 889/3071/8076/8228 ) Area Ac.0.127 Dec. all these documents relating to Mouza– Jayadev Vihar, Bhubaneswar were missed somewhere on road, while going to Dist. Sub Registrar, Bhubaneswar. And finder/s are requested to contact me at above address. 9853440090. D-63231





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁକୁଡା ପୋଷା ଭିକ ବେଉସା**
**ବେକେ ଗରଗଡ଼ ମାଳା**
**ଦୂରରୁ ଦେଖିଲେ ଏହାଙ୍କୁ ଚିହ୍ନିବ**
**ନିଶ୍ଚେ ଏ ସାପୁଆ କେଳା।**

ସାଧାରଣତଃ ସାପୁଆ କେଳାମାନେ ବସ୍ତି ଅଞ୍ଚଳରେ ରହିବା ସହ କୁକୁଡା ପାଳିଥାନ୍ତି। ମୁଣ୍ଡରେ ପର ଖୋସି ବେକରେ ମାଳି ପକାଇ ଗାଁ ଗାଁ ବୁଲି ସାପ ଖେଳ ଦେଖାଇ ନିଜର ଜୀବିକା ନିର୍ବାହ କରିଥାନ୍ତି। ସାପୁଆ କେଳାଙ୍କ ବିଚିତ୍ର ବେଶ ପରିପାଟୀ ଓ ଜୀବନ ଶୈଳୀ ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**କୂଅକୁ ଝର**
**ଦୁଧକୁ ସର।**

ଝରୁଥିବା କୂଅ ଭଲ। କାରଣ କୂଅରେ ଝର ପଡ଼ିଥିଲେ ତାହା ଖରାଦିନେ ଶୁଖିଯିବାର ଭୟ ବା ଆଶଙ୍କା ରହି ନଥାଏ। ଠିକ୍ ସେହିପରି ସର ପଡୁଥିବା ଦୁଧ ବା କ୍ଷୀର ଭଲ। କାରଣ ମୋଟା ସର ପଡୁଥିଲେ କ୍ଷୀର ଖାଣ୍ଟି ବା ଶୁଦ୍ଧ ହୋଇଥିବା ଜଣାଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ବିବାଦରେ ବଡି ସ୍ପ୍ରେ ବିଜ୍ଞାପନ

**■ ପ୍ରସାରଣ ବନ୍ଦ ଲାଗି ଟୁଇଟର, ୟୁଟ୍ୟୁବ୍‌କୁ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୪।୬

ବଡି ସ୍ପ୍ରେ ବ୍ରାଣ୍ଡ 'ଶଟ୍'ର ବିଜ୍ଞାପନକୁ ନେଇ ବିବାଦ ଦେଖାଦେଇଛି। ଏହା ବଳାତ୍କାରକୁ ପ୍ରୋତ୍ସାହିତ କରୁଥିବା ଭଳି ବିଜ୍ଞାପନ ହୋଇଥିବା କହି ଟୁଇଟର ଓ ୟୁଟ୍ୟୁବ୍‌ରେ ଏହାର ପ୍ରସାରଣ ବନ୍ଦ କରିବା ଲାଗି କେନ୍ଦ୍ର ସରକାର ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ଏକ ଟୁଇଟ୍‌ରେ କୁହାଯାଇଛି, ବଡି ସ୍ପ୍ରେର ଅନୁପଯୁକ୍ତ ଏବଂ ଅପମାନଜନକ ବିଜ୍ଞାପନ ସୋସିଆଲ ମିଡିଆରେ ପ୍ରସାରିତ ହେଉଛି। ଶାଳୀନତା ଓ ନୈତିକତା ଦୃଷ୍ଟିରୁ ଏପରି ଭିଡିଓରେ ମହିଳାଙ୍କ ସମ୍ମାନ ହାନି ହେବା ଭଳି ବିଷୟବସ୍ତୁ ରହିଛି। ତେଣୁ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟର ଓ ୟୁଟ୍ୟୁବ୍‌କୁ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଏକ ବିଜ୍ଞାପନରେ ପ୍ରଥମେ ଏକ କୋଠରୀରେ ପ୍ରେମୀଯୁଗଳ ବସିଥିବାର ଦେଖିବାକୁ ମିଳିଛି। ସେହି ସମୟରେ ଆଉ ୪ ଜଣ ରୁମ୍‌ରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କହୁଛନ୍ତି, ଆମେ ୪ ଜଣ ଅଛୁ କିନ୍ତୁ ଏଠି ତ ଗୋଟିଏ ଅଛି। କିଏ ଗୋଟିଏ ଶଟ୍ ନେବ। ସେଠାରେ ଥିବା ଯୁବତୀ ଜଣକ ଡରିଯିବା ପରେ ସମ୍ପୃକ୍ତ ଯୁବକ ଜଣକ ଆଗକୁ ମାଡ଼ିଯାଇ ଏକ ଶଟ୍ ବଡି ସ୍ପ୍ରେ ଆଣୁଥିବା ଦେଖିବାକୁ ମିଳିଛି। ସେହିପରି କମ୍ପାନୀର ଆଉ ଏକ ବିଜ୍ଞାପନରେ ମଧ୍ୟ ସମାନ ଧରଣର ଦୃଶ୍ୟ ଦେଖାଯାଇଛି।

# ବରକନ୍ୟାଙ୍କ ଗାଡ଼ିକୁ ଅଟକାଇଲେ ପ୍ରେମିକ

**ପ୍ରେମରେ ପ୍ରତାରଣା**

ପଦ୍ମପୁର, ୪।୬ (ଡି.ଏନ.ଏ.)

ପ୍ରେମିକଙ୍କୁ ପ୍ରତାରଣା କରି ପ୍ରେମିକା ଅନ୍ୟ ଜଣେ ଯୁବକଙ୍କୁ ବାହା ହେବାକୁ ଯାଉଛନ୍ତି। ଏନେଇ ପ୍ରେମିକ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଏଣୁ ବିବାହ ପରେ ରାସ୍ତାରେ ଯାଉଥିବା ବେଳେ ବରକନ୍ୟାଙ୍କ ଗାଡ଼ିକୁ ଅଟକାଇଲେ ପ୍ରେମିକ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଶନିବାର ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ଇଚ୍ଛାପୁରଠାରେ ଏଭଳି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ସାବରଙ୍ଗ ଥାନା ଅଧୀନ ବରାଙ୍ଗ ଗ୍ରାମର ଦୀନବନ୍ଧୁ ବାରିକ(୨୭) ପ୍ରାୟ ୭ବର୍ଷ ହେଲା ବାସୁଦେବପୁର ଥାନା ଲୁଙ୍ଗା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଏପରିକି ଯୁବତୀଙ୍କ ପରିବାର ସହ କଥା ହୋଇ ବାହାଘର ପର୍ଯ୍ୟନ୍ତ କଥା ଯାଇଥିଲା। ଦୀନବନ୍ଧୁ ସହ ଝିଅକୁ ବାହା ଦେବା ପାଇଁ ଯୁବତୀଙ୍କ ପରିବାର ଲୋକେ ରାଜି ହୋଇଥିଲେ। ଯୁବତୀଙ୍କ ବାପା ଦୀନବନ୍ଧୁଙ୍କ ପାଖରୁ ଟଙ୍କା ମଧ୍ୟ ନେଇଥିଲେ। ଦୁଇ ପରିବାର ମଧ୍ୟରେ ସବୁକିଛି ଠିକ୍‌ଠାକ୍ ଥିବାବେଳେ ଶୁକ୍ରବାର ରାତିରେ ପ୍ରେମିକାଙ୍କ ବାହାଘର ଅନ୍ୟତ୍ର ହେବାକୁ ଯାଉଛି ବୋଲି ସେ ଶୁଣିବାକୁ ପାଇଥିଲେ। ପ୍ରେମିକା ଓ ତାଙ୍କ ବାପାଙ୍କ ସହ ସେ ଯୋଗାଯୋଗ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ଫଳରେ ଏନେଇ ଦୀନବନ୍ଧୁ ଶୁକ୍ରବାର ବିଳମ୍ବିତ ରାତିରେ ସାବରଙ୍ଗ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସଠାରୁ କୌଣସି ସହଯୋଗ ନ ପାଇବାରୁ ବାହାଘର ସାରି ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଫେରୁଥିବା ବରକନ୍ୟାଙ୍କ ଗାଡ଼ିକୁ ଇଚ୍ଛାପୁରଠାରେ ଦୀନବନ୍ଧୁ ଅଟକାଇଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଘେରି ଯାଇଥିଲେ। ଖବରପାଇ ସାବରଙ୍ଗ ପୋଲିସ ପହଞ୍ଚି ବରକନ୍ୟାଙ୍କ ସମେତ ସମସ୍ତଙ୍କୁ ଥାନାକୁ ନେଇଯାଇଥିଲା। ସେଠାରେ ୩ ପକ୍ଷ ମଧ୍ୟରେ ବୁଝାମଣା କରାଇବା ପରେ ପୋଲିସ ଅନ୍ୟମାନଙ୍କୁ ଛାଡ଼ି ଦେଇ ଦୀନବନ୍ଧୁ ଓ ଯୁବତୀଙ୍କ ବାପାଙ୍କୁ ଅଟକ ରଖିଥିଲା। ସେମାନଙ୍କୁ ବୁଝାସୁଝା କରିବା ସହ ଭବିଷ୍ୟତରେ କେହି କାହା ପ୍ରତି କୌଣସି ଆକ୍ଷେପ ମୂଳକ ପଦକ୍ଷେପ ନେବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ପାଇବା ପରେ ଛାଡ଼ି ଦିଆଯାଇଥିବା ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ଲକ୍ଷ୍ୟ ମଧ୍ୟ ପୂରଣ ହୋଇଯିବ। ଗତକାଲିଠାରୁ ଆପଣ ଯାହା ଆଶା କରୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ। କିନ୍ତୁ ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ।

**ବୃଷ**
ପାରିବାରିକ ସମସ୍ୟା ବାରମ୍ବାର ମନରେ ଚିନ୍ତା କରି ମନଟା ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ଘଟଣାବଳୀ ମନକୁ ବାରମ୍ବାର ଆଲୋଡ଼ିତ କରିବ। ପୁଣି କେତେକ କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ମନ ବଳାଇବେ। ବାଣିଜ୍ୟ, ବ୍ୟବସାୟ, ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପ୍ରାପ୍ତି।

**ମିଥୁନ**
ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ଅବଶ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମାନ୍ୟ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ଓ କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ। ପଡ଼ୋଶୀମାନଙ୍କୁ କାମରେ ଲଗାଇ କୌଶଳରେ କାର୍ଯ୍ୟ ହାସଲ କରିନେବେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଆଡ୍‌ଜଷ୍ଟ କରି ଚଳିପାରିବା ହେତୁ କିଛି ଅସୁବିଧା ହେବ ନାହିଁ। ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି, ସେମିତି କିଛି ହେବନାହିଁ। ପ୍ରତିଦ୍ୱନ୍ଦ୍ୱିତା ବଢ଼ି ଚାଲିବା କାରଣରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପରିସ୍ଥିତିରେ ପଡ଼ି କେତେକ କାମ କରିବାକୁ ବାଧ୍ୟ ହେବେ।

**ସିଂହ**
ଏକ ଭିନ୍ନ ପରିସ୍ଥିତିରେ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟି ହୋଇଯିବ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ କାମ ଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବ। ଅର୍ଥ ଲାଭ ସାଙ୍ଗକୁ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ଚକ୍ଷୁଶୂଳ ହେବେ।

**କନ୍ୟା**
କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ ଓ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ପରକଥାରେ ଭୁଲ ମାର୍ଗ ଅନୁସରଣ କରି ହଇରାଣ ହୋଇପାରନ୍ତି। ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଅପୂରଣୀୟ ଆଶା ମନକୁ ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତ ରହିବେ।

**ତୁଳା**
ପୂର୍ବ ଶତ୍ରୁତାକୁ ନେଇ ବନ୍ଧୁଙ୍କ ସଦ୍ଭାବ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ପଦସ୍ଥ ବ୍ୟକ୍ତି ବିଶେଷ ମାନଙ୍କ ନିକଟରୁ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସକାଳ ସମୟଟି ବହୁତ ଭଲ, ଅର୍ଥଲାଭ ଓ ବନ୍ଧୁମିଳନ ଅବଶ୍ୟ ଘଟିବ।

**ବିଛା**
ସ୍ୱାସ୍ଥ୍ୟରେ ଉନ୍ନତି, କାରବାରରେ ଅଗ୍ରଗତି, ବିବାଦୀୟ ଘଟଣାରେ ବିଜୟ ସୂଚନା ରହିଛି। ଚେଷ୍ଟା କରୁଥିବା କାମଟି ନ ହେବାରୁ ମନ ଉଦାସ ରହିପାରେ। ଆର୍ଥିକ ସ୍ଥିତିରେ ଅଭାବ ବୋଧଜନିତ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। କ୍ରୀଡ଼ା, କଳା ସହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**
ଆଜି ସକାଳୁ ସକାଳୁ ଘର କଥା ଓ ପିଲାମାନଙ୍କ କିଛି ବ୍ୟତିକ୍ରମ ହେତୁ ମନଟା ଅସ୍ଥିର ରହିପାରେ। ବ୍ୟବସାୟ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ ମାନ୍ଦା ହେବ ନାହିଁ। ପାରିବାରିକ ସମସ୍ୟା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ଓ ବିଚଳିତ ହୋଇପାରନ୍ତି।

**ମକର**
ଆଜି ଯେଉଁ କାମରେ ବାହାରିଛନ୍ତି, ସେଥିରେ କୃତକାର୍ଯ୍ୟ ହେବେ। ମାଲିମକଦ୍ଦମା, ବ୍ୟବସାୟ, ପରିବହନ ପାଇଁ ଅସୁବିଧା ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟାଲୋଚନା ପରିପ୍ରେକ୍ଷୀରେ ସମ୍ପର୍କୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ସକାଳୁ ଜଣେ ବନ୍ଧୁଙ୍କ ଅନୁରୋଧ କରି ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ଗୃହସୀମାଜନିତ ବିବାଦ, କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସୌଭାଗ୍ୟକ୍ରମେ ଆର୍ଥିକ ଉନ୍ନତି ଘଟିବ। କିଛି ବ୍ୟାଙ୍କ ଜମା ମଧ୍ୟ କରିପାରିବେ। ବାଣିଜ୍ୟ ଓ ପରିବହନରୁ ଲାଭ ପାଇବେ। ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମୀନ**
ଆଜି ଆପଣ ଯେଉଁ କାମରେ ହାତ ଦେବେ, ସେଥିରେ ଅବଶ୍ୟ ସଫଳତା ପାଇବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ଖାଦ୍ୟପେୟର ବିଷମତା ହେତୁ ହଠାତ୍ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

**ପ୍ରଥମ ପୃଷ୍ଠାରୁ...**

## ମନ୍ତ୍ରୀ ବଦଳାଇଲେ...

କେତେଜଣ ମନ୍ତ୍ରୀଙ୍କର ବିଭାଗ ବଦଳିବା ସହିତ କ୍ୟାବିନେଟ ପାହ୍ୟାକୁ ପଦୋନ୍ନତି ଦିଆଯିବାର ସଙ୍କେତ ମିଳିଛି। ତେବେ ଯେଉଁ ମନ୍ତ୍ରୀମାନଙ୍କ ନାମରେ ଅଭିଯୋଗ ରହିଛି କିମ୍ବା ସେମାନେ ନିଜର ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ପାରିନାହାନ୍ତି ସେଭଳି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାହାର କରାଯାଇଛି। ଅନ୍ୟପକ୍ଷରେ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ନବୀନ ମନ୍ତ୍ରିମଣ୍ଡଳ ପରିବର୍ତ୍ତନ କରିଛନ୍ତି। ଯେଉଁ ମନ୍ତ୍ରୀଙ୍କ ନାମରେ କୌଣସି ଅଭିଯୋଗ ନାହିଁ, ଆସନ୍ତା ନିର୍ବାଚନ ଲାଗି ଦଳୀୟ ସଂଗଠନକୁ ମଜଭୁତ କରିବା ସକାଶେ ସେମାନଙ୍କୁ ମନ୍ତ୍ରୀ ପଦବୀରୁ ଅବ୍ୟାହତି ଦିଆଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ୨୦୧୯ ମେ' ୨୯ରେ ନବୀନଙ୍କ ପଞ୍ଚମ ପାଳି ସରକାର ଶପଥ ନେଇଥିଲେ। ଗତ ୬ ମାସରୁ ଅଧିକ ସମୟ ଧରି ମନ୍ତ୍ରିମଣ୍ଡଳର ଅଦଳବଦଳକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିଲା। ହେଲେ ପଞ୍ଚାୟତ ଏବଂ ପୌର ନିର୍ବାଚନ ଓ ବ୍ରଜରାଜନଗର ଉପନିର୍ବାଚନ ଯୋଗୁ ମନ୍ତ୍ରିମଣ୍ଡଳର ଅଦଳବଦଳ ପ୍ରକ୍ରିୟା ସ୍ଥଗିତ ରହିଥିଲା ବୋଲି କୁହାଯାଉଛି।

# ପ୍ରକୃତି ସହ ଚିରସ୍ଥାୟୀ ସହାବସ୍ଥାନ ସନ୍ଧାନେ

ଆମ ପରିବେଶ ଏକ ଜଟିଳ ଗତିଶୀଳ ବ୍ୟବସ୍ଥା। ଏହା ଉଭୟ ସଜୀବ ଓ ନିର୍ଜୀବ ଉପାଦାନକୁ ନେଇ ଗଢ଼ା। ସଜୀବ ବସ୍ତୁମାନଙ୍କ ମଧ୍ୟରେ ପ୍ରାଣୀ ଓ ଉଦ୍ଭିଦ ଅନ୍ତର୍ଭୁକ୍ତ ଥିଲା ବେଳେ ନିର୍ଜୀବ ବସ୍ତୁମାନଙ୍କ ମଧ୍ୟରେ ବାୟୁ, ଜଳ ଓ ମୃତ୍ତିକା ଇତ୍ୟାଦିକୁ ବିଚାର କରାଯାଏ। ଏକ ପରିବେଶରେ ଥିବା ବିଭିନ୍ନ ଉପାଦାନଙ୍କ ମଧ୍ୟରେ ଶକ୍ତି ଓ ପଦାର୍ଥର ବିନିମୟ ଘଟିଥାଏ। ପ୍ରକୃତି ସହିତ ସହାବସ୍ଥାନ ଆମର ଏହି ଅଙ୍ଗୀକାରକୁ ସ୍ମରଣୀୟ କରିବା ପାଇଁ ପ୍ରତି ବର୍ଷ ଜୁନ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି।

ଆମେ କିଛି ପଦାର୍ଥ ପରିବେଶରୁ ଗ୍ରହଣ କରୁଥିବାବେଳେ ଆଉ କିଛି ପଦାର୍ଥ ପରିବେଶକୁ ପ୍ରଦାନ କରିଥାଉ। ଉଦାହରଣ ସ୍ୱରୂପ, ଆମେ ପରିବେଶରୁ ମୁଖ୍ୟତଃ ଖାଦ୍ୟ, ଜଳ, ବାୟୁ, ଉତ୍ତାପ ଆଦି ଗ୍ରହଣ କରୁଥିଲା ବେଳେ ପରିବେଶକୁ ଅଙ୍ଗାରକାମ୍ଳ ଗ୍ୟାସ ଭଳି କିଛି ପଦାର୍ଥ ନିର୍ଗତ କରିଥାଉ। ଆମେ ପରିବେଶରୁ ନେଉଥିବା ଓ ପରିବେଶକୁ ଦେଉଥିବା ପଦାର୍ଥ ମଧ୍ୟରେ ଏକ ସନ୍ତୁଳନ ସ୍ଥିତି ସୃଷ୍ଟି ହୋଇ ଆମ ଜୀବମଣ୍ଡଳରେ ଜୀବନ ବଞ୍ଚିବା ପାଇଁ ଏକ ସୁହନୀୟ ପରିସ୍ଥିତି ସୃଷ୍ଟି ହୁଏ। ଏଥିମଧ୍ୟରୁ ଏକ ପରିସ୍ଥିତି ହେଉଛି ପୃଥିବୀର ହାରାହାରି ତାପମାତ୍ରା ଯାହା ୧୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରହିଥାଏ। ଏହି ମୃଦୁ ତାପମାତ୍ରାରେ ହିଁ ପୃଥିବୀରେ ବିଶାଳ ବିବିଧତା ବିଶିଷ୍ଟ ଏକ ଜୀବଜଗତ ଗଢ଼ି ଉଠିଛି।



ମାତ୍ର ଘୋର ପରିତାପର ବିଷୟ ଯେ, ବିଶେଷକରି ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରଠାରୁ ଆମେ ପରିବେଶରୁ ନେଉଥିବା ପଦାର୍ଥ ତୁଳନାରେ କମ୍ ପଦାର୍ଥ ପରିବେଶକୁ ଦେଉଛୁ। ଆହୁରି ମଧ୍ୟ ପ୍ରକୃତି ସହିତ ଆମର ହସ୍ତକ୍ଷେପ ଯୋଗୁଁ ପରିବେଶର ସନ୍ତୁଳନ ଯଥେଷ୍ଟ ବିଗିଡ଼ି ଯାଇଛି। ଏଥିମଧ୍ୟରୁ ଏକ ମୁଖ୍ୟ ପରିବେଶୀୟ ସମସ୍ୟା ହେଉଛି ପୃଥିବୀର ତାପମାତ୍ରା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ। ପୃଥିବୀର ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହେଉଛି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭଳି କିଛି ଗ୍ୟାସର ପରିମାଣ ବୃଦ୍ଧି। ଆମାଜନ୍ ନଦୀ ଅବବାହିକାର ବର୍ଷାବନ ପୃଥିବୀରୁ ଉତ୍ସର୍ଜିତ ଅଧିକାଂଶ ଅଙ୍ଗାରକାମ୍ଳ ଗ୍ୟାସକୁ ଶୋଷି ନେଉଥିବାରୁ ଏହାକୁ 'ପୃଥିବୀର ଫୁସ୍‌ଫୁସ୍' ବୋଲି କୁହାଯାଏ। ମାତ୍ର ଅବାଧ ଜଙ୍ଗଲକଟା ଓ ଜଙ୍ଗଲପୋଡ଼ି ଯୋଗୁ ଏହାର ପ୍ରାୟ ୨୦% ନଷ୍ଟ ପାଇ ଗଲାଣି। ଆଉ ଏହି ଧାରା ଅବ୍ୟାହତ ରହିଲେ ଏହା ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବା ପାଇଁ ବେଶୀ ସମୟ ଲାଗିବ ନାହିଁ।

ବିଶ୍ୱ ଉତ୍ତପ୍ତୀକରଣର ଏକ ସିଧାସଳଖ ପରିଣାମ ହେଉଛି ଜଳବାୟୁ ପରିବର୍ତ୍ତନ। ଏହା ସାରା ପୃଥିବୀ ପାଇଁ ଘୋର ଦୁର୍ଦ୍ଦିନ ଓ ଦୁର୍ଦ୍ଦଶା ଆଣି ଦେଇଛି। ତେବେ ଉପାୟ କ'ଣ? ଆମକୁ ତୁରନ୍ତ ପ୍ରକୃତି ବିରୋଧୀ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ପଡ଼ିବ। ଉଜୁଡ଼ା ଜଙ୍ଗଲ ସ୍ଥାନରେ ନୂତନ ଅରଣ୍ୟ ସୃଷ୍ଟି, ଜୀବାଶ୍ମ ଇନ୍ଧନ ପରିବର୍ତ୍ତେ ନବୀକରଣଯୋଗ୍ୟ ନୂତନ ସବୁଜ ଇନ୍ଧନ ଉତ୍ସର ସନ୍ଧାନ କରିବାକୁ ପଡ଼ିବ। ଆବଶ୍ୟକ ନଥିବା ସମୟରେ ଘରର ପଙ୍ଖା, ବିଜୁଳିବତି ଇତ୍ୟାଦିକୁ ବନ୍ଦ ରଖିବାକୁ ପଡ଼ିବ। ପଲିଥିନ୍ ଜରି ମାଟିରେ ମିଶୁ ନ ଥିବାରୁ ଏହାର ବ୍ୟବହାର ହ୍ରାସ କରିବାକୁ ପଡ଼ିବ । ପ୍ରକୃତି ବିରୋଧୀ କାର୍ଯ୍ୟକଳାପ ପରିବର୍ତ୍ତେ ପ୍ରକୃତି ସହିତ ଚିରସ୍ଥାୟୀ ସହାବସ୍ଥାନ ହିଁ ଆମ ପରିବେଶକୁ ସୁରକ୍ଷା ରଖିବାର ଏକମାତ୍ର ପନ୍ଥା।

**– ନିକୁଞ୍ଜ ବିହାରୀ ସାହୁ**
ମୋ : ୮୦୧୮୭୦୮୮୫୮

## ଏ ବର୍ଷର ସ୍ଲୋଗାନ

ବର୍ତ୍ତମାନ ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଛି। ଏହାର ପ୍ରଭାବ ସିଧାସଳଖ ମାନବ ସମାଜ, ପ୍ରାଣୀଙ୍କ ଉପରେ ପଡୁଛି। ପରିବେଶ କିପରି ପ୍ରଦୂଷଣମୁକ୍ତ ରହିବ ସେନେଇ ଉଦ୍ୟମ ଜାରି ରହିଛି। ଅବଶ୍ୟ ପରିବେଶ ସୁରକ୍ଷା ସମ୍ପର୍କିତ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ' ଭାବରେ ପାଳନ କରାଯାଉଛି। ପୃଥିବୀକୁ ପ୍ରଦୂଷଣମୁକ୍ତ ରଖିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୭୨ରେ ଏହାର ସାଧାରଣ ପରିଷଦ ବୈଠକରେ ଏନେଇ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି ଦିବସ ଅବସରରେ ଚଳିତ ବର୍ଷ ଘୋଷିତ ସ୍ଲୋଗାନଟି ହେଲା 'କେବଳ ଗୋଟିଏ ପୃଥିବୀ' (ଓନ୍‌ଲି ୱାନ୍ ଆର୍ଥ)। ଅର୍ଥାତ୍ ପୃଥିବୀବାସୀ ଏକତ୍ର ଉଦ୍ୟମ କଲେ ପରିବେଶ ପ୍ରଦୂଷଣମୁକ୍ତ ରହିପାରିବ। ତେଣୁ ଏ ନେଇ ଅବଗତ ହେବା ସହ ଏ ଦିଗରେ କାର୍ଯ୍ୟ କରିବା ଜରୁରୀ। ପ୍ରତିବର୍ଷ ଏହି ଦିବସ ଅବସରରେ ବିଭିନ୍ନ ପ୍ରକାର ଜନସଚେତନାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

## ରୋଗର କାୟା ବଢ଼ାଉଛି ପ୍ରଦୂଷଣ

ନିକଟରେ ୱାଶିଂଟନ୍ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ପୃଥିବୀପୃଷ୍ଠରେ ପ୍ରଦୂଷଣ ମାତ୍ରା ଯେଉଁଭଳି ଭାବରେ ବଢ଼ିଚାଲିଛି, ସେହି ଅନୁସାରେ ପୁରୁଣା ଏବଂ କେତେକ ନୂଆ ରୋଗ ସେମାନଙ୍କ କାୟା ବିସ୍ତାର କରିଚାଲିଛନ୍ତି। ବିଶେଷ ଭାବରେ ପ୍ରଦୂଷିତ ବାୟୁମଣ୍ଡଳ ଯୋଗୁଁ ଶ୍ୱାସଜନିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାର କାରଣ ସାଜିଛି। ଏକ ପରିସଂଖ୍ୟାନରୁ ଜଣାପଡିଛି ଯେ, ପ୍ରତିବର୍ଷ ସମଗ୍ର ବିଶ୍ୱରେ ପ୍ରାୟ ୨୦୦ ମିଲିୟନ ବ୍ୟକ୍ତି ବାୟୁ ପ୍ରଦୂଷଣଜନିତ ରୋଗର ଶିକାର ହେଉଛନ୍ତି।

## ପ୍ରଦୂଷଣ ବଢ଼ାଏ ଅବସାଦ

କାର୍ଯ୍ୟବୋଝ, କୌଣସି କଥାକୁ ନେଇ ଅଧିକାଂଶ ସମୟ ଚିନ୍ତା ଯୋଗୁଁ ଜଣେ ବ୍ୟକ୍ତି ଅବସାଦଗ୍ରସ୍ତ ହୋଇଥାନ୍ତି। ତେବେ ଏହି ତାଲିକାରେ ଆଉ ଏକ କାରଣକୁ ଯୋଡ଼ିଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଜଣେ ବ୍ୟକ୍ତି ଯଦି ଅଧିକାଂଶ ସମୟ ଅତ୍ୟଧିକ ପ୍ରଦୂଷିତ ଅଞ୍ଚଳରେ ରୁହନ୍ତି, ତେବେ ସେ ଅବସାଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ସ୍ଥାନରେ ବାସ କରୁଥିବା କେତେକ ବ୍ୟକ୍ତିଙ୍କର ମାନସିକତାକୁ ଉକ୍ତ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫% ବ୍ୟକ୍ତିଙ୍କଠାରେ ଅବସାଦର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

## ଏମାନଙ୍କ ମତରେ...

### ପୃଥିବୀର ସ୍ୱାସ୍ଥ୍ୟ ନଷ୍ଟ ହେବାକୁ ଲାଗିଛି

ସ୍ୱାସ୍ଥ୍ୟ କଥା ଚିନ୍ତା କରିବା ସମୟରେ ଆମକୁ ଉଭୟ ମଣିଷ ଓ ପୃଥିବୀର ସ୍ୱାସ୍ଥ୍ୟ କଥା ଚିନ୍ତା କରିବାକୁ ପଡିବ। ପୃଥିବୀର ସ୍ୱାସ୍ଥ୍ୟ କ୍ରମଶଃ ନଷ୍ଟ ହେବାକୁ ଲାଗିଛି। ବିଭିନ୍ନ ପ୍ରକାର ପ୍ରଦୂଷଣ, ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ହ୍ରାସ ଆଦି ସମସ୍ୟା ପୃଥିବୀର ସ୍ୱାସ୍ଥ୍ୟକୁ ଅବନତି ଦିଗରେ ନେଉଛି। ଏଥି ନିମନ୍ତେ ମନୁଷ୍ୟର ପ୍ରତିକୂଳ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଦାୟୀ। ଏ ପୃଥିବୀ ନଷ୍ଟ ହେଲେ ଅନ୍ୟ ଏକ ସୁରକ୍ଷିତ ପୃଥିବୀରେ ଯାଇ ବସବାସ କରିବା ପାଇଁ ଆମ ପାଖରେ ଦ୍ୱିତୀୟ ବିକଳ୍ପ ନାହିଁ। ତେଣୁ ଏହାର ସୁରକ୍ଷା ଓ ସଂରକ୍ଷଣ ଲାଗି ପଦକ୍ଷେପ ନେବା ଆମର ବିଜ୍ଞତା ଏବଂ ନୈତିକତା ଉପରେ ନିର୍ଭର କରେ। ନିଜର ଯେପରି ଯତ୍ନ ନେଉଛେ, ଚାରିପଟେ ଥିବା ପରିବେଶ ଏବଂ ପ୍ରକୃତିକୁ ସେହିଭଳି ସମ୍ମାନ ପ୍ରଦର୍ଶନ ପୂର୍ବକ ଯତ୍ନ ନେବା ପାଇଁ ପରିବେଶ ଦିବସରେ ପ୍ରତିଶ୍ରୁତିବଦ୍ଧ ହେବା ଦରକାର।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

### ଦୀର୍ଘସ୍ଥାୟୀ ଯୋଜନା ଆବଶ୍ୟକ

୧୯୭୧ରୁ ପରିବେଶ ଦିବସ ପାଳନ କରାଯାଉଛି। ଫଳରେ ଲୋକଙ୍କ ମନରେ ପରିବେଶକୁ ନେଇ ସଚେତନତା ପୂର୍ବାପେକ୍ଷା ବଢିଛି। ତଥାପି ବ୍ୟକ୍ତିଗତ, ସରକାରୀ, ବେସରକାରୀ ଅଧିକାରୀଙ୍କ ସ୍ତରରେ ଅନେକ କିଛି କରିବାକୁ ବାକି ରହିଛି। ବିଶେଷକରି ପରିବେଶ ସଂକ୍ରାନ୍ତୀୟ ଅଧିକାରୀ ବା ଏ ଦିଗରେ କାମ କରୁଥିବା ବ୍ୟକ୍ତି ବିଶେଷ ଭବିଷ୍ୟତକୁ ଦେଖି ଦୀର୍ଘସ୍ଥାୟୀ ଯୋଜନା କରନ୍ତୁ। ସେହିପରି ଜଳବାୟୁ ପରିବର୍ତ୍ତନ ଉପରେ କ'ଣ ପ୍ରଭାବ ପଡୁଛି, ତାହାକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାର କରିବା ଆବଶ୍ୟକ।

**- ଡ. ଲାଲା ଅଶ୍ୱିନୀ କୁମାର ସିଂହ, ବନ୍ୟପ୍ରାଣୀ ବିଶେଷଜ୍ଞ**




























ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି- ଯାହାକିଛି ରହିଛି ପ୍ରତାରଣା, ଛଳନା- ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍ପାପ, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ। -ଶ୍ରୀମା

# ଧର୍ମନିରପେକ୍ଷତାରୁ ଦୂରରେ



**ଆକାର ପଟେଲ**

ପ୍ରଥମେ ବହୁ ବର୍ଷ ଧରି ମୁଁ ପାକିସ୍ତାନର ଖବରକାଗଜଗୁଡ଼ିକ ପାଇଁ ଆର୍ଟିକିଲ ଲେଖୁଥିଲି। ମୁଁ ବହୁଥର ପାକିସ୍ତାନ ଯାଇ ସେଠାରେ ବିଶ୍ୱବିଦ୍ୟାଳୟମାନଙ୍କରେ ବକ୍ତବ୍ୟ ଉପସ୍ଥାପନ କରିଛି। ବିଗତ ତିନି ଦଶନ୍ଧି ଧରି ଅଧ୍ୟୟନ ମାଧ୍ୟମରେ ମୁଁ ପାକିସ୍ତାନକୁ ଅତି ଭଲ ଭାବେ ଜାଣିଛି। ମୋ ମତରେ ସବୁଠୁ ବିଚିତ୍ର ବିଷୟ ହେଉଛି, ଭାରତ ଧର୍ମନିରପେକ୍ଷତାରୁ ଲଗାତର ଦୂରେଇ ଯାଇ ଏକ ହିନ୍ଦୁତ୍ୱ ରାଷ୍ଟ୍ର ଆଡକୁ ମୁହାଁଉଥିବାବେଳେ ପାକିସ୍ତାନ ଏହାର ବିପରୀତ ଦିଗରେ ଅର୍ଥାତ୍ ଧର୍ମଠାରୁ ଦୂରେଇ ଯିବାକୁ ଚେଷ୍ଟା କରିଆସୁଛି। ୧୯୪୭ରେ ପାକିସ୍ତାନ ସାମ୍ବିଧାନିକ ଭାବେ ଧର୍ମଭିତ୍ତିକ ଦେଶ ହେବାକୁ ଚାହିଁଥିଲା। ଆଇନ ଓ ସରକାରରେ ଧର୍ମର ଏକୀକରଣ ଦେଶପ୍ରତି ଏକ ସକାରାତ୍ମକ ଆବେଗ ଆଣିବ ବୋଲି ଜିନ୍ନାଙ୍କ ଉତ୍ତରାଧିକାରୀ ଲିଆକତ ଅଲି ଖାନ୍ ଭାବୁଥିଲେ। ଜାପାନରେ ପରମାଣୁ ବିଭୀଷିକାର କିଛି ବର୍ଷ ପରେ ଲିଆକତ କହିଥିଲେ ଯେ, ମାନବଜାତିର ଭୌତିକ ଓ ବିଜ୍ଞାନର ବିକାଶ ଫଳରେ ମଣିଷ ଆବିଷ୍କାର କରିବାକୁ ସକ୍ଷମ ହେଲା, ଯାହା ବିଶ୍ୱ ଏବଂ ସମାଜକୁ ନଷ୍ଟ କରିଦେଲା। ମଣିଷ ତା' ଆଧ୍ୟାତ୍ମିକ ପକ୍ଷକୁ ଅଣଦେଖା କରିବାରୁ ଏହା ଘଟିଲା। ବିଜ୍ଞାନର ବିପଦଗୁଡ଼ିକୁ ଧର୍ମ ହ୍ରାସ କରେ ବୋଲି ଜଣେ ମୁସଲମାନ ଭାବେ ଲିଆକତ ଅନୁଭବ କରିଥିଲେ। ମୁସଲମାନଙ୍କୁ ଇସ୍‌ଲାମ ସହ ତାଳଦେଇ ଜୀବନ ନିର୍ବାହ କରାଇବାରେ ଦେଶର ସକ୍ଷମତା ଅଣ ମୁସଲମାନମାନଙ୍କୁ ଚିନ୍ତାରେ ପକାଇ ନ ଥିବାରୁ ସେମାନଙ୍କର କୌଣସି ସମସ୍ୟା ରହିବା ଉଚିତ ନୁହେଁ ବୋଲି ସେ କହିଥିଲେ। ବାସ୍ତବରେ ମୁସଲିମ ଲିଗ୍ ଏହା କରିବାକୁ ଯୋଜନା କରିଥିଲା, କିନ୍ତୁ ଘଟିଲା ସମ୍ପୂର୍ଣ୍ଣ ଭିନ୍ନ। ମୁସଲମାନଙ୍କ ଉପରୁ ଧ୍ୟାନ ହଟି ଅଣ ମୁସଲମାନଙ୍କ ଆଡକୁ ଚାଲିଗଲା। ପାକିସ୍ତାନ ସଂଖ୍ୟାଲଘୁଙ୍କ ଉପରେ ସାମ୍ବିଧାନିକ କଟକଣା ଲଗାଇଲା। ସଂଖ୍ୟାଲଘୁ ରାଷ୍ଟ୍ରପତି (୧୯୬୦ ଦଶକରେ) ଏବଂ ପ୍ରଧାନମନ୍ତ୍ରୀ (୧୯୭୦ ଦଶକରେ) ହୋଇପାରିବେ ନାହିଁ ବୋଲି ଆଇନ ଅଣାଗଲା। ସେହି ସମୟରେ ପାକିସ୍ତାନର ମୁସଲମାନଙ୍କ ପାଇଁ କରାଯାଇଥିବା ଆଇନଗୁଡ଼ିକ ମଧ୍ୟ ମୁସଲମାନଙ୍କୁ ଦୁର୍ବଳ କରିବାକୁ ଲାଗିଲା। ରମ୍‌ଜାନରେ ଉପବାସକୁ ନେଇ ଲାଗୁ କରାଯାଇଥିବା ଆଇନ ଉପରେ ମୁସଲିମ୍ ରେସ୍ତୋରାଁ ଏବଂ ମଲଟିପ୍ଲେକ୍ସ ମାଲିକମାନେ ଅଭିଯୋଗ କରିବା ପରେ ଏହା ବିରୋଧରେ ସ୍ୱର ଉଠିଥିଲା। ଜକାତ (ଦାନ)କୁ ନେଇ ଲାଗୁ କରାଯାଇଥିବା ଆଇନରେ ପାକିସ୍ତାନୀ ସୁନ୍ନିମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨.୫% ନେବାର ଯୋଜନା କରାଯାଇଥିଲା। ଏହା ଘଟିବାର ଠିକ୍ ପୂର୍ବରୁ ଲୋକମାନେ ଆକାଉଣ୍ଟରୁ ଟଙ୍କା ଉଠାଇ ଅଣିବାରୁ ଯୋଜନା ପଣ୍ଡ ହୋଇଗଲା। ଏହି ଆଇନକୁ ବିରୋଧ କରାଯିବାରୁ ଶେଷରେ ହଟାଇ ନିଆଗଲା। ଭାରତୀୟ ଦଣ୍ଡବିଧି ସଂହିତାର ୩୦୨, ୪୨୦ ଏବଂ ୧୪୪ ଧାରାକୁ ପାକିସ୍ତାନୀମାନେ ଭଲ ଭାବେ ଜାଣନ୍ତି, ଅନୁସରଣ କରନ୍ତି। ସେମାନେ ମଧ୍ୟ ଆଇନଗୁଡ଼ିକରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ। ପାକିସ୍ତାନ ୧୯୮୦ ଦଶକରେ ଚୋରି ପାଇଁ ଅଙ୍ଗ ଛେଦନ ଦଣ୍ଡ ପାଇଁ ଆଇନ ଆଣିଥିଲା, ହେଲେ ତାହା ଶୀତଳଭଣ୍ଡାରକୁ ଚାଲିଗଲା। ପରଭେଜ ମୁଶରଫ ପାକିସ୍ତାନ ରାଷ୍ଟ୍ରପତି ଥିବା ସମୟରେ ବଳାତ୍କାର ପାଇଁ ଦଣ୍ଡ ବ୍ୟବସ୍ଥାକୁ ଶରିୟାରୁ ଦଣ୍ଡ ସଂହିତାକୁ ଫେରାଇ ଅଣାଯାଇଥିଲା।

ପାକିସ୍ତାନର ଇସ୍‌ଲାମୀକରଣ ଲାଗି ଶେଷ ଚେଷ୍ଟା ଦୁଇ ଦଶନ୍ଧି ପୂର୍ବେ ନୱାଜ ସରିଫଙ୍କ ସମୟରେ ଶେଷ ହୋଇଥିଲା। ତଥାକଥିତ ୧୫ ତମ ସଂଶୋଧନ ସିନେଟ୍‌ରେ କାଟ ଖାଇଥିଲା। ଫଳରେ ପାକିସ୍ତାନ ଏକ ସମ୍ପୂର୍ଣ୍ଣ ଇସ୍‌ଲାମିକ୍ ହୋଇପାରିନାହିଁ କି କେବେ ବି ଧର୍ମତନ୍ତ୍ର ହୋଇପାରିବ ନାହିଁ। କିନ୍ତୁ ପାକିସ୍ତାନ ଧର୍ମ ନିରପେକ୍ଷ ହେବାକୁ ଚେଷ୍ଟା କରୁଥିବାବେଳେ ଭାରତ ଏହାଠାରୁ ଦୂରକୁ ଚାଲିଯାଇଛି। ଭାରତ କେବଳ ଗୋଟିଏ ବିଷୟ ଦାବି କରିପାରେ ଯେ, ଦେଶର ଶୀର୍ଷ ପଦରେ ଆସୀନ ହେବାରୁ ମୁସଲମାନଙ୍କୁ ଅଟକାଇ ନାହିଁ। ଭାରତରେ ମୁସଲମାନମାନେ ରାଷ୍ଟ୍ରପତି ହୋଇଛନ୍ତି, କିନ୍ତୁ ପାକିସ୍ତାନରେ ହିନ୍ଦୁମାନଙ୍କ ପାଇଁ ଏହା ସମ୍ଭବ ନୁହେଁ। ଭାରତରେ ରାଷ୍ଟ୍ରପତିଙ୍କର ପାର୍ଲାମେଣ୍ଟ ଭଙ୍ଗ କରିବାର କ୍ଷମତା ଯଦି ଥାଆନ୍ତା, ତେବେ କେତେ ଜଣ ମୁସଲମାନ ସେହି ପଦରେ ବସିଥାଆନ୍ତେ ତାହା ସମୟ ହିଁ କହିଥାନ୍ତା। କିନ୍ତୁ ପାକିସ୍ତାନରେ ରାଷ୍ଟ୍ରପତିଙ୍କର ପାର୍ଲାମେଣ୍ଟ ଭଙ୍ଗ କରିବା କ୍ଷମତା ରହିଛି। ୧୯୪୭ ପରେ ପ୍ରଥମ ଥର ପାଇଁ ଏବେ ଭାରତର କୌଣସି ରାଜ୍ୟରେ ମୁସଲମାନ ମୁଖ୍ୟମନ୍ତ୍ରୀ ନାହାନ୍ତି। ୧୫ଟି ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁସଲମାନ ମନ୍ତ୍ରୀ ବି ନାହାନ୍ତି। ଶାସକ ଦଳର ୩୦୩ ଲୋକ ସଭା ସଦସ୍ୟଙ୍କ ମଧ୍ୟରେ କେବଳ ୯ ଜଣ ମୁସଲମାନ ରହିଛନ୍ତି। ପୂର୍ବ ଥର ୨୮୨ ଲୋକ ସଭା ସଦସ୍ୟଙ୍କ ମଧ୍ୟରେ ଜଣେ ବି ମୁସଲମାନ ନ ଥିଲେ। ମୁକ୍ତାର ଆବାସ ନକ୍‌ଭୀଙ୍କୁ ରାଜ୍ୟ ସଭା ସିଟ୍ ଦିଆଯାଇ ନାହିଁ। ଯଦି ସେ ମନ୍ତ୍ରୀ ପଦ ହରାନ୍ତି ତେବେ ଏବେ ପ୍ରଥମ ଥର ପାଇଁ କେନ୍ଦ୍ର କ୍ୟାବିନେଟ୍‌ରେ କୌଣସି ମୁସଲମାନ ରହିବେ ନାହିଁ। ପାକିସ୍ତାନରେ ଆଇନ ମାଧ୍ୟମରେ ହେଉ କିମ୍ବା ଭାରତରେ ବ୍ୟବସ୍ଥା ମାଧ୍ୟମରେ, ସଂଖ୍ୟାଲଘୁଙ୍କୁ କ୍ଷମତାରୁ ବାହାରେ ରଖିବା ବାସ୍ତବତାକୁ ଦର୍ଶାଇଛି।

ଆଇନ ଦିଗରୁ ବିଭିନ୍ନ ବିଶ୍ୱାସ ଓ ମତର ଲୋକଙ୍କୁ ନେଇ ଚାଲିବା ଧାରାରୁ ଭାରତ ଅବଶ୍ୟ ବହୁ ଦୂରକୁ ଚାଲିଯାଇଛି। ୨୦୧୯ରେ କେନ୍ଦ୍ର ସରକାର ତିନି ତଲାକ ଉଚ୍ଚାରଣ ଓ ୨୦୧୮ ପରେ ୭ ଭାଜପା ଶାସିତ ରାଜ୍ୟ ଆନ୍ତଃ ଧର୍ମୀୟ ବିବାହର ଅପରାଧୀକରଣ କରିଛନ୍ତି। ୨୦୧୯ରେ ଗୁଜରାଟରେ ମୁସଲମାନଙ୍କୁ ହିନ୍ଦୁମାନଙ୍କ ସମ୍ପତ୍ତି କିଣିବା କିମ୍ବା ଲିଜ୍‌ରେ ନେବା ଲାଗି ମନା କରାଯାଇଛି। କଶ୍ମୀରୀମାନଙ୍କୁ ଯେଭଳି ବ୍ୟବହାର କରାଯାଉଛି ଆମେ ସେ ବିଷୟକୁ ଯିବା ଦରକାର ବୋଲି ଅନୁଭବ କରୁନାହୁଁ, କାରଣ ସେଠାରେ ଲାଗୁ କଟକଣା ଉପରେ ଜାଣିବା ଲାଗି ଆମ ମଧ୍ୟରେ କୌଣସି ଆଗ୍ରହ ଜନ୍ମୁନାହିଁ। କାର୍ଯ୍ୟକଳାପକୁ ଲକ୍ଷ୍ୟକଲେ ଭାରତ ଓ ପାକିସ୍ତାନ ଦୁଇ ଦିଗରୁ ପରସ୍ପର ଆଡକୁ ଗତି କରୁଥିବାରୁ ଏହି ଦୁଇ ଦେଶ ମଧ୍ୟରେ ଅସଲରେ ପାର୍ଥକ୍ୟ ନାହିଁ। ଜଣେ ସମ୍ପ୍ରଦାୟ ସୀମାରୁ ଅଭିଯାନ ଆରମ୍ଭ କଲା କିନ୍ତୁ ଆଗୋଉଛି ଧର୍ମନିରପେକ୍ଷତା ଆଡ଼କୁ। ଅନ୍ୟଟି ଧର୍ମନିରପେକ୍ଷତାରୁ ଆରମ୍ଭ କଲା, ହେଲେ ଖସିଚାଲିଛି ସାମ୍ପ୍ରଦାୟିକତା ଭିତରକୁ।

Email:aakar.patel@gmail.com

# ପ୍ରକୃତିମାତାଙ୍କୁ ବ୍ୟକ୍ତିତୁଲ୍ୟ ଅଧିକାର



**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ବିଗତ ଏପ୍ରିଲ ୧୯ ତାରିଖ (୨୦୨୨) ଦିନ ମଦୁରାଇସ୍ଥିତ ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟ ବେଞ୍ଚ ବିଚାରପତି ଏସ୍. ଶ୍ରୀମଥି ପରିବେଶପ୍ରେମୀମାନଙ୍କ ପାଇଁ ପ୍ରଦାନ କରିଛନ୍ତି ଏକ ଅଭୂତପୂର୍ବ ରାୟ। ଏଥିରେ ସେ 'ପ୍ରକୃତିମାତା'ଙ୍କୁ ଆଇନତଃ ଜଣେ ବ୍ୟକ୍ତି ବିଶେଷ ରୂପେ ଗ୍ରହଣ କରି ତାଙ୍କର ଏକ ନିରାପଦ ସୁସ୍ଥ ଜୀବନ ବଞ୍ଚିବାର ମୌଳିକ, ସାମ୍ବିଧାନିକ ଏବଂ ମାନବତୁଲ୍ୟ ଅଧିକାର ଥିବାର ସୂଚନା ଦେଇଛନ୍ତି। ଏ. ପେରିୟାକାରୁପାନ ନାମକ ଜନୈକ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଆବେଦନ ବିଚାରକୁ ନେଇ ପ୍ରଦାନ କରାଯାଇଥିବା ଏହି ୨୩ପୃଷ୍ଠା ସମ୍ବଳିତ ରାୟରେ ପୁନଶ୍ଚ କୁହାଯାଇଛି, ''ଆମ ବିଗତ ପିଢ଼ିର ବଂଶଧରମାନେ ପ୍ରକୃତିମାତାଙ୍କୁ ତାଙ୍କ ପ୍ରାଚୀନ ଗୌରବ ସହିତ ଆମକୁ ପ୍ରଦାନ କରିଛନ୍ତି। ଏଣୁ ଆଗାମୀ ପିଢ଼ିକୁ ତାଙ୍କୁ ସେହି ରୂପେ ହସ୍ତାନ୍ତର କରିବାକୁ ଆମେ ନୈତିକତା ଦୃଷ୍ଟିରୁ ବାଧ୍ୟ।''

ପ୍ରକୃତିକୁ ସମଗ୍ର ଜୀବଜଗତର 'ମହାନ୍ ମାତା' ରୂପେ ବିଚାର କରିବା ବିଶ୍ୱର ପ୍ରାୟ ସବୁ ଧର୍ମ ଓ ଦର୍ଶନରେ ରହିଛି। ତେବେ ଶିଳ୍ପ ବିପ୍ଳବର ପରବର୍ତ୍ତୀକାଳଠାରୁ ଆରମ୍ଭ ହୋଇଥିବା ବସ୍ତୁବାଦୀ ଜୀବନଧାରା ଆମ ମନରୁ ବିଚାରକୁ ଅପସାରିତ କରିବାରେ ଲାଗିଛି। ଫଳରେ ଦିନକୁଦିନ ଏହା ରୁଗ୍ଣ ହୋଇ ଜୀବନଧାରଣ କ୍ଷମତା ହରାଇବାରେ ଲାଗିଛି, ଯାହାକି ଏକ ଅବଶ୍ୟମ୍ଭାବୀ ପ୍ରଳୟର ଆଗମନକୁ ତ୍ୱରାନ୍ୱିତ କରି ଚାଲିଛି। ଏକଥା କିଛି ଚିନ୍ତାଶୀଳ ବ୍ୟକ୍ତିଙ୍କ ମନକୁ ଆନ୍ଦୋଳିତ କରିବା ଫଳରେ କ୍ରମଶଃ ଦାନା ବାନ୍ଧୁଛି ପ୍ରକୃତିମାତାଙ୍କୁ ମଣିଷ ଭଳି ସମସ୍ତ ଆଇନଗତ ଅଧିକାର ପ୍ରଦାନ କରିବାର ଚିନ୍ତାଧାରା। ଅତଏବ ବିଗତ ବର୍ଷମାନଙ୍କରେ ପରିସଂସ୍ଥା, ପଶୁପକ୍ଷୀ ଶ୍ରେଣୀ, ନଦ-ନଦୀ ଏବଂ ପ୍ରାକୃତିକ ଦୁନିଆର ଉପାଦାନଗୁଡ଼ିକୁ ଏହା ଦେବା ଲାଗି ବିଭିନ୍ନ ଦେଶରେ 'ପ୍ରକୃତିର ଅଧିକାର' ଆଇନ ସମୂହ ପ୍ରଣୀତ ହେଲାଣି। ବିଚାରାଳୟମାନେ ଏଥିରେ ପ୍ରମୁଖ ଭୂମିକା ନେଇ ନିର୍ଦ୍ଦେଶମାନ ଦେଉଛନ୍ତି। ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟର ରାୟ ହେଲା ତନ୍ମଧ୍ୟରୁ ସଦ୍ୟତମ।

'ପ୍ରକୃତିର ଅଧିକାର'କୁ ନେଇ ବିକଶିତ ହୋଇଥିବା ଧାରଣା ଅନୁସାରେ ପରିସଂସ୍ଥା ଆଇନତଃ ବ୍ୟକ୍ତିତୁଲ୍ୟ ମର୍ଯ୍ୟାଦା ଲାଭ କରିବା ଉଚିତ। ଯେପରିକି ଏହାକୁ କେହି କ୍ଷତି ପହଞ୍ଚାଇ ପାରିଲେ ଏହା ବିଚାରାଳୟର ଆଶ୍ରୟ ନେଇପାରିବ। ଅତଏବ କୌଣସି ତଥାକଥିତ ବିକାଶମୂଳକ ଯୋଜନା କିମ୍ବା ଜଳବାୟୁ ପରିବର୍ତ୍ତନ ହେତୁ ପରିବେଶୀୟ ଅବକ୍ଷୟ ଘଟିଲେ ଏହା ନିଜ 'ଅଭିଭାବମାନଙ୍କ' (ବ୍ୟକ୍ତି କିମ୍ବା ସଂସ୍ଥା) ମାଧ୍ୟମରେ ତାହା କରିପାରିବ। ଏଥିରେ ସ୍ୱୀକାର କରାଯାଇଛି ଯେ, ଏକ ପରିସଂସ୍ଥୀୟ ବ୍ୟବସ୍ଥାର ଅଧିକାର ରହିଛି ତା' ନିଜ ସ୍ଥିତିକୁ ବଜାୟ ରଖିବାକୁ, ବିକଶିତ ହେବାକୁ ଏବଂ ପୁନଃ ରୋଦ୍‌ଗମ ହେବାକୁ।



**ବିଶ୍ୱ ପରିବେଶ ଦିବସ ଉପଲକ୍ଷେ**

ବିଗତ ବର୍ଷମାନଙ୍କରେ ପୃଥିବୀର ଭିନ୍ନ ଭିନ୍ନ ଦେଶରେ 'ପ୍ରକୃତିମାତା' ତଥା ଏହାର ମୌଳିକ ଉପାଦାନଗୁଡ଼ିକୁ ବ୍ୟକ୍ତିତୁଲ୍ୟ ଅଧିକାର ଦେବା ଲାଗି କିଛି କିଛି ପଦକ୍ଷେପ ନିଆଯାଇଛି। ଉଦାହରଣ ସ୍ୱରୂପ, ୨୦୦୮ରେ ଇକ୍ୟୁଡର ପ୍ରଥମ କରି 'ପ୍ରକୃତିର ଅଧିକାର ସମୂହ' ଆଇନକୁ ସ୍ୱୀକୃତି ଦେଲା ଏବଂ ତାହା କାର୍ଯ୍ୟକାରୀ କଲା। ସେହିପରି ୨୦୧୦ରେ ଆମେରିକାର କେତୋଟି ରାଜ୍ୟ ନଦୀ, ହ୍ରଦ ତଥା ଅନ୍ୟାନ୍ୟ ଜଳାଶୟଗୁଡ଼ିକ ପାଇଁ ଏ ଅଧିକାର ସ୍ୱୀକାର କଲେ। ଅନ୍ୟପକ୍ଷରେ, ୨୦୧୭ରେ ନ୍ୟୁଜିଲାଣ୍ଡର ହ୍ୱାଂଗନୁଇ ନଦୀ, ଆମେରିକାର କଲୋରାଡୋ ନଦୀ ଏବଂ ଅଷ୍ଟ୍ରେଲିଆର ୟାରା ନଦୀ ଓ ତା'ର ଉପତ୍ୟକା ତଥା ସେଗୁଡ଼ିକର ପରିସଂସ୍ଥା ପାଇଁ ଆଇନଗତ ଭାବେ ବ୍ୟକ୍ତିତୁଲ୍ୟ ମୌଳିକ ଅଧିକାରକୁ ଅଳ୍ପ ବହୁତ ସ୍ୱୀକୃତି ମିଳିଲା। ପୁନଶ୍ଚ କଲମ୍ବିଆର ଆମାଜନ୍‌ରେ ବନ ବିଧ୍ୱଂସ ରୋକିବା ପାଇଁ ୨୦୧୮ରେ ସେଠାରେ ଉଚ୍ଚତମ ନ୍ୟାୟାଳୟ ଏ ଅରଣ୍ୟର ପରିବେଶ ଓ ପରିସଂସ୍ଥା ସହିତ ସଂପୃକ୍ତ ବ୍ୟବସ୍ଥାମାନଙ୍କୁ 'ଜୀବନ, ସ୍ୱାସ୍ଥ୍ୟ, ସର୍ବନିମ୍ନ ଜୀବନଧାରଣର ସାଧନ, ସ୍ୱାଧୀନତା ଏବଂ ବ୍ୟକ୍ତିତୁଲ୍ୟ ମର୍ଯ୍ୟାଦା' ପ୍ରଦାନ କଲା।

ଏହା ପରବର୍ତ୍ତୀ (୨୦୧୯) ପେରୁସ୍ଥିତ ଆମାଜନ ପାଇଁ ମଧ୍ୟ ଏପରି ବ୍ୟବସ୍ଥା ଲାଗୁ କରାଗଲା ଏବଂ ୨୦୨୫ ସୁଦ୍ଧା ବନ ବିଧ୍ୱଂସ ଶୂନ୍‌କୁ ହ୍ରାସ କରିବାର ଲକ୍ଷ୍ୟଧାର୍ଯ୍ୟ କରାଗଲା। ସେହିବର୍ଷ ବାଂଲାଦେଶର ଉଚ୍ଚତମ ନ୍ୟାୟାଳୟ ସେଠାର ସମସ୍ତ ନଦନଦୀଙ୍କୁ ବ୍ୟକ୍ତିତୁଲ୍ୟ ଅଧିକାରମାନ ପ୍ରଦାନ କଲାବେଳେ ୨୦୨୦ରେ ଆର୍ଜେଣ୍ଟିନା ତା'ର ପାରାନା ତ୍ରିକୋଣଭୂମି ଅଞ୍ଚଳ ପ୍ରତି ମଧ୍ୟ ତାହା ଲାଗୁକଲା।

ଆମ ଦେଶରେ ୨୦୧୭ରେ ଗଙ୍ଗା ଓ ଯମୁନା ନଦୀ ଦ୍ୱୟକୁ ଆଇନଗତ ଭାବେ ବ୍ୟକ୍ତିତୁଲ୍ୟ ଅଧିକାର ପ୍ରଦାନ ଲାଗି ଉତ୍ତରାଖଣ୍ଡର ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତି ନେଇଥିଲେ। ଏଥିରେ ଏହାର ସେହି ଅନୁରୂପ କର୍ତ୍ତବ୍ୟ ଏବଂ ଦାୟିତ୍ୱ ମଧ୍ୟ ଥିବାର ଦର୍ଶାଯାଇଥିଲା। ସେଥିପାଇଁ ଉଚ୍ଚତମ ନ୍ୟାୟାଳୟ ଏହାକୁ କାର୍ଯ୍ୟ ଉପଯୋଗୀ ନୁହେଁ ବୋଲି କହି ଖାରଜ କରିଦେଇଥଲେ। କାରଣ, ଏହା ମତରେ ଏହାର ଅର୍ଥ ହେଲା ବନ୍ୟା ଭଳି ଘଟଣା ଲାଗି ଏହି ନଦୀଗୁଡ଼ିକୁ ଦାୟୀ କରିବା ଏବଂ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା। ଏହାପରେ ଉତ୍ତରାଖଣ୍ଡ ଏବଂ ପଞ୍ଜାବ ଓ ହରିୟାଣାର ଉଚ୍ଚ ନ୍ୟାୟାଳୟମାନେ ଯଥାକ୍ରମେ ୨୦୧୮ ଏବଂ ୨୦୧୯ରେ ପଶୁପକ୍ଷୀମାନଙ୍କୁ ଆଇନତଃ ବ୍ୟକ୍ତିତୁଲ୍ୟ ଅଧିକାର ପ୍ରଦାନ ଲାଗି ସ୍ୱୀକୃତି ଦେଇଥିଲେ। ସେହିପରି ୨୦୨୦ରେ ନେପାଳ-ଭାରତ ସୀମାରେ ଥିବା ସୁଖ୍‌ନା ହ୍ରଦକୁ 'ଜୀବନ୍ତ ସତ୍ତା' ରୂପେ ଗଣନା କରାଯାଇଛି। ତେବେ ଏସବୁ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ହେଲା ସେହିବର୍ଷ ଗୁଜରାଟର ''ଦ ପିପୁଲ୍ସ ଚାରିଏଟିୟର ଅର୍ଗାନାଇଜେଶନ'' ଦେଶର ଉଚ୍ଚତମ ନ୍ୟାୟାଳୟରେ ରୁଜୁ କରିଥିବା ମାମଲା। ଭାରତର ''ପ୍ରିଭେନଶନ୍ ଅଫ୍ କ୍ରୁଏଲିଟି ଟୁ ଆନିମଲ୍‌ସ ଆକ୍ଟ'' ଏବଂ ସମ୍ବିଧାନର ବିଭିନ୍ନ ଧାରା ଉପରେ ଭିତ୍ତି କରି ଏହା କରାଯାଇଛି। ସାମାଜିକ ଏବଂ ପରିବେଶ ନ୍ୟାୟ ପାଇଁ ସଂଗ୍ରାମ ଚଳାଇଥିବା ଏ ସଂସ୍ଥା ତା'ର ୮୩ ପୃଷ୍ଠା ବ୍ୟାପୀ ଆବେଦନରେ ସବୁ ଲୋକଙ୍କୁ ଏଥିପାଇଁ ଆଇନଗତ ଦାୟିତ୍ୱ ଏବଂ ଅଧିକାର ପ୍ରଦାନ ଲାଗି ଅନୁରୋଧ କରାଯାଇଛି। ଏହା ଗୃହୀତ ହେଲେ, ''ପ୍ରକୃତିମାତାକୁ ବ୍ୟକ୍ତିତୁଲ୍ୟ ଅଧିକାର'' ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାରେ ଭାରତ ହେବ ଅନ୍ୟତମ ଅଗ୍ରଣୀ ଦେଶ।

ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ହେଉଛି ସବୁଠାରୁ ପ୍ରଭାବଶାଳୀ। ତେଣୁ ଏହାକୁ ଏକ ଆନ୍ତର୍ଜାତିକ କର୍ମଶାଳାରେ ଏବେ ଉଚ୍ଚ ପ୍ରଶଂସା କରିଛନ୍ତି ନେଦରଲ୍ୟାଣ୍ଡସ୍‌ର ପ୍ରସିଦ୍ଧ ପରିବେଶବିତ୍ ତଥା ଲେଇଡେନ୍ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ ଆଇନ ବିଭାଗ ପ୍ରଫେସର ମାର୍ଗାରେଥା ୱ୍ୱେରିଙ୍କେ। ସେ କହିଛନ୍ତି ଯେ, ପ୍ରକୃତିମାତାକୁ ସୁରକ୍ଷା ଦେବା ପାଇଁ ସବୁ ଦିଗ ବିଚାରକୁ ନେଇ ଏହି ରାୟରେ ରହିଛି ବ୍ୟାପକ ବ୍ୟବସ୍ଥା। ଅତଏବ, ଏହା ହୁଏତ ସମସ୍ତଙ୍କ ଆଖି ଖୋଲିବାକୁ ଏବଂ ପ୍ରକୃତି ଉପରେ ଚାଲିଥିବା ଅବାରିତ ଅତ୍ୟାଚର ରୋକିବାକୁ କିଛି ମାତ୍ରାରେ ସମର୍ଥ ହୋଇପାରିବ।

ମୋ: ୯୯୩୭୯୮୫୭୬୭

# ଆଶାୟୀଙ୍କ ପ୍ରେରଣାଦାୟିନୀ

**ବ୍ୟକ୍ତିତ୍ୱ**



ଶ୍ରୁତି ଶର୍ମା

ଦୁଇ ଦଶନ୍ଧି ପୂର୍ବରୁ ଇତିହାସ, ରାଜନୀତି ବିଜ୍ଞାନ, ସମାଜ ବିଜ୍ଞାନ ଭଳି ବିଷୟକୁ ସିଭିଲ୍ ସର୍ଭିସ ପରୀକ୍ଷାରେ ମୁଖ୍ୟ ବିଷୟ ଭାବେ ରଖି ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେଉଥିଲେ। କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସର୍ବଭାରତୀୟ ସ୍ତରର ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଝିଅ ଓ ପୁଅମାନଙ୍କୁ ଚାକିରି କ୍ଷେତ୍ରରେ ସର୍ବାଧିକ ସମ୍ମାନ ମିଳିଥାଏ ବୋଲି ସମସ୍ତେ ଜାଣନ୍ତି। ବିଶେଷକରି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍)ରେ ଯୋଗଦେଉଥିବା ବିଦ୍ୟାର୍ଥୀଙ୍କ ଓଜନ ଅଧିକ ରହୁଥିବା ଦେଖି ବୈଷୟିକ ଶିକ୍ଷା ଗ୍ରହଣ କରିଥିବା ପିଲାମାନେ ସମୟକ୍ରମେ ଏହି ପରୀକ୍ଷା ଦେବାକୁ ଲାଗିପଡ଼ିଲେ। ଇଞ୍ଜିନିୟରିଂ, ମେଡିକାଲ ଓ ମ୍ୟାନେଜମେଣ୍ଟ ପାଠରେ ଭଲ ନମ୍ବର ରଖିପାରୁଥିବା ମେଧାବୀମାନେ ସିଭିଲ୍ ସର୍ଭିସ ପ୍ରତି ଆକର୍ଷିତ ହୋଇ ଯେତେବେଳେ ସଫଳତା ପାଇଲେ ସେତେବେଳେ ହ୍ୟୁମାନିଟିଜ୍ ବା ମାନବବାଦ ପାଠ୍ୟକ୍ରମ ସଂକ୍ରାନ୍ତ ବିଷୟ ରଖି ପଢୁଥିବା ପିଲାଙ୍କ କୃତିତ୍ୱ ଅପେକ୍ଷାକୃତ କମିଯାଇଥିବା ଦେଖାଯାଇଥିଲା। କିନ୍ତୁ ଚଳିତ ଥର ଶ୍ରୁତି ଶର୍ମା କେବଳ ଇତିହାସ ସ୍ନାତକ ହୋଇ ସିଭିଲ୍ ସର୍ଭିସରେ ଟପ୍ପର ହୋଇଯିବା ପରେ ଏହି ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଆଶାୟୀଙ୍କ ମନରେ ନୂତନ ଉତ୍ସାହ ଜାଗ୍ରତ ହେବା ସ୍ୱାଭାବିକ। କାରଣ ଜଣେ ଯେଉଁ ସବ୍‌ଜେକ୍ଟ ରଖି ପରୀକ୍ଷା ଦିଅନ୍ତୁ ନା କାହିଁକି ବିଷୟ ଉପରେ ଗଭୀର ଅନୁଶୀଳନ ରହିବା ସହ ପରିଶ୍ରମ, ଏକାଗ୍ରତା ଓ ନିଷ୍ଠା ରହିଲେ ସଫଳତା ମିଳିବା ସୁନିଶ୍ଚିତ।

ଉତ୍ତରପ୍ରଦେଶର ବିଜ୍‌ନୋର ଜିଲାରେ ଜନ୍ମିତ ଶ୍ରୁତିଙ୍କ ପରିବାର ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଅନେକ ଡାକ୍ତର ଓ ଇଞ୍ଜିନିୟର ଅଛନ୍ତି। ଶ୍ରୁତି କେବଳ ପରିବାରର ଏକମାତ୍ର ସଦସ୍ୟ ଯିଏ ଇତିହାସକୁ ବିଷୟ ରଖି ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି। ତାଙ୍କ ଗୋସିବାପା ଓ ଜେଜେବାପା ଥିଲେ ଡାକ୍ତର। ତାଙ୍କ ମାମୁ ଘର ପଟୁ ମଧ୍ୟ ଡାକ୍ତର ଅଛନ୍ତି। ଏପରି କି ତାଙ୍କ ମାତା ରଚନା ଶର୍ମା ଇଞ୍ଜିନିୟରିଂ ଛାତ୍ରୀ ଥିଲେ। ପିତା ସୁନୀଲ ଦତ୍ତ ଶର୍ମା ଜଣେ ସ୍ଥପତି ଓ ସେ ଦିଲ୍ଲୀରେ ଏକ କନ୍‌ଷ୍ଟ୍ରକଶନ କନ୍‌ସଲଟାନ୍ସି ଫାର୍ମ କରିଛନ୍ତି। ଶ୍ରୁତି ଦିଲ୍ଲୀର କେମ୍ବ୍ରିଜ୍ ପ୍ରାଇମେରୀ ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ପରେ ସର୍ଦ୍ଦାର ପଟେଲ ବିଦ୍ୟାଳୟରୁ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଇତିହାସ ସମ୍ମାନ ରଖି ଉତ୍ତୀର୍ଣ୍ଣ ହେବା ପରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ମଡର୍ନ ହିଷ୍ଟ୍ରିରେ ସ୍ନାତକୋତ୍ତର ପଢ଼ିବା ପାଇଁ ନାମ ଲେଖାଇଥିଲେ। କିନ୍ତୁ ସେହି ସମୟରେ ଜାମିଆ ମିଲିଆ ଇସ୍‌ଲାମିଆ ରେସିଡେନ୍ସିଆଲ୍ ୟୁପିଏସ୍‌ସି ପ୍ରିପାରେଶନ୍ କୋଚିଂ ଏକାଡେମୀରେ ସିଭିଲ ସର୍ଭିସ ପଢ଼ିବା ସକାଶେ ମନସ୍ଥ କରିଥିଲେ। ସେଠାରେ କିଛି ଦିନ କୋଚିଂ ନେବା ପରେ ସିଭିଲ୍ ସର୍ଭିସ ପ୍ରତି ଅଧିକ ଆକର୍ଷିତ ହୋଇଥିଲେ ଓ ନିଜ ସବ୍‌ଜେକ୍ଟରେ ଭଲ ସ୍କୋର୍ କରିବା ଜାଣିପାରିଥିଲେ। ତେଣୁ ସ୍ନାତକୋତ୍ତର ପାଠ ନ ପଢ଼ି କୋଚିଂରେ ପୂରା ମନୋନିବେଶ କରିଥିଲେ। ପ୍ରଥମ ପ୍ରଚେଷ୍ଟାରେ ଅଳ୍ପକେ ସଫଳତାରୁ ବଞ୍ଚିତ ହୋଇଯିବାରୁ ଦ୍ୱିତୀୟ ଥର ପରୀକ୍ଷାରେ ଭଲ କରିବାର ଦୃଢ଼ ଇଚ୍ଛାଶକ୍ତି ରଖି ଆଗେଇଥିଲେ। ନିଜ ସବ୍‌ଜେକ୍ଟରେ ଅଧିକ ମାର୍କ ରଖିବା ସହ ଇଣ୍ଟରଭ୍ୟୁରେ ଭଲ ପ୍ରଦର୍ଶନ କରିବାରୁ ତାଙ୍କୁ ସିଭିଲ୍ ସର୍ଭିସ ୨୦୨୧ ଶୀର୍ଷରେ ନେଇ ପହଞ୍ଚାଇଛି। ଟପ୍ପର ହେବା ପରେ ସେ ଆଶାୟୀ ପରୀକ୍ଷାର୍ଥୀମାନଙ୍କୁ କହିଛନ୍ତି ଯେ, ଯାହାଙ୍କର ଯେଉଁ ସବ୍‌ଜେକ୍ଟ ପସନ୍ଦ ସେ ତାହାକୁ ନେଇ ପରୀକ୍ଷା ଦିଅନ୍ତୁ। ଏଥିସହିତ ପ୍ରତି ବିଷୟରେ ମୌଳିକ ଜ୍ଞାନ ରଖିବା ସହ ସାମ୍ପ୍ରତିକ ଘଟଣାବଳୀ ଉପରେ ଧ୍ୟାନ ଦେଲେ ତାହା ଜଣଙ୍କୁ ଏହି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବାକୁ ସୁଯୋଗ ଦେଇଥାଏ। ନିଜ ଅଭିଜ୍ଞତା ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି ଏନ୍‌ସିଇଆର୍‌ଟି ପୁସ୍ତକ ପଢ଼ିବା ସହ ଖବରକାଗଜ ଓ ନିଜେ ପ୍ରସ୍ତୁତ କରିଥିବା ନୋଟ୍ ଉପରେ ଅଧିକ ଧ୍ୟାନ ଦେଇଥିବାରୁ ତାଙ୍କୁ ପରୀକ୍ଷାରେ ଭଲ ଫଳ ମିଳିପାରିଛି। ଶ୍ରୁତି କହିଛନ୍ତି, ସେ ସର୍ବଦା ତାଙ୍କ ଭୁଲ୍‌ରୁ ବହୁତ କଥା ଶିଖିଛନ୍ତି। ତେଣୁ ଆଶାୟୀ ବିଦ୍ୟାର୍ଥୀ ସବୁବେଳେ ଏହି କଥାକୁ ଧ୍ୟାନ ଦେଇ ନିଷ୍ଠାର ସହ ପ୍ରସ୍ତୁତି ଜାରି ରଖିଲେ ସଫଳତା ମିଳିବା କଷ୍ଟକର ସୁନିଶ୍ଚିତ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

କାର୍ଯ୍ୟ ଆଧାରରେ ଜଣେ ଆଦର୍ଶ ସରପଞ୍ଚ ହୋଇପାରନ୍ତି, ଯାହା ପ୍ରମାଣ କରିଛନ୍ତି ଉତ୍ତରପ୍ରଦେଶ ରାଜପୁର ଗ୍ରାମପଞ୍ଚାୟତର ପ୍ରିୟଙ୍କା ତିୱାରି। ପ୍ରିୟଙ୍କା ସରପଞ୍ଚ ନିର୍ବାଚିତ ହେବାର ବର୍ଷେ ମଧ୍ୟରେ ତାଙ୍କ ପଞ୍ଚାୟତକୁ ୭୫% ପ୍ଲାଷ୍ଟିକ୍‌ମୁକ୍ତ କରିପାରିଛନ୍ତି। କେବଳ ସେତିକି ନୁହେଁ ଘରର ବ୍ୟବହୃତ ତଥା ଅଦରକାରୀ ପାଣିକୁ ରିସାଇକ୍ଲିଂ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେ ଏକ ଲାଇବ୍ରେରି ଓ ଶବଦାହଗୃହ ମଧ୍ୟ ନିର୍ମାଣ କରିଛନ୍ତି। ୨୯ ବର୍ଷୀୟା ପ୍ରିୟଙ୍କା ମାସ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛନ୍ତି ଓ ତାଙ୍କ ସ୍ୱାମୀ ଜଣେ ବ୍ୟବସାୟୀ। ୨୦୨୧ରେ ସେ ସରପଞ୍ଚ ଭାବେ ଶପଥ ନେବା ଦିନ ରାୟପୁର ପଞ୍ଚାୟତରେ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିଥିଲେ। ଏବେସୁଦ୍ଧା ସେ ପଞ୍ଚାୟତରେ ୭୫% ପ୍ଲାଷ୍ଟିକ୍ କମାଇ ପାରିଛନ୍ତି। ଏଥିପାଇଁ ପ୍ରିୟଙ୍କା ପଞ୍ଚାୟତ ତରଫରୁ ଦୋକାନୀ, ରାସ୍ତକଡ଼ ବ୍ୟବସାୟୀ ଓ ପରିବାରଗୁଡ଼ିକୁ କପଡ଼ା ବ୍ୟାଗ ବଣ୍ଟନ କରୁଛନ୍ତି। ପରେ ଯେଉଁମାନେ ଏହାକୁ ନ ମାନି ପ୍ଲାଷ୍ଟିକ୍ ବ୍ୟବହାର କରୁଛନ୍ତି ସେମାନଙ୍କ ଉପରେ ପ୍ରଥମେ ୫୦୦ ଟଙ୍କା ଓ ପରେ ୧୦୦୦ ଟଙ୍କା ଜରିମାନା କରାଯାଉଛି। ଏହା ପରେ ଅମାନ୍ୟ କରୁଥିବା ବ୍ୟବସାୟୀଙ୍କ ଲାଇସେନ୍ସ ରଦ୍ଦ କରାଯାଉଛି। ସେ ପ୍ଲାଷ୍ଟିକ୍ ବ୍ୟବହାରଜନିତ କ୍ଷତି ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି। କେକ୍ ପ୍ୟାକେଟ ଓ ଚକୋଲେଟ ଜରି ଆଦି ସଂଗ୍ରହ କଲେ ୧ କେଜି ପ୍ରତି ପିଲାମାନଙ୍କୁ ୨ଟଙ୍କା ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜୁନ୍ ୧୯୯୭**

- ବ୍ରିଟେନ ସରକାର ଉତ୍ତର ଆୟର୍ଲାଣ୍ଡର ଦୁଇଟି ଗେରିଲା ଗୋଷ୍ଠୀ ଯଥାକ୍ରମେ ବ୍ରିଟିଶ୍ ସମର୍ଥିତ ଅନୁଗତ ସ୍ୱେଚ୍ଛାସେବୀ ବାହିନୀ ଓ ଆଇରିସ୍ ସମର୍ଥିତ କଣ୍ଟିନ୍ୟୁଟି ଆର୍ମି କାଉନ୍‌ସିଲ (ସିଏସି)କୁ ବେଆଇନ ଘୋଷଣା କରିଛନ୍ତି।
- ଫ୍ରେଞ୍ଚ ଗାଏନାର କୋରୁ କେନ୍ଦ୍ରରୁ ଭାରତର ବହୁମୁଖୀ ଯୋଗାଯୋଗ ଉପଗ୍ରହ ଇନ୍‌ସାଟ୍-୨ 'ଡି'ର ସଫଳ ଉତ୍କ୍ଷେପଣ।
- ସେଣ୍ଟ କିଟ୍‌ସ ଠକେଇ ମାମଲାରୁ ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓ ଏବଂ କେନ୍ଦ୍ରମନ୍ତ୍ରୀ କେ.କେ. ତିୱାରୀ ଦୋଷମୁକ୍ତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 7 | 6 | | | | | |
| | | | 2 | 1 | | 6 | | 9 |
| | | 2 | | | 8 | | | 5 |
| 7 | | | 4 | | | 5 | 6 | |
| 3 | | 4 | | | | | | 8 |
| | | | | | 2 | | | 7 |
| 5 | | | | | | | | |
| 9 | | | 8 | | 6 | | 1 | |
| | 4 | | | | 3 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 1 | 7 | 3 | 4 | 5 | 9 | 2 |
| 9 | 2 | 7 | 5 | 1 | 6 | 4 | 8 | 3 |
| 3 | 5 | 4 | 9 | 8 | 2 | 1 | 6 | 7 |
| 2 | 3 | 8 | 4 | 6 | 7 | 9 | 5 | 1 |
| 1 | 7 | 5 | 2 | 9 | 8 | 3 | 4 | 6 |
| 4 | 9 | 6 | 1 | 5 | 3 | 7 | 2 | 8 |
| 5 | 6 | 9 | 8 | 7 | 1 | 2 | 3 | 4 |
| 7 | 4 | 3 | 6 | 2 | 5 | 8 | 1 | 9 |
| 8 | 1 | 2 | 3 | 4 | 9 | 6 | 7 | 5 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦରଦାମ ଆକାଶଛୁଆଁ, ଗ୍ରାହକ ଛାନିଆ

ମହାଶୟ,

ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଇବା ଫଳରେ ଏହାର ପ୍ରଭାବ ଅନ୍ୟାନ୍ୟ କ୍ଷେତ୍ରରେ ପଡୁଛି। ସାଧାରଣ ଲୋକଙ୍କୁ ମହାଙ୍ଗା ମାଡ଼ ବଡ଼ ବାଧୁଛି। ଫଳରେ ସାଧାରଣ ଜୀବନଯାତ୍ରା କ୍ରମେ ଅଧିକ ଜଟିଳ ହୋଇପଡୁଛି। ରନ୍ଧନ ଗ୍ୟାସର ଦାମ୍ ବଢ଼ିଛି। ଏହାଦ୍ୱାରା ସାଧାରଣ ପରିବାରରେ ଚିନ୍ତା ବଢ଼ିଯାଇଛି। ଗାଡ଼ି ଭଡ଼ା ବଢ଼ିଯିବା ହେତୁ ଲୋକେ ଚିନ୍ତାରେ ରହିଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ବଢ଼ିବା ଗ୍ରାହକଙ୍କୁ ଅଡୁଆରେ ପକାଇଛି। ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଦ୍ରବ୍ୟ ପହଞ୍ଚାଇବା ହେଉଛି ସରକାରଙ୍କ ଦାୟିତ୍ୱ। ଦରଦାମ୍‌ର ଆକାଶଛୁଆ ବୃଦ୍ଧି ସମ୍ପର୍କରେ ଗ୍ରାହକମାନେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ମାତ୍ର ଦର ଖସିବା ଦେଖିବାକୁ ମିଳୁନାହିଁ। ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଦେଖି କେତେକ ଗାଡ଼ି ଚଢ଼ିବା ବନ୍ଦ କରିଦେଲେଣି। ଗ୍ୟାସ ବଦଳରେ କେତେକ କାଠ ଚୁଲିରେ ରାନ୍ଧିବା ଆରମ୍ଭ କଲେଣି। ଖାଇବା ତେଲର ଦାମ ମଧ୍ୟ ବଢ଼ି ଚାଲିଛି। ଦରଦାମ ନିୟନ୍ତ୍ରଣ ନ ହେଲେ, ସାଧାରଣ ଲୋକେ ପରିବାର ଚଳେଇବା ସମ୍ଭବପର ହେବ ନାହିଁ। ବଜାରରେ ପନିପରିବା ଦର ମଧ୍ୟ ଆଗ ଅପେକ୍ଷା ଅଧିକ ବଢ଼ି ଚାଲିବ। ଦର ବଢୁଥିଲେ ମଧ୍ୟ ଲୋକଙ୍କର ରୋଜଗାର ବଢୁନି। ତେଣୁ ନିଜର ସୀମିତ ରୋଜଗାର ମଧ୍ୟରେ ପରିବାର କେମିତି ଚଳିବ ତାହା ଏବେ ଚିନ୍ତାର ବିଷୟ। ସାଧାରଣ ଗ୍ରାହକଙ୍କ ଅବସ୍ଥାକୁ ବିଚାରକୁ ନେଇ ଦରଦାମ୍ ନିୟନ୍ତ୍ରଣ କରାଯିବା ନିହାତି ଦରକାର।

– ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ଚିରନ୍ତନୀ

ଶ୍ରାବଣର ଘନ ଉହାଡ଼େ ପ୍ରକାଶ
ଜୋଛନା ସମାନ ଫୁଟି ଉଠୁ ହାସ
ଜୀବନର ସବୁ କାଳିମା ପୂରାଇ
ସକଳ ରନ୍ଧ୍ର ଭରି
ଚମ୍ପକ ହାସ ହସିଯାଅ ଧୀରେ
ଆଗୋ ଗୋରଚନା-ଗୋରି !

(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାଦ୍ ପଡ଼ିଲେ ଅରୁଣ, ପ୍ରତାପ, ଦିବ୍ୟଶଙ୍କର

ଭୁବନେଶ୍ୱର,୪।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଟିମ୍‌ରେ ୩ ବିବାଦୀୟ ମନ୍ତ୍ରୀଙ୍କୁ ସ୍ଥାନ ମିଳିନାହିଁ। ବରିଷ୍ଠ ମନ୍ତ୍ରୀ ଅରୁଣ କୁମାର ସାହୁ, ପ୍ରତାପ ଜେନା ଏବଂ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ତାଲିକାରୁ ବାଦ୍ ଦିଆଯାଇଛି। ଏହି ୩ ନେତା ଭିନ୍ନଭିନ୍ନ ପ୍ରସଙ୍ଗକୁ ନେଇ କିଛିଦିନ ତଳେ ବିବାଦରେ ରହିଥିଲେ। ମାହାଙ୍ଗା ଡବଲ ମର୍ଡର ପ୍ରସଙ୍ଗରେ ପ୍ରତାପ, ପରୀ ହତ୍ୟାକାଣ୍ଡ ଘଟଣାକୁ ନେଇ ଅରୁଣ ଏବଂ ମମିତା ମେହେର ହତ୍ୟା ଘଟଣାରେ ଦିବ୍ୟଶଙ୍କର ବିବାଦୀୟ ହୋଇଥିଲେ। ଏହିସବୁ ପ୍ରସଙ୍ଗରେ ବିରୋଧୀ ରାଜ୍ୟରେ ପ୍ରବଳ ହଙ୍ଗାମା କରିବା ସହ ଉକ୍ତ ୩ ଜଣଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବାକୁ ଦାବି କରି ଆସୁଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଙ୍କ ୫ମ ପାଳିର ଦ୍ୱିତୀୟ ଥର ମନ୍ତ୍ରିମଣ୍ଡଳରେ ଏମାନଙ୍କୁ ବାଦ୍ ଦେଇ ନୂଆ ମୁହଁକୁ ସ୍ଥାନ ଦେଇଛନ୍ତି। ଅରୁଣ ସାହୁ କୃଷି ଏବଂ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଥିବାବେଳେ ପ୍ରତାପ ଜେନାଙ୍କୁ ପଞ୍ଚାୟତିରାଜ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଦାୟିତ୍ୱରେ ଥିଲେ।


ଅରୁଣ କୁମାର ସାହୁ


ପ୍ରତାପ ଜେନା


ଦିବ୍ୟଶଙ୍କର ମିଶ୍ର

ସେହିପରି ରାଜ୍ୟ ସରକାର ରାଜସ୍ୱ ମନ୍ତ୍ରୀ ଥିବା ସୁଦାମ ମାରାଣ୍ଡିଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରୁ ବାଦ୍ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ କେଶରୀ ଆରୁଖଙ୍କୁ ମନ୍ତ୍ରିମଣ୍ଡଳ ନେଇ ଟେଲିଫୋନ ଯାଇଥିବା କୁହାଯାଉଥିଲେ ମଧ୍ୟ ତାଙ୍କୁ ବାଚସ୍ପତି କରାଯାଇପାରେ ବୋଲି ସୂଚନା ମିଳୁଛି। ଅନ୍ୟପଟେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ପର୍ଯ୍ୟଟନ ମନ୍ତ୍ରୀ ଥିବା ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଥିବା ପ୍ରେମାନନ୍ଦ ନାଏକ, ଜଳ ସମ୍ପଦ ସହ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଥିବା ରଘୁନନ୍ଦନ ଦାସ, ହସ୍ତତନ୍ତ , ବୟନ ଶିଳ୍ପ ମନ୍ତ୍ରୀ ଥିବା ପଦ୍ମିନୀ ଦିଆନଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ତେବେ ପ୍ରକାଶ ପାଇଥିବା ସମ୍ଭାବ୍ୟ ମନ୍ତ୍ରୀ ତାଲିକାରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ କାହାକୁ କରାଯିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। କାରଣ ସେଥିରେ କୌଣସିଆଦିବାସୀନେତାଙ୍କୁସ୍ଥାନମିଳିନାହିଁ। ତେବେ ବାଦ୍ ପଡିଥିବା ମନ୍ତ୍ରୀମାନଙ୍କ ମଧ୍ୟରୁ ରଘୁନନ୍ଦନ, ପଦ୍ମିନୀ ଦିଆନ, ପ୍ରେମାନନ୍ଦ ନାଏକ ଆଦି ନେତାମାନଙ୍କ ଦାୟିତ୍ୱ ତୁଲାଇବାର ଦକ୍ଷତା ନେଇ ଅନେକ ପ୍ରଶ୍ନ ଉଠିବା ପରେ ସେମାନଙ୍କୁ ବାଦ୍ ଦିଆଯାଇଥିବା ଦଳର ଜଣେ ବରିଷ୍ଠ ନେତା ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେବେ ମନ୍ତ୍ରିମଣ୍ଡଳ ତାଲିକାରୁ ବାଦ୍ ପଡିଥିବା କେତେଜଣ ନେତାଙ୍କ କହିବା କଥା ବିଜେଡି ସେମାନଙ୍କୁ ବହୁ ସମୟରେ ଅନେକ ଦାୟିତ୍ୱ ଦେଇଛି। ବର୍ତ୍ତମାନ ଦଳ ଯଦି ଆଉ କାହାକୁ ମନ୍ତ୍ରୀ କରି ସେମାନଙ୍କୁ ସଙ୍ଗଠନ କାମ ଦେଉଛି ତେବେ ସେଥିରେ ଅସୁବିଧା କ'ଣ ବୋଲି ସେମାନେ କହିଛନ୍ତି।

# ସମସ୍ତ ମନ୍ତ୍ରୀଙ୍କ ଇସ୍ତଫା, ଓଡ଼ିଶାରେ ପ୍ରଥମ

ଭୁବନେଶ୍ୱର,୪।୬(ବ୍ୟୁରୋ)

ଓଡ଼ିଶା ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ହେବ। ରବିବାର ନୂଆ ମନ୍ତ୍ରୀମାନେ ଶପଥ ନେବେ। ସେଥିପାଇଁ ସମସ୍ତ ମନ୍ତ୍ରୀ ଶନିବାର ଇସ୍ତଫା ଦେଇଛନ୍ତି। ନୂଆ ମନ୍ତ୍ରିମଣ୍ଡଳରେ ୧୩ଜଣ ନୂଆ ମୁହଁ ସାମିଲ ହେବାକୁ ଥିବାବେଳେ ୮ଜଣ ସେମାନଙ୍କ ମନ୍ତ୍ରୀ ପଦ ବଜାୟ ରଖିବେ ବୋଲି କୁହାଯାଉଛି। ପୂର୍ବରୁ ବହୁବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇଛି। ହେଲେ ତେବେ ଏକ ସଙ୍ଗରେ ସମସ୍ତ ମନ୍ତ୍ରୀ ଇସ୍ତଫା ଦେବା ଓଡ଼ିଶା ରାଜନୀତି ଇତିହାସରେ ପ୍ରଥମ ଘଟଣା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ପରିବର୍ତ୍ତନକୁ ଗୁରୁତ୍ୱ ଦେଇଥାନ୍ତି। ତେଣୁ ସମ୍ଭାବ୍ୟ ନୂଆ ତାଲିକାରେ ୧୩ଜଣ ନୂଆଁ ମୁହଁ ରହିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲ୍ ୧୧ରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍ ମୋହନ ରେଡ୍ଡୀ ତାଙ୍କ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରିଥିଲେ। ସେଥିପାଇଁ ପ୍ରଥମେ ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ୨୫ଜଣିଆ ମନ୍ତ୍ରିମଣ୍ଡଳରେ ୧୩ଜଣ ନୂଆ ମୁହଁ ସାମିଲ ହୋଇଥିବାବେଳେ ୧୧ଜଣ ପୁରୁଣା ମନ୍ତ୍ରୀ ଶପଥ ନେଇଥିଲେ। ୧୩ନୂଆ ମୁହଁ ମଧ୍ୟରେ ଜଗନ୍ ଯୁବ ନେତୃତ୍ୱକୁ ଅଧିକ ଗୁରୁତ୍ୱ ଦେଇଥିଲେ।

# ଭାଜପାରେ ୪ ବରିଷ୍ଠ କଂଗ୍ରେସ ନେତା

## ୨ ପୂର୍ବତନ ଏସ୍‌ଏଡି ବିଧାୟକ ପଦ୍ମ ଧରିଲେ

ଚଣ୍ଡିଗଡ଼,୪।୬

ପଞ୍ଜାବରେ କଂଗ୍ରେସକୁ ବଡ଼ ଝଟ୍‌କା ଲାଗିଛି। ଏହାର ୪ ଜଣ ନେତା ତଥା ପୂର୍ବତନ ମନ୍ତ୍ରୀ ରାଜକୁମାର ଭେର୍କା, ବଲବୀର ସିଂ ସିଦ୍ଧୁ, ସୁନ୍ଦର ଶାମ୍ ଆରୋରା ଏବଂ ଗୁରପ୍ରୀତ ସିଂ କଙ୍ଗାର ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କ ବ୍ୟତୀତ ପୂର୍ବତନ କଂଗ୍ରେସ ବିଧାୟକ କେୱଲ ସିଂ ଧିଲୋଁ, ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ପୂର୍ବତନ ବିଧାୟକ ସରୂପ ଚାନ୍ଦ ସିଙ୍ଗଲା ଏବଂ ମୋହିନ୍ଦର କୌର ଜୋଶ୍ ମଧ୍ୟ ପଦ୍ମ ଧରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ସୋମ୍ ପ୍ରକାଶ, ରାଜ୍ୟ ଭାଜପା ସଭାପତି ଅଶ୍ୱନୀ ଶର୍ମା, ବରିଷ୍ଠ ନେତା ଦୁଷ୍ୟନ୍ତ ଗୌତମ, ତରୁଣ ଚୁଗ୍, ସୁନୀଲ ଜାଖର ଏବଂ ମଞ୍ଜିନ୍ଦର ସିଂ ସିର୍ସା ଉପସ୍ଥିତ ଥିଲେ।


କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ଶେଖାୱତଙ୍କ ଉପସ୍ଥିତିରେ କଂଗ୍ରେସରୁ ଆସି ଭାଜପାରେ ଯୋଗଦେଇଥିବା ନେତାମାନେ।

ବଲବୀର ସିଦ୍ଧୁ ମୋହାଲିରୁ ୩ ଥର ବିଧାୟକ ହେବା ସହ ପୂର୍ବ କଂଗ୍ରେସ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ। ସେହିପରି ଗୁର୍‌ପ୍ରୀତ କଙ୍ଗାର ୩ଥର ବିଧାୟକ ହେବା ସହ ରାଜସ୍ୱ ମନ୍ତ୍ରୀ ହୋଇଥିଲେ। ଭେର୍କା ମାଝା ଅଞ୍ଚଳର ଜଣାଶୁଣା ଦଳିତ ନେତା ଏବଂ ୩ ଥରର ବିଧାୟକ। ସେ ପୂର୍ବ ସରକାରରେ ସାମାଜିକ ନ୍ୟାୟ, ସଶକ୍ତୀକରଣ ଓ ସଂଖ୍ୟାଲଘୁ ବିଭାଗ ମନ୍ତ୍ରୀ ଥିଲେ। ହୋଶିଆରପୁରର ପୂର୍ବତନ ବିଧାୟକ ସୁନ୍ଦର ଶାମ ଆରୋରା ପୂର୍ବ କଂଗ୍ରେସ ସରକାରରେ ବାଣିଜ୍ୟ ମନ୍ତ୍ରୀ ରହିଥିଲେ। ବଲବୀରଙ୍କ ଭାଇ ଅମରଜିତ ସିଂ ସିଦ୍ଧୁ ମଧ୍ୟ ଭାଜପାରେ ଯୋଗ ଦେଇଛନ୍ତି। ସେ ମୋହାଲି ପୌର ନିଗମ ମେୟର ଅଛନ୍ତି।

# ପୁନର୍ଗଠନ ହେବ ନିଗମ, ବୋର୍ଡ | ରଦ୍ଦ ନେଇ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,୪।୬(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକା ସାଙ୍ଗରେ ୨୩ଟି ବିଭାଗ, ନିଗମ ଓ ବୋର୍ଡର ଉପଦେଷ୍ଟା ଏବଂ ଅଧ୍ୟକ୍ଷ ପଦବୀକୁ ରଦ୍ଦ କରିଛନ୍ତି। ଏନେଇ ଶନିବାର ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନ, ରାଜ୍ୟ ବିହନ ନିଗମ, ଆପିକଲ, ଓଡ଼ିଶା ପିସିକଲଚର, କାଜୁ ନିଗମ, ଓଡ଼ିଶା ଗୃହ ନିର୍ମାଣ ନିଗମ, ଓଏସ୍‌ଆଇସି, ଓଟିଡିସି, ଉଠା ଜଳସେଚନ ନିଗମ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ, ଓଡ଼ିଶା ଯୁବ କଲ୍ୟାଣ ବୋର୍ଡ, ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ, ଓଡ଼ିଶା ଖଦି ଓ ଗ୍ରାମ୍ୟ ଉଦ୍ୟୋଗ ବୋର୍ଡ, ଇଟି ଆଣ୍ଡ ଆଇଟି ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ବନ ଉନ୍ନୟନ ନିଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା କୃଷି ମାର୍କେଟିଂ ବୋର୍ଡ, ଓଡ଼ିଶା ଯୋଜନା ବୋର୍ଡ, ମିଶନ ଶକ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଥଇଥାନ ହୋଇଥିବା ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଉପଦେଷ୍ଟାମାନଙ୍କୁ ବାଦ୍ ଦିଆଯାଇଛି। ନିଗମ ଏବଂ ବୋର୍ଡ ଗୁଡ଼ିକରେ ମୁଖ୍ୟମନ୍ତ୍ରୀ ନୂଆ ଚେହେରାଙ୍କୁ ନିଯୁକ୍ତି ଦେବା ନେଇ ଏକପ୍ରକାର ସ୍ପଷ୍ଟ ହୋଇଛି।

# ଚାଲିଛି ମାନସମନ୍ଥନ

## ବ୍ରଜରାଜନଗର ଉପନିର୍ବାଚନ ଫଳାଫଳ ପରେ

**ବ୍ରଜରାଜନଗର,୪।୬(ଡି.ଏନ୍.ଏ.):** ବ୍ରଜରାଜନଗର ଉପନିର୍ବାଚନ ଫଳାଫଳ ଘୋଷଣା ହୋଇସାରିଛି। ଏବେ ବିଜେଡି, ଭାଜପା ଓ କଂଗ୍ରେସ ନିଜ ସମର୍ଥକଙ୍କୁ ନେଇ ମାନସମନ୍ଥନ ଆରମ୍ଭ କରିଦେଇଛନ୍ତି। ବିଶେଷ କରି ବ୍ରଜରାଜନଗର ପୌରାଞ୍ଚଳରେ ବେଶୀ କ୍ଷତି ସହିଥିବା ଭାଜପା ଓ କଂଗ୍ରେସ ଦଳର ପୁରୁଖା କର୍ମୀମାନଙ୍କୁ ନେଇ ଆତ୍ମସମୀକ୍ଷା କରିଛନ୍ତି।

ଭାଜପା ଗତ ପୌର ନିର୍ବାଚନରେ ପୌରାଞ୍ଚଳରେ ୧୩ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲା। ହେଲେ ଏକମାସ ବ୍ୟବଧାନରେ ବ୍ରଜରାଜନଗରବାସୀ ଭାଜପାଠାରୁ ଦୂରେଇଗଲେ। ଚଳିତ ଉପନିର୍ବାଚନରେ ଦଳ ତୃତୀୟ ସ୍ଥାନକୁ ଖସି ପୌରାଞ୍ଚଳରୁ ୬୨୧୮ଖଣ୍ଡ ଭୋଟ ପାଇଛି। ଏହାକୁ ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ହଜମ କରି ନ ପାରି ଇଭିଏମ୍‌ରେ ତ୍ରୁଟି ସହିତ ସରକାରୀ କଳର ଅପବ୍ୟବହାର ବୋଲି ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆଙ୍କୁ ପଚାରିବାରୁ ସେ ଦଳରେ ଥିବା ଗୋଷ୍ଠୀ କନ୍ଦଳକୁ ସ୍ୱୀକାର କରିଛନ୍ତି। ସେହିପରି ଗତ ପୌର ନିର୍ବାଚନରେ କଂଗ୍ରେସ ପୌରାଞ୍ଚଳରୁ ମାତ୍ର ୧୨୫୬ ଭୋଟ ପାଇଥିଲା। ହେଲେ ଚଳିତ ଉପନିର୍ବାଚନରେ ଦଳ ୬୮୫୧ ଭୋଟ ପାଇଛି। ପୌର ନିର୍ବାଚନରେ କଂଗ୍ରେସ କିଶୋର ପଟେଲଙ୍କ ନେତୃତ୍ୱରେ ଲଢ଼ିଥିଲେ ମଧ୍ୟ ସେ ସମୟରେ ଦଳ ସେତେଟା ଆଗ୍ରହ ପ୍ରକାଶ କରି ନ ଥିଲା। ଏବେ କିଶୋର ପଟେଲ ନିଜେ ଲଢ଼ି ରାଜ୍ୟସ୍ତରୀୟ ନେତୃମଣ୍ଡଳୀଙ୍କୁ ଆଣି ସମସ୍ତ ପ୍ରକାର କୌଶଳ ପ୍ରୟୋଗ କରିଥିଲେ। କିଶୋରଙ୍କ କହିବା କଥା, ୨୦୧୪ରେ ଯେଉଁ କର୍ମୀମାନଙ୍କୁ ନେଇ ସେ ଲଢ଼ିଥିଲେ ଚଳିତ ଥର ମଧ୍ୟ ସେମାନଙ୍କ ଉପରେ ଭରସା କଲେ। ଫଳରେ ତାଙ୍କ ବାର୍ତ୍ତା ଭୋଟରଙ୍କ ପାଖରେ ପହଞ୍ଚିପାରିଲା ନାହିଁ ବୋଲି ପ୍ରକାଶ କରିଛନ୍ତି। ଯୁବକଂଗ୍ରେସ ସଭାପତି ଦେବେଶ ପଣ୍ଡା ଆଗାମୀ ୨୦୨୪ ପାଇଁ ଯୁବକମାନଙ୍କୁ ନେଇ ଦଳ ନିର୍ବାଚନ ଲଢ଼ିବ ବୋଲି ପ୍ରକାଶ କରିଛନ୍ତି। ଦଳ ଦୁଇ ନମ୍ବରରୁ କିପରି ଏକ ନମ୍ବର ହେବ ସେଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି ବୋଲି କିଶୋର କହିଛନ୍ତି। ଅନୁରୂପ ଭାବେ ଗତ ପୌର ନିର୍ବାଚନରେ ବିଜେଡି ପୌରାଞ୍ଚଳରୁ ୨୨,୨୪୦ ଭୋଟ ପାଇଥିବାବେଳେ ଉପନିର୍ବାଚନରେ ୨୦,୭୫୭ ଭୋଟ ପାଇଛି। ବିଜେଡି ନଗର ସଭାପତି ରାଧାକାନ୍ତ ପ୍ରଧାନ କହନ୍ତି, ବ୍ରଜରାଜନଗରବାସୀ ବିଜୁ ଜନତା ଦଳ ପ୍ରତି ଆଶୀର୍ବାଦ ପ୍ରଦାନ କରିବା ସହିତ ବିକାଶ ଧାରା ଓ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅଧୁରା କାମ ପୁରା କରିବା ଦାୟିତ୍ୱ ଦେଇଛନ୍ତି। ବ୍ରଜରଜନଗରବାସୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ଧାରା ଉପରେ ବିଶ୍ୱାସ ରଖି ଆଶାଠାରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ କରାଇଛନ୍ତି। ନିର୍ବାଚନ ପରିଚାଳନାରେ ଯାହାକିଛି ଭୁଲ ତ୍ରୁଟି ରହିଛି କର୍ମୀମାନଙ୍କୁ ନେଇ ସେସବୁ ସମାଧାନ କରାଯିବ ବୋଲି ସେ କହିଛନ୍ତି।












## ସଂକ୍ଷେପରେ

### ମଇଁଷିକୁ ନଦୀକୂଳରୁ ଝାମ୍ପିନେଲା କୁମ୍ଭୀର



ଆଳି,୪।୬(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ପ୍ରବାହିତ ନଦୀଗୁଡ଼ିକରେ ଦିନକୁ ଦିନ କୁମ୍ଭୀର ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଅପରାହ୍ନରେ ଗୋଟିଏ ମଇଁଷିକୁ କୁମ୍ଭୀର ଝାମ୍ପିନେଇ ମାରି ଦେଇଥିବା ସୂଚନା ମିଳିଛି। ଆଳି ବ୍ଲକ କୋଳିଡିହ ପଞ୍ଚାୟତ ଇଚ୍ଛାପୁର ଗ୍ରାମ ନିକଟରେ ପ୍ରବାହିତ ଖରସ୍ରୋତା ନଦୀକୂଳରେ ମଇଁଷିଗୁଡ଼ିକ ଚରୁଥିଲେ। ଗୋଟିଏ ମଇଁଷି ନଦୀକୁ ପାଣି ପିଇବାକୁ ଯାଇଥିଲା। ଏହି ସମୟରେ କୁମ୍ଭୀରଟି ମଇଁଷିକୁ ନଦୀଗର୍ଭକୁ ଟାଣି ନେଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଡଙ୍ଗା ନେଇ ନଦୀରେ ଖୋଜାଖୋଜି କରିବା ପରେ ମଇଁଷିକୁ ଉଦ୍ଧାର କରି କୂଳକୁ ଆଣିଥିଲେ। କୁମ୍ଭୀର ଶିକାରରେ ପ୍ରାଣ ହରାଇଥିବା ମଇଁଷିଟି ଇଚ୍ଛାପୁର ଗାଁର ପ୍ରକାଶ ନାୟକଙ୍କର ବୋଲି ଜଣାପଡ଼ିଛି। କିଛିଦିନ ପୂର୍ବେ ନଳପାହି ଗାଁର ଶିବ ପ୍ରସାଦ ବେହେରା କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ। ନଦୀରେ କୁମ୍ଭୀର ଉତ୍ପାତ ଯୋଗୁ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

### ମୂଲ୍ୟବାନ୍ ପଥର ଚୋରା ଚାଲାଣ, ୪ ଗିରଫ

କଳିଙ୍ଗନଗର,୪।୬(ଡି.ଏନ.ଏ.): ମୂଲ୍ୟବାନ ପଥର ଚୋରାଚାଲାଣ ମାମଲାରେ ଦାନଗଦୀ ଫାଣ୍ଡି ପୋଲିସ ଶନିବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପିକଅପ୍ ଭ୍ୟାନ୍ ଚାଳକ ଯାଜପୁର ମଙ୍ଗଳପୁର ଥାନା କାଟିଆ ଛକର ମିର୍ ଅର୍ଶାଦ ଅଲ୍ଲୀ, କଣ୍ଟେନର ଚାଳକ ରାଜସ୍ଥାନର କମଲେସ କୁମାର, ହେଲ୍ପର ବିକ୍ରମ ସିଂହ ଓ ଟ୍ରାନ୍ସପୋର୍ଟର ରାଜସ୍ଥାନର ସନ୍ଦୀପ କୁମାର। ଏନେଇ ଥାନାରେ ନଂ. ୨୯୬/୨୨ରେ ମାମଲା ରୁଜୁ ହୋଇଛି।

ଗତ ୧ ତାରିଖ ରାତିରେ ଦାନଗଦୀ ତ୍ରିଜଙ୍ଗା ବିସ୍ଥାପିତ କଲୋନୀ ପଡ଼ିଆରେ ମୂଲ୍ୟବାନ ପଥର ଏକ କଣ୍ଟେନର ଯୋଗେ ଚୋରା ଚାଲାଣ ହେଉଥିବା ଦାନଗଦି ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁ କୌଣସି ସୂତ୍ରରୁ ଖବର ପାଇଥିଲେ। ପରେ ସେ ଯାଜପୁର ରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପିକଅପ୍ ଭାନ୍ ଓ କଣ୍ଟେନରକୁ ଜବତ କରିଥିଲେ। ଯାଞ୍ଚ ସମୟରେ କଣ୍ଟେନରରେ ମୂଲ୍ୟବାନ ପଥରମହଜୁଦ ଥିବା ପୋଲିସ ଦେଖିବାକୁ ପାଇଥିଲା। ଏହି ପଥର ଧୂଳିଗଡ଼ ଜଙ୍ଗଲରେ ମହଜୁଦ କରି କରାଯାଇଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଗୋଟିଏ ପିକଅପ୍‌ରେ ପଥର ଅଣାଯାଇ କଣ୍ଟେନରରେ ଲୋଡ୍ କରାଯାଉଥିଲା। ଏହି ଘଟଣାରେ ପୋଲିସ ଡ୍ରାଇଭରଙ୍କୁ ଜେରା ପରେ ଲୁଟ୍‌ର ସୁରାକ ପାଇଛି। ଏଥିରେ ଟ୍ରାନ୍ସପୋର୍ଟର ମୁଖ୍ୟ ଅଭିଯୁକ୍ତ ବୋଲି ଅନୁମାନ କରାଯାଉଛି। ତେବେ ଏହି ଘଟଣାରେ ଏକ ର୍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରୁଛି। ଜବତ ପଥରର ମାନ ପରୀକ୍ଷା ପାଇଁ ଡିଡିଏମ ଅଫିସକୁ ପଠାଯାଇଛି।

# ପ୍ରଦୂଷଣ ବଳୟରେ ଜାତୀୟ ଉଦ୍ୟାନ

- ପାଣିରେ ଫ୍ଲୋରାଇଡ୍, ଫସ୍‌ଫେଟ୍‌ର ପରିମାଣ ବଢୁଛି
- ଅନିୟନ୍ତ୍ରିତ ବର୍ଜ୍ୟବସ୍ତୁ ପରିଚାଳନା ଏହାର କାରଣ
- ବିପଦରେ ହେନ୍ତାଳ ବଣ, ବଉଳା କୁମ୍ଭୀର, ଡଲ୍‌ଫିନ

କେନ୍ଦ୍ରାପଡ଼ା ଅଫିସ, ୪।୬

କେନ୍ଦ୍ରାପଡ଼ା ଜିଲାର ଭିତରକନିକା ବିବିଧ ସମ୍ପଦରେ ଭରପୂର। ଗବେଷକ ଓ ପର୍ଯ୍ୟଟକମାନଙ୍କୁ ସବୁବେଳେ ରଙ୍ଗବେରଙ୍ଗର ପକ୍ଷୀ, ବିରଳ ସାମୁଦ୍ରିକ କଇଁଛ, ଡଲ୍‌ଫିନ, ବଉଳା କୁମ୍ଭୀର, ଲୁଣା ଜଙ୍ଗଲ, ଔଷଧୀୟ ଗୁଳ୍ମ ଓ ସାମୁଦ୍ରିକ ପ୍ରାଣୀ ସର୍ବଦା ଆକୃଷ୍ଟ କରୁଛନ୍ତି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀ ଓ ସମୁଦ୍ର ତଟାଞ୍ଚଳରେ ସୃଷ୍ଟି ହୋଇଥିବା ଏହି ଜାତୀୟ ଉଦ୍ୟାନ ପ୍ରାକୃତିକ ପରିବେଶ ଓ ଜୈବବିବିଧତା ପାଇଁ ପ୍ରସିଦ୍ଧି ଲାଭ କରିଛି। ଏଠାରେ ୬୭ ପ୍ରକାର ହେନ୍ତାଳ ଗଛ ଥିବାବେଳେ ୨୧୫ ପ୍ରକାରର ଜୀବଜନ୍ତୁ ବାସ କରୁଛନ୍ତି।

୨୦୧୬ ମସିହାରେ ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦେବା ପାଇଁ ୟୁନେସ୍କୋ ପକ୍ଷରୁ ଏକ ସର୍ଭେ ହୋଇଥିଲା। ଏଥିରେ ଭିତରକନିକା ସୀମା ସରହଦ ମଧ୍ୟରେ ବାଂଲାଦେଶୀ ଶରଣାର୍ଥୀଙ୍କ ବସବାସ, ହେନ୍ତାଳ ବଣ ନଷ୍ଟ କରାଯାଇ ଚିଙ୍ଗୁଡ଼ି ଚାଷ କରାଯିବା ଆଦି କାରଣ ପାଇଁ ଏହି ତାଲିକାରୁ ବାଦ୍ ପଡିଥିଲା। ସାମ୍ପ୍ରତିକ ସମୟରେ ଜଳ ପ୍ରଦୂଷଣ ଜଙ୍ଗଲ ପରିବେଶ ନଷ୍ଟ କରିବା ସହ ସାମୁଦ୍ରିକ ଜୀବ ପ୍ରତି ବିପଦ ସୃଷ୍ଟି କରିଛି। ନଦୀନାଳ ଜଳରେ ଫ୍ଲୋରାଇଡ୍, ଫସ୍‌ଫେଟ୍, ନାଇଟ୍ରେଟ୍, ଆଇରନ୍ ମାତ୍ରାଧିକ ଅଂଶ କୁମ୍ଭୀର, ଡଲ୍‌ଫିନ, ଅଲିଭ ରିଡ୍‌ଲେ ଆଦି ସଂରକ୍ଷିତ ସାମୁଦ୍ରିକ ଜୀବ ସହ ବନ୍ୟ ପ୍ରାଣୀଙ୍କ ପାଇଁ ବିପଦର କାରଣ ହୋଇଛି। ଫଳରେ ବିଭିନ୍ନ ସମୟରେ ହୋଇଥିବା ସର୍ଭେ ରିପୋର୍ଟରେ ପ୍ରଦୂଷଣ ରୋକିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ୨୦୧୭ରେ ଏକ ସର୍ଭେ କରିଥିଲା। ଏଠାରେ ଭୂତଳ ଜଳରେ ନାଇଟ୍ରେଟ୍, ଆଇରନ୍ ଓ ଫ୍ଲୋରାଇଡ୍ ପରିମାଣ ସାଧାରଣ ଜଳଠାରୁ ଢେର୍ ଅଧିକ ରହିଛି, ଯାହା ଭିତରକନିକାର ଜୈବବିବିଧତାକୁ ନଷ୍ଟ କରିବା ପାଇଁ ଯଥେଷ୍ଟ। ଭୂତଳ ଜଳକୁ ରିଚାର୍ଜ ପାଇଁ ନଦୀ, ଶାଖା ନଦୀ ଓ ଅନ୍ୟ ଜଳ ଉତ୍ସର ବ୍ୟବହାର ଲାଗି ଏହି ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି। ୨୦୧୪ରେ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବାୟୋ ଟେକ୍ନୋଲୋଜି ବିଭାଗର ବି.ସି. ବେହେରା, ଭୁବନେଶ୍ୱରସ୍ଥ ଏମ୍ଆଇଟିଏସ୍ ସ୍କୁଲ ଅଫ୍ ବାୟୋ ଟେକ୍ନୋଲୋଜିର ଆର୍. ଆର୍. ମିଶ୍ର, କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଏଚ୍.ଏନ୍. ଥାଟୋଇ, ବାଙ୍ଗାଲୋରସ୍ଥିତ ଆଇଆରଏସ୍‌ର ଏସ୍.କେ. ଦତ୍ତା, ରାଉରକେଲାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଜେ.କେ. ପାତ୍ର ପ୍ରମୁଖ ଭିତରକନିକାର ମହାନଦୀ ଡେଲ୍‌ଟା ଅଞ୍ଚଳ ଓ ଭିତରକନିକା ଅଞ୍ଚଳକୁ ସର୍ବେକ୍ଷଣ କରିଥିଲେ। ସେମାନଙ୍କ ରିପୋର୍ଟ ଅନୁଯାୟୀ, ଏହି ଅଞ୍ଚଳର ଜଳ ପରୀକ୍ଷା ସମୟରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ପରିମାଣ ବୃଦ୍ଧି ପାଇଁ ଏକପ୍ରକାର ଜହର ପାଲଟିଛି। ସାଧାରଣ ପିଇବା ପାଣିରେ ଲିଟର ପ୍ରତି ୨୫୦ରୁ ୧୦୦୦ ମିଲିଗ୍ରାମ୍ କ୍ଲୋରାଇଡ୍ ରହିବା କଥା କିନ୍ତୁ ଏହି ଅଞ୍ଚଳ ପାଣିରେ ୪,୩୮୯ରୁ ୧୨,୫୭୫ ମିଲିଗ୍ରାମ୍ କ୍ଲୋରାଇଡ୍ ରହୁଛି। ସେହିପରି ଫସ୍‌ଫେଟ୍ ପରିମାଣ ଅହେତୁକ ବୃଦ୍ଧି ପାଇଛି। କ୍ୟାଲ୍‌ସିୟମ ପରିମାଣ ବିଭିନ୍ନ ସ୍ଥାନରେ ବଦଳୁଛି। ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀଜଳକୁ ବିଷାକ୍ତ କରୁଥିବା ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହି ଜଳ ଜାତୀୟ ଉଦ୍ୟାନର ଜୈବବିବିଧତା ପ୍ରତି ବିପଦ ସୃଷ୍ଟି କରିଥିବା ବେଳେ ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ପ୍ରଦୂଷଣ ପାଇଁ ମୃତ୍ୟୁମୁଖରେ ପଡୁଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଜଳ ପ୍ରଦୂଷଣକୁ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ଅନୁଧ୍ୟାନ ପରେ ଏହାର ସମାଧାନ ପ୍ରତି ଦୃଷ୍ଟି ଦିଆଯିବ।



ପେଣ୍ଠାରେ ଏକ ଡଲଫିନ୍ ମରି ପଡିଛି। (ଫାଇଲ ଫଟୋ)

## ଅରଡ଼ପଲ୍ଲୀ ଡିଲରଙ୍କ ପ୍ରତି ହିତାଧିକାରୀଙ୍କ ଅସନ୍ତୋଷ

କେନ୍ଦ୍ରାପଡ଼ା ଅଫିସ, ୪।୬

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅରଡ଼ପଲ୍ଲୀ କଣ୍ଟ୍ରୋଲ ଡିଲରଙ୍କ ପ୍ରତି ହିତାଧିକାରୀଙ୍କ ଅସନ୍ତୋଷ ବଢୁଛି। ତାଙ୍କ ବିରୋଧରେ ହିତାଧିକାରୀମାନେ ବହୁ ଅଭିଯୋଗ ଆଣି ଉପଜିଲାପାଳଙ୍କୁ ଶନିବାର ଏକ ଅଭିଯୋଗପତ୍ର ଦେଇଛନ୍ତି। ଏ ସମ୍ପର୍କରେ ହିତାଧିକାରୀ ଶ୍ରୀମନ୍ତ ଦାସ କହିଛନ୍ତି, ସମ୍ପୃକ୍ତ ଡିଲରଙ୍କ ହିତାଧିକାରୀଙ୍କ ପ୍ରତି ବ୍ୟବହାର ଅତ୍ୟନ୍ତ ରୁକ୍ଷ ହେଉଛି। ସାମଗ୍ରୀ ଯୋଗାଣ ସମ୍ପର୍କରେ କୌଣସି ତ୍ରୁଟି ଦେଖାଇଲେ ହିତାଧିକାରୀ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଓଜନରେ କମ୍ ଦେବାଠାରୁ ଆରମ୍ଭକରି ଅନିୟମିତତା ପ୍ରକାଶ ଏକ ସ୍ୱାଭାବିକ ଘଟଣା ହୋଇଛି। ଏହାକୁ ନେଇ ୨୦୦ରୁ ଅଧିକ ହିତାଧିକାରୀ ଗତ ଏପ୍ରିଲ ମାସରେ ସିଏସ୍ଓ, ଉପଜିଲାପାଳ, ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ନିକଟକୁ ଲିଖିତ ଅଭିଯୋଗ ପଠାଇଛନ୍ତି। ତୁରନ୍ତ ଏହି ଡିଲରଙ୍କୁ ବାହାର କରି ଅନ୍ୟ ଡିଲରଙ୍କୁ ନିଯୁକ୍ତି ଦେବାକୁ ଦାବି ଥିବା ସେ ଦର୍ଶାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ୨୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପସ୍ଥିତ ଥିଲେ।

# ପାଇପ୍ ଲାଇନ୍ ନିୟନ୍ତ୍ରଣ କକ୍ଷ ସମ୍ମୁଖରେ ବିକ୍ଷୋଭ




ନନ୍ତାରସ୍ଥିତ ପାଇପ୍ ଲାଇନ୍ ନିୟନ୍ତ୍ରଣ କକ୍ଷ ଫାଟକ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଶ୍ରମିକଙ୍କୁ ମିଳୁନି ମଜୁରି

ମହାକାଳପଡ଼ା, ୪।୬ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଅଧୀନ ବାରଡ଼ାଙ୍ଗ ପଞ୍ଚାୟତ ନନ୍ତାରସ୍ଥିତ ପାରାଦୀପ-ହଳଦିଆ ପାଇପ୍ ଲାଇନ୍ ନିୟନ୍ତ୍ରଣ କକ୍ଷ ଫାଟକ ସମ୍ମୁଖରେ ଶନିବାର ଶ୍ରମିକମାନେ ମଜୁରି ଦାବିରେ ଧାରଣା ଦେଇଛନ୍ତି। ପାଇପ୍ ଲାଇନ୍‌ର ଉଚ୍ଚମାତ୍ରାରେ ଜ୍ୱଳନୀୟ କ୍ଷେତ୍ର ପିଏଚ୍ ଡିପିଏଲ ଏସ୍‌ଭି-୨ କାର୍ଯ୍ୟାଳୟ (ଇଣ୍ଡିଆନ୍ ଅଏଲ କର୍ପୋରେଶନ ଲିମିଟେଡ୍) ନିୟନ୍ତ୍ରଣ କକ୍ଷ ଫାଟକ ସମ୍ମୁଖରେ କାର୍ଯ୍ୟରତ ଶ୍ରମିକମାନେ ମଜୁରି ଦାବିରେ ବିକ୍ଷୋଭ କରିଛନ୍ତି। ସେମାନେ ପାଉଣା ନ ପାଇବାରୁ ପୂର୍ବାହ୍ନରେ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମିଳିଥିବା ସୂଚନା ଅନୁସାରେ, ବ୍ଲକର ନନ୍ତାର ଗ୍ରାମ ଦଳିତସାହିର ୪୦ରୁ ଅଧିକ ଶ୍ରମିକ ପାରାଦୀପଠାରେ ପାଇପ୍ ଲାଇନ୍ ଲିକେଜ୍ ସ୍ଥାନରେ କାର୍ଯ୍ୟ କରିଥିଲେ। ହେଲେ ସପ୍ତାହେ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ବକେୟା ମଜୁରି ମିଳିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଶ୍ରମିକମାନେ ହେଲେ ରତନା ମଲିକ, ନିରଞ୍ଜନ ମଲିକ, ମିଥୁନ ମଲିକ, ଛବି ମଲିକ, ସମୀର କୁମାର ମଲିକ, ଶଙ୍କର ମଲିକ, ଅଭୟ ମଲିକ, ଧନୀ ମଲିକ, ପ୍ରଭାକର ମଲିକ ପ୍ରମୁଖ। ପଟ୍ଟାମୁଣ୍ଡାଇ ଅଞ୍ଚଳର ଠିକାଦାର ଜଣକ ଦୈନିକ ୭୦୦ ଟଙ୍କା ମଜୁରି କହି ଆମମାନଙ୍କୁ କାମକୁ ନେଇ ରାତି ଦିନ ମିଶି ୬ ଦିନ ଖଟାଇଥିଲେ। ହେଲେ ଠିକାଦାର ଜଣକ କେଉଁଆଡ଼େ ପଳାଇଛନ୍ତି। ମଜୁରି ମାଗିଲେ ଧମକ ଦିଆଯାଉଥିବା ଶ୍ରମିକମାନେ କହିଛନ୍ତି।

## କୋଭିଡ୍ ଟିକାକରଣ ତ୍ୱରାନ୍ୱିତ ପାଇଁ ୱେବ୍‌ନାର

କେନ୍ଦ୍ରାପଡ଼ା ଅଫିସ, ୪।୬

ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ୟୁନିସେଫ୍ ଓଡ଼ିଶା ପକ୍ଷରୁ କୋଭିଡ୍ ଟିକାକରଣ ପାଇଁ ଏକ ୱେବ୍‌ନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ୍ ଓଡ଼ିଶାର ଡା. ଅନିଲ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ୱେବ୍‌ନାରରେ ଶିଶୁଙ୍କ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ରାଜ୍ୟ ଟିକାକରଣ ଯୁଗ୍ମ ନିର୍ଦ୍ଦେଶିକା ଡା. ପ୍ରତିଭା ପ୍ରଧାନ, ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଆର୍ଆଇ ଡା. ଶଶିଭୂଷଣ ପଣ୍ଡା, କେନ୍ଦୁଝର କୋଭିଡ ଟିକାକରଣ ନୋଡାଲ ଅଧିକାରୀ ଡା. ପ୍ରଣତି ନାୟକ, କେନ୍ଦ୍ରାପଡ଼ା ଏଡିଏମ୍ଓ ଡା. ସଚ୍ଚିଦାନନ୍ଦ ମିଶ୍ର, ଝାରସୁଗୁଡ଼ାର ନୋଡାଲ ଅଧିକାରୀ ଡା. ସୁପ୍ରଭା ବାରିକ ଯୋଗଦେଇଥିଲେ। ନୋଡାଲ ଅଧିକାରୀମାନେ କୋଭିଡ୍ ଟିକାକରଣର ସଫଳତା ହାର ପ୍ରକାଶ ସହ ହର୍ ଘର୍ ଦସ୍ତକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ମତ ରଖିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ଟିକାକରଣ ଯୋଗୁ ବିଭିନ୍ନ ସମୟରେ ହେଉଥିବା ରୋଗକୁ ସମ୍ପୂର୍ଣ୍ଣ ଲୋପ କରାଯାଇପାରିଛି।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ଡେରାବିଶ, ୪।୬(ସ୍ୱ.ପ୍ର.)

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗାଁର ବଟମହାପୁରୁଷଙ୍କ ପୀଠରେ ଆସନ୍ତା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବଟମହାପୁରୁଷ ଗ୍ରାମ କମିଟିର ଉପସଭାପତି ବଟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚଳିତବର୍ଷ ରଥଯାତ୍ରାରେ ବାଜା, ବାଣ, ସଂକୀର୍ତ୍ତନ ମଣ୍ଡଳୀ ଏବଂ ଘଣ୍ଟୁଆ ଦଳର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ନବଦିନ ବ୍ୟାପୀ ଯାତ୍ରାରେ ଉକ୍ତ ପୀଠର ଆଡ଼ପମଣ୍ଡପ ଭୋଗ ଇଚ୍ଛୁକ ଶ୍ରଦ୍ଧାଳୁ ପ୍ରତ୍ୟେକ ଦିନ ପାଳି ନେଇ ପାରିବେ। ସେହିପରି ଯାତ୍ରାର ଯଥେଷ୍ଟ ପୂର୍ବରୁ ରଥଦାଣ୍ଡକୁ ଅବରୋଧମୁକ୍ତ କରି ପ୍ରଶସ୍ତ ଓ ସମତଳ କରିବାକୁ ପଦକ୍ଷେପ ନେବାକୁ କର୍ମକର୍ତ୍ତା ମଣ୍ଡଳୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରଥଯାତ୍ରାରେ ଖର୍ଚ୍ଚ ହେଉଥିବା ଅର୍ଥ ସଂଗ୍ରହ ପାଇଁ ଗ୍ରାମବାସୀ ତଥା ବ୍ୟକ୍ତିବିଶେଷଙ୍କର ସ୍ୱଇଚ୍ଛାରେ ଦାନ ଗ୍ରହଣ କରାଯିବ। ବୈଠକରେ କମିଟିର ଉପସଭାପତି ନିରଞ୍ଜନ ରାଉଳ, ସହସମ୍ପାଦକ ସୁଧାସାଗରିକା ମହାନ୍ତି, ସଙ୍ଗଠନ ସମ୍ପାଦକ ପରେଶ କୁମାର ଦାସ, ସଭ୍ୟ ଚନ୍ଦ୍ରମଣି ଦାସ, ନିରୋଜ ସାହୁ, ଇନ୍ଦ୍ରମଣି ଦାସ, ସତ୍ୟଜିତ୍ ମହାନ୍ତି, ସୌମେନ୍ଦ୍ର ସାହୁ, ଚିରଞ୍ଜୀବୀ ମହାନ୍ତି, ପ୍ରଶାନ୍ତ ସେଠୀ, ଅକ୍ଷୟ ରାଉଳ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ସାତଦଶନ୍ଧି ପୂର୍ବରୁ ସ୍ଥାନୀୟ ଡାବଳ ଗ୍ରାମରେ ଥିବା ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ମଠରେ ପୂଜା ପାଉଥିବା ଶ୍ରୀ ଶ୍ରୀପତିତପାବନ ଜୀଉଙ୍କୁ ରଥାରୁଢ଼ କରାଯାଇ ବଟମହାପୁରୁଷଙ୍କ ପୀଠକୁ ଅଣାଯାଇଥାଏ। ଏହି ପୀଠକୁ ଶ୍ରୀଜୀଉଙ୍କ ଜନ୍ମବେଦୀ ଭାବେ ଗ୍ରହଣ କରାଯାଇଛି।

## ନଦୀକୂଳ ଗ୍ରାମବାସୀଙ୍କୁ ସଚେତନ କଲା ବନ ବିଭାଗ



ତାର ବାଡ ଗାଧୁଆ ତୁଠ ବ୍ୟବହାର କରିବାକୁ ବନ ବିଭାଗ ଲୋକଙ୍କୁ ସଚେତନ କରାଉଛି।

ରାଜନଗର, ୪।୬ (ଡି.ଏନ୍.ଏ.)

ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ଅନ୍ତୁଡ଼ିଶାଳ। ଭିତରକନିକାରେ ବଉଳା କୁମ୍ଭୀରଙ୍କ ବଂଶ ବୃଦ୍ଧି ଯୋଗୁ କୁମ୍ଭୀରଗୁଡ଼ିକ ଭିତରକନିକାର ବାହାରେ ଥିବା ନଦୀନାଳକୁ ଚାଲିଆସୁଛନ୍ତି। ନଦୀକୂଳିଆ ଗ୍ରାମବାସୀ ନଦୀ ଉପରେ ନିର୍ଭରଶୀଳ ଥିବାରୁ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି। ବିଶେଷକରି ପ୍ରଜନନ ଋତୁ ସମୟରେ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଥାନ୍ତି। ଏପରି କି ନିରାପଦ ସ୍ଥାନରେ ବସାବାନ୍ଧି ଅଣ୍ଡା ଦେବାକୁ ଚାଲିଆସନ୍ତି। କିପରି କୁମ୍ଭୀର ଆକ୍ରମଣରୁ ଅଞ୍ଚଳବାସୀ ନିଜକୁ ସୁରକ୍ଷିତ ରଖିବେ, ସେଥିଲାଗି ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ବିଭିନ୍ନ ସ୍ଥାନ ବିଶେଷକରି ନଈକୂଳିଆ ଗାଁଗୁଡ଼ିକରେ ବନ ବିଭାଗ ପକ୍ଷରୁ ପ୍ରାଚୀର ପତ୍ର ମରାଯାଇଛି। ନଦୀକୂଳକୁ ନ ଯିବାକୁ ଲୋକଙ୍କୁ ସଚେତନ କରାଯାଉଛି। ବନ ବିଭାଗ ପକ୍ଷରୁ ହୋଇଥିବା ଗାଧୁଆ ତୁଠ ଛଡ଼ା ଅନ୍ୟ କେଉଁଠି ନ ଗାଧୋଇବାକୁ ବିଭାଗ ପକ୍ଷରୁ ଲୋକଙ୍କୁ ବୁଝାଯାଉଛି। ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ଏ ନେଇ ସଚେତନ କରାଯାଉଛି। ଗତ ୨ ସପ୍ତାହ ହେଲା ବନ ବିଭାଗ ପକ୍ଷରୁ କନିକା ଓ ରାଜନଗର ରେଞ୍ଜ୍‌ର ନଦୀକୂଳିଆ ଗାଁଗୁଡ଼ିକରେ କୁମ୍ଭୀର ସଚେତନତା କାର୍ଯ୍ୟକ୍ରମକୁ ଜୋର୍‌ଦାର କରାଯାଇଛି। ରାଜନଗର ବ୍ଲକ ମହୁଲିଆ ଓ ଚାନ୍ଦିବାଉଁଶମୂଳ ପଞ୍ଚାୟତରେ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ରେଞ୍ଜ୍‌ର ନୂତନ ରେଞ୍ଜ୍ ଅଫିସର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ତ୍ରିଦୀପ କୁମାର ପ୍ରଧାନ, ରଞ୍ଜନ କୁମାର ପାଢ଼ୀ, ମହୁଲିଆ ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ସରୋଜ କୁମାର ରାଉତ, ସାମାଜିକ କର୍ମୀ ତଥା ଅଧ୍ୟାପିକା ଭଗବତୀ ରାଉତ ପ୍ରମୁଖ ଅଂଶଗ୍ରହଣ କରି ଲୋକମାନଙ୍କୁ ସଚେତନ କରିଛନ୍ତି। ବନ ବିଭାଗ ପକ୍ଷରୁ ପ୍ରାଚୀର ପତ୍ର ମରାଯିବା ଓ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ସହ ଏହି ୨ ପଞ୍ଚାୟତର ଦକ୍ଷିଣ ଭେଡ଼ାରେ ୨ଟି ଓ ଝାରପଡ଼ାରେ ଗୋଟିଏ ଗାଧୁଆତୁଠ ନିର୍ମାଣ କରାଯାଉଛି।

# ବିଦ୍ୟାପୀଠକୁ ପୋଷ୍ୟ ଭାବେ ଗ୍ରହଣ କଲେ ଚକ୍ରଧର

ଆଳି, ୪।୬(ଡି.ଏନ୍.ଏ.)

ଆଳି କଳଦିଆ ଗାଁର ଚକ୍ରଧର ଦାଶ କେଶବାନନ୍ଦ ବାଳିକା ବିଦ୍ୟାପୀଠକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବଡ଼ାମ୍ବିଲା ପଞ୍ଚାୟତ ଅଧୀନ କଳଦିଆ ଗାଁର ଦାଶ ରିଜର୍ଭ ବ୍ୟାଙ୍କ ଚାକିରିରୁ ଅବସର ନେବା ପରେ ପ୍ରଥମେ କୋଭିଡ୍ ମହାମାରୀ ସମୟରେ ଅସହାୟମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ। ଏବେ ସେ ତାଙ୍କ ବଡ଼ଭାଇଙ୍କ ନାମରେ ଥିବା କେଶବାନନ୍ଦ ବାଳିକା ବିଦ୍ୟାପୀଠକୁ ସରକାରଙ୍କ ମୋ ସ୍କୁଲ ଅଭିଯାନ ଯୋଜନା ଅନୁଯାୟୀ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଶନିବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ପ୍ରଦ୍ୟୁମ୍ନ ଦାଶ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଗୋବିନ୍ଦ ନନ୍ଦ, ଶିକ୍ଷାବିତ୍ ମଧୁସୂଦନ ଦାସ, ପ୍ରମୋଦ ମଲିକ, ନମୋଜା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଭାତ ଦାସ, ଶିକ୍ଷାବିତ୍ ବିରଞ୍ଚି ନାରାୟଣ ମହାପାତ୍ର, ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଦାଶଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ପ୍ରଶଂସା କରିବା ସହ ତାଙ୍କର ଏହି କାର୍ଯ୍ୟ ପ୍ରତି ଅନ୍ୟମାନେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ବିଦ୍ୟାପୀଠର ଭିତ୍ତିଭୂମି ସଜଡ଼ାଯିବା ସହ କିପରି ଅଧିକ ସଂଖ୍ୟକ ଛାତ୍ରୀ ଆସିବେ ସେଥିପ୍ରତି ସମସ୍ତ ସଦସ୍ୟ ସଚେତନ ହେବା ଆବଶ୍ୟକ। ନଚେତ୍ ସରକାରଙ୍କ ନିୟମାନୁଯାୟୀ ବିଦ୍ୟାଳୟ ଛାତ୍ରୀସଂଖ୍ୟା କମିଲେ ଆଗାମୀ ଦିନରେ ଏହାକୁ ଅନ୍ୟ ବିଦ୍ୟାଳୟ ପରି ବନ୍ଦ କରାଯିବ। ବର୍ତ୍ତମାନ ଡିଜିଟାଲ ଶିକ୍ଷାଦାନ ପ୍ରତି ସରକାର ସଚେତନ କରାଉଛନ୍ତି। ଏଠାରେ ଆଗାମୀ ଦିନରେ ଡିଜିଟାଲ ଶିକ୍ଷାଦାନ ବ୍ୟବସ୍ଥା ହୋଇପାରିବ। କିନ୍ତୁ ଏଥିପାଇଁ ଅଭିଭାବକମାନେ ସଚେତନ ହୋଇ ବିଦ୍ୟାଳୟର ଛାତ୍ରୀ ସଂଖ୍ୟା ବୃଦ୍ଧି କରିବା ଦରକାର ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟକୁ ଆଗାମୀ ଦିନରେ ୫-ଟିରେ ରୂପାନ୍ତରଣ କରିବାକୁ ଦାବି ଉଠିଥିଲା। ଏହି ଅବସରରେ ଦାଶ ତାଙ୍କ ବକ୍ତବ୍ୟରେ କହିଛନ୍ତି, ସରକାର ମୋ ସ୍କୁଲ ଅଭିଯାନ ଯୋଜନା ଆରମ୍ଭ କରିବା ପରେ ସେ ଏହି ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ନିମନ୍ତେ ପୋଷ୍ୟ ସ୍କୁଲ ଭାବେ ଏହାକୁ ଗ୍ରହଣ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବୀରେନ୍ଦ୍ର ପଣ୍ଡା, ଭରତ ଚନ୍ଦ୍ର ସେଠୀ, ବୃନ୍ଦାବନ ପଣ୍ଡା, ସଚିଦାନନ୍ଦ ସାହୁ, ଅକ୍ଷୟ ଦାସ, ବୀରକିଶୋର ଦାସ, କ୍ଷୀରୋଦ ମହାନ୍ତି ପ୍ରମୁଖଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶଶିରେଖା ଆଚାର୍ଯ୍ୟ ପରିଚୟ ପ୍ରଦାନ କରିଥିବା ବେଳେ ସୁରଚିତା ଜେନା ଧନ୍ୟବାଦ ଦେଇଥିଲେ।



ବିଦ୍ୟାଳୟର ଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ, ଅନ୍ୟମାନଙ୍କ ସହ ଚକ୍ରଧର।

# ୨ ସେବା ସମବାୟ ସମିତି ଆଗରେ ଧାରଣା

ରାଜନଗର, ୪।୬(ଡି.ଏନ୍.ଏ.)

ପ୍ରଥମ ପର୍ଯ୍ୟାୟ ସମବାୟ ନିର୍ବାଚନ ପାଇଁ ୩୦ ତାରିଖରେ ନାମାଙ୍କନପତ୍ର ଦାଖଲ ହୋଇଥିଲା। ୭ଟି ସେବା ସମବାୟ ସମିତିର ୧୦୫ ନିର୍ଦ୍ଦେଶକ ପଦ ପାଇଁ ୧୯୯ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଜୁନ୍ ୧ରେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନଙ୍କ ଦ୍ୱାରା ମନୋନୟନ ପତ୍ର ତନଖି ଓ ଲିଖିତ ଅଭିଯୋଗ ଦାଖଲ, ୨ ତାରିଖରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ମନୋନୟନ ପତ୍ର ଯାଞ୍ଚ, ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି ପରେ ଶନିବାର ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀମାନେ ନାମାଙ୍କନପତ୍ର ଯାଞ୍ଚ କରିବା ପରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ନୋଟିସ ବୋର୍ଡରେ ମାରିଛନ୍ତି। ମାତ୍ର ନିର୍ବାଚନ ଅଧିକାରୀମାନେ ଏହି ତାଲିକା ମାରିବା ପରେ କେତେଗୋଟି ସେବା ସମବାୟ ସମିତିରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଓସ୍ତିଆ ଓ ବାଲିସାହିପାଟଣା ସେବା ସମବାୟ ସମିତି ଆଗରେ ସଦସ୍ୟମାନେ ଧାରଣା ଦେଇଛନ୍ତି।

ସୂଚନା ମୁତାବକ, ନାମାଙ୍କନ ତନଖି ପରେ ବାଲିସାହିପାଟଣା ସେବା ସମବାୟ ସମିତିର ଅଲେଖ ପ୍ରସାଦ ରାଉତ, ପ୍ରଫୁଲ୍ଲ ପ୍ରସାଦ ଭୂୟାଁ, କୁନ୍ତଳା ରାଉତ, ଜଳଧର ସାହୁ, ରତ୍ନାକର ପ୍ରଧାନ, ଅର୍ଜୁନ ରାଉତଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ବେଳେ ଓସ୍ତିଆ ସେବା ସମବାୟ ସମିତିର କେଶବ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଦିବାକର ରାଉତ, ଉପେନ୍ଦ୍ର ସ୍ୱାଇଁ, ଗୌରାଙ୍ଗ ଦାସଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ସେହିପରି ତାଳଚୁଆ ସେବା ସମବାୟ ସମିତିର ଶରତ ଚନ୍ଦ୍ର ଦାସ, ତାପସ ମାଇତି, ବିପ୍ଲବଜିତ୍ ମଣ୍ଡଳ, ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିର ସୁରେନ୍ଦ୍ର ଜେନା, ଅନନ୍ତ ଚରଣ ସାହାଣୀ ଓ ବଡ଼ନାଉକୋଣା ସେବା ସମବାୟ ସମିତିର କାଙ୍ଗାଳି ଚରଣ ରାଉତଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ବାଲିସାହିପାଟଣା ଓ ଓସ୍ତିଆ ସେବା ସମବାୟ ସମିତିର ସର୍ବାଧିକ ନାମାଙ୍କନପତ୍ର ନାକଚ ହୋଇଥିବାରୁ ଏହି ୨ଟି ସେବା ସମବାୟ ସମିତିରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଲିସାହିପାଟଣା ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ବର୍ତ୍ତମାନର ସରପଞ୍ଚ ତଥା ପୂର୍ବତନ ସେବା ସମବାୟ ସମିତି ସଭାପତି କୈଳାସ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ୧୦ଜଣ ଧାରଣାରେ ବସିରହିଥିବା ବେଳେ ଓସ୍ତିଆ ସେବା ସମବାୟ କାର୍ଯ୍ୟାଳୟ ଆଗରେ ଗାନ୍ଧୀଙ୍କ ଫଟୋ ରଖି ୬ ଜଣ ଧାରଣାରେ ବସିଛନ୍ତି। ସେମାନଙ୍କ ଦାବି ହେଲା, ନିର୍ବାଚନ ଅଧିକାରୀ ମନମୁଖି ଭାବେ ଆମ ପ୍ରାର୍ଥିପତ୍ରଗୁଡିକୁ ନାକଚ କରିଦେଇଛନ୍ତି। ନିର୍ବାଚନ ଅଧିକାରୀ ଶନିବାର ଅଫିସ୍ ବୋର୍ଡରେ ନୋଟିସ ମାରି ପଳାଇଛନ୍ତି। ଆମ ପ୍ରାର୍ଥିପତ୍ର କାହିଁକି ନାକଚ କରାଗଲା, ସେନେଇ ସ୍ପଷ୍ଟ ଭାବେ ଉତ୍ତର ନ ଦେବା ଯାଏ ଆମେ ଧାରଣାରେ ବସିବୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଓସ୍ତିଆ ସେବା ସମବାୟ ସମିତିର ନିର୍ବାଚନ ଅଧିକାରୀ ବିଜୟ କୁମାର ସେଠୀଙ୍କୁ ପଚାରିବାରୁ ଯେଉଁମାନଙ୍କର ନାମାଙ୍କନ ପତ୍ର ନାକଚ କରାଯାଇଛି, ସେମାନଙ୍କ ନାମାଙ୍କନପତ୍ର ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇ ନ ଥିଲା। ସମବାୟ ନିର୍ବାଚନ ଆଇନ ଅନୁସାରେ ସେଗୁଡ଼ିକ ନାକଚ କରାଯାଇଛି ବୋଲି କହିଛନ୍ତି। ରବିବାର ଏହି ୭ଟି ସେବା ସମବାୟ ସମିତିର ମନୋନୟନ ପତ୍ର ପ୍ରତ୍ୟାହାର ପାଇଁ ସମୟସୀମା ରହିଛି। ୬ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ଓ ୧୯ ତାରିଖରେ ଭୋଟ ଗ୍ରହଣ ଏବଂ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ।



ଓସ୍ତିଆ ସେବା ସମବାୟ ସମିତି ଆଗରେ ସଭ୍ୟଙ୍କ ଧାରଣା।

# ବିକଶିତ ପଞ୍ଚାୟତ ସମିତି ଗଠନ ଲକ୍ଷ୍ୟ




ମାର୍ଶାଘାଇ ପଞ୍ଚାୟତ ସମିତି ପ୍ରଥମ ବୈଠକରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ମାର୍ଶାଘାଇ, ୪ା୬(ଡି.ଏନ.ଏ.)

ଏକ ବିକଶିତ ପଞ୍ଚାୟତ ସମିତି ଗଠନ ହେବା ଆମର ମୂଳ ଲକ୍ଷ୍ୟ ହେବା ଉଚିତ। ଅଞ୍ଚଳର ବିକାଶ ପାଇଁ ସମସ୍ତ ଲୋକ ପ୍ରତିନିଧି ଏକାଠି ହୋଇ କାର୍ଯ୍ୟ କଲେ ଏହି ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ନବଗଠିତ ମାର୍ଶାଘାଇ ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ଅଧିବେଶନ ଯୋଗ ଦେବା ଅବସରରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରଥମେ ନବ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ପରିଚିତ କରାଯାଇ ଅଧିବେଶନ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ବିଧାୟକ ନାୟକ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା, ପାନୀୟ ଜଳ ଓ ମିଶନ ଶକ୍ତି ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟତଃ ବିଭିନ୍ନ ପଞ୍ଚାୟତରେ ଉପୁଜିଥିବା ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା ପରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମିତିସଭ୍ୟ ବିପିନ ବିହାରୀ ସ୍ୱାଇଁ, ଶତର ଚନ୍ଦ୍ର ପ୍ରଧାନ, ଅଭିଷେକ ବେହେରା , ଅଜୟ ଜେନା,ସଂଜୟ ପାତ୍ର, ଜ୍ୟୋର୍ତିମୟୀ ଦାସ, ଭାରତୀ କାନୁନ୍‌ଗୋ ଓ ସରପଞ୍ଚ ପ୍ରଭାତ ଦାସ, ବାବାଜୀ ପ୍ରଧାନ, ସଞ୍ଜୟ ସେଠୀ, ଦୀପ୍ତି ରଞ୍ଜନ ମାହାପାତ୍ର ଓ ନମିତାବାଳା ରଥ ପ୍ରମୁଖ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମତ୍ସ୍ୟ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଆବାସ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏଥିରେ ବିଡିଓ ଉମାଶଙ୍କର ବେହେରା, ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ପ୍ରତାପ କୁମାର ମଲ୍ଲିକ, ଦୁର୍ଗାବତୀ ପ୍ରଧାନ ଓ ପଞ୍ଚାୟତ ଅଧିକାରୀ ନିରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୀବିକା ମିଶନର ବ୍ଲକ ପ୍ରୋଗାମ ଅଧିକାରିଣୀ ସଂଜ୍ଞା ସାଗରିକା ପଣ୍ଡା, ସଂଯୋଜକ ବିକାଶ ମହାନ୍ତି, ଏପିଓ ସଂଘମିତ୍ରା ସାହୁ, ମତ୍ସ୍ୟ ଅଧିକାରିଣୀ ସି.ଏଚ୍. ପଲ୍ଲବୀ , ଉଦ୍ୟାନ ବିଭାଗ ଅଧିକାରିଣୀ ଶୁଭଶ୍ରୀ କର, ଯୋଗାଣ ନିରୀକ୍ଷକ ରଶ୍ମିତା ସାହୁ, ଜଳ ପରିମଳର ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବ୍ଲକ ଉପାଧକ୍ଷା ଉର୍ମିଳା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୩୩୦ ପାଇବେ ସହାୟକ ଉପକରଣ

ପାଟକୁରା, ୪ା୬(ଡି.ଏନ୍.ଏ.)

ଗରଦପୁର ବ୍ଲକ ଅଧୀନ ନୈନ୍ଦିପୁର ହାଇସ୍କୁଲ ପରିସରରେ ଶନିବାର ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଚିହ୍ନଟ ଲାଗି ଏକ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଥିଲା। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୦୨ ଜଣ ବରିଷ୍ଠ ନାଗରିକ ଓ ୧୨୮ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କୁ ପରେ ଆଶାବାଡ଼ି, ଶ୍ରବଣ ଯନ୍ତ୍ର, ଚଷମା ଓ ଅନ୍ୟ ସହାୟକ ଉପକରଣ ପଞ୍ଚାୟତ ଅଞ୍ଚଳରେ ଯୋଗାଇ ଦିଆଯିବ ବୋଲି ବ୍ଲକ ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ବିଡିଓ ରଞ୍ଜିତ କୁମାର ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱତନ୍ତ୍ର ଚିହ୍ନଟ ଶିବିରରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ଡେରାବିଶ, ୪ା୬(ସ୍ୱ.ପ୍ର.):

ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜନ୍ମେଜୟ ମହାନ୍ତି (୬୮)ଙ୍କର ଶନିବାର ସନ୍ଧ୍ୟାରେ ଛକନାସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଦୀର୍ଘ ବର୍ଷେ ହେଲା କିଡ଼ନୀ ଜନୀତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ ରାଉତ, କଂଗ୍ରେସ ନେତା ରଘୁନାଥ ଶତପଥୀ, ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ, ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ଜନ୍ମେଜୟ ଜେନା, ଚୌଧୁରୀ ରବୀନ୍ଦ୍ର ଜେନା, ଇନ୍ଦାଲୋ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପୁତ୍ର ରାଜ୍ୟ ବାହାରେ ଚାକିରି କରୁଥିବାରୁ ସେ ପହଞ୍ଚିବା ପରେ ମୃତଦେହ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ସ୍ୱର୍ଗତ ମହାନ୍ତି ୧୯୮୪ ରେ ଅବିଭକ୍ତ ଇନ୍ଦାଲୋ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଜଣେ ଲୋକପ୍ରିୟ ସରପଞ୍ଚ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ।

# ସାନଭାଇ ଆକ୍ରମଣରେ ବଡ଼ ଗୁରୁତର

ରସୁଲପୁର,୪ା୬(ଡି.ଏନ.ଏ.):

କୁଆଖିଆ ଥାନା ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତରେ ଶନିବାର ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଶାନ ଭାଇଙ୍କୁ ଗିରଫ କରିଛି। ସୂଚନା ମୁତାବକ, ସକାଳେ ବଡ଼ଭାଇ ଅମୂଲ୍ୟ ସାହୁ(୪୫) ଗାଈ ବାନ୍ଧୁଥିବା ସମୟରେ ସାନଭାଇ ପ୍ରଭାତ ଏକ ମାଟୁଲରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ଏଥିରେ ବଡ଼ ଭାଇ ଅମୂଲ୍ୟ ଗୁରୁତର ହୋଇଥିଲେ। ପରେ ଅମୂଲ୍ୟ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୧୮୮/୨୨ରେ ଏକ ମାମଲା ରୁଜୁ ହୋଇଛି। ପ୍ରଭାତଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦୁଷ୍ମନ୍ତ ଦାସଙ୍କଠାରୁ ସୂଚନା ମିଳିଛି। ଉକ୍ତ ଘଟଣାର ପ୍ରାଥମିକ ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି କି ଦୁଇ ଭାଇଙ୍କ ମଧ୍ୟରେ କୌଣସି ପୂର୍ବଶତ୍ରୁତା ନ ଥିଲା। ପ୍ରଭାତ ମାନସିକ ଭାରସାମ୍ୟ ହରାଇଛନ୍ତି। ସେ ଆଗରୁ ଏହିଭଳି କେତେକ ଅସ୍ୱାଭାବିକ କାଣ୍ଡ ଘଟାଇ ଥିବା ମଧ ନଜର ରହିଛି।


## DIRECTORATE OF MEDICAL EDUCATION & TRAINING, ODISHA

**NOTICE FOR ADMISSION TO BASIC BSC NURSING COURSE**

**No 6587//** **Dt 03.06.2022**

**No.E-193:**It is for the information of all concerned that the admission to the Basic B.Sc Nursing course shall be done through a common entrance test as per the syllabus of Indian Nursing Council, New Delhi. It is also stipulated that the NEET(UG) entrance test shall be used for such selection of candidates.

It is hereby informed that, from the academic session 2023-24, the admission to Basic B.Sc Nursing course in all Nursing institutions in this state shall be through the NEET(UG).

Hence all the candidates desirous of taking admission in Basic B.Sc Nursing course shall participate in NEET(UG) Examination conducted by National Testing Agency(NTA). No candidates will be admitted to Basic B.Sc Nursing course without qualifying the NEET(UG) from the academic session 2023-24. The candidates are requested to check the website https://nta.ac.in time to time.

**Sd./- Convener**
**State Nursing Selection Committee, Odisha**
**OIPR-10016/11/0008/2223**

## ଭ୍ରମ ସଂଶୋଧନ

ନିର୍ବାଚନ ଅଧିକାରୀ, ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀ ଲିଃ, ଆସିକା (ଗଞ୍ଜାମ) ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ ସଂଖ୍ୟା ୪ ତାରିଖ ୨୧ା୫ା୨୦୨୨ର କ୍ର.ନଂ. ୬ରେ ସମୟ ପୂର୍ବାହ୍ନ ୩.୦୦ ପରିବର୍ତ୍ତେ ଅପରାହ୍ନ ୩.୦୦ ପଢ଼ିବା ହେବେ।

**ସ୍ୱା./- ନିର୍ବାଚନ ଅଧିକାରୀ, ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀ ଲିଃ, ଆସିକା**

## ODISHA PHARMACY COUNCIL

**Constituted under the Pharmacy Act. 1948**
**Office of the Registrar-cum-Secretary**
**Odisha Pharmacy Council, Bhubaneswar - 751017, Odisha**
**Email ID: odishapharmacycouncil.opc@gmail.com, Ph.: 0674-2301620**
**Ref. No. 3738/OPC** **Date: 02.06.2022**

## NOTICE

No. E-190: This is for information of all Pharmacy Graduates/ Pharmacy Diploma holder that the Online applications submitted by them for registration, are either found incomplete or without essential documents as required. This results in 'no-registration' and 'delayed registration'. Further, the required fee for Registration is Rs.2001/- (Rupees two thousand one only) which is collected in case at present. It has now been decided by the council to collect registration fees either by "Bank Draft" or by NEFT only. The Council's current SBI A/c No. 355`22477673 and the IFSC Code is SBIN0009025 SWIFT. All are advised to follow the correct guidelines to submit application duly filled in correctly with all documents attached and remit fees by Bank Draft/NEFT in favour of the "Registrar-cum-Secretary" Odisha Pharmacy Council, Bhubaneswar - 17 w.e.f. 10.06.2022. The council will not remain responsible for non-registration of applicants whose applications are found incomplete or who pay the registration fee other than by Bank Draft/or NEFT.

**Sd./- (S.K. Mohapatra)**
**Registrar-cum-Secretary**
**Odisha Pharmacy Council, Bhubaneswar**
**OIPR-10127/11/0002/2223**

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, +୨ ନାମଲେଖା ବିଜ୍ଞାପନ

**Student Academic Management System**

No. RR-6: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୧୬ା୦୫ା୨୦୨୨ରିଖ (ପୂର୍ବାହ୍ନ ୧୧.୩୦ ଘଟିକା) |
| ୨. | **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୧୨ା୦୬ା୨୦୨୨ରିଖ (ରାତ୍ର ୧୧.୫୯ ଘଟିକା) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡ୍‌ମିଟ୍ କାର୍ଡ଼ ଡାଉନଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୧୫ା୦୬ା୨୦୨୨ରିଖ |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୨୦ା୦୬ା୨୦୨୨ରିଖରୁ ତା୨୫ା୦୬ା୨୦୨୨ରିଖ ପର୍ଯ୍ୟନ୍ତ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୩୦ା୦୬ା୨୦୨୨ରିଖ |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ **www.samsodisha.gov.in** ମାଧ୍ୟମରେ ପ୍ରକାଶନ କରାଯିବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ଫଳାଫଳକୁ ଅପେକ୍ଷା କରିଥିବେ (ପ୍ରକାଶିତ ହୋଇନଥିବ) କିମ୍ବା ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧ା୦୭ା୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:-
ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।

**ସ୍ୱା./- ଅଧକ୍ଷ, ଉ.ସ.ମ.**

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।

OIPR-03011/11/0007/2223

## ତହସିଲଦାରଙ୍କ କାର୍ଯ୍ୟାଳୟ, ଦଶରଥପୁର, ଜିଲ୍ଲା: ଯାଜପୁର

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୩୪୬୮ ତାରିଖ: ୦୨ା୦୬ା୨୦୨୨

**ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ - ୨୦୧୬ ଅନୁଯାୟୀ**

No. F-66: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଦଶରଥପୁର ତହସିଲ ଅଧୀନରେ ଥିବା ସୈରତା ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)କୁ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଦଶରଥପୁରରେ ସମସ୍ତ କାର୍ଯ୍ୟଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website: **https://www.jajpur.nic.in**ରେ ମଧ୍ୟ ଉପଲବ୍ଧ ଅଟେ।

**ସୈରାତ ଉତ୍ସଗୁଡ଼ିକର ବିବରଣୀ**

| କ୍ର.ନଂ. | ସଇରାତ କେସ୍ ନଂ./ବର୍ଷ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘନ ମିଟରରେ) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟରରେ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୦୩/ ୨୦୨୨-୨୩ | ବାମଦେବପୁର ବାଲି ଘାଟ | ବାମଦେବପୁର | ୨୬୧ | ୧ | ୨.୫୦ | ନଦୀ | ୨୫୦୦ | ୩୫.୦୦ | ୪୫.୦୦ |

OIPR-24151/11/0002/2223 **ସ୍ୱା./- ତହସିଲଦାର, ଦଶରଥପୁର**

## OFFICE OF THE EXECUTIVE ENGINEER, RURAL WORKS DIVISION, BARGARH

**Email: rd_bgh@yahoo.co.in, Gmail: rwd.bgh@gmail.com**

**No. O-412** **e-Procurement Notice No. ONLINE-BGH-07 of 2022-23**

| | | | |
|---|---|---|---|
| 1 | Name of the work | : | Road works during 2022-23 in the district of Bargarh |
| 2 | EMD | : | Bid Security Declaration |
| 3 | Other Details | : | As per DTCN |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-07 of 2022-23 | 09.06.2022 at 11.00 A.M. | 18.06.2022 upto 5.00 P.M. | 17.06.2022 upto 5.00 P.M. | 20.06.2022 at 11.00 A.M. |

Further details can be seen from the website **www.tendersorissa.gov.in**.

**OIPR-25062/11/0012/2223** **Sd./- Executive Engineer, R.W. Division, Bargarh**

## OFFICE OF THE SUPERINTENDING ENGINEER, P.H. DIVISION, BERHAMPUR

**No. C-442**

**Mail ID: eephbam@gmail.com/eephbam@nic.in**
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. SEPHBAM-15/2022-23 Dt.26.05.2022**

1. Name of Work : Installation, Commissioning of 3.0 MLD Capacity WTP for Improvement of Water Supply to Chikiti NAC
2. Estimated Cost : Rs.228.28 lakh (Approx.)
3. Period of Completion : 11 (Eleven) Months
4. Date & time of availability of bid document in the portal : From 11.00 hrs. of Dt.08.06.2022 to 17.30 hrs. of Dt.23.06.2022
5. Last date/time for Bidding in the Portal : 17.30 hrs. of Dt.23.06.2022
6. Date of Opening of Tender : On Dt.24.06.2022 at 11.00 hrs.
7. Name and address of the Officer Inviting Tender : Superintending Engineer, P.H. Division, Berhampur

Further details can be seen from the e-procurement portal: **https://tendersodisha.gov.in**.

**Sd./- Superintending Engineer**
**P.H. Division, Berhampur**
**OIPR-13014/11/0006/2223**

## MUNICIPAL OFFICE, JEYPORE

**Ph. No. 06854-321098, Fax No. 06854-230104**
**E-mail: jeyporem.hud@nic.com**
**L No. 3833 JM-TCN02/2022-23** **Dt.03.06.2022**

No. C-450: Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app**.

| | | |
|---|---|---|
| Bid documents including schedule of quantity available for Online Bidding | : | **https://tendersorissa.gov.in/nicgep/app.** |
| No. of Works | : | 04 |
| Estimated Cost | : | As per DTCN |
| Date & time of Bidding in portal | : | From 04.06.2022 at 11.00 hours to 16.06.2022 upto 16.00 hours |
| Last date & time for receipt of bids in portal | : | 16.06.2022 upto 16.00 hours |
| Offline Documents received through Speed Post/Registered Post | : | 16.06.2022 at 16.00 hours to 20.06.2022 upto 11.00 hours (Working days only) |
| Bids received online shall be opened on | : | 20.06.2022 at 11.00 hours onwards |
| Offline documents shall be opened in presence of the participate bidders | : | 20.06.2022 at 11.00 hours onwards |

**Sd./- Executive Officer**
**Jeypore Municipality**
**OIPR-13079/11/0033/2223**

## Bhubaneswar Municipal Corporation

*Progress through Partnership for better Bhubaneswar*

**RFP No. 171** **Date: 03.06.2022**

**RFP for "Selection of an Agency to Provide Paramedical Professionals on Contractual Basis in BMC Hospital and its associate Dispensaries, Bhubaneswar"**

No. C-446: Bhubaneswar Municipal Corporation invites sealed proposals from intending agencies having the requisite qualification as per terms stipulated in the RFP document for providing Paramedical Professionals on contractual basis in BMC Hospital and its associate dispensaries. The detailed terms and conditions, scope of work etc. can be seen in the bidding document/RFP available in website i.e. **www.tendersodisha.gov.in** (for view, download and bidding) and in BMC website i.e. **www.bmc.gov.in** (for view and download only) from Dt.06.06.2022, 10.00 A.M. to Dt.27.06.2022 upto 5.30 P.M. The last date of receipt of application is till 5.30 P.M. on 27.06.2022. For any clarification, an e-mail may be sent on **bmcpmu@bmc.gov.in**.

By Order
**Sd./- Chief Municipal Medical Officer**
**Bhubaneswar Municipal Corporation**
**OIPR-13002/11/0051/2223**

## OFFICE OF THE MUNICIPALITY, BASUDEVPUR

**BHADRAK, PIN - 756125**
**Tel No.: 06784-271252, E-mail: basudevpurn.hud@nic.in**
**No. 1493** **Date: 03.06.2022**

No. C-448: **INVITATION FOR Expression of interest for "Preparation of Comprehensive Drainage Master Plan and Detail Project Report for Basudevpur Municipal Area"**.

1. The Executive Officer, Basudevpur Municipality, Bhadrak (Odisha) on behalf of Governor of Odisha invites Expression of Interest (EOI) for **"Preparation of Comprehensive Drainage Master Plan and Detail Project Report for Basudevpur Municipal Area"** from registered and eligible firm/consultant for tendering their bids in sealed cover addressed to the Executive Officer, Basudevpur Municipality. The EOI may be downloaded from the websites **www.basudevpur municipality.in / www.bhadrak.nic.in** and can be submitted in sealed envelope containing hard & soft copies by Speed Post or can be dropped in the specified Drop Box at the office of the Executive Officer, Basudevpur Municipality.

Name of the Work: **PREPARATION OF COMPREHENSIVE DRAINAGE MASTER PLAN AND DETAIL PROJECT REPORT FOR BASUDEVPUR MUNICIPAL AREA**.

1. EOI may be downloaded from websites **www.basudevpur municipality.in / www.bhadrak.nic.in** from 04.06.2022, 10.00 hrs. to 30.06.2022 upto 15.00 hrs.
2. Date of submission of sealed envelope containing their bids is upto 04.07.2022 till 14.00 hrs.
3. The EOI will be opened on Dt.05.07.2022 at 11.00 hrs. in the Office of the Executive Officer, Basudevpur Municipality in presence of the bidders or their authorized representatives, who wish to attend.
4. The bids received after due date and time shall not be considered for evaluation.

All other details are available in the mentioned websites.

**Sd./- Executive Officer**
**Basudevpur Municipality**
**OIPR-13135/11/0002/2223**

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

**E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore**

**No. O-406** **"e" Procurement Notice for Road Work**

**Letter No. 1798** **Identification No. - Online Tender - Road N.C.B. No. 336 for 2022-23** **Date: 31.05.2022**

1. Name of the Work : Periodical Maintenance of PMGSY Road
2. Total No. of Work : 01 No. of Work
3. Estimated Cost : Rs.140.13 lakhs (Approximately)
4. Eligible Class of Contractor : 'B' & 'A' Class (of Odisha PWD) or relevant Class of other licencing authorities (as per annexure).
5. Period of Completion : From 03 Calendar months for the work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 336 | 07.06.2022 at 11.00 A.M. | 21.06.2022 upto 5.00 P.M. | 20.06.2022 upto 5.00 P.M. | 22.06.2022 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

**OIPR-25105/11/0014/2223** **Sd./- Chief Construction Engineer, R.W. Circle, Balasore**

## Odisha State Health & Family Welfare Society, Govt. of Odisha

**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79**

**Advt.No.07/22** **Walk-in-Interview** **Date:05.06.2022**

**No.E-199:**Walk-in-Interview will be conducted as scheduled below for filling up of the following vacant position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The above position is purely temporary and co-terminus with the scheme. Lower age limit is 21 years as on dtd. 01.06.2022

| Sl. No. | Name of the Post | Remuneration (in Rs.) Performance Incentive (P.I) & other allowances as admissible | Date of Registration/ Interview |
|---|---|---|---|
| 01 | Midwifery Educator | Rs.39,413/-+ PI | 18.06.2022 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, Application Form etc. **Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A. M. to 12 Noon only on Walk-in-Interview date.** No application will be received after scheduled date & timing of registration. **Venue:** - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist- Khordha, Pin- 751012, Odisha

**Sd./- Mission Director, NHM,**
**Member Secretary, OSH&FWS, Odisha**
**OIPR-10084/11/0006/2223**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

**Zilla Swasthya Samiti, Balasore**
**District Programme Management Unit,**
**National Health Mission, Balasore**
**Adv.No. 8342** **Date.03.06.22**

**No.E-194:**Applications are invited only from the Contractual employees currently working under NHM, in the same post of OSH&FW Society in any District, Odisha desiring to be posted in Balasore District against the vacant position as mentioned below.

**IN HOUSE ADVERTISEMENT**

| Sl. No. | Name of the Post as per NHM PIP | No. of Vacant Position |
|---|---|---|
| 1 | Block Programme Manager | 01 |
| 2 | Public Health Manager, NUHM | 01 |
| 3 | MO, Ayush-Homoeopathic (F), RBSK | 02 |
| 4 | Psychiatric Social Worker, DMHP | 01 |
| 5 | Psychiatric Nurse, DMHP | 01 |

Eligible in house candidates are hereby informed to visit /log in to the District Official website www.baleswar.nic.in. to download the detail terms, conditions & application forms. The filled in application form in all respect should reach the O/o. CDM&PHO, Balasore, Pin-756001 by Dt. 17.06.2022 upto (5.00 PM) by Regd. Post/Speed Post only. Application received from any other candidate except the contractual employees currently working under NHM will be rejected.

The envelope containing the application must be superscripted as "APPLICATION FOR THE POST OF....." IN HOUSE CANDIDATE. Application received after due date will not be entertained. No personal query will be entertained. The authority reserves the right to cancellation/ rejection of any or all applications and modify/cancel the advertisement without assigning any reason thereof.

**Sd./- Chief District Medical &**
**Public Health Officer, Balasore**
**OIPR-10032/11/0001/2223**

## Odisha State Health & Family Welfare Society

**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District- Khordha (Odisha), Phone/Fax: 0674- 2392480/79, E-mail ld-hrdnrhm1@gmail.com**

**Advt.No.05/22** **CONTRACTUAL APPOINTMENT** **Date:05.06.2022**

**No.E-197:**Applications are invited from eligible candidates for filling up of the following positions under National Health Mission, Odisha on contractual basis with monthly remuneration as noted against each and subject to renewal as per the terms and conditions of OSH&FW Society. These positions are purely temporary and co-terminus with the scheme. Lower age limit for all the positions is 21 years as on dtd. 01.06.2022.

| Sl. No. | Name of the Position | No. of Vacancies | Remuneration (in Rs.) Performance Incentive & other allowances as admissible |
|---|---|---|---|
| 1 | Accounts Manager, NCD | 01 | Rs.57,281/- + PI |
| 2 | Insect Collector, NVBDCP | 01 | Rs.20,699/-+ PI |
| 3 | Nurse Trainer | 06 | Rs.36,842/-+ PI |

Interested candidates can log on to www.nhmodisha.gov.in for details of vacancy, eligibility criteria, age & selection procedure etc. Online application form will be available from 07.06.2022 to 16.06.2022 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 23.06.2022 (by 5.00 P.M.).

**Sd./- Mission Director, NHM,**
**Member Secretary, OSH&FWS, Odisha**
**OIPR-10084/11/0003/2223**

# ସ୍ୱପ୍ନିଲ-ଆଶି ଯୋଡ଼ିଙ୍କୁ ସ୍ୱର୍ଣ୍ଣ ପଦକ

**ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍**

ନୂଆଦିଲ୍ଲୀ, ୪।୬(ପି.ଟି.)

୫୦ ମିଟର ରାଇଫଲ ୩ ପୋଜିଶନ (୩ପି) ମିକ୍ସଡ୍ ଟିମ୍ ପ୍ରତିଯୋଗିତାରେ ସ୍ୱପ୍ନିଲ କୁସାଲେ ଓ ଆଶି ଚୌକସିଙ୍କ ସ୍ୱର୍ଣ୍ଣ ପଦକ ସହ ଆଜରବୈଜାନର ବାକୁଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ରାଇଫଲ/ପିସ୍ତଲ/ଶଟ୍‌ଗନ୍ ଚାମ୍ପିୟନଶିପ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ଏହି ଯୋଡ଼ି ସ୍ୱର୍ଣ୍ଣ ପଦକ ମୁକାବିଲାରେ ୟୁକ୍ରେନ୍‌ର ସରହି କୁଲିଶ ଓ ଡାରିଆ ଟାଇକୋଭାଙ୍କୁ ୧୬-୧୨ରେ ହରାଇ ଦେଇଛନ୍ତି। ଟୁର୍ନାମେଣ୍ଟରେ ଭାରତର ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ଇଲାଭେନିଲ ଭାଲାରିଭାନ୍, ଶ୍ରେୟା ଅଗ୍ରୱାଲ ଓ ରମିତା ୧୦ମିଟର ଏୟାର ରାଇଫଲ ମହିଳା ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ଏହାଛଡ଼ା ଭାରତୀୟ ଶୁଟରମାନେ ଟୁର୍ନାମେଣ୍ଟରେ ୩ ରୌପ୍ୟ ପଦକ ମଧ୍ୟ ହାସଲ କରିଛନ୍ତ। ପଦକ ତାଲିକାରେ କୋରିଆ ପଛକୁ ଭାରତ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ବାକୁ ବିଶ୍ୱକପ୍‌ରେ ସ୍ୱପ୍ନିଲଙ୍କ ଏହା ହେଉଛି ପ୍ରଥମ ସ୍ୱର୍ଣ୍ଣ ଏବଂ ମୋଟ ଉପରେ ତୃତୀୟ ପଦକ। ସେ ପୂର୍ବରୁ ଉଭୟ ପୁରୁଷ ୩ପି ବ୍ୟକ୍ତିଗତ ଓ ପୁରୁଷ ଟିମ୍ ପ୍ରତିଯୋଗିତାରେ ଗୋଟିଏ ଲେଖାଏ ରୌପ୍ୟ ଜିତିଛନ୍ତି।


ଆଶି ଚୌକସି ଓ ସ୍ୱପ୍ନିଲ କୁସାଲେ।

# ଗ୍ରୀନ୍ସ କ୍ରିକେଟ ଏକାଡେମୀ ୭ଉଇକେଟରେ ବିଜୟୀ

**ପାରାମାଉଣ୍ଟ ପ୍ରିମିୟର ଲିଗ୍**

ଭୁବନେଶ୍ୱର, ୪।୬ (ସ୍ପୋର୍ଟସ୍ ବ୍ୟୁରୋ)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଅରବିନ୍ଦ ମେମୋରିଆଲ କ୍ରିକେଟ ପ୍ରିମିୟର ଲିଗ୍‌ର ଶନିବାର ଅନୁଷ୍ଠିତ ମ୍ୟାଚରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୭ଉଇକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଏହି ମ୍ୟାଚରେ ଗ୍ରୀନ୍ସ ଦଳ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାମେଶ୍ୱର ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୩୯.୩ ଓଭରରେ ୮୭ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସୁଭାଶିଷ ମଲିକ ୨୪ ରନ କରିଥିଲେ। ଜବାବରେ ଗ୍ରୀନ୍ସ ଦଳ ୨୦.୨ ଓଭରରେ ୩ ଉଇକେଟ ବିନିମୟରେ ୮୮ ରନ କରି ମ୍ୟାଚ ଜିତି ନେଇଥିଲା। ଦଳପକ୍ଷରୁ ସାର୍ଥକ ଏସ୍. ପ୍ରକାଶ ୩୦ ଓ ସୁଜଲ ଗ୍ରହଚାର୍ଯ୍ୟ ୩୮ ରନ କରି ଅପରାଜିତ ରହିଥିଲେ। ଗ୍ରୀନ୍ ଦଳର ଦୀପକ ଯାଦବ ମ୍ୟାନ ଅଫ୍ ଦି ମ୍ୟାଚ ଓ ସୁମିତ ମିଶ୍ର ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଶନିବାର ପୂର୍ବତନ ରାଜ୍ୟ ଖେଳାଳି ଚିତ୍ତରଞ୍ଜନ ସ୍ୱାଇଁ ଅତିଥିଭାବେ ଯୋଗ ଦେଇଥିଲେ।


ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଦୀପକ ଯାଦବ।

# ନେପାଳ ୮ ରନ୍‌ରେ ଅଲଆଉଟ୍

ବାଙ୍ଗି(ମାଲେସିଆ),୪।୬

ଏଠାରେ ଚାଲିଥିବା ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ କ୍ୱାଲିଫାୟରରେ ଶନିବାର ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଓ ନେପାଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଏକ ଅବିଶ୍ୱସନୀୟ ଘଟଣା ଘଟିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ମାତ୍ର ୮ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ତେବେ ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ କ୍ୱାଲିଫାୟରରେ ପ୍ରଥମ ଥର ପାଇଁ ନେପାଳ, ୟୁଏଇ, ଥାଇଲାଣ୍ଡ, ଭୁଟାନ ଓ କାତାର ଖେଳୁଛନ୍ତି। ୫ ଦଳ ବିଶିଷ୍ଟ ଏହି ପ୍ରତିଯୋଗିତାର ବିଜେତା ୨୦୨୩ରେ ଦକ୍ଷିଣ ଆଫ୍ରିକାଠାରେ ହେବାକୁ ଯାଉଥିବା ଉଦ୍‌ଘାଟନୀ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବ।

ପୂରା ମ୍ୟାଚ୍ ଏକ ଘଣ୍ଟା ମଧ୍ୟରେ ଶେଷ ହୋଇଯାଇଥିଲା। ଉଭୟ ଦଳ ମିଳିତ ଭାବେ ମାତ୍ର ୯.୨ ଓଭର ଖେଳିପାରିଥିଲେ। ଦୁଇ ଦଳର କୌଣସି ଖେଳାଳି ଦୁଇ ଅଙ୍କ ସ୍କୋର ପାଖାପାଖି ପହଞ୍ଚି ପାରି ନ ଥିଲେ। ୟୁଏଇର ଥିରଥା ସଥିଶ ୪ ରନ୍ କରି ଅପରାଜିତ ଥିଲେ, ଯାହାକି ମ୍ୟାଚ୍‌ରେ ସର୍ବାଧିକ ଥିଲା। ନେପାଳର ୬ ବ୍ୟାଟର ଖାତା ଖୋଲିପାରି ନ ଥିଲେ। ଦଳୀୟ ସ୍କୋରରେ ସର୍ବାଧିକ ଯୋଗଦାନ ଦେଇଥିଲେ ସ୍ନେହା ମାହାରା (୩)। ମନୀଷା ରାଣା ୨ ରନ୍ କରିଥିବା ବେଳେ ଅନ୍ୟ ୩ ବ୍ୟାଟର ୧ ରନ୍ ଲେଖାଏ କରିଥିଲେ। ୟୁଏଇ ପାଇଁ ବୋଲିଂରେ ଅଫ୍ ସ୍ପିନର ମାହିକା ଗୌର ୪ ଓଭରରେ ୨ ରନ୍ ଦେଇ ୨ ମେଡେନ ସହିତ ୫ ଉଇକେଟ ନେଇଥିଲେ। ନେପାଳର ଇନିଂସ ୮.୧ ଓଭର ପର୍ଯ୍ୟନ୍ତ ଚାଲିଥିବା ବେଳେ ୟୁଏଇ ୭ ବଲ ମଧ୍ୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଆଇସିସି ଜୁନିୟର ସ୍ତରରେ ମହିଳା କ୍ରିକେଟ ଉପରେ ଧ୍ୟାନ ଦେବା ପରେ ଆସୋସିଏଟ୍ ସଦସ୍ୟ ଦେଶମାନେ ସେମାନଙ୍କ ଜୁନିୟର ସ୍ତରରେ ମହିଳାଙ୍କୁ ପ୍ରସ୍ତୁତ କରିବା ଆରମ୍ଭ କରୁଛନ୍ତି। ତେବେ ନେପାଳରେ ପୁରୁଷ କ୍ରିକେଟ ପାଇଁ ଗୁଣାତ୍ମକ ପିଚ୍‌ର ଆବଶ୍ୟକତା ଥିବା ବେଳେ ଜୁନିୟର ମହିଳାଙ୍କ ଲାଗି ଆସିବ କେଉଁଠୁ। ଏହାସତ୍ତ୍ୱେ ନେପାଳ ଏହି ପ୍ରତିଯୋଗିତାରେ ଗୋଟିଏ ମ୍ୟାଚ୍ ଜିତିଛି।

# ୧୦ ମିନିଟରେ ଟିକେଟ ଶେଷ

କୋଲକାତା, ୪।୬(ପି.ଟି.)

ଜୁନ୍ ୮ରେ ସଲ୍ଟଲେକ୍ ଷ୍ଟାଡିୟମରେ ଭାରତର କାମ୍ବୋଡ଼ିଆ ବିପକ୍ଷ ଏସିଆନ କପ୍ କ୍ୱାଲିଫାଇଂ ମ୍ୟାଚ ଲାଗି ମାତ୍ର ୧୦ ମିନିଟରେ ଟିକେଟ ବିକ୍ରି ଶେଷ ହୋଇଛି। ଫଳତଃ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଅଧିକ ଟିକେଟ ଇସ୍ୟୁ କରିବା ଲାଗି ବାଧ୍ୟ ହୋଇଛି। ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ଶୁକ୍ରବାର ରାଜ୍ୟ ସରକାରୀ କର୍ତ୍ତୃପକ୍ଷଙ୍କୁ ଭେଟିଥିଲେ। ଏସିଆନ କପ୍ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡ ପାଇଁ କର୍ତ୍ତୃପକ୍ଷ ୧୨,୦୦୦ ଟିକେଟ ବିକ୍ରି ପାଇଁ ଅନୁମତି ଦେଇଛନ୍ତି, ତାହା ଯଥେଷ୍ଟ ନୁହେଁ। ଅଧିକ ଦର୍ଶକଙ୍କୁ ଅନୁମତି ଦେବା ଲାଗି ସେ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ତରଫରୁ ସଫେଇ ଦିଆଯାଇ କୁହାଯାଇଥିଲା ଯେ, କୌଣସି ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡାଇଯିବା ଉଦ୍ଦେଶ୍ୟ ରଖି ଏହା କରାଯାଇଛି। ଛେତ୍ରୀଙ୍କ ଯୁକ୍ତି ଥିଲା ଯଦି ୯୦,୦୦୦ ଦର୍ଶକ କ୍ଷମତା ବିଶିଷ୍ଟ ଷ୍ଟାଡିୟମରେ ମାତ୍ର ୧୦ରୁ ୧୫ ହଜାର ଲୋକଙ୍କୁ ଅନୁମତି ମିଳେ ତେବେ ଆୟୋଜକ ଦଳ ସ୍ଥାନୀୟ ଦର୍ଶକଙ୍କ ଉପସ୍ଥିତିରୁ ଫାଇଦା ଉଠାଇବ ବୋଲି ଯାହା କୁହାଯାଉଛି, ତାହାର ଯଥାର୍ଥତା ରହିବ ନାହିଁ।

# ମିଚେଲଙ୍କ ଶତକ, ଇଂଲଣ୍ଡର ଲଢ଼େଇ ଜାରି

ଲଣ୍ଡନ,୪।୬

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ୩ୟ ଦିନ ଚା' ପାନ ବିରତ ସୁଦ୍ଧା ରୋମାଞ୍ଚକ ମୋଡ଼ରେ ପହଞ୍ଚିଛି। ୨୭୭ ରନ୍‌ର ବିଜୟଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡ ୪ ଉଇକେଟ ହରାଇ ୧୦୫ ରନ୍ କରିଛି। ମ୍ୟାଚ୍ ଜିତିବା ପାଇଁ ଦଳକୁ ୧୮୨ ରନ୍ ଦରକାର ଥିବା ବେଳେ ଘରୋଇ ଦଳ ହାତରେ ୬ ଉଇକେଟ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଧିନାୟକ ବେନ ଷ୍ଟୋକ୍ସ (୧୯) ଓ ଜୋ ରୁଟ (୨୫) ଏବେ ବ୍ୟାଟିଂ କରୁଛନ୍ତି।

ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୧୩୨ ରନ୍ କରିଥିବା ବେଳେ ଇଂଲଣ୍ଡ ୧୪୧ ରନ୍ ଅଲଆଉଟ୍ ହୋଇଥିଲା। ୯ ରନ୍‌ରେ ପଛୁଆ ଥିବା ଭ୍ରମଣକାରୀ ଦଳର ଦ୍ୱିତୀୟ ଇନିଂସରେ ୨୮୫ ରନ୍‌ରେ ସୀମିତ ରହିଥିଲା। ଡେରିଲ ମିଚେଲ (୧୦୮ ରନ୍, ୧୨ ଚୌକା) ଶତକ ହାସଲ କରିଥିବା ବେଳେ ଟମ୍ ବ୍ଲଣ୍ଡେଲ (୯୬ ରନ୍, ୧୨ ଚୌକା) ଅଳ୍ପକେ ଶତକ ହାତଛଡ଼ା କରିଥିଲେ। ଦୁହେଁ ୫ମ ଉଇକେଟରେ ୧୯୫ ରନ୍ ଯୋଡ଼ିଥିଲେ। କିନ୍ତୁ ଏହି ଯୋଡ଼ି ଭାଙ୍ଗିବା ପରେ ନ୍ୟୁଜିଲାଣ୍ଡ ମାତ୍ର ୩୪ ରନ୍ ମଧ୍ୟରେ ସମସ୍ତ ଉଇକେଟ ହରାଇଥିଲା। ପଦାର୍ପଣ ମ୍ୟାଚ୍‌ର ପ୍ରଥମ ଇନିଂସରେ ୪ ଉଇକେଟ ନେଇଥିବା ମାଥ୍ୟୁ ପଟ୍ସ ଦ୍ୱିତୀୟ ଇନିଂସରେ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୁଆର୍ଟ ବ୍ରଡ ୩ ଓ ଜେମ୍ସ ଆଣ୍ଡରସନ ୨ ଉଇକେଟ ହାତେଇଥିଲେ। ୨୭୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଘରୋଇ ଦଳ ଚା' ପାନ ବିରତି ସୁଦ୍ଧା ୪ ଉଇକେଟ ହରାଇ ୧୦୫ ରନ୍ କରିଛି। ଆଲେକ୍ସ ଲିଜ (୨୦), ଜ୍ୟାକ୍ କ୍ରାଉଲେ (୯), ଓଲି ପୋପ (୧୦) ଓ ଜନି ବେଆରଷ୍ଟୋ ୧୬ ରନ୍ କରି ଆଉଟ୍ ହୋଇଛନ୍ତି। ଏବେ ବ୍ୟାଟିଂ କରୁଥିବା ଷ୍ଟୋକ୍ସ ଓ ରୁଟ୍‌ଙ୍କ ଉପରେ ମ୍ୟାଚ୍‌ର ଭାଗ୍ୟ ନିର୍ଭର କରୁଛି। ନ୍ୟୁଜିଲାଣ୍ଡ ପକ୍ଷରୁ କାଇଲ ଜେମିସନ ୩ ଉଇକେଟ ନେଇଥିବା ବେଳେ ଟ୍ରେଣ୍ଟ ବୋଲ୍ଟ ୧ ଉଇକେଟ ହାତେଇଛନ୍ତି।


ଶତକ ହାସଲ ପରେ ନ୍ୟୁଜିଲାଣ୍ଡର ଡେରିଲ ମିଚେଲ।

# ଅଲଗା ହେଲେ ଶାକିରା-ଜେରାର୍ଡ

**ମାଡ୍ରିଡ୍,୪।୬:** କଲମ୍ବିଆନ୍ ଗାୟିକା ଶାକିରା ଓ ଏଫ୍‌ସି ବାର୍ସିଲୋନା ଡିଫେଣ୍ଡର ଜେରାର୍ଡ ପିକ୍ୟୁ ଅଲଗା ହେଉଛନ୍ତି। ଏହି ପୂର୍ବତନ ଦମ୍ପତି ଶନିବାର ଏହାକୁ ସ୍ପଷ୍ଟ କରିଛନ୍ତି। ଆମେ ଦୁଃଖର ସହିତ ସ୍ପଷ୍ଟ କରୁଛୁ ଯେ, ଆମେ ଅଲଗା ହେଉଛୁ। ଆମ ପିଲାଙ୍କ ହିତ ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେଇଛୁ ବୋଲି ସେମାନେ କହିଛନ୍ତି। ୪୫ ବର୍ଷୀୟ ଶାକିରା ଓ ପିକ୍ୟୁ (୩୫) ୨୦୧୧ଠାରୁ ଏକାଠି ରହୁଛନ୍ତି। ସେମାନଙ୍କ ଦୁଇଟି ଛୁଆ ଅଛନ୍ତି। ସେମାନେ ୨୦୧୦ରେ ଦକ୍ଷିଣ ଆଫ୍ରିକାରେ ହୋଇଥିବା ବିଶ୍ୱକପ୍ ପୂର୍ବରୁ 'ୱାକା ୱାକା' (ଦିସ୍ ଟାଇମ୍ ଫର୍ ଆଫ୍ରିକା) ମ୍ୟୁଜିକ୍ ଭିଡିଓ ବେଳେ ପରସ୍ପରକୁ ଭେଟିଥିଲେ।



## ଆଞ୍ଚଳିକ ଖବର

**କଳିଙ୍ଗା ଘାଟିରେ ବସ୍ ଦୁର୍ଘଟଣା ପ୍ରସଙ୍ଗ**

# ଘାଟି ମୋଡ଼ ମାନି ନ ଥିଲେ ଚାଳକ

ଛତ୍ରପୁର,୪।୬(ଡି.ଏନ.ଏ.)

- ଆସିଲା ଯୁଗ୍ମ ତଦନ୍ତ ରିପୋର୍ଟ
- ଦ୍ରୁତ ଗାଡ଼ି ଚାଳନା
- ନ ଥିଲା ଟ୍ରାଫିକ୍ ନିରାପତ୍ତା ବ୍ୟବସ୍ଥା

ଗଞ୍ଜାମ-କନ୍ଧମାଳ ସୀମାନ୍ତ ୧୫୭ ନଂ. ଜାତୀୟ ରାଜପଥ କଳିଙ୍ଗା ଘାଟି ଦୁର୍ଗାପ୍ରସାଦ ନିକଟରେ ଗତ ମେ' ୨୪ ତାରିଖ ମଧ୍ୟରାତିରେ ଏକ ଟୁରିଷ୍ଟ ବସ୍ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୨ ଜଣ ଆହତ ହୋଇଥିଲେ। ଏହି ଘଟଣାକୁ ୧୨ ଦିନ ବିତିଛି। ଦୁର୍ଘଟଣା ପରେ ଏହାର କାରଣ ସମ୍ପର୍କରେ ଯୁଗ୍ମ ତଦନ୍ତ ରିପୋର୍ଟରୁ କେତେକ ସୂଚନା ପଦାକୁ ଆସିଛି। ଉକ୍ତ ବସ୍ ଚାଳକ ଦ୍ରୁତଗତିରେ ଗାଡି ଚଳାଇବା ସହ ଘାଟିର କୌଣସି ମୋଡ଼କୁ ଖାତିର ନ କରି ସେ ଗାଡ଼ିକୁ ଆଗକୁ ବଢ଼ାଉଥିଲେ। ଦୁର୍ଘଟଣା ଘଟିବା ପରେ ଏକ୍ସପର୍ଟ ଟିମ୍ ଓ ଭଞ୍ଜନଗର ଆରଟିଓଙ୍କ ପକ୍ଷରୁ ହୋଇଥିବା ଯୁଗ୍ମ ନିରୀକ୍ଷଣ ରିପୋର୍ଟରେ ଏହା ଦର୍ଶାଯାଇଛି। ଉକ୍ତ ରିପୋର୍ଟରୁ ଆହୁରି ଜଣାଯାଇଛି, ଉକ୍ତ ବସ୍‌ଟି ପଶ୍ଚିମବଙ୍ଗରୁ ପର୍ଯ୍ୟଟକଙ୍କୁ ନେଇ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିକୁ ଆସିଥିଲା। ୨୪ ତାରିଖ ରାତିରେ ଦାରିଙ୍ଗବାଡ଼ିରୁ ବିଶାଖାପାଟଣାକୁ ଫେରିବା ବେଳେ କଳିଙ୍ଗା ଘାଟିରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ପଥର ଓ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଚାଳକଙ୍କ ଦ୍ରୁତଗତିରେ ଗାଡି ଚାଳନା ଓ ଘାଟି ମୋଡ଼କୁ ଖାତିର ନ କରି ଗାଡି ଚଳାଇବା ଏହି ଦୁର୍ଘଟଣାର କାରଣ ବୋଲି କୁହାଯାଇଛି। ଏଥିସହ କଳିଙ୍ଗା ଘାଟି ରାସ୍ତାରେ କୌଣସି ଟ୍ରାଫିକ୍ ସାଇନେଜ୍, ରୋଡ୍ ମାର୍କିଙ୍ଗ ଓ ଷ୍ଟଡ୍ ରିଫ୍ଲେକ୍ଟର ନ ଥିବା ଉକ୍ତ ଆରଟିଓ ଏକ୍ସପର୍ଟ ଟିମ୍ ନିରୀକ୍ଷଣ ବେଳେ ଦେଖିବାକୁ ପାଇଥିଲେ। ଆହୁରି ଜଣାଯାଇଛି, ଉକ୍ତ ଘାଟି ରାସ୍ତାର ବହୁ ସ୍ଥାନରେ ଥିବା ପ୍ରବେଶ ପ୍ରତିବନ୍ଧ, ନାକା ଓ ପ୍ରତିରୋଧ (କ୍ରାସ୍ ବେରିୟର୍ସ) ଭଙ୍ଗାରୁଜା ଅବସ୍ଥାରେ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଳିଙ୍ଗା ଘାଟିରେ ଏହି ଦୁର୍ଘଟଣା ପୂର୍ବରୁ ମଧ୍ୟ ବହୁବାର ଦୁର୍ଘଟଣା ଘଟିଛି। ଏନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନସଚିବ ବିଷ୍ଣୁପଦ ସେଠୀଙ୍କ ପକ୍ଷରୁ ଏନଏଚଏଆଇ, ପୂର୍ତ୍ତ ବିଭାଗ ଓ ଗଞ୍ଜାମ ଜିଲାପାଳ ତଥା ସଡକ ସୁରକ୍ଷା କମିଟି ଅଧ୍ୟକ୍ଷଙ୍କୁ ଚିଠି ଆସିଛି। ଘାଟି ଓ ସମ୍ବେଦନଶୀଳ ତଥା ଦୁର୍ଘଟଣାପ୍ରବଣ ରାସ୍ତାରେ ଏହି ସବୁ ଟ୍ରାଫିକ୍ ନିରାପତ୍ତା ବ୍ୟବସ୍ଥାକୁ ଠିକ୍ ଭାବେ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଘାଟି ରାସ୍ତା ଓ ଦୁର୍ଘଟଣାପ୍ରବଣ ସ୍ଥାନ ସର୍ଭେ କରି ଭବିଷ୍ୟତରେ ଲୋକଙ୍କ ଜୀବନ ବଞ୍ଚାଇବା, ପ୍ରତିକାର ଓ ସୁରକ୍ଷା ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ଏହା ଉପରେ ରିପୋର୍ଟ ଦେବାକୁ ମଧ୍ୟ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ବଢ଼ୁଥିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମରେ ସଡ଼କ ସୁରକ୍ଷା କମିଟି ଗଠନ ହୋଇଛି। ସଡ଼କ ସୁରକ୍ଷା କମିଟି ବୈଠକ ବସୁଥିଲେ ହେଁ ଏଠାରେ ନିଆଯାଉଥିବା ନିଷ୍ପତ୍ତି ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉନି।

# ଧରାପଡ଼ିଲେ ୫ ଅଭିଯୁକ୍ତ

ବାରିପଦା ଅଫିସ/ରାଇରଙ୍ଗପୁର, ୪।୬(ଡି.ଏନ.ଏ.)

**ଗୋରୁ ବ୍ୟବସାୟୀଙ୍କୁ ହତ୍ୟାକରି ୨୦ ଲକ୍ଷ ଲୁଟ୍ ଘଟଣା**

- ବନ୍ଧୁକ, ଗୁଳି ଓ ୫୦ ହଜାର ଟଙ୍କା ଜବତ
- ଲୁଟ୍ ଟଙ୍କାରେ ଦୁର୍ବୃତ୍ତ କିଣିଛନ୍ତି ଟ୍ରାକ୍ଟର

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡ଼ା ଗୋରୁହାଟରେ ଜଣେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା ଓ ୨୦ଲକ୍ଷ ଟଙ୍କା ଲୁଟ୍ ଘଟଣାର ୧୧ଦିନ ପରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ହତ୍ୟାରେ ବ୍ୟବହୃତ ଇନ୍‌ସାସ ରାଇଫଲ, ୨୬ରାଉଣ୍ଡ ଜୀବନ୍ତ ଗୁଳି, ଲୁଟ୍ ଟଙ୍କାରେ କିଣାଯାଇଥିବା ଟ୍ରାକ୍ଟର, ବାଇକ୍ ଓ ନଗଦ ୫୦ହଜାର ଟଙ୍କା ଜବତ ହୋଇଛି। ଏନେଇ ଜିଲା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୟୂରଭଞ୍ଜ ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଚାଇଁବସା ଅଞ୍ଚଳର। ତେବେ ଘଟଣାରେ ଅନ୍ୟ ଅଭିଯୁକ୍ତ ଜଡିତଥିବାରୁ ଗିରଫ ଅଭିଯୁକ୍ତମାନଙ୍କ ନାମ ଗୋପନ ରଖାଯାଇଛି।

ସୂଚନା ଅନୁଯାୟୀ, ଗତ ୨୫ତାରିଖରେ ପଶ୍ଚିମବଙ୍ଗ ଝାଡ଼ଗ୍ରାମ ଅଞ୍ଚଳର ବ୍ୟବସାୟୀମାନେ ହାଟବାଦଡ଼ା ହାଟକୁ ୨୦ଲକ୍ଷ ଟଙ୍କା ଧରି ଗୋରୁ କିଣିବାକୁ ଆସିଥିଲେ। ଏହି ସମୟରେ ୩ଟି ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ଅତର୍କିତ ଗୁଳିଚାଳନା କରିଥିଲେ। ଶେଖ ଜାମସେଦ ଅଲ୍ଲୀ ନାମକ ଜଣେ ବ୍ୟବସାୟୀଙ୍କ ଛାତିରେ ଗୁଳି ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ନିକଟରେ ଥିବା ୨୦ଲକ୍ଷ ଟଙ୍କା ଲୁଟ୍ କରି ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଖବରପାଇ ପୂର୍ବାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ଏସ୍‌ପି ଦ୍ୟାନଦେଓ, ଅତିରିକ୍ତ ଏସ୍‌ପି ମନୋରଞ୍ଜନ ବିଶ୍ୱାଳ, ଏସ୍‌ଡିପିଓ ରତିକାନ୍ତ ଗିରି, ଥାନାଧିକାରୀ ନିରୋଜ କୁମାର ମଲ୍ଲିକ ପହଞ୍ଚି ଛାନ୍‌ଭିନ୍ ଚଳାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୯୨/୨୨) ରୁଜୁ ହୋଇଥିଲା।

ଅନ୍ୟପକ୍ଷରେ ଗୋରୁ ବ୍ୟବସାୟକୁ କେନ୍ଦ୍ରକରି ଜିଲାର ବିଭିନ୍ନ ହାଟରେ ଅପ୍ରୀତିକର ପରିସ୍ଥିତି ଉପୁଜୁଥିବା ନଜିର ରହିଛି। ଗୋ ଚାଲାଣକୁ ନେଇ ଯଶିପୁର ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଛେଳି ଗୁଦୁଡ଼ି ନିକଟସ୍ଥ ଟୋଲ୍‌ଗେଟ୍‌ଠାରେ ଗୋସୁରକ୍ଷା ବାହିନୀ କର୍ମକର୍ତ୍ତାଙ୍କ ଉପରକୁ ଗୁଳିମାଡ଼ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ମୟୂରଭଞ୍ଜ ସୀମାନ୍ତ ଦେଇ ପଡ଼ୋଶୀ ପଶ୍ଚିମବଙ୍ଗ ଓ ପରେ ବାଂଲାଦେଶକୁ ଗୋଚାଲାଣ କରାଯାଉଛି। ଏହି ଚାଲାଣକୁ ରୋକାଯାଇପାରୁ ନ ଥିବାରୁ ପ୍ରତିଦିନ ବିଭିନ୍ନ ଅଘଟଣ ଘଟିବାରେ ଲାଗିଛି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଗୋଚାଲାଣ ରୋକାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ପହଣ୍ଡିରେ ୨ ଘଣ୍ଟା ପୂର୍ବରୁ ପାରମାଣିକ ଦର୍ଶନ

ପୁରୀ ଅଫିସ,୪।୬

**ଦଇତାପତି ନିଯୋଗ ଓ ପୋଲିସ ବୈଠକ**

- ୨ ହଜାର ଟିକେଟ୍ ବ୍ୟବସ୍ଥା ରହିବ
- ସ୍ନାନବେଦି ଆଗରେ ସିସିଟିଭି ଲାଗିବ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳିତବର୍ଷ ରଥଯାତ୍ରା ଶ୍ରଦ୍ଧାଳୁଙ୍କ ଗହଣରେ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ମହାପ୍ରଭୁଙ୍କ ପହଣ୍ଡି ସମୟରେ ହେବାକୁ ଥିବା ଭିଡ଼କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏଥିପାଇଁ ଶନିବାର ଦଇତାପତି ନିଯୋଗ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି କନୱର ବିଶାଲ ସିଂଙ୍କ ଉପସ୍ଥିତିରେ ବୈଠକରେ ମନ୍ଦିରଠାରୁ ରଥ ପର୍ଯ୍ୟନ୍ତ ଠାକୁରଙ୍କ ପହଣ୍ଡି ସମୟରେ ଭିଡ଼କୁ ନେଇ ସେବାୟତଙ୍କ ସହ ବିଶେଷ ଆଲୋଚନା ହୋଇଛି। ପହଣ୍ଡିର ଦୁଇ ଘଣ୍ଟା ପୂର୍ବରୁ ପାରମାଣିକ ଦର୍ଶନ(ସୀମିତ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ରହି ପହଣ୍ଡି ଦେଖିବାର ସୁଯୋଗ) ପାଇଁ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ଭିତରକୁ ଛଡ଼ାଯିବ। ଫଳରେ ପହଣ୍ଡି ସମୟରେ ହେଉଥିବା ଗହଳିକୁ ସାମାନ୍ୟ ରୂପେ କମ୍ କରାଯାଇପାରିବ। ପାରମାଣିକ ଦର୍ଶନ ପାଇଁ ୨ ହଜାର ଟିକେଟ୍ ବ୍ୟବସ୍ଥା ରହିବ। ଏହାଠାରୁ ଅଧିକ ଭକ୍ତ ଯାଇପାରିବେ ନାହିଁ। ପାରମାଣିକ ଟିକେଟ୍‌ର କଳାବଜାରକୁ ରୋକାଯିବ। ସେବାୟତମାନେ କିଭଳି କଳାବଜାର ନ କରିବେ ସେନେଇ ସେବାୟତ ନିଯୋଗ ଦାୟିତ୍ୱ ନେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ଦେବସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ଶୃଙ୍ଖଳିତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି।

ସେହିଭଳି ମହାପ୍ରଭୁଙ୍କ ସ୍ନାନବେଦି ସାମ୍ନାରେ ସିସିଟିଭି କ୍ୟାମେରା ଲାଗିବ। କଣ୍ଟ୍ରୋଲ୍ ରୁମ୍‌ରୁ ସ୍ନାନବେଦି ଓ ଏହାର ପାରିପାର୍ଶ୍ୱିକ ଗତିବିଧି ଉପରେ ନଜର ରଖାଯିବ। ରଥଯାତ୍ରା ସମୟରେ ବଡ଼ଦାଣ୍ଡ ଓ ସାହି ଗଳିକନ୍ଦିରେ ସ୍ଥାନୀୟ ପୋଲିସକୁ ନିଯୁକ୍ତ କରାଯିବ। ଫଳରେ ସେବାୟତଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ ସହଜ ହେବ। ଏଥିସହ ସେବାୟତମାନଙ୍କୁ ସ୍ୱତନ୍ତ୍ର ପାସ୍ ମିଳିବ। ସେହିଭଳି ମହାପ୍ରଭୁଙ୍କ ଦର୍ଶନଠାରୁ ଆରମ୍ଭ କରି ମହାପ୍ରସାଦ ସେବନ ଓ ଖରିଦ ଭଳି ବ୍ୟବସ୍ଥାକୁ ଅତ୍ୟନ୍ତ ବ୍ୟବସ୍ଥିତ କରିବା ଉପରେ ଧ୍ୟାନ ଦିଆଯାଉଛି। ଏହାସହ ରଥ ଚାଲୁଥିବା ସମୟରେ ଭୋଗ ସାମଗ୍ରୀ ଓ ନଡ଼ିଆ ଇତ୍ୟାଦି ଭକ୍ତମାନେ ରଥ ଉପରକୁ ମାଡ଼ କରନ୍ତି। ଏହାକୁ କିଭଳି ଭାବେ ରୋକାଯିବ ସେନେଇ ମଧ୍ୟ ପୋଲିସ ପ୍ରଶାସନ ଧ୍ୟାନ ଦେବ। ଏ ନେଇ ଏସ୍‌ପି ସିଂ କହିଛନ୍ତି, ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ କରାଯାଉଥିବା ପ୍ରସ୍ତୁତିରେ ସେବାୟତଙ୍କ ସହଯୋଗିତା ଏକାନ୍ତ ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଦଇତାପତି ନିଯୋଗ ସହ ଆଲୋଚନା କରାଯାଇଛି। ସେବାୟତଙ୍କ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ବୈଠକରେ ଦଇତାପତି ନିଯୋଗର ସଭାପତି ଜଗନ୍ନାଥ ଦାସମହାପାତ୍ର, ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର, ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର ଓ ବିନାୟକ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି କନୱର ବିଶାଲ ସିଂଙ୍କ ଉପସ୍ଥିତିରେ ଦଇତାପତି ନିଯୋଗଙ୍କ ସହ ବୈଠକ।

# କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

ବଣାଇ/ଲହୁଣିପଡ଼ା, ୪।୬ (ସ୍ୱ.ପ୍ର./ଡି.ଏନ୍.ଏ.)

- ମୃତକ ନିଜ ସ୍ତ୍ରୀଙ୍କୁ ହତ୍ୟା କରି ୧୦ ବର୍ଷ ତଳେ ଯାଇଥିଲେ ଜେଲ
- ଦୁଇବର୍ଷ ଜେଲରେ ରହି ଜାମିନରେ ଆସି କରିଥିଲେ ଦ୍ୱିତୀୟ ବିବାହ
- ସାବତ ମା'ଙ୍କ ନିର୍ଯାତନା, ନିଜ ମା'ଙ୍କ ହତ୍ୟାର ପ୍ରତିଶୋଧ ହତ୍ୟାକାଣ୍ଡର କାରଣ

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡର ଚାନ୍ଦିପୋଷ ଥାନା ଅନ୍ତର୍ଗତ ରାଣୀବେର୍ଣ୍ଣା ଅଞ୍ଚଳରେ କାଠ ଫାଳିଆରେ ବାପାଙ୍କୁ ପିଟି ହତ୍ୟା କରିଛନ୍ତି ଦୁଇ ପୁଅ। ମୃତକ ହେଲେ ମାଙ୍ଗରା ଭୂମିଜ। ଶନିବାର ଦୁଇ ଅଭିଯୁକ୍ତ ପୁଅ ମଧ୍ୟରୁ ଜଣେ ନାବାଳକ ଥିବାରୁ ତାଙ୍କୁ ବଣାଇ କୋର୍ଟରେ ହାଜର ପରେ ସୁନ୍ଦରଗଡ଼ ବାଳସୁଧାର ଗୃହକୁ ପଠାଯାଇଛି। ଅନ୍ୟ ଜଣଙ୍କୁ ଗିରଫ କରି ବଣାଇ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ସ୍ଥାନୀୟ ଉପକାରାଗାରକୁ ପଠାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ଘଟଣାରୁ ପ୍ରକାଶ ଯେ, ମାଙ୍ଗରା ଗତ ଦଶବର୍ଷ ତଳେ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ କ୍ରମେ ଜେଲ ଯାଇଥିଲେ। ଦୁଇବର୍ଷ ଜେଲରେ ରହିବା ପରେ ଜାମିନରେ ଆସି ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ଦୁଇ ପୁଅ ଏବେ ବଡ଼ ହେବା ପରେ ଘରେ ବାପା ସହ ଝଗଡ଼ା କରୁଥିଲେ। ଶୁକ୍ରବାର ରାତିରେ ଘରେ ବାପା ସହ ଝଗଡ଼ା ହେବା ପରେ ଉତ୍ତ୍ୟକ୍ତ ହୋଇ ଦୁଇପୁଅ କାଠଫାଳିଆରେ ପିଟି ଘର ଅଗଣାରେ ହତ୍ୟା କରିଥିଲେ। ଏତିକିରେ ସେମାନଙ୍କ ରାଗ ଶାନ୍ତ ହୋଇ ନ ଥିଲା। ପରେ ଦୁଇପୁଅ ପୁଣି ବାପା ଉପରେ ସ୍କୁଟି ଚଢ଼ାଇଥିଲେ। ଏନେଇ ଚାନ୍ଦିପୋଷ ଥାନା ଅଧିକାରୀ ତ୍ରିନାଥ ସେଠୀ ଖବର ପାଇବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ରାଉରକେଲାରୁ ସାଇଣ୍ଟିଫିକ୍ ଟିମ୍ ଆସିଲା ପରେ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ଲାଗି ଲହୁଣିପଡ଼ା ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ପଚରାଉଚରା କରିବା ପରେ ସତ୍ୟ ଘଟଣା ପଦାକୁ ଆସିଥିଲା। ସାବତ ମା'ଙ୍କ ନିର୍ଯାତନା ସାଙ୍ଗକୁ ନିଜ ମା'ଙ୍କୁ ହତ୍ୟା କରାଯାଇଥିବା ପ୍ରତିଶୋଧର ପରିଣାମ ବୋଲି ଅଭିଯୁକ୍ତଙ୍କ ମୁହଁରୁ ଜଣାପଡ଼ିଥିବା ବଣାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୟଦ ମଜବୁର୍ ରେହମାନ ପ୍ରକାଶ କରିଛନ୍ତି।

# ଗୋଚର ଜମି ଜବରଦଖଲ ଉଚ୍ଛେଦ ହୋଇପାରିଲାନି

**ଝୁମ୍ପୁରୀ,୪।୬(ଡି.ଏନ୍.ଏ.)**

ସରକାରୀ ଗୋଚର ଜମିକୁ କୌଣସି ବ୍ୟକ୍ତି ଜବରଦଖଲ କରିପାରିବେ ନାହିଁ ବୋଲି ସରକାରଙ୍କ ସ୍ପଷ୍ଟ ନିୟମ ରହିଛି। ହେଲେ ଯାଜପୁର ଜିଲା ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦରବା ଗାଁର କେତେଜଣ ବ୍ୟକ୍ତି ଗାଁରେ ଥିବା ଏକର ଏକର ଗୋଚର ଜମିକୁ ଜବରଦଖଲ କରି ଘର କରିଛନ୍ତି। ଏହି ଜବରଦଖଲ ବିରୋଧରେ ଗାଁର କେତେଜଣ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ହାଇକୋର୍ଟ ଜବରଦଖଲ ଉଚ୍ଛେଦ କରିବାକୁ ଦଶରଥପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଦଶରଥପୁର ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରିବାକୁ ଅତିରିକ୍ତ ତହସିଲଦାରଙ୍କ ସହ ଖାନନଗର ଆରଆଇ, ୨ରୁ ୩ ଜଣ ପୋଲିସ କର୍ମଚାରୀଙ୍କୁ ସାଙ୍ଗରେ ଧରି ଦରବା ଗାଁରେ ଏକ ଜେସିବି ମେଶିନ୍ ନେଇ ପହଞ୍ଚିଥିଲେ। ଏକଥା ଜାଣିବା ପରେ ଗାଁର ସୁଦର୍ଶନ ବାରିକ, ପରୀକ୍ଷିତ ପଲେଇ, ପ୍ରକାଶ ସାହାଣୀ, ନବଘନ ସାହାଣୀ, ଜଗବନ୍ଧୁ ବାରିକ, ଧର୍ମେଶ ବାରିକ, ବସନ୍ତ ବାରିକ, ଗୁରୁଚରଣ ପଲେଇ ପ୍ରମୁଖଙ୍କ ସହ ଶତାଧିକ ମହିଳା ଏକତ୍ରିତ ହୋଇ ଅତିରିକ୍ତ ତହସିଲଦାରଙ୍କୁ ବିରୋଧ କରିଥିଲେ। ପ୍ରଥମେ ବ୍ୟକ୍ତିଗତ ଜମିରୁ ଜବରଦଖଲ ଉଚ୍ଛେଦ ପରେ ଓ ଗଢ଼ି ଉଠିଥିବା ମନ୍ଦିରକୁ ଭାଙ୍ଗିବାକୁ ଲୋକମାନେ କହିଥିଲେ। କିନ୍ତୁ ଅତିରିକ୍ତ ତହସିଲଦାର ଆଗେ ମନ୍ଦିରଗୁଡ଼ିକୁ ଭାଙ୍ଗିବାକୁ ଚେଷ୍ଟା କରିବାରୁ ଲୋକମାନଙ୍କ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ। ଲୋକମାନେ ଅତିରିକ୍ତ ତହସିଲଦାରଙ୍କୁ ଘେରାଉ କରିବା ସହ ରାସ୍ତା ଉପରେ ନିଆଁ ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଅତିରିକ୍ତ ତହସିଲଦାର ଲୋକମାନଙ୍କ ବିରୋଧ ଯୋଗୁ ଉଚ୍ଛେଦ କରି ନ ପାରି ହଟହଟା ହୋଇ ଫେରିଛନ୍ତି।

ସୂଚନାଯୋଗ୍ୟ, ଗୋଚର ଜମି ଉପର ୧୯୭୮ରୁ ଗୋପବନ୍ଧୁ ପୀଠ ନାମରେ ଏକ ଘର ସହ ଲୋକନାଥଙ୍କ ମନ୍ଦିର, ହନୁମାନ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର ସହ ଅଲେଖ ବାବାଙ୍କର ଏକ ମଠ ରହିଛି। ମାତ୍ର ଅତିରିକ୍ତ ତହସିଲଦାର ଜବରଦଖଲ ଉଚ୍ଛେଦ କରିବା ପାଇଁ ଉକ୍ତ ଗ୍ରାମକୁ ଯାଇଥିବାବେଳେ ସାଙ୍ଗରେ ପୋଲିସ ଫୋର୍ସ ବଦଳରେ ୨ରୁ ୩ ଜଣ ପୋଲିସ କର୍ମଚାରୀଙ୍କୁ ସାଙ୍ଗରେ ନେଇଥିଲେ। ଫଳରେ ଏତେ ସଂଖ୍ୟକ ବିରୋଧକାରୀଙ୍କୁ ଆୟତ କରିବା ସମ୍ଭବ ହୋଇ ନ ଥିଲା। ଆଇନ ଅନୁଯାୟୀ ଜବରଦଖଲ ଉଚ୍ଛେଦକୁ ଯିବା ପୂର୍ବରୁ ସାଙ୍ଗରେ ପୋଲିସ ଫୋର୍ସ ନେବା କଥା। କିନ୍ତୁ ତହସିଲ ପ୍ରଶାସନ ପକ୍ଷରୁ ଫୋର୍ସ ପଠାଯାଇ ନ ଥିଲା। ଅଯଥାରେ ସରକାରୀ ତହବିଲରୁ ଅର୍ଥ ଅପଚୟ କରାଯାଉଥିବା ଅଭିଯୋଗ ହୋଇଛି। ତହସିଲଦାରଙ୍କ ଏପରି ଖାମଖିଆଲି ନୀତି ପାଇଁ ଜବରଦଖଲ ଉଚ୍ଛେଦ ହୋଇପାରିଲା ନାହିଁ ବୋଲି ଗାଁର ଉଦିତ ନାୟକ, ନଗେଶ ନାୟକ, ବ୍ରଜକାନ୍ତ ନାୟକ, ସୁନୀଲ କୁମାର ରାୟ, ଭୀମସେନ ନାୟକ, ବସନ୍ତ କୁମାର ନାୟକ ପ୍ରମୁଖ କହିଛନ୍ତି।

- ଆଗେ ବ୍ୟକ୍ତିଗତ, ପରେ ମନ୍ଦିର
- ନିଆଁ ଜାଳି ରାସ୍ତାରୋକୋ, ପ୍ରଶାସନକୁ ଘେରାଉ



ଗ୍ରାମବାସୀ ରାସ୍ତାରେ ନିଆଁଜାଳି ପ୍ରତିବାଦ କରୁଛନ୍ତି।



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ପଳାସ ଜୋର ନିଲାମ ବାତିଲ ପାଇଁ ବିଡିଓଙ୍କୁ ଦାବିପତ୍ର

**କୋରେଇ,୪।୬**

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତରେ ଥିବା ପଳାସ ଜୋର ନିଲାମ ବାତିଲ ପାଇଁ ଦାବି କରାଯାଇଛି। ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ ବିଡିଓଙ୍କ ନିକଟରେ ନିଲାମ ବାତିଲ ପାଇଁ ଦାବି କରିଛନ୍ତି। ଏଥିସହିତ ଜିଲାପାଳ, ଉପଜିଲାପାଳ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ଓ ଜିପିଓଙ୍କ ନିକଟରେ ମଧ୍ୟ ଅଭିଯୋଗ କରାଯାଇଛି।

ଉକ୍ତ ଜୋର (ନାଳ) ଧନେଶ୍ୱର ପଞ୍ଚାୟତର ରଣସରପୁରରୁ ବାହାରି ବୁଢ଼ା ନଦୀରେ ମିଶିଛି। ଏହି ନାଳ ଅବିଭକ୍ତ ପାଣିକୋଇଲି ପଞ୍ଚାୟତରେ ଥିଲା ଓ ୨୦୧୭ରେ ପଥରପଦା ପଞ୍ଚାୟତ ପୁନଃ ଗଠିତ ହେବାପରେ ଏହା ପଥରପଦା ପଞ୍ଚାୟତକୁ ଯାଇଥିଲା। ଏହି ନାଳ ଉପରେ ଓଚିନ୍ଦା, ମୁଲରୀ, ତାଜପୁର, ଖସାଗଡ଼ିଆ ଓ ପଥରପଦା ଆଦି ଗ୍ରାମର ଗ୍ରାମବାସୀ ନିର୍ଭର କରନ୍ତି। ଏହି ନାଳରେ ଚାଷ ଜମିକୁ ପାଣି ମଡ଼ାଇବା ପାଇଁ ୫ଟି ସରକାରୀ ଚେକ ଡ୍ୟାମ୍ ନିର୍ମାଣ କରାଯାଇଛି। ଏଥିସହିତ ବର୍ଷା ଦିନେ ନାଳରୁ ମାଛ ଧରି କୈବର୍ତ୍ତମାନେ ଜୀବିକା ନିର୍ଭର କରନ୍ତି। ନାଳରୁ ପାଣିନେଇ ଅନେକ ଚାଷୀ ପରିବା ଚାଷ କରିଥାନ୍ତି। ଅନେକ ଲୋକ ସ୍ନାନ, ଶୌଚାଦି ପାଇଁ ଏହି ନାଳ ଉପରେ ନିର୍ଭର କରନ୍ତି। ଜନସାଧାରଣ ବ୍ୟବହାର କରୁଥିବାରୁ ଏହାକୁ କାହାକୁ ବ୍ୟକ୍ତିଗତ ନିଲାମ ଦିଆଯାଏ ନାହିଁ। କିନ୍ତୁ ଚଳିତ ବର୍ଷ ପଥରପଦା ପଞ୍ଚାୟତ ପକ୍ଷରୁ ଏହାକୁ ନିଲାମ କରାଯାଇ ବ୍ୟକ୍ତିଗତ ଭାବେ ଲୋକଙ୍କୁ ଦିଆଯାଇଛି। ୪ କିଲୋମିଟର ବ୍ୟାପୀ ଏହି ନାଳ ନିଲାମ ଦ୍ୱାରା ୫ଟି ରାଜସ୍ୱ ଗ୍ରାମର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିଲାମଧାରୀ ଚାଷ ଜମିକୁ ପାଣିଦେବା ଓ ମାଛ ଧରା ଉପରେ ରୋକ ଲଗାଇବା ପାଇଁ କହି ବୁଲିଲେଣି। ଯଦ୍ୱାରା ସାଧାରଣଲୋକଙ୍କ ବ୍ୟାପକ କ୍ଷତି ହେବାର ସମ୍ଭାବନା ଦେଖାଦେଇଛି। ତେବେ ଜନସାଧାରଣଙ୍କ ହୀତ ଦୃଷ୍ଟିରୁ ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି।

# ଗ୍ରାମବାସୀଙ୍କ ବିରୋଧ ପରେ ନୂତନ ଶୋ'ରୁମ୍ ବନ୍ଦ



ଗୁଲ୍‌ନଗର ଗାଁର ଶତାଧିକ ଲୋକେ ନୂଆ ଶୋ'ରୁମ୍ ଆଗରେ ଧାରଣାରେ ବସିଛନ୍ତି।

**କେନ୍ଦ୍ରାପଡ଼ା ଅଫିସ, ୪।୬**

କେନ୍ଦ୍ରାପଡ଼ା ବ୍ଲକ ଗୁଲ୍‌ନଗରର ବୁଢ଼ା ଗୋବିନ୍ଦ ଜୀଉ ମାମଲା କୋର୍ଟ କଚେରି ପରେ ଗଣଧାରଣାରେ ପହଞ୍ଚିଛି। ଶନିବାର ପୂର୍ବାହ୍ନରେ ଗୁଲନଗର ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ଏକ ଘରୋଇ କମ୍ପାନୀର ଶୋ'ରୁମ ଉଦ୍‌ଘାଟନ ବାତିଲ ହୋଇଛି। ଟାଉନ ପୋଲିସ ଏହି ଗଣଧାରଣା ସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କ ସହ ଆଲୋଚନା ପରେ ଶୋ'ରୁମ୍ ଖୋଲିବାକୁ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଆନ୍ଦୋଳନକାରୀ ଗୁଲନଗର ଗାଁର ବାବାଜି ସାହୁ କହିଛନ୍ତି, ଶ୍ରୀଜୀଉଙ୍କ

## ବୁଢ଼ା ଗୋବିନ୍ଦ ଜୀଉ ମାମଲା

ଦୁଇ ଏକର ୭ ଡିସିମିଲ ଜମି ତିନିମୁହାଣୀ ବଜାର ଉପରେ ଅଛି। ତେବେ ଏହି ଜମିକୁ ୧୧ ଜଣ ଜବରଦଖଲ କରିଛନ୍ତି। ଏ ନେଇ ହାଇକୋର୍ଟରେ ମାମଲା ପରେ ଦେବୋତ୍ତର କମିଶନଙ୍କ ଇଜିଲାସରେ ସମାଧାନ ହୋଇଥିଲା। କମିଶନ ଜବରଦଖଲରେ ଥିବା ବ୍ୟବସାୟ ସ୍ଥଳର ଭଡ଼ାକୁ ଏକ ଆକାଉଣ୍ଟରେ ଜମା ରଖିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହି ଚିଠି ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କ ଉପରେ ଘର ଭଡ଼ା ଦେବା ବାବଦକୁ କୌଣସି ଚାପ ପକାଯାଉନାହିଁ। ଅପରପକ୍ଷରେ ଜଣେ ଜବରଦଖଲକାରୀ ଏକ ବିରାଟ ଘରକୁ ଏକ ଘରୋଇ କମ୍ପାନୀର ଶୋ'ରୁମ୍ ପାଇଁ ହସ୍ତାନ୍ତର କରିଛନ୍ତି। ଏହି ଶୋ'ରୁମ୍‌ରୁ ଆଦାୟ ହେବାକୁ ଥିବା ଘରଭଡ଼ା ଅର୍ଥ ଦେବୋତ୍ତର କମିଶନଙ୍କ ନିର୍ଦ୍ଦେଶିତ ଆକାଉଣ୍ଟରେ ଜମା କରିବା ଦାବିରେ ଗଣଧାରଣା ଦିଆଯାଇଥିବା ସାହୁ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଘରୋଇ କମ୍ପାନୀ ପରିଚାଳକ ନିଜ ନାମ ଗୋପନ ରଖି କହିଛନ୍ତି, ମାଲିକଙ୍କ ପରାମର୍ଶ ଅନୁଯାୟୀ କୌଣସି ମନ୍ତବ୍ୟ ଦେବେନାହିଁ। ଏହି ଗଣଧାରଣାରେ ଗୁଲନଗର ଗାଁର ଶତାଧିକ ଗ୍ରାମବାସୀ ସାମିଲ ଥିଲେ।

# କଲେଜରେ ବିଶ୍ୱ ତମାଖୁ ନିରୋଧ ଦିବସ

**ପଟ୍ଟାମୁଣ୍ଡାଇ, ୪।୬(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ମହିଳା କଲେଜରେ ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ. ରାଜଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଇତିହାସ ବିଭାଗ ଅଧ୍ୟାପିକା ପୁଷ୍ପାଞ୍ଜଳି ମହାନ୍ତି ଓ ଅର୍ଥନୀତି ବିଭାଗ ଅଧ୍ୟାପିକା ରୀତା ଦାସ ଯୋଗଦେଇଥିଲେ। ସେମାନେ ତମାଖୁ ସେବନ ଦ୍ୱାରା ମଣିଷ ଶରୀର ଉପରେ ପଡୁଥିବା ପ୍ରଭାବ ଓ ପରିବେଶ ମଧ୍ୟ ପ୍ରଭାବିତ ହେଉଛି ବୋଲି ମତପ୍ରକାଶ କରିଥିଲେ। ତେଣୁ ତମାଖୁ ବର୍ଜନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ସୁକାନ୍ତି ଲେଙ୍କା, ଅନୁପମା ଦାସ, ପୁଷ୍ପଲତା ସାହୁ, ରୁଦ୍ରାଣୀ ଦାସ, ଅର୍ଚ୍ଚନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

# ବ୍ୟାସନଗରରେ ଗଡ଼ିଲା ସଚେତନତା ରଥ



ସଚେତନତା ରଥକୁ ସହର ପରିକ୍ରମା କରାଯାଉଛି।

**କଳିଙ୍ଗନଗର, ୪।୬ (ଡି.ଏନ୍.ଏ.)**

ଯାଜପୁର ରୋଡ୍‌ସ୍ଥିତ ଯାଜପୁର ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ପୂର୍ବାହ୍ନ ୯ଟାରୁ ଏକ 'ଶିଶୁ ଶ୍ରମିକ ନିରାକରଣ ସଚେତନତା'ରଥ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଗୋପବନ୍ଧୁ ଛକ, ଷ୍ଟେସନ ବଜାର ମୁଖ୍ୟ ରାସ୍ତା ଦେଇ କଲେଜ ଛକ ନିକଟସ୍ଥ ଶ୍ରମ ଦପ୍ତରରେ ପହଞ୍ଚିଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଏହି ସଚେତନତା ରଥକୁ ତାଙ୍କ କାର୍ଯ୍ୟାଳୟରେ ସ୍ୱାଗତ କରିବା ପରେ ଏହା ସହର ପରିକ୍ରମାରେ ଯାଇଥିଲା। ଏହି ପରିକ୍ରମାରେ ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଅତିରିକ୍ତ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ଗ୍ରାମୀଣ ଶ୍ରମ ନିରୀକ୍ଷକ ସଞ୍ଜିତ କୁମାର ଦେଓ, ମହେଶ କୁମାର ସୁନାନୀ, ଦେବଶ୍ରୀ ପଣ୍ଡା, ରତ୍ନାକର ପରିଡ଼ା, ଶଶିକାନ୍ତ ପ୍ରଧାନ, ଆଇଏନଟିୟୁସି ଜିଲା ସଭାପତି ବିଦ୍ୟାଧର ମହାନ୍ତି, ସିଟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ, ଅଣସଂଗଠିତ ଶ୍ରମିକ ନେତା ପଦ୍ମନାଭ ନାୟକ, ଶ୍ରମିକ ନେତା ପ୍ରଦୀପ ନାୟକ, ଦୁଷ୍ମନ୍ତ କୁମାର ରାଉତ, ପାକିଜା ବେଗମ, ରୁନୁ ଲାଲା, ଭାଗିରଥୀ ଦାସ, ରବୀନ୍ଦ୍ର ମଣ୍ଡଳ, ପ୍ରମୋଦ ସାମଲ, ଶରତ ରାଉତ, ଅଜୟ ସାହୁ, କାର୍ତ୍ତିକେଶ୍ୱର ପଲେଇ, ଉମାକାନ୍ତ ମଲ୍ଲିକ, ପ୍ରଦୀପ ମିଶ୍ର, ଅବିନାଶ ଦାସ, ସନ୍ତୋଷ କୁମାର ନାୟକ, ପ୍ରକାଶ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ବହୁ ପୁରୁଷ ଓ ମହିଳା ଶ୍ରମିକ ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ଶିଶୁ ଶ୍ରମିକ ବିରୋଧୀ ନାରା ଦେଇ ହୋଟେଲ, ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ଆଦି କ୍ଷେତ୍ରରେ ନିୟୋଜିତ ଶିଶୁ ଶ୍ରମିକଙ୍କୁ ତୁରନ୍ତ ଅପସାରଣ ପାଇଁ ଦାବି କରିଥିଲେ। ଶିଶୁ ଶ୍ରମିକ ଆଇନ କଠୋର ହୋଇଛି। ଏହି ସଚେତନତାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଜିଲା ଶ୍ରମ ଦପ୍ତର ଆନୁକୂଲ୍ୟରେ ଏହି ରଥ ବାହାରିଥିବା ଜଣାଯାଇଛି। ଶୁକ୍ରବାର ଜିଲା ସଦରମହକୁମା ଯାଜପୁରରେ ପ୍ରଥମେ ଏହି ରଥ ଗଡିଥିଲା। ଶନିବାର ୨ୟ ଦିବସରେ ଶିଳ୍ପଭିତ୍ତିକ ଓ ଶ୍ରମବହୁଳ ବ୍ୟାସନଗର ସହରରେ ଏହି ରଥ ଗଡିଛି। ଶିଶୁ ଶ୍ରମ ମୁକ୍ତ ବ୍ୟାସନଗର ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ଆମର ସଂକଳ୍ପ ବୋଲି ନାରା ଦିଆଯାଇଛି। ଜିଲାକୁ କିପରି ଶିଶୁ ଶ୍ରମିକମୁକ୍ତ କରାଯାଇପାରିବ ଏହି ଲକ୍ଷ୍ୟ ନେଇ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ଏବଂ ଯାଜପୁର ଶ୍ରମ ବିଭାଗ ଆନୁକୂଲ୍ୟରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ତା'ର ବାର୍ତ୍ତା ବାଣ୍ଟି ଚାଲିଛି।


## OFFICE OF THE MUNICIPAL COUNCIL, RAYAGADA

### QUOTATION CALL NOTICE

**Letter No. 3098** **Date: 26.05.2022**

No. C-440: Sealed quotations are invited from the Reputed Company/ Authorised Dealer for Purchase of Personal Protective Equipment (PPE) for Rayagada Municipality. The quotation paper will be available from the Sanitation Section of Rayagada Municipality on payment of Rs.1000/- (Non-refundable) in shape of Bank Draft/Demand Draft/Bankers Cheque/ Cash in favour of Executive Officer, Rayagada Municipality, payable at Rayagada except Government Holidays. The last date of submission of quotation paper is on Dtd.10.06.2022 upto 10.00 A.M. and the same will be opened on Dtd.10.06.2022 at 12.30 P.M. in the presence of the quotationer or their authorised representative who may be present there. The quotationer required must submit valid G.S.T. Registration Certificate/Signed Copy of PAN Card allotted by Income Tax Department/ NSIC Registration Certificate (if available)/Experience in Similar Nature of Work since last 02 (Two) years. The authority has rights to reject or accept any or all quotation without assigning any reason thereof.

**Sd./- Executive Officer**
**Rayagada Municipality**
**OIPR-13150/11/0010/2223**

## Sambalpur Municipal Corporation
## Sambalpur-768001

**Email ID: sambalpurm.hud@nic.in**

### 'e' Procurement NOTICE

**Bid Identification No: 05/SMC_SBP/2022-23**

**No.C-431:**The Municipal Commissioner on behalf of Municipal Corporation, Sambalpur invites tenders in Two Bid system {Part-I: General & Technical Bid and Part-II: Price Bid (percentage rate bids)} in conformity with Detailed Tender Call Notice (DTCN) for the following work .

1.**Name of the Works: i. Development of Eco Park at Kuluthkani. ii. Rejuvenation of pond inside Jawahar Udyan with Pepherial development with boating and Lighting arrangement at Hirakud.**
2.Approximate Estimated Costs:**Rs.178.55 Lakhs & Rs.80.01 Lakhs**
3. Period of completion: As per NIT. 4.Date & time of availability of the bid documents in the portal: From **11.00 Hrs of 04. 06 .2022 To 17.00 Hrs of 24.06.2022.** 5.Last Date/ Time for receipt of bids in the portal: **17.00 Hours of 24.06.2022.** 6.Technical Bids will be opened on: **11.00 Hrs of 27.06.2022.** 7. Name & address of the officer inviting bid: **Municipal Commissioner, Sambalpur Municipal Corporation, Sambalpur.**
Further the details can be seen from the procurement portal: **https:// tendersodisha.gov.in.**

**Sd./-Municipal Commissioner, Sambalpur Municipal Corporation**
**OIPR-13122/11/0020/2223**

## ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ
## Office of the Municipal Council, Phulbani

**Through Fax/E-mail/Post କନ୍ଧମାଳ, Kandhamal, Phulbani,**
**Tel.No.06842-253619, Fax:06842-253619**
**E-mail: municipality.plb@rediffmail.com**
**Letter No.2259// Date:27.05.2022**

### TENDER NOTICE

**No.C-436:**Bid documents consisting of 25 (twenty five) Nos. of civil works with estimated cost (work value), cost of tender paper, time of completion, class of contractors and the set of terms and conditions applicable for the contract and required necessary documents available in Phulbani Municipality.

| | |
|---|---|
| 1. Name of the works | : Civil works as mentioned in the office. |
| 2. No. of works | : 25 (twenty five) only |
| 3. Tender amount | : Rs.13.00 lakhs to Rs. 19.00 lakhs |
| 4. Date & time of Availability of Bid Documents on the portal | : From date.02.06.2022, 10.00 AM To Date 09.06.2022, 5.00 PM |
| 5. Last Date & time of Availability of Bid Documents on the portal | : 09.06.2022, 5.00 PM |
| 6. Bid opening date and time | : 10.06.2022, 11.00AM |
| 7. Name and address of bid Iniviting officer | : Executive Officer, Phulbani Municipality |

Further details of the tender documents can be seen from municipality office in working hours.

**Sd./- Executive Officer, Phulbani Municipality**
**OIPR-13195/11/0005/2223**

## DIRECTORATE OF MEDICAL EDUCATION & TRAINING, ODISHA

### NOTICE FOR ADMISSION TO BASIC BSC NURSING COURSE

**No 6587//** **Dt 03.06.2022**

**No.E-193:**It is for the information of all concerned that the admission to the Basic B.Sc Nursing course shall be done through a common entrance test as per the syllabus of Indian Nursing Council, New Delhi. It is also stipulated that the NEET(UG) entrance test shall be used for such selection of candidates.

It is hereby informed that, from the academic session 2023-24, the admission to Basic B.Sc Nursing course in all Nursing institutions in this state shall be through the NEET(UG).

Hence all the candidates desirous of taking admission in Basic B.Sc Nursing course shall participate in NEET(UG) Examination conducted by National Testing Agency(NTA). No candidates will be admitted to Basic B.Sc Nursing course without qualifying the NEET(UG) from the academic session 2023-24. The candidates are requested to check the website https://nta.ac.in time to time.

**Sd./- Convener**
**State Nursing Selection Committee, Odisha**
**OIPR-10016/11/0008/2223**

## Government of Odisha
## Sports & Youth Services Department

**C-1,Nayapalli, Bhubaneswar-751012**

**ODISHA-SAI, REGIONAL BADMINTON ACADEMY**
**Sahidnagar, Bhubaneswar**
**Email: odishasairba@gmail.com**
**Web site address: department.sportsodisha.gov.in**
**PHONE: - 0674-2543044/ 3510240**

### TENDER CALL NOTICE

**No.TT-01:**Sealed tenders are invited from the reputed firms / suppliers / authorized dealer for supply of the following items to Odisha-AI, Regional Badminton Academy, Shaheed Nagar, Bhubaneswar.

| Schedule No. | Brief Description of Sports Kit | Bidding documents cost (Rs.) |
|---|---|---|
| 01 | Supply of Yonex feather Shuttle Cocks | 500 |

| | |
|---|---|
| 2.(i) Date of Sale of Bidding Document | From 05.06.2022 to 20.06.2022 1 1:00 hrs to 16:30 hrs |
| (ii) Place of Sale of Bidding Documents | Odisha-SAI, Regional Badminton Academy, Saheed Nagar, Bhubaneswar 751009 |
| (iii) Closing date & time for receipt of Bid | 20.06.2022 at 15:30 hrs |
| (iv) Time and date of opening of Technical Bid Financial Bid | 20.06.2022 at 15.30 hrs 20.06.2022 16.00 hrs |
| (v) Validity period of tender paper | One Year from the date of finalization of tender. |

Tender Form and other details shall be obtained from the office on all working days (except on Saturdays & Sundays) from 05.06.2022 to 20.06.2022 against payment of Rs.500/-as tender cost (up to 11:30 A.M. on 20.06.2022). If opening day of the tender falls on a holiday, the next working day shall be considered for opening the tender as scheduled.

The tender documents are also available on website department.sportsodisha.gov.in and the same may be downloaded. The cost of the tender forms shall be paid by means of Demand Draft for Rs. 500 /- drawn in favour of Director, Odisha-SAI, Regional Badminton Academy, Saheed Nagar, Bhubaneswar while submission of the bid for those who download the document.

An amount of Rs.20,000/- (Rupees Twenty Thousand only) should be deposited as EMD along with the tender as per Annexure I of the tender document. The technical specifications of required sports kit are detailed in Annexure - II of the tender documents. Undersigned reserves the right to accept or reject any or all tenders without assigning any reasons.

**Sd./- Director**
**Odisha Sai-Regional Badminton Academy**
**OIPR-29009/11/0004/2223**

# ବ୍ୟବଚ୍ଛେଦ ପାଇଁ ୮ କି.ମି. ବୋହିଲେ ମୃତଦେହ

## ରାତିସାରା ଜଙ୍ଗଲରେ ମୃତଦେହ ଜଗିରହିଲେ ପରିବାର ଲୋକେ



ପରିବାର ଲୋକେ ମୃତଦେହ ଖଟିଆରେ ବୋହି ନେଉଛନ୍ତି।

**ଟିକିରି,୪।୬(ଡି.ଏନ୍.ଏ.)**

ମୃତଦେହ ପୋଷ୍ଟମର୍ଟମ ପାଇଁ ନେବାକୁ ମିଳିଲାନି ଆମ୍ବୁଲାନ୍ସ। ଅର୍ଥ ଅଭାବ ଯୋଗୁ ପରିବାର ଲୋକେ ଭଡ଼ାଗାଡ଼ି ଯୋଗାଡ଼ କରିପାରି ନ ଥିଲେ। ଶେଷରେ ମୃତଦେହ ଖଟିଆରେ ବୋହି କୋରାପୁଟ ଅଭିମୁଖେ ବାହାରିଥିଲେ। ଦୀର୍ଘ ୮ କି.ମି. ଦୂର ମୃତଦେହ ବୋହି ନେବାପରେ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଆମ୍ବୁଲାନ୍ସରେ କୋରାପୁଟ ପଠାଇଥିଲା। ଏଭଳି ଅଭାବନୀୟ ଘଟଣା ଶନିବାର ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ଘଟଣାରୁ ପ୍ରକାଶ, କାଶୀପୁର ବ୍ଲକ ଟିକିରି ଥାନା ଅଧୀନ ଦୁଡୁକାବାଲ ପଞ୍ଚାୟତ ସଦର ଗ୍ରାମର ବାବୁଲା ଗୌଡ଼ ମେ ୬ରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ବିଫଳ ହେବାପରେ ୧୦ ତାରିଖରେ ଟିକିରି ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ପୋଲିସ ଏ ନେଇ ଅନୁସନ୍ଧାନ ଚଳାଇଥିଲା। ଶୁକ୍ରବାର ଅପରାହ୍ଣରେ ତାଙ୍କ ଝୁଲନ୍ତା ମୃତଦେହ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ଗଛରୁ ମିଳିଥିଲା। ପୋଲିସ ମୃତଦେହ ଜବତ କରିଥିଲା। ତେବେ ଶରୀର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ କାଶୀପୁରରେ ପରୀକ୍ଷା କରିବା ସୁବିଧା ନ ଥିବା କହି କୋରାପୁଟ ନେବାକୁ କହିଥିଲେ। ଆମ୍ବୁଲାନ୍ସ ଆସିବ କହି କହି ପହଞ୍ଚି ନ ଥିଲା। ଫଳରେ ରାତିରେ ପରିବାର ଲୋକେ ପୋଲିସ ଉପସ୍ଥିତିରେ ବାବୁଲାଙ୍କ ମୃତଦେହକୁ ଜଙ୍ଗଲରେ ଜଗି ରହିଥିଲେ। ଶନିବାର ମଧ୍ୟ ସକାଳ ୯ ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ପହଞ୍ଚି ନ ଥିଲା। ଏହାପରେ ଉକ୍ତ ପରିବାର ଲୋକେ ଖଟିଆର ବ୍ୟବସ୍ଥା କରି ମୃତଦେହ କାନ୍ଧରେ ବୋହି କୋରାପୁଟ ଅଭିମୁଖେ ବାହାରିଥିଲେ। ଉଷାପଡ଼ା ଛକରେ ପୋଲିସ ପରିବାର ଲୋକଙ୍କୁ ଅଟକାଇ ଉତ୍କଳ ଆଲୁମିନା ହସ୍ପିଟାଲର ଆମ୍ବୁଲାନ୍ସ ଯୋଗେ ମୃତଦେହ କୋରାପୁଟ ପଠାଇଥିଲା। ବ୍ୟବଚ୍ଛେଦ ପରେ ଗାଁକୁ ଆଣି ଅପରାହ୍ଣରେ ସତ୍କାର କରାଯାଇଛି।

ଅନ୍ୟପକ୍ଷରେ ଏ ନେଇ ଟିକିରି ଥାନା ନଂ. ୨/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଯୁବକଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହାର ତଦନ୍ତ ଚାଲିଥିବା ସୂଚନା ମିଳିଛି।

# ବର୍ଷେ ଭିତରେ ପ୍ରାଣ ହରାଉଛନ୍ତି ୩୬ରୁ ଜଣେ ନବଜାତକ

## ମଧ୍ୟପ୍ରଦେଶରେ ସର୍ବାଧିକ ଶିଶୁ ମୃତ୍ୟୁହାର

**ନୂଆଦିଲ୍ଲୀ, ୪।୬**



କିଛି ଦଶନ୍ଧି ହେଲା ଭାରତରେ ଶିଶୁ ମୃତ୍ୟୁହାର (ଆଇଏମ୍ଆର୍) ହ୍ରାସ ହେଉଥିଲେ ହେଁ ଏବେ ବି ଏହି ସଂଖ୍ୟା ଉଦ୍‌ବେଗଜନକ ରହିଛି। ଦେଶରେ ପ୍ରତି ୩୬ ଶିଶୁଙ୍କ ମଧ୍ୟରୁ ଜଣେ ସେମାନଙ୍କ ପ୍ରଥମ ଜନ୍ମଦିନ ପୂର୍ବରୁ ପ୍ରାଣ ହରାଉଛନ୍ତି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ଶିଶୁ ମୃତ୍ୟୁହାର ଅର୍ଥାତ ପ୍ରତି ହଜାରେ ନବଜାତକଙ୍କ ଜନ୍ମର ବର୍ଷେ ପୂର୍ବରୁ କେତେ ଜଣଙ୍କ ମୃତ୍ୟୁ ଘଟୁଛି, ତାହା କୌଣସି ଦେଶରେ ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଦର୍ଶାଇଥାଏ।

ସଦ୍ୟ ପ୍ରକାଶ ପାଇଥିବା ଡାଟା ଅନୁସାରେ, ସମ୍ପ୍ରତି ଆଇଏମ୍ଆର୍‌ର ବର୍ତ୍ତମାନ ସ୍ତର (୨୦୨୦ ପାଇଁ ପ୍ରତି ହଜାରେରେ ୨୮ ଶିଶୁଙ୍କ ମୃତ୍ୟୁ ) ୧୯୭୧ ମସିହା ତୁଳନାରେ ଏକ-ଚତୁର୍ଥାଂଶରୁ ମଧ୍ୟ କମ୍ (ପ୍ରତି ହଜାରେ ନବଜାତକଙ୍କ ମଧ୍ୟରୁ ୧୨୯ ଶିଶୁ ମୃତ୍ୟୁ) ରହିଛି। ଗତ ୧୦ ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ୩୬% କମିଛି। ଗତ ଦଶନ୍ଧିରେ ସର୍ବଭାରତୀୟ ସ୍ତରରେ ଆଇଏମ୍ଆର୍ ୪୪ରୁ ୨୮ରେ ପହଞ୍ଚିଛି। ୨୦୨୦ରେ ମଧ୍ୟପ୍ରଦେଶରେ ସର୍ବାଧିକ ଆଇଏମ୍ଆର୍ ୪୩ ଥିବାବେଳେ ମିଜୋରାମରେ ସର୍ବନିମ୍ନ ଶିଶୁ ମୃତ୍ୟୁହାର ୩ ରହିଥିଲା। ଅପରପକ୍ଷେ ଗତ ୫ ଦଶନ୍ଧିରେ ଜନ୍ମହାର ମଧ୍ୟ ବଡ଼ ସଂଖ୍ୟାରେ ହ୍ରାସ ପାଇଛି। ୧୯୭୧ରେ ଶିଶୁ ଜନ୍ମହାର ୩୬.୯ ଥିବାବେଳେ ୨୦୨୦ରେ ତାହା ୧୯.୫ ରହିଛି। ୫ ଦଶନ୍ଧି ମଧ୍ୟରେ ଗ୍ରାମୀଣ ଅଞ୍ଚଳରେ ଶିଶୁ ଜନ୍ମହାର ସହରାଞ୍ଚଳ ଅପେକ୍ଷା ଅଧିକ ରହିଥିବା ରିପୋର୍ଟରେ କୁହାଯାଇଛି। ଗତ ଦଶନ୍ଧିରେ ଶିଶୁ ଜନ୍ମହାର ୧୧% କମିଛି। ୨୦୧୧ରେ ଦେଶରେ ଶିଶୁ ଜନ୍ମହାର ୨୧.୮ ଥିବାବେଳେ ୨୦୨୦ରେ ତାହା ୧୯.୫ ରହିଛି। ଗତ ୧୦ ବର୍ଷରେ ଗ୍ରାମାଞ୍ଚଳରେ ଜନ୍ମହାର ୨୩.୩ରୁ ୨୧.୧କୁ ଖସିଥିବାବେଳେ ସହରାଞ୍ଚଳରେ ୧୭.୬ରୁ ୧୬.୧କୁ କମିଛି।

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ରିଦ୍ଧି ପ୍ରିୟାଂଶୀ ଦେବତା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଅଜା, ଆଈ, ମାମୁ, ପାପା, ମମି, ବାବା, ମା, ଏବଂ ଦେବତା ପରିବାର, ପାତ୍ର ପରିବାର ରାଜୁ ମାମା।
ଧ-୭୩୫୦୬

# ପଶ୍ଚିମରେ ଅସମ୍ଭାଳ, ୪୫°ରେ ବଲାଙ୍ଗୀର

## ୨ଦିନ ୪ ଜିଲାରେ ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**

ପ୍ରବଳ ଗରମ ଓ ଗୁଳୁଗୁଳିରେ ସାରା ଓଡ଼ିଶା ଛଟପଟ ହେଉଛି। ମଝିରେ ମଝିରେ ବର୍ଷା ଯୋଗୁ ଉପକୂଳର ତାପମାତ୍ରା କମିଥିଲେ ମଧ୍ୟ ପଶ୍ଚିମ ଓଡ଼ିଶାର ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଟପିଛି। ପୁଣି ଆଗକୁ ଗ୍ରୀଷ୍ମ ପ୍ରବାହ ସହ ତାତି ଆହୁରି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଶନିବାର ରାଜ୍ୟର ୧୩ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ବଲାଙ୍ଗୀର ୪୫ ଡିଗ୍ରୀ ସହ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ଥିଲା। ସେହିପରି ଟିଟିଲାଗଡ଼ ୪୪.୮, ସମ୍ବଲପୁର ୪୪.୭, ସୋନପୁର ୪୪.୫, ହୀରାକୁଦ ୪୩.୬, ଅନୁଗୋଳ ୪୧.୧, ଝାରସୁଗୁଡ଼ା ୪୩.୬, ସୁନ୍ଦରଗଡ଼ ୪୨, ଭବାନୀପାଟଣା ୪୨.୫, ମାଲକାନଗିରି ୪୦, ନୟାଗଡ଼ ୪୦, ବରଗଡ଼ ୪୩, ନୂଆପଡ଼ା ୪୩, ଭୁବନେଶ୍ୱର ୩୫.୭ ଓ କଟକରେ ୩୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ସେପଟେ ଆସନ୍ତା ଦୁଇଦିନ ୪ ଜିଲାକୁ ଗ୍ରୀଷ୍ମ ପ୍ରବାହ ହେବ। ଏଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ବଲାଙ୍ଗୀର, ବୌଦ୍ଧ, ସୋନପୁର ଓ ବରଗଡ଼ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ବୟସ୍କ, ରୋଗୀଙ୍କୁ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ତାତି ଅଧିକ ରହିବାର ସମ୍ଭାବନା ଥିବାରୁ ସେ ସମୟରେ ଜରୁରୀ କାମରେ ବାହାରକୁ ବାହାରିଲେ ପ୍ରାକ୍‌ସାବଧାନତା ଅବଲମ୍ବନ କରିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ଅପରପକ୍ଷେ ଆସନ୍ତା ୪ ଦିନ ଅର୍ଥାତ୍ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ



**ଭଦ୍ରକ ଅଫିସ, ୪।୬:** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଧୂଷୁରୀ ପଞ୍ଚାୟତର ନରସିଂହପୁର ଗ୍ରାମ ବାହାରବିଲ ସାହିର ସ୍ୱାଧୀନତା ସଂଗ୍ରାମୀ କାଳନ୍ଦୀ ଚରଣ ଦାସ(୯୯)ଙ୍କର ଶନିବାର ଭୋର ସମୟରେ ପରଲୋକ ହୋଇଛି। ସେ ଜଣେ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଧାମନଗର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଓ ଧୂଷୁରୀ ଥାନା ଏଏସ୍ଆଇ ପରମାନନ୍ଦ ସାମଲ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଭଞ୍ଜସାହିର ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବା ବେଳେ ସ୍ୱର୍ଗତ ଦାସଙ୍କ ପୁଅ ପ୍ରମୋଦ ଦାସ ମୁଖାଗ୍ନି ଦେଇଥିଲେ।

# କୁକୁର କାମୁଡ଼ାରେ ଶମ୍ବର ମୃତ

**ଛେଣ୍ଡିପଦା,୪।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତ ଭାଲିଆସର ଗ୍ରାମ ନିକଟକୁ ଶନିବାର ସକାଳେ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ଏକ ଶମ୍ବରର କୁକୁର କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତ ଶମ୍ବରର ବୟସ ୪ ବର୍ଷ ବୋଲି ବନ ବିଭାଗ ସୂଚନା ଦେଇଛି। ଘଟଣାରୁ ପ୍ରକାଶ, ନୂଆଗାଁ ସଂରକ୍ଷିତ ଜଙ୍ଗଲର ଭାଲିଆସର ଅଞ୍ଚଳରୁ ଉକ୍ତ ଶମ୍ବରଟି ଗ୍ରାମ ନିକଟକୁ ଚାଲିଆସିଥିଲା। ହେଲେ ଗାଁରେ ଥିବା କୁକୁର ପଲ ଗୋଡ଼ାଇ ଆକ୍ରମଣ କରିବାରୁ ଶମ୍ବରଟି ନୂଆଗାଁ ଗାଁ ମୁଣ୍ଡରେ କ୍ଷତାକ୍ତ ହୋଇଯାଇଥିଲା। ଖବରପାଇ କଣଲୋଇ ସେକ୍ସନ ଫରେଷ୍ଟ ଗାର୍ଡ କମଳ ଲୋଚନ ପ୍ରଧାନ ଓ ହାତୀସ୍କାଡ୍ ପହଞ୍ଚି ଚିକିତ୍ସା ବ୍ୟବସ୍ଥା କରୁଥିବାବେଳେ ଶମ୍ବରର ମୃତ୍ୟୁ ହୋଇଯାଇଥିଲା। ପରେ ମୃତଦେହକୁ ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳକୁ ଅଣାଯାଇ ପଞ୍ଚନାମା କରାଯାଇଥିଲା। ଛେଣ୍ଡିପଦା ପ୍ରାଣୀଧନ ଅଧିକାରୀ ବିକାଶ କୁମାର ବେହେରା ମୃତଦେହ ବ୍ୟବଚ୍ଛେଦ କରିଥିଲେ। କୁକୁର କାମୁଡ଼ାରେ ଶମ୍ବରର ପିଠି, ବେକ ଓ ଗୋଡ଼ କ୍ଷତାକ୍ତ ହୋଇଥିବାରୁ ମୃତ୍ୟୁ ହୋଇଥିବା ଜଣାପଡିଛି। ବ୍ୟବଚ୍ଛେଦ ପରେ ବନ କାର୍ଯ୍ୟାଳୟ ପରିସରରେ ମୃତ ଶମ୍ବରକୁ ପୋତି ଦିଆଯାଇଛି।


ଶମ୍ବରର ମୃତଦେହ ନିକଟରେ ବନ ବିଭାଗ ଅଧିକାରୀମାନେ।

# ତଳିଆଙ୍କୁ ଦୋଷ ଦେଇ ଖସିଲେ ଅଧିକାରୀ

**ଭୁବନେଶ୍ୱର, ୪।୬(ବ୍ୟୁରୋ)**



### ବଡ଼ମ୍ବା ହାତୀ କଙ୍କାଳ ଉଦ୍ଧାର ଘଟଣା

### ଜଣେ ଫରେଷ୍ଟର, ଫରେଷ୍ଟ ଗାର୍ଡ ନିଲମ୍ବିତ

ଆଠଗଡ଼ ବନଖଣ୍ଡ ଅଞ୍ଚଳରୁ ବାରମ୍ବାର ହାତୀ କଙ୍କାଳ ମିଳୁଛି। ଏଠାରେ ହାତୀ ଭଳି ବୃହତ୍ ଜୀବ ବିପଦରେ ଥିବାବେଳେ ଅନ୍ୟ ବନ୍ୟପ୍ରାଣୀଙ୍କ ସ୍ଥିତି ଏଥିରୁ ହିଁ ସ୍ପଷ୍ଟ ହେଉଛି। ସେପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଶିକାର, ଚୋରା ଚାଲାଣ ପ୍ରାୟତଃ ନିତିଦିନିଆ ଘଟଣା ହୋଇଯାଇଛି। ଏବେ ବଡ଼ମ୍ବା ରେଞ୍ଜରେ ଗତ ଦୁଇଦିନରେ ପୃଥକ ସ୍ଥାନରେ ପୋତା ହୋଇଥିବା ଦୁଇଟି ହାତୀ କଙ୍କାଳ ଉଦ୍ଧାର ଘଟଣାରେ ମଧ୍ୟ ଚିରାଚରିତ ଢଙ୍ଗରେ ପଦକ୍ଷେପ ନିଆଯାଇଛି। ଦୁଇ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବାବେଳେ ଉପରିସ୍ଥ ଅଧିକାରୀଙ୍କୁ ସୁରକ୍ଷା ଦିଆଯାଇଛି। ନିଲମ୍ବିତ କର୍ମଚାରୀ ଦ୍ୱୟ ହେଲେ ବଡ଼ମ୍ବା ସେକ୍ସନ ଫରେଷ୍ଟର ପ୍ରଦୀପ ପରିଡ଼ା ଓ ବିଟ୍ ଫରେଷ୍ଟ ଗାର୍ଡ ତନ୍ମୟ ବେହେରା। ଏମାନଙ୍କ ଉପରେ ସବୁଦୋଷ ଥୋଇ ଉପରିସ୍ଥ ଅଧିକାରୀମାନେ ଖସି ଯିବାକୁ ଉଦ୍ୟମ କରିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଓ ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ର ମୁଖ୍ୟ ପୁରବୀ ପାତ୍ର ଏହି ଘଟଣା ପାଇଁ ଆଠଗଡ଼ ଡିଏଫ୍ଓ ଓ ରେଞ୍ଜରଙ୍କୁ ଦାୟୀ କରି ଆସୁଛନ୍ତି। ସେମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ମଧ୍ୟ ପୂରବୀ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଅବଗତ କରାଇଛନ୍ତି। ପୂର୍ବଭଳି କେବଳ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ଡିଏଫ୍ଓ ଏବଂ ରେଞ୍ଜରଙ୍କୁ ନିଲମ୍ବିତ କରାଯାଉ ବୋଲି ଦାବି କରିଛନ୍ତି।

ଶୁକ୍ରବାର ଖୋଦ୍ ଅନୁଗୋଳ ଆର୍‌ସିସିଏଫ୍ ଏମ୍. ଯୋଗଜୟାନନ୍ଦ ହାତୀ କଙ୍କାଳ ମିଳିଥିବା ଉଭୟ ଖୋରାଡ଼ ଓ ଜେନାପାଳ ଗାଁର ଉଭୟ ସ୍ଥାନକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଏହି ଦୁଇ ଘଟଣାକୁ ସେ ଅତ୍ୟନ୍ତ ଗୁରୁତର ଭାବରେ ଗ୍ରହଣ କରି ନିଜର ଏକ କେନ୍ଦ୍ରୀୟ ଟ୍ରେନିଂ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି। ଏଥିସହ ସନ୍ଦେହ ଘେରରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଠଗଡ଼ ଡିଭିଜନ ଅଫିସକୁ ଡାକି ଘନଘନ ଜେରା ଚାଲିଛି। ସେ କହିଛନ୍ତି, ଆମେ ବଡ଼ମ୍ବା ସେକ୍ସନ ଫରେଷ୍ଟର ପ୍ରଦୀପ ପରିଡ଼ା ଓ ବିଟ୍ ଗାର୍ଡଙ୍କୁ ନିଲମ୍ବନ କରିଛୁ। ଏବେ ତଦନ୍ତ ଚାଲିଛି। ଯିଏ ବି ସମ୍ପୃକ୍ତ ଥିବ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ, ବଡ଼ମ୍ବା ରେଞ୍ଜର ସୁରେଶ କୁମାର ଷଡ଼ଙ୍ଗୀ ୨୦୧୧ରେ ନରସିଂହପୁର ପୂର୍ବ ରେଞ୍ଜ ଅଧୀନ ରଣସିଂହପୁର ସେକ୍ସନରେ ଫରେଷ୍ଟର ଥିବାବେଳେ ଏକ ମାଈ ହାତୀର ମୃତଦେହକୁ ବ୍ୟବଚ୍ଛେଦ ନ କରି, ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ନ କରି, ପେଟ୍ରୋଲ ପକେଇ ଜାଳି ଦେଇଥିଲେ। ତେବେ ପୋଡିବା ପୂର୍ବରୁ ତତ୍କାଳୀନ ଅନୁଗୋଳ ଆର୍‌ସିସିଏଫ୍ ଏବଂ ଆଠଗଡ଼ ଡିଏଫ୍ଓ ଚଢ଼ାଉ କରି ତାଙ୍କୁ ଗିରଫ କରି ଜେଲ ପଠାଇଥିଲେ। ଜାମିନରେ ଆସିବା ପରେ ଅନେକ ଦିନ ନିଲମ୍ବନରେ ରହି ଚାକିରିରେ ପୁଣି ଯୋଗଦେଲେ। ପରବର୍ତ୍ତୀ ସମୟରେ ସୁରେଶ ଖୁଣ୍ଟୁଣି ବନାଞ୍ଚଳର କୃଷ୍ଣପୁର ସେକ୍ସନରେ ଫରେଷ୍ଟର ଥିବାବେଳେ ପ୍ଲାଣ୍ଟେସନ କାର୍ଯ୍ୟରେ ଦୁର୍ନୀତି କରି ପୁଣିଥରେ ନିଲମ୍ବିତ ହୋଇଥିଲେ। ଏଭଳି ଜଣେ କର୍ମଚାରୀଙ୍କୁ ବଡ଼ମ୍ବା ଭଳି ହାତୀପ୍ରବଣ ଅଞ୍ଚଳରେ କିଏ ଓ କେମିତି ନିଯୁକ୍ତି ଦେଲା ତାହାର ତଦନ୍ତ ହେବା ଜରୁରୀ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରିଛନ୍ତି। ହାତୀ କଙ୍କାଳ ଉଦ୍ଧାର ଘଟଣାକୁ ୪୮ ଘଣ୍ଟା ବିତିବା ପରେ ବି ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଘଟଣା ବନ ବିଭାଗର ନିଷ୍କ୍ରିୟତାକୁ ପଦାରେ ପକାଇଛି।

# ନନ୍ଦନକାନନରେ ଜନ୍ମ ନେଲା ବାରାଶିଙ୍ଗା




**ବାରଙ୍ଗ,୪।୬(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ୩୯ ନଂ ଏନ୍‌କ୍ଲୋଜରରେ ରହୁଥିବା ବାରାଶିଙ୍ଗା ଏକ ଶାବକକୁ ଜନ୍ମ ଦେଇଛି। ତେବେ ଜନ୍ମ ଦେବା ପରେ ମା’ ଓ ଛୁଆ ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ଏହି ଶାବକ ଜନ୍ମ ହେବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୫ରେ ପହଞ୍ଚିଛି।

# ପ୍ରକଳ୍ପ ସ୍ଥିତି ସମୀକ୍ଷା କଲେ ୫-ଟି ସଚିବ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ପୁରୀ ଅଫିସ,୪।୬**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସପକ୍ଷରେ ସୁପ୍ରିମ୍‌କୋର୍ଟ ରାୟ ରଖିବା ପରେ ଶନିବାର ପ୍ରାତଃ ସମୟରେ ୫-ଟି ସଚିବ ଭି କେ ପାଣ୍ଡିଆନ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ରଥଯାତ୍ରା ପାଖେଇ ଆସୁଥିବାରୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ୫-ଟି ସଚିବ ଗୁରୁତ୍ୱ ଦେଇଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଏକ ଟିମ୍ ତାଙ୍କ ସହ ନିର୍ମାଣସ୍ଥଳୀ ବୁଲି ଦେଖିଥିଲେ। ପୁରୀ ଜିଲାପାଳ, ଓବିସିସି ଓ ଟାଟା କମ୍ପାନୀ ଅଧିକାରୀମାନେ ୫-ଟି ସଚିବଙ୍କ ସହ ବୁଲି ପ୍ରକଳ୍ପ କାର୍ଯ୍ୟ ସମ୍ପର୍କିତ ସବିଶେଷ ରିପୋର୍ଟ ପ୍ରଦାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନିକ କୋଠା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସାରିବା ଉପରେ ଜୋର ଦିଆଯାଉଛି। ପଶ୍ଚିମଦ୍ୱାର ନିର୍ମାଣ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରିବା ପାଇଁ ଚେଷ୍ଟା ଚାଲିଥିବା ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ମାମଲା କୋର୍ଟକୁ ଯିବା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିଲା।

# ୟୁକ୍ରେନ୍ ଯୁଦ୍ଧ ଯୋଗୁ ଶତାଧିକ ଡଲ୍‌ଫିନ୍ ମୃତ

**ୱାଶିଂଟନ୍, ୪।୬**



- **ବୋମା, ମାଇନ୍ସ ବିସ୍ଫୋରଣ ମୁଖ୍ୟ କାରଣ**
- **ୱାର୍‌ଶିପ୍ ସୋନାର ଟେକ୍ନୋଲୋଜି ବି ଦାୟୀ**

କୃଷ୍ଣସାଗରରେ ଡଲ୍‌ଫିନ୍ ମୃତ୍ୟୁସଂଖ୍ୟା ବୃଦ୍ଧି ପରିବେଶବିତ୍‌ଙ୍କ ଚିନ୍ତା ବଢ଼ାଇଛି। ଏଥିପାଇଁ ବୈଜ୍ଞାନିକ ତଥା ଗବେଷକମାନେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ଦାୟୀ କରିଛନ୍ତି। ଗତ ଫେବୃୟାରୀରୁ ମେ ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ଡଲ୍‌ଫିନ୍‌ଙ୍କ ମୃତ୍ୟୁ ଘଟିଥିବା ନେଇ ଏକାଧିକ ରିପୋର୍ଟପ୍ରକାଶ ପାଇଛି। ପଶ୍ଚିମ କୃଷ୍ଣସାଗରର ତୁର୍କୀ, ବୁଲ୍‌ଗେରିଆ, ରୋମାନିଆ ସମେତ ୟୁକ୍ରେନ୍ ଉପକୂଳରେ ଏହି ସମୟ ମଧ୍ୟରେ ପ୍ରାୟ ୮୦ ଡଲ୍‌ଫିନ୍ ମୃତଦେହ ମିଳିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ତୁର୍କୀ ମେରାଇନ୍ ରିସର୍ଚ୍ଚ ଫାଉଣ୍ଡେସନ ‘ଟୁଡାଭ୍’ ପକ୍ଷରୁ କୁହାଯାଇଛି।

ବୋମା ଓ ମାଇନ୍ସ ବିସ୍ଫୋରଣ କୃଷ୍ଣସାଗରରେ ଡଲ୍‌ଫିନ୍ ମୃତ୍ୟୁର ପ୍ରମୁଖ କାରଣ ବୋଲି ଗବେଷକମାନେ ଦାବି କରିଛନ୍ତି। ଏହାବାଦ୍ ପ୍ରଚଣ୍ଡ ଶବ୍ଦ, ଯୁଦ୍ଧଜାହାଜରେ ଲାଗିଥିବା ସୋନାର ଟେକ୍ନୋଲୋଜି ମଧ୍ୟ ଡଲ୍‌ଫିନ୍‌ଙ୍କ ପାଇଁ କାଳ ସାଜିଛି। ଦକ୍ଷିଣ କୃଷ୍ଣସାଗରରେ ରୁଷିଆ ପ୍ରାୟ ୨୦ ନୌସେନା ଜାହାଜ ମୁତୟନ କରିଛି। ଏହାସହ ସେଠାରେ ଯୁଦ୍ଧାଭ୍ୟାସ ଯୋଗୁ ଅନେକ ଡଲ୍‌ଫିନ୍ ସମ୍ପୃକ୍ତ ଅଞ୍ଚଳ ଛାଡ଼ି ତୁର୍କୀ, ବୁଲ୍‌ଗେରିଆ ଉପକୂଳକୁ ଚାଲି ଆସୁଛନ୍ତି। ଫଳରେ ଏହି ସ୍ତନ୍ୟପାୟୀ ପ୍ରାଣୀ ଜାଲରେ ପଡ଼ିବା ସହ ସେଗୁଡ଼ିକୁ ଶିକାର କରାଯାଉଛି। ଟୁଡାଭ୍ ପକ୍ଷରୁ ହୋଇଥିବା ପ୍ରାଥମିକ ତଦନ୍ତ ଅନୁସାରେ, ମୃତ ଡଲ୍‌ଫିନ୍‌ଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ମାଛଧରା ଜାଲରେ ପଡ଼ିବା ପରେ ସେଗୁଡ଼ିକୁ ମାରି ଦିଆଯାଇଛି। ତେବେ ଡଲ୍‌ଫିନ୍ ମୃତଦେହଗୁଡ଼ିକରେ କୌଣସି ଗୁଳିର ଚିହ୍ନ ନ ଥିବା ଜଣାଯାଇଛି। ସମୁଦ୍ର ଭିତରେ ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଯୋଗୁ ଅନେକ ଡଲ୍‌ଫିନ୍ ମରିଥିବା ଟୁଡାଭ୍ ମୁଖ୍ୟ ବେରମ୍ ଓଜତୁର୍କ କହିଛନ୍ତି। ନିଜ ସୋନାର ସିଷ୍ଟମ ଯୋଗୁ ଡଲ୍‌ଫିନ୍‌ଗୁଡ଼ିକ ସମ୍ଭାବ୍ୟ ବିପଦ କିମ୍ବା ଶତ୍ରୁକବଳରୁ ରକ୍ଷା ପାଇବା ପାଇଁ ରାସ୍ତା ଆପଣାଇଥାନ୍ତି। କିନ୍ତୁ ବଡ଼ ଧରଣର ଶବ୍ଦ ଯୋଗୁ ଏହି ସ୍ତନ୍ୟପାୟୀ ପ୍ରାଣୀର ସୋନାର ସିଷ୍ଟମ ପ୍ରଭାବିତ ହେଉଥିବାରୁ ସେମାନେ ବାଟବଣା ହୋଇ ଅନ୍ୟସ୍ଥାନରେ ପହଞ୍ଚୁଥିବା ୟୁକ୍ରେନ୍ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସର ଜଣେ ରିସର୍ଚ୍ଚର ଡ. ପାଭେଲ ଗୋଲ୍‌ଡିନ୍ କହିଛନ୍ତି। ଦକ୍ଷିଣ କୃଷ୍ଣସାଗରରେ ଥିବା ଡଲ୍‌ଫିନ୍ ଏବଂ ଅନ୍ୟ ମତ୍ସ୍ୟ ପ୍ରଜାତି ପାଇଁ ଏହା ବିପଜ୍ଜନକ। ଏଥିଯୋଗୁ ସେଠାରେ ଏହି ଜଳଚର ବିଲୁପ୍ତ ହୋଇପାରନ୍ତି ବୋଲି ଗୋଲ୍‌ଡିନ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। କୃଷ୍ଣସାଗରରେ ମୃତ୍ୟୁ ଘଟିଥିବା ମୋଟ ଡଲ୍‌ଫିନ୍ ସଂଖ୍ୟା କହିବା କଷ୍ଟକର। କାରଣ ଯୁଦ୍ଧଯୋଗୁ ସେଠାରେ ଇଣ୍ଟରନେଟ ସେବା ବାଧାପ୍ରାପ୍ତ ହୋଇଥିବାବେଳେ ସମସ୍ତ ମୃତ ଡଲ୍‌ଫିନ୍‌ଙ୍କୁ ଠାବ କରାଯାଇପାରି ନାହିଁ।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଂରବିନାରାୟଣ ଜେନା
୧୯/୫, ଚନ୍ଦ୍ରଶେଖରପୁର, ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର
କଅଁଳ ଶିଶୁଙ୍କ ହସହସ ମୁହଁ, ପିତା ମାତାଙ୍କର ଅପାସୋରା ସ୍ନେହ। ଭାଇର ବିଶ୍ୱାସ, ପତ୍ନୀର ନିଃଶ୍ୱାସ, ତୁମେ ପ୍ରତିବିମ୍ବ ସବୁଥିରେ। ତଥାପି ଖୋଜୁଛୁ ତୁମ ଉପସ୍ଥିତି, ଜୀବନର ପ୍ରତି ମୁହୂର୍ତ୍ତରେ।
ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୧

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂଡାକ୍ତର ଗଜେନ୍ଦ୍ର କୁମାର ସାମଲ
ପୂର୍ବତନ ଏଡିଏମ୍ଓ (ସମରାଇପୁର, ଭଦ୍ରକ)
ଆବିର୍ଭାବ: ୦୯।୦୨।୧୯୪୨
ତିରୋଧାନ: ୧୮।୦୬।୨୦୧୮
ବାପା, ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତଥାପି ଏପରି ଦିନଟିଏ ନାହିଁ ଯେଉଁଦିନ ଆମେମାନେ ତୁମ କଥା ଚିନ୍ତା କରିନାହୁଁ। ଜଣେ କେବଳ ସ୍ନେହବତ୍ସଳ ବାପା ଭାବରେ ନୁହେଁ ବରଂ ଦରିଦ୍ରର ସହାୟ ଜଣେ ଡାକ୍ତର ଭାବରେ, ସମାଜର ବିଭିନ୍ନ ହିତ କାର୍ଯ୍ୟରେ ସମାଜସେବୀ ଭାବେ, ସର୍ବୋପରି ଜଣେ ଆଦର୍ଶ ମଣିଷ ଭାବେ ତୁମେ ଚିରକାଳ ପାଇଁ ମନେ ରହିବ। ତୁମର କର୍ମ ପ୍ରବଣତା, ନିଷ୍ଠା, ନିଃସ୍ୱାର୍ଥପର ସେବା ଓ ପରୋପକାର ଆମ୍ଭମାନଙ୍କ ଜୀବନର ମୂଳମନ୍ତ୍ର ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ: ଲିଲି ସାମଲ, ପୁଅ, ବୋହୂ, ଜ୍ୱାଇଁ, ଝିଅ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ।
ଧ-୬୪୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ



କବି ତଥା ସମାଜସେବୀ ସ୍ୱର୍ଗତ ସଦାନନ୍ଦ ସାହୁ
ବିଶାଣିଖରିଦା, ଏରେଇଁ, ଚରମ୍ପା, ଭଦ୍ରକ
ଆବିର୍ଭାବ: ୧୦।୦୬।୧୯୩୮
ତିରୋଧାନ: ୩୦।୦୫।୨୦୨୧
ଦେଖୁଦେଖୁ ବର୍ଷେ ପୂରିଲା ତୁମେ ବାହୁଡ଼ିଯିବାର। ମାତ୍ର ପ୍ରତିମୁହୂର୍ତ୍ତରେ ତୁମର ଅଭୁଲା ସ୍ମୃତି ଆଖି ଆଗରେ ଭାସି ଉଠୁଛି। ତୁମ ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବା ଏହା ଠାକୁରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ଗଙ୍ଗାରାଣୀ, କନ୍ୟା: ଚଗଲି, ଟିକନ, ଜାମାତା: ବିଜୟ, ଦେବ, ପୁତ୍ର: ବାବୁଲି, ବୁଲୁ, ସନା, ନାତିନାତୁଣୀ: ବାପୁନା, କୁନୁରୁ, ମାମୁନି, ପିଣ୍ଟୁ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୬୫୦

## ସଂକ୍ଷେପରେ

### ନିଶାସକ୍ତ ସ୍ୱାମୀଙ୍କୁ ସାବାଡ କଲେ ସ୍ତ୍ରୀ

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

ପାରାଦୀପ. ୪।୬(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବଡପଡିଆ ମୁଖ୍ୟ ବଜାରରେ ଜଣେ ନିଶାସକ୍ତ ସ୍ୱାମୀଙ୍କୁ ସ୍ତ୍ରୀ ମାଡ଼ ମାରି ସାବାଡ଼ କରିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଖରାବେଳେ ଜଣେ ବ୍ୟକ୍ତି ବଜାରର ଏକ ମଦ ଦୋକାନରେ ବସି ମଦ ପିଉଥିଲେ। ଖବରପାଇ ସ୍ତ୍ରୀ ସେଠାରେ ପହଞ୍ଚି ସେହି ମଦ ବୋତଲରେ ପ୍ରଥମେ ସ୍ୱାମୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ଘୋଷାରି ଘୋଷାରି ଘରକୁ ନେଇଥିଲେ। ଉକ୍ତ ଘଟଣାକୁ ସେଠାରେ ଅନ୍ୟ ଲୋକମାନେ ଦେଖୁଥିଲେ ହେଁ ମହିଳାଙ୍କ ଉଗ୍ର ରୂପ ଦେଖି ଚୁପ ରହିଥିଲେ।

### ଅଜୟ ଦାସ ନୂତନ ସଭାପତି

**ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟ ପରିଚାଳନା ପରିଷଦ**

ରଘୁନାଥପୁର,୪।୬(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାବିତ୍ ଅଜୟ କୁମାର ଦାସଙ୍କୁ ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟ ପରିଚାଳନା ପରିଷଦର ନୂତନ ସଭାପତି ଭାବେ ମନୋନୀତ କରାଯାଇଛି। ସେ ଏହି ମହାବିଦ୍ୟାଳୟରେ ଅଧକ୍ଷ ଭାବେ ପୂର୍ବରୁ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟିଦେବା ସହ ଗୁଣାତ୍ମକ ଶିକ୍ଷା ଏବଂ କଲେଜର ଭିତ୍ତିଭୂମି ସୁଦୃଢ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ଦାସ କହିଛନ୍ତି । ସଭାପତି ଭାବେ ମନୋନୀତ ହେବାପରେ ଦାସ ଉଚ୍ଚଶିକ୍ଷା ମନ୍ତ୍ରୀ, ତିର୍ତ୍ତୋଲ ବିଧାୟକ ଓ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### କୂଅରୁ ଷଣ୍ଢ ଉଦ୍ଧାର

ବାଙ୍କୀ,୪।୬(ସ୍ୱ.ପ୍ର.) : ବାଙ୍କୀ ବ୍ଲକ ଅନ୍ତର୍ଗତ ଭଗିପୁର ଗ୍ରାମରେ ଶନିବାର ମଧ୍ୟାହ୍ନ ସମୟରେ ୪ ବୁଲା ଷଣ୍ଢ ମଧରେ ଲଢ଼େଇ ହେଉଥିବା ବେଳେ ଗୋଟିଏ ନିକଟସ୍ଥ କୂଅରେ ପଡିଯାଇଥିଲା । ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ଖବରପାଇ ଡମପଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଷଣ୍ଢକୁ ଉଦ୍ଧାର କରିଥିଲା। ଏବେ ଷଣ୍ଢର ଅବସ୍ଥା ଭଲ ଅଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ବାଙ୍କୀ,୪।୬ (ସ୍ୱ.ପ୍ର.):ବାଙ୍କୀ ବ୍ଲକ ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମରେ ସାପ କାମୁଡାରେ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କୈଳାସ ସେନାପତିଙ୍କ ସ୍ତ୍ରୀ ସୁବାସିନୀ (୭୫)। ସେ ଘରେ ଶୋଇଥିବା ବେଳେ ଗୋଟିଏ ବିଷାକ୍ତ ସାପ ତାଙ୍କୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସୁବାସିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି

# ବଢୁଛି ଶିଳ୍ପାୟନ, ଉଜୁଡୁଛି ସବୁଜିମା

ପାରାଦୀପ,୪।୬(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ଦେଇ ପ୍ରବାହିତ ମହାନଦୀ ଓ ଜଟାଧାର ନଦୀ ମଧ୍ୟସ୍ଥଳରେ ୧୯୬୨ ପୂର୍ବରୁ ଘଞ୍ଚ ଜଙ୍ଗଲ ଥିଲା। ଏଥିସହ ୫୭ଟି ନଦୀ ଯୋର ସୈରାତ ରହିଛି। ପାରାଦୀପରେ ବନ୍ଦରଭିତ୍ତିକ ଶିଳ୍ପାୟନ ଦିନକୁ ଦିନ ବଢ଼ିଚାଲିଥିବାବେଳେ ଏବେ ସେହି ସୀମା ମଧରେ ଶିଳ୍ପର ନିଆଁ ଜଳୁଛି। ଶିଳ୍ପର ବିକାଶରେ ନଦୀ ଯୋର ସୈରାତ ହଜିଗଲାଣି। ପଣ୍ୟ କାରବାର ଓ ଶିଳ୍ପରୁ ବାହାରୁଥିବା ବର୍ଜ୍ୟବସ୍ତୁ ଯୋଗୁ ପ୍ରଦୂଷଣ ମାତ୍ରା ଚରମସ୍ତରରେ ପହଞ୍ଚିଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ମୁତାବକ ପାରାଦୀପ ହେଉଛି ରାଜ୍ୟର ହାଇଲି ପଲ୍ୟୁଟେଡ ଏରିଆ । ଏଭଳି ବିପରୀତ ବ୍ୟବସ୍ଥା ମଧରେ ରବିବାର ପାଳନ ହେଉଛି ବିଶ୍ୱ ପରିବେଶ ଦିବସ। ଗୋଟିଏ ପଟେ ପ୍ରଦୂଷଣ ଅପରପକ୍ଷେ ବର୍ଦ୍ଧିତ ଶିଳ୍ପ ମଧରେ ଆଉଟୁପାଉଟୁ ହେଉଛନ୍ତି ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକ।

ଏକଦା ମହାନଦୀ ଓ ଜଟାଧାରମୁହାଣ ମଝିରେ ଥିଲା ଘଞ୍ଚ ହେନ୍ତାଳବଣ। ସେହି ହେନ୍ତାଳ ବଣକୁ ଲୋପ କରାଯାଇ ଗଢ଼ି ଉଠିଛି ପାରାଦୀପ ବନ୍ଦର ଓ ୧୫ଟି ବୃହତ୍ ଶିଳ୍ପ। ଆଗାମୀ ଦିନରେ ଆଉ ୨ ରୁ ୩ ଟି ବୃହତ୍ କାରଖାନା ହେବାର ପ୍ରସ୍ତାବ ରହିଛି। ଏଥିପାଇଁ ୧୮୪୨୦ ଏକର ଜାଗା ଯାଇଛି। ନୂଆ କମ୍ପାନୀ ପାଇଁ ପୁଣି ପ୍ରାୟ ୧୦ ହଜାର ଏକର ଜାଗା ଯିବାର ପ୍ରସ୍ତାବ ରହିଛି। ଯେତିକି ଅଞ୍ଚଳ ଶିଳ୍ପସଂସ୍ଥାକୁ ଯୋଗାଇ ଦିଆଯାଇଛି ସେଠାରେ ଜଙ୍ଗଲ କଟାଯାଇଛି। ପ୍ରତିବଦଳରେ ନୂଆ ସବୁଜ ବଳୟ ସୃଷ୍ଟି କରାଯାଇନାହିଁ। ଜଙ୍ଗଲ ଓ ପରିବେଶ ବିଭାଗର ନିୟମାନୁସାରେ ପ୍ରତ୍ୟେକ ଶିଳ୍ପ ତାଙ୍କର ମୂଳ ଜାଗାର ୩୩ ପ୍ରତିଶତ ଅଞ୍ଚଳରେ ସବୁଜବଳୟ କରିବା କଥା। ଦୁଃଖ ଓ ବିଡ଼ମ୍ବନାର ବିଷୟ ହେଲା, ପାରାଦୀପର ଗୋଟିଏ କମ୍ପାନୀ (ପିପିଏଲ)କୁ ଛାଡିଦେଲେ ଆଉ କୌଣସି କମ୍ପାନୀ ଧାର୍ଯ୍ୟ ସବୁଜ ବଳୟ କରିନାହାନ୍ତି। ୨୦୧୯ରେ ବିଧାନସଭା ପରିବେଶ କମିଟିର ପାରାଦୀପ ଗସ୍ତ ବେଳେ ଉକ୍ତ ରିପୋର୍ଟ ସାର୍ବଜନୀନ କରାଯାଇଥିଲା। ଗତ ଦୁଇ ବର୍ଷ ହେବ କରୋନା ମହାମାରୀ ପାଇଁ ସେଭଳି ରିପୋର୍ଟ ମିଳିନାହିଁ କିମ୍ବା ସରକାରୀ ଭାବେ ତଦାରଖ ହୋଇ ନ ଥିବା ଜଣାପଡିଛି। ତେବେ ପାରାଦୀପର ଷଣ୍ଢକୁଦ ଉପାନ୍ତରେ ଜଙ୍ଗଲର ତଦାରଖ ପାଇଁ ବିଭାଗର ଏକ ବିଟ୍ ହାଉସ ରହିଛି। ସେଠାରେ ଜଙ୍ଗଲ ପଶୁପକ୍ଷୀଙ୍କ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ପୋଖରୀ ଖୋଳାଯାଇ ଫଳକ ଲଗାଯାଇଛି। କିନ୍ତୁ ସେହି ବିଟ୍ ହାଉସ ଚତୁଃପାର୍ଶ୍ୱରେ ଥିବା ଜଙ୍ଗଲକୁ ଦୁର୍ବୃତ୍ତମାନେ ସଫା କରି ଚାଲିଛନ୍ତି ବୋଲି ପରିବେଶ ସଙ୍ଗଠନ ଆଦର୍ଶ ପ୍ରୟାସ ସଭାପତି ଦେବୀକଲ୍ୟାଣ



ପାରାଦୀପସ୍ଥିତ ଏକ କାରଖାନାରୁ କଳା ଧୂଆଁ ବାହାରୁଛି।

ମହାପାତ୍ର କହିଛନ୍ତି। ଏନେଇ ସେ ସଙ୍ଗଠନ ତରଫରୁ ବନ ବିଭାଗକୁ ବାରମ୍ବାର ଚିଠି କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ।

ଅନ୍ୟ ଜଣେ ପରିବେଶବିତ୍ ଅମରେଶ ନରେଶ ସାମନ୍ତ କୁହନ୍ତି, ତାଙ୍କ ସଙ୍ଗଠନ ପକ୍ଷରୁ ଗତ ଦୁଇ ଦଶନ୍ଧି ମଧରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରାଯାଇଛି। ସେହି ଜଙ୍ଗଲ ବେଳେବେଳେ ଶିଳ୍ପରୁ ବାହାରୁଥିବା ରସାୟନ ଯୋଗୁ ନଷ୍ଟ ହେଉଛି। ଆହ୍ୱାନ କମ୍ବାଇନ୍ସ ନାମକ ସଂଗଠନ ସଭାପତି ସାଗର କୁମାର ବିଶ୍ୱାଳ କୁହନ୍ତି, ପରିବେଶ ଦିବସ ପାଳନ କେବଳ ଧର୍ମକୁ ଆଖିଠାର ଭଳି ହୋଇଛି।

ପ୍ରତିବର୍ଷ ବିଭିନ୍ନ କମ୍ପାନୀ କେବଳ ନାମକୁ ମାତ୍ର ଲକ୍ଷାଧିକ ଗଛ ଲଗାଇଥିବା ଘୋଷଣା କରୁଛନ୍ତି।

ଗତ ୬ ମାସ ତଳେ ବିଶ୍ୱସ୍ତରୀୟ ନାସା ପକ୍ଷରୁ କୁହାଗଲା, ଆସନ୍ତା ୨୧୦୦ ମସିହା ବେଳକୁ ପାରାଦୀପ ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ସମ୍ଭାବନା ରହିଛି। ଏହାକୁ ନେଇ କିଛିଦିନ ଗଣମାଧ୍ୟମରେ ଚର୍ଚ୍ଚା ହେଲା। ତାପରଠାରୁ ପୁଣି ପୂର୍ବବତ ଚାଲିଛି।

### ଏମାନେ ଯାହା କୁହନ୍ତି...

“ ପରିବେଶ ଦିବସର ଚଳିତବର୍ଷ ବାର୍ତ୍ତା ରହିଛି ‘କେବଳ ପୃଥିବୀ’। ଆମ୍ଭେ ଚଢେଇର ଶବ୍ଦ ଶୁଣିବା ପାଇଁ ପଞ୍ଜୁରି ନୁହେଁ ଗଛ ଖୋଜିବା ଦରକାର। ସେହି ଗଛ ଆମକୁ ହିଁ ଲଗାଇବାକୁ ପଡିବ। ପାରାଦୀପରେ ପ୍ରଦୂଷଣର ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପାଇଁ ଉଦ୍ୟମ ଚାଲିଛି। ଆଗକୁ ମଧ ଏହା ବଳବତ୍ତର ରହିବ।

–ପୁଷ୍ପକ ଚନ୍ଦ୍ର ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ

“ ପାରାଦୀପରେ ସବୁଜିମା ସୃଷ୍ଟି କରିବା ପାଇଁ ବନ ବିଭାଗ ପକ୍ଷରୁ ସମୁଦ୍ର ବେଳାଭୂମିରେ ଗଛ ଲଗାଯାଉଛି।

–ରଞ୍ଜନ ମିଶ୍ର, କୁଜଙ୍ଗ ବନାଞ୍ଚଳ ଅଧିକାରୀ

## କାର୍ଯ୍ୟକ୍ଷମ ହେବ ବାଲିଆ ଉପସ୍ୱାସ୍ଥ୍ୟକେନ୍ଦ୍ର

- ୨ ବର୍ଷ ହେବ ଗୃହ ନିର୍ମାଣ ସରିଛି
- ବିଦ୍ୟୁତ୍ ସଂଯୋଗ ହୋଇ ନ ଥିଲା

କୁଜଙ୍ଗ, ୪।୬(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆଠାରେ ନିର୍ମାଣ ହୋଇଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଶନିବାର ପଞ୍ଚାୟତ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ନାଏବ ସରପଞ୍ଚ ସମରେନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ୨ ବର୍ଷ ପୂର୍ବରୁ ଏହି ଗୃହ ନିର୍ମାଣ କରାଯାଇଥିଲେ ମଧ ବିଦ୍ୟୁତ୍ ସଂଯୋଗ ଓ ଅନ୍ୟାନ୍ୟ କିଛି କାମ ବାକି ରହିଥିଲା। ଏନେଇ ଅଙ୍ଗନୱାଡି କର୍ମୀ, ଆଶାକର୍ମୀମାନେ ସରପଞ୍ଚ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ପୂର୍ବରୁ ବାଲିଆ ଓ ବାଗୋଇ ପଞ୍ଚାୟତବାସୀଙ୍କ ପ୍ରାଥମିକ ଚିକିତ୍ସା, ଟିକାକରଣ କାର୍ଯ୍ୟକ୍ରମ, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଆଦି କାର୍ଯ୍ୟ ପାଟପୁରସ୍ଥିତ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ପନ୍ନ ହେଉଥିଲା। ଦୀର୍ଘ ସାତବର୍ଷରୁ ଉର୍ଦ୍ଧ୍ୱ ହେବ ଏହି କେନ୍ଦ୍ର ବନ୍ଦ ହୋଇଯାଇଥିବାବେଳେ ଏହାର ଗୃହଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଫଳରେ ସ୍ୱାସ୍ଥ୍ୟସେବା ପାଇଁ ସ୍ଥାନୀୟ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମଧ ହଇରାଣ ହେବାକୁ ପଡୁଥିଲା।

# ‘ରଥଯାତ୍ରାର ୩ ଦିନ ପୂର୍ବରୁ ରଥ ନିର୍ମାଣ ସାର’



ବୈଠକରେ ଜିଲାପାଳ ପାରୁଲ ପଟୱାରିଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ।

**ସିଦ୍ଧଳ ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ**

ଜଗତ୍‌ସିଂହପୁର ଅଫିସ, ୪।୬

କୋଭିଡ୍-୧୯ କାରଣରୁ ୨ ବର୍ଷ ହେବ ରଥଯାତ୍ରା ହୋଇପାରିନାହିଁ। ଚଳିତବର୍ଷ ପରିସ୍ଥିତିରେ ସୁଧାର ଆସିଥିବାରୁ ରଥଯାତ୍ରା ଶାନ୍ତିଶୃଙ୍ଖଳା, ଉତ୍ସାହର ସହ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଅନୁଷ୍ଠିତ ହେବ। ସମସ୍ତ ବିଭାଗୀୟ ଅଧିକାରୀ ଧାର୍ଯ୍ୟ ତାରିଖ ପୂର୍ବରୁ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିବ। ବଡକଥା ହେଲା ରଥଯାତ୍ରାର ୩ ଦିନ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ସାରିବାକୁ ପଡ଼ିବ। ଏନେଇ ମନ୍ଦିର ପରିଚାଳନା କମିଟି ଓ ବିଭାଗୀୟ ଅଧିକାରୀ ବିଶେଷ ଧ୍ୟାନ ଦେବା ଉଚିତ। ଶନିବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସିଦ୍ଧଳସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି ଏହା କହିଛନ୍ତି। ଏହି ଅବସରରେ ରଥ ନିର୍ମାଣ, ସିଦ୍ଧଳ ଛେଳିଆଗଡ଼ ରାସ୍ତା ମରାମତି, ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା, ରଥ ରହିବା ସ୍ଥାନରେ ଢଳେଇ ପକାଇବା, ଗୁଣ୍ଡିଚା ମନ୍ଦିର ନିକଟ କେନାଲ ଉପରେ ସ୍ଲାବ ପକାଇବା, ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ବଡଦାଣ୍ଡ ନିକଟରେ ଡ୍ରେନ୍ ସଫେଇ, ଅଳିଆ ଆବର୍ଜନା ଓ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ, ୭ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆଇନ ଶୃଙ୍ଖଳା ଓ ଅଗ୍ନିଶମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ, ତହସିଲଦାର, ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲାପାଳ ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ସଭାପତି କାଳିକିଙ୍କର ଆଚାର୍ଯ୍ୟ, ସମ୍ପାଦକ ଜ୍ୟୋତିରଞ୍ଜନ ପରିଡ଼ା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ସାହୁ, ରାମଚନ୍ଦ୍ର ଦାଶ, ସିଦ୍ଧାର୍ଥ ଶଙ୍କର ରାୟ, ସାରଦା ଚରଣ ବେହେରା, ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଦେଇଥିଲେ ।

## ନୂତନ ସରପଞ୍ଚଙ୍କୁ ଅଣଦେଖା ଅଭିଯୋଗ

**ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ**

ବାଲିଆ,୪।୬

ବିରିଡି ବ୍ଲକ ଶିବପୁର ପଞ୍ଚାୟତରେ ନବ ନିର୍ବାଚିତ ସରପଞ୍ଚଙ୍କୁ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନେ ଅଣଦେଖା କରୁଛନ୍ତି। ଫଳରେ ୩ ମାସ ହେବ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ସରପଞ୍ଚ ରମେଶ ଚନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ବିଡିଓ ଏବଂ ଗତ ସପ୍ତାହରେ ଜିଲାପାଳଙ୍କ ନିକଟରେ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ ବୋଲି ମହାନ୍ତିଙ୍କ ସମେତ ସାମାଜିକ କର୍ମୀ ଶଶାଙ୍କ ଶେଖର ମହାନ୍ତି, ପଦ୍ମଚରଣ ସେଠୀ, ପ୍ରତାପ ସ୍ୱାଇଁ, ଅଜୟ କୁମାର ରାୟ, ଉଦ୍ଧବ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥିଯୋଗୁ ନଳକୂପ ମରାମତି ପାନୀୟଜଳ, ଉଜ୍ଜ୍ୱଳ ଆଲୋକ, ଡ୍ରେନ ନିର୍ମାଣ, ପଞ୍ଚାୟତ କାର୍ଯ୍ୟାଳୟ ମରାମତି, କଲଭର୍ଟ, ଢଳେଇ ରାସ୍ତା ନିର୍ମାଣ ଭଳି ବହୁ ଉନ୍ନୟନ କାର୍ଯ୍ୟ ଆଗୁକୁ ବଢ଼ିପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ସୋମବାର ବିରିଡି ବ୍ଲକରେ ହେବାକୁ ଥିବା ଜନଶୁଣାଣିରେ ପୁନର୍ବାର ଜିଲାପାଳଙ୍କ ନିକଟରେ ଏନେଇ ଅଭିଯୋଗ କରାଯିବ ବୋଲି ମହାନ୍ତି କହିଛନ୍ତି।

# ସୁଧୁରୁନି ପାନୀୟ ଜଳ ସମସ୍ୟା

**ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ**

ରଘୁନାଥପୁର,୪।୬(ଡି.ଏନ୍.ଏ.)

ଅସହ୍ୟ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗ୍ରାମାଞ୍ଚଳ ଜନତାଙ୍କ ପାଇଁ ପାନୀୟ ଜଳକୁ ସ୍ୱାଭାବିକ ତଥା ହାତପାଆନ୍ତାରେ ଉପଲବ୍ଧ କରିବା ପାଇଁ ଗ୍ରାମ୍ୟ ପାନୀୟଜଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଗତସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଞ୍ଚଳର କିଛି ପଞ୍ଚାୟତରେ ଲୋକେ ପାନୀୟ ଜଳ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ରେଢୁଆ, ରାଢଙ୍ଗ, ତଅଁରା ଓ ତାରପୁର ପଞ୍ଚାୟତରେ ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଛି। ଗ୍ରାମ୍ୟ ପାନୀୟଜଳ ବିଭାଗ ଯନ୍ତ୍ରୀ ୨ଙ୍କ ଅଧୀନରେ ଏସବୁ ପଞ୍ଚାୟତ ରହିଛି। ପାନୀୟ ଜଳ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ଅବସ୍ଥାରେ ସୁଧାର ହେଉନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ରେଢୁଆ ପଞ୍ଚାୟତ ଗହ୍ମାପୁର ଗ୍ରାମର ୧୪, ୧୬ଓ ୧୭ ନଂ ୱାର୍ଡକୁ ପାଇପ୍ ପାଣି ଆସୁନାହିଁ। ସେହିପରି ୭ ଓ ୮ ନଂ ୱାର୍ଡର ପିଇବା ପାଣି ସମସ୍ୟା ସମ୍ପର୍କରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏହାର ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଭିଯୋଗର ୨ ମାସ ପରେ ଶନିବାର ସମ୍ପୃକ୍ତ ଯନ୍ତ୍ରୀ କେବଳ ତଦନ୍ତ



କରି ଚାଲିଯାଇଛନ୍ତି ବୋଲି ସରପଞ୍ଚ ନାୟକ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ୨ନଂ. ଯନ୍ତ୍ରୀ ମନରଞ୍ଜନ ଦେହୁରୀ କହିଛନ୍ତି, ,ଅଭିଯୋଗ ଅନୁଯାୟୀ, କାର୍ଯ୍ୟ କରାଯାଉଛି। କିଛି କ୍ଷେତ୍ରରେ ପମ୍ପ ଡ୍ରାଇଭର ଓ ସରପଞ୍ଚଙ୍କ ଅସହଯୋଗ କାରଣରୁ କାର୍ଯ୍ୟରେ ବିଳମ୍ବ ହେଉଛି।

## ମୁକ୍ତ ମଞ୍ଚ ନାଟକ ମହୋତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ପାରାଦୀପ ବିଧାୟକ ଓ ଅନ୍ୟମାନେ।

କୁଜଙ୍ଗ, ୪।୬ (ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମାଗୋଳ ଗ୍ରାମର ଅଗ୍ରଣୀ ସଂଗଠନ ବୀଣାପାଣି ଡ୍ରାମାଟିକ କ୍ଲବ ପକ୍ଷରୁ ୫୦ତମ ବାର୍ଷିକ ପୂର୍ତ୍ତି ଅବସରରେ ମୁକ୍ତମଞ୍ଚ ନାଟକ ଉଦ୍‌ଘାଟିତ ହୋଇଯାଇଛି । ୨ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଯୁବ ସଙ୍ଗଠକ ଅରୁପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଶରଣାରବିନ୍ଦ ଓଝା ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ସମ୍ମାନିତ ଅତିଥିଭାବେ କୁଜଙ୍ଗ ବ୍ଲକ ବିଡିଓ ସୌମଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ନିରାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଓ ଅଭିନେତା ବିକ୍ରମ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ଲବ ପକ୍ଷରୁ ଦୀର୍ଘ ୫୦ବର୍ଷ ଧରି ମୁକ୍ତମଞ୍ଚ ନାଟକ ପରିବେଷଣ କରାଯାଇ ଅଞ୍ଚଳବାସୀଙ୍କୁ ଯେଉଁ ଭଳି ଆମୋଦିତ କରାଯାଇଛି ତାର ପଟାନ୍ତର ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମାଟି ହେଉଛି କଳାସଂସ୍କୃତିର ମାଟି, ଆଜି ଏହି ମାଟିରେ ଅତିଥିଭାବେ ଯୋଗଦେଇ ନିଜକୁ ଗୌରବାନ୍ୱିତ ମନେକରୁଛୁ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମକୁ ମାନସ ପରିଡାଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଅବକ୍ଷୟମୁଖୀ ଜଙ୍ଗଲ, ଅସୁରକ୍ଷିତ ବନ୍ୟପ୍ରାଣୀ

**ଆଜି ବିଶ୍ୱ ପରିବେଶ ଦିବସ**

- କାଗଜକଲମରେ ଚାଲିଛି ବୃକ୍ଷରୋପଣ

ଜଗତ୍‌ସିଂହପୁର ଅଫିସ, ୪।୬

ପରିବେଶକୁ ନେଇ ସାରା ବିଶ୍ୱରେ ଚିନ୍ତା ପ୍ରକଟ କରାଯାଉଛି। ବର୍ଜ୍ୟବସ୍ତୁ, ଯାନବାହାନ ଚଳାଚଳ, ଶିଳ୍ପ ଆଦି ମାଧ୍ୟମରେ ପରିବେଶ ପ୍ରଦୂଷିତ ହେଉଛି। ସମ୍ଭାବ୍ୟ ପରିସ୍ଥିତିକୁ ନେଇ ବିଶ୍ୱବ୍ୟାପୀ ସମ୍ମିଳନୀ ହେବା ସହ ପ୍ରତି ଦେଶ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଉଛି। ଏହିକ୍ରମରେ ଭାରତ ସରକାର ବୃକ୍ଷରୋପଣଠାରୁ ଆରମ୍ଭ କରି ଅନେକ ପଦକ୍ଷେପ ନେଉଥିବା କୁହାଯାଉଛି। ଅନୁରୂପ ଭାବେ ପ୍ରତି ରାଜ୍ୟ ସରକାର ମଧ ପରିବେଶ ସୁରକ୍ଷା ଉପରେ ଦାୟିତ୍ୱବାନ ଥିବା କହୁଛନ୍ତି। ବିଶ୍ୱ ପରିବେଶ ଦିବସରେ ଏସବୁ ଉପରେ ବିସ୍ତୃତ ଆଲୋଚନା ସହ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଉଛି। କିନ୍ତୁ ଏହି ଦିବସର ମାହାତ୍ମ୍ୟ ଦିନକୁ ଦିନ କମିବାରେ ଲାଗିଛି। ରବିବାର ବିଶ୍ୱ ପରିବେଶ ଦିବସ ହୋଇଥିଲେ ସୁଦ୍ଧା ଜିଲାରେ ସେଭଳି କିଛି କାର୍ଯ୍ୟକ୍ରମ ହେବାକୁ ଥିବା ନଜରକୁ ଆସିନି। ଯଦି ବି ହେବ ତାହା କେବଳ ଉପର ଠାଉରିଆ। ପ୍ରତିବର୍ଷ ବୃକ୍ଷରୋପଣ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ଦର୍ଶାଯାଉଛି। ହେଲେ ଯେତିକି ଗଛ ଲାଗୁଛି ତାହା ଠାରୁ ଯଥେଷ୍ଟ କଟା ଚାଲିଛି। ଯାହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ।

ଜଗତ୍‌ସିଂହପୁର ଜିଲାରେ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଚାରା ରୋପଣ କରାଯାଉଥିବା ଦର୍ଶାଯାଉଛି। କିନ୍ତୁ ବାସ୍ତବରେ ଏହା କେବଳ କାଗଜପତ୍ରରେ ସୀମିତ। ଅତୀତରେ ରେଢୁଆରୁ ପୁରୁଣାବସନ୍ତ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ ହୋଇଥିଲା। ବିଶେଷକରି ଆକାଶିଆ, ରାଧାଚୂଡା, କୃଷ୍ଣ ଚୂଡା, ଶିଶୁ, କଦମ୍ବ ଓ ନିମ୍ବ ଆଦି ଗଛ ଲାଗିଥିଲା। ଉଦ୍ଦେଶ୍ୟ ଥିଲା ମୃତ୍ତିକା ସଂରକ୍ଷଣ ସହ ସୁନ୍ଦର ପରିବେଶ ସୃଷ୍ଟି କରିବା। ଏଥିସହ ବାଟୋଇଙ୍କୁ ପ୍ରବଳ ଖରା ସମୟରେ ଛାଇ ପ୍ରଦାନ କରିବା। କିନ୍ତୁ ଲାଗିଥିବା ଗଛଗୁଡିକ ମଧ୍ୟରୁ ଶତାଧିକ ଆବଶ୍ୟକ ଯତ୍ନ ଅଭାବରୁ ମରିଯାଇଥିଲା। ଅବଶିଷ୍ଟ ସହସ୍ରାଧିକ ଗଛ ବହୁ କଷ୍ଟରେ ବଡ ହେବା ସହ ମୋଟା ହୋଇଯାଇଥିଲା। ଦୁଃଖର କଥା ହେଲା କିଛି ମାସ ଭିତରେ ଏହି ଗଛଗୁଡିକ ଉପରେ ଜଙ୍ଗଲ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଥିଲା। ସେମାନେ କେତେଜଣ ଅସାଧୁ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ଅନେକ ଗଛ ଚୋରା ଚାଲାଣ କରିବାରେ ସଫଳ ହୋଇଥିଲେ। ତା’ ପରେ ବାତ୍ୟା ପ୍ରଭାବରେ କେତେକ ଗଛ କ୍ଷତିଗ୍ରସ୍ତ ହୋଇଥିଲା। ଏହିପରି ବିଭିନ୍ନ ମାଧ୍ୟମରେ ପାଖାପାଖି ୭୦% ଗଛ ଏହି ରାସ୍ତାପାର୍ଶ୍ୱରୁ ଉଭାନ ହୋଇଯାଇଛି। ନିକଟରେ ପୁରୁଣାବସନ୍ତଠାରୁ ନାଲିବର ୨ କି.ମି. ପର୍ଯ୍ୟନ୍ତ ନୂଆ ଗଛ ଲାଗିଛି। ସେଥିମଧ୍ୟରୁ କେତୋଟି ବଞ୍ଚିକି ରହିବ ତାହା ସମୟ କହିବ।

ଅନ୍ୟପକ୍ଷେ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ ଦିନକୁଦିନ ଅସୁରକ୍ଷିତ ହୋଇପଡୁଛି। ଏହି ଜଙ୍ଗଲ ବିଶେଷକରି ହରିଣମାନଙ୍କ ପାଇଁ ପରିଚିତ। ଏଠାରେ ଥିବା ଶତାଧିକ ହରିଣ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି। କେବଳ ଏତିକି ନୁହେଁ ଏହି ଜଙ୍ଗଲରେ ବହୁ ସଂଖ୍ୟକ ଠେକୁଆ, ହେଟା ବାଘ, ଝିଙ୍କ, ସାଳିଆପତନି, କଟାସ, ବିଲୁଆ ଏବଂ ସରୀସୃପ ଆଦି ଥିବା ଜାଣିବାକୁ ମିଳେ। ହେଲେ ପ୍ରତ୍ୟେକ ଅସୁରକ୍ଷିତ। ବନ ବିଭାଗ ପକ୍ଷରୁ ତା’ର ବାଡ ଏବଂ ଅନ୍ୟ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଏହି ପ୍ରାଣୀଗୁଡିକ ପ୍ରତି ବିପଦ ବଢିଚାଲିଛି। ବିଶେଷକରି ହରିଣମାନଙ୍କ ନିରାପଦ ଖାଦ୍ୟ ସଂଗ୍ରହ ପାଇଁ ଏକ ମିଡୋ (ଘାସ ଚାଷ) କରାଯିବା ଜରୁରୀ ଥିବାବେଳେ ତାହା ଏଯାଏ କରାଯାଇ ପାରିନାହିଁ। ହଂସୁଆର ଉତ୍ତର ପାର୍ଶ୍ୱରେ ଟ୍ରେନ୍ ଲାଇନ୍ ଯାଇଛି। ଅନେକ ସମୟରେ ହରିଣମାନେ ଏହି ଟ୍ରେନ୍ ଲାଇନ ଆଡକୁ ଖାଦ୍ୟ ଅନ୍ୱେଷଣରେ ଯାଇ ଦୁର୍ଘଟଣାରେ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ଏହି ପାର୍ଶ୍ୱରେ ତାର ବାଡ ପାଇଁ ବିଭିନ୍ନ ସମୟରେ ପରିବେଶପ୍ରେମୀ ଦାବି କରି ଆସୁଛନ୍ତି। ଏଥିସହ ଜଙ୍ଗଲରେ ଶୁଖିଲା ରହୁଥିବା ପୋଖରୀ ସବୁବେଳେ ଯେପରି ଜଳପୂର୍ଣ୍ଣ ରହିବ ସେନେଇ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି। ଜଙ୍ଗଲରେ ବିଟ୍ ହାଉସ୍ ଥିବା ସତ୍ତ୍ୱେ ବହୁ ମୂଲ୍ୟବାନ ବୃକ୍ଷ ଚୋରା ଚାଲାଣ ଚାଲିଛି। ଫଳରେ ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି। ଜଙ୍ଗଲ ଭିତରେ ଖରାଦିନେ ନିଆଁ ଲାଗି ପ୍ରଭୂତ କ୍ଷତି ହେଉଛି। ମେ ୨୭ରେ ଅଗ୍ନିକାଣ୍ଡରେ ବହୁ ସଂଖ୍ୟକ ଔଷଧୀୟ ସାଙ୍ଗକୁ ଅନ୍ୟ କମ୍ ଉଚ୍ଚର କଣ୍ଟା ବାଉଁଶ, କେନ୍ଦୁ, କୋଚିଲା ଆଦି ଗଛ ପୋଡି ଯାଇଥିଲା। ସିଗାରେଟ୍ କିମ୍ବା ବିଡି ଟାଣୁଥିବା ଲୋକ ଏହା ପକାଇ ଦେଇଥିବାରୁ ଏଭଳି ଅଘଟଣ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଥିଲା। ତେଣୁ ପରିବେଶ ସୁରକ୍ଷା ନେଇ ପ୍ରତ୍ୟେକ ମିଳିତ ଭାବେ ଉଦ୍ୟମ କରିବା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ଧଳତଙ୍ଗଗଡ଼ ରେଞ୍ଜ ଅଫିସର ରବୀନ୍ଦ୍ର କୁମାର ମହାନ୍ତିଙ୍କୁ ପଚାରିବାରୁ ହରିଣ ସୁରକ୍ଷା ନେଇ ପଦକ୍ଷେପ ନିଆଯାଇଛି। ୧୨ ଜଣ ପିଲା ଟ୍ରେନ ଲାଇନ୍ ଜଗୁଛନ୍ତି। ନିଆଁରୁ ରକ୍ଷା ପାଇଁ ଫାୟାର ଲାଇନ୍ କରାଯାଇଛି। ଗଛ ଚୋରା ଚାଲାଣ ରୋକିବାକୁ ମଧ ପାଟ୍ରୋଲିଂ କଡାକଡି କରାଯାଉଛି ବୋଲି ସେ କହିଛନ୍ତି।

## ଆମାଜନ୍‌ର ଉପଭୋକ୍ତା ବ୍ୟବସାୟ ସିଇଓଙ୍କ ଇସ୍ତଫା

**ନୂଆଦିଲ୍ଲୀ:** ସାରା ବିଶ୍ୱ ପାଇଁ ଆମାଜନ୍‌ର ଉପଭୋକ୍ତା ବ୍ୟବସାୟ କ୍ଷେତ୍ରର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଡେଭିଡ୍ କ୍ଲାର୍କ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଦୀର୍ଘ ୨୩ ବର୍ଷ ଧରି କମ୍ପାନୀରେ କାର୍ଯ୍ୟ କରୁଥିବା କ୍ଲାର୍କଙ୍କ ଇସ୍ତଫା ସମ୍ପର୍କରେ ଶନିବାର ଆମାଜନ୍ ପକ୍ଷରୁ ସୂଚନା ଦିଆଯାଇଛି। କ୍ଲାର୍କ ନିଜ କାର୍ଯ୍ୟକାଳ ମଧ୍ୟରେ କମ୍ପାନୀର ବିସ୍ତୃତ ଏବଂ ଦ୍ରୁତ ଯୋଗାଣ ଶୃଙ୍ଖଳାକୁ ବିକଶିତ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଡେଭିଡ୍‌ଙ୍କ ସମେତ କମ୍ପାନୀର ଅନ୍ୟ କେତେଜଣ କର୍ମଚାରୀ ମଧ ଏକା ସମୟରେ ଅବସର ଗ୍ରହଣ କରିଥିବା ଆମାଜନ୍‌ର ସିଇଓ ଏଣ୍ଡି ଜେସି ସୂଚନା ଦେଇଛନ୍ତି। ଡେଭିଡ୍‌ଙ୍କର କାର୍ଯ୍ୟକାଳର ଶେଷ ଦିନ ଜୁଲାଇ ୧ ରହିବ।

## ସଂକ୍ଷେପରେ

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର,୪।୬:** ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରିଷଦର ପ୍ରଫେସନାଲ୍ ଡେଭେଲପ୍‌ମେଣ୍ଟ କମିଟି ଦ୍ୱାରା ଆୟୋଜିତ ଓ କଟକ ଶାଖା ଦ୍ୱାରା ପରିଚାଳିତ ୨ଦିନିଆ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୨ୟ ତଥା ଶେଷ ଦିନରେ ଜିଏସ୍‌ଟି ଆଇନ ଓ ଏହାର ବର୍ତ୍ତମାନର ପରିସ୍ଥିତି, କ୍ଷୁଦ୍ର ଓ ବୃହତ୍ ଶିଳ୍ପ ପାଇଁ ଶିଳ୍ପନୀତି, ନୂତନ ଯାନ୍ତ୍ରିକ ବିଜ୍ଞାନର ବ୍ୟବହାର ଓ ବିତ୍ତ ବିବରଣୀର ଅନିୟମିତତା ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଆଲୋଚକ ଭାବେ ସ୍ୱତନ୍ତ୍ର ଜିଏସ୍‌ଟି କମିଶନର ପ୍ରମୋଦ କୁମାର ମହାନ୍ତି, ଦିଲ୍ଲୀର ରୋହିଣୀ ଅଗ୍ରୱାଲ୍, ସୌର୍ଯ୍ୟପ୍ରକାଶ ମହାପାତ୍ର, ଡ. ସଚିକାନ୍ତ କର, ପୂର୍ବାଞ୍ଚଳ ପରିଷଦର ସମ୍ପାଦକ ସଞ୍ଜୀବ ସାନ୍‌ଘି, ବେଙ୍ଗାଲୁରୁର ଗୁରୁପ୍ରସାଦ ମକାମ, ନାଲ୍‌କୋର ଭରତ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ବସ୍ତ୍ର ବିକ୍ରିର ଶେଷ ଦିନ

**ଭୁବନେଶ୍ୱର,୪।୬:** ଚଳିତ ପର୍ବରତୁ ସମୟରେ ଏକ ଇଣ୍ଟରନ୍ୟାଶନାଲ ଚେନ୍ ଅଫ୍ ବ୍ରାଣ୍ଡେଡ୍ ରେଡିମେଡ୍ ଗାର୍ମେଣ୍ଟସ୍ ପକ୍ଷରୁ ଜୟଦେବବିହାର ମେଫାୟାର ରୋଡ୍‌ସ୍ଥିତ ହୋଟେଲ ମେଫାୟାର ଲାଗୁନ୍‌ଠାରେ ଏକ ୨ଦିନିଆ ପୋଷାକ ବିକ୍ରି କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଯାଇଥିବା ବେଳେ ରବିବାର ଏହା ଶେଷ ହେବାକୁ ଯାଉଛି। ଏହି ବିକ୍ରୟ କାର୍ଯ୍ୟକ୍ରମରେ ଆଖିଦୃଶିଆ ରିହାତି ସହିତ ୨୫୦୦୦ରୁ ଉର୍ଦ୍ଧ୍ୱ ରେଡିମେଡ୍ ପୋଷାକ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଏଥିରେ ମହିଳା, ପୁରୁଷ ଏବଂ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ବ୍ରାଣ୍ଡେଡ୍ କଲେକ୍ସନ ଉପଲବ୍ଧ ଅଛି। ଏଥିସହିତ ୮୦୦ରୁ ୨୦୦୦ଟଙ୍କା ମଧ୍ୟରେ ବିଭିନ୍ନ ବ୍ରାଣ୍ଡେଡ୍ ଫୁଟ୍‌ୱେର୍ ମଧ ମିଳୁଛି। ସେହିପରି ବ୍ରାଣ୍ଡେଡ୍ ଲେଡିଜ୍ ୱେର୍ ୩୫୦ରୁ ୮୦୦ ଟଙ୍କା ମଧ୍ୟରେ ମିଳୁଥିବା ବେଳେ ୨୦୦ରୁ ୭୦୦ଟଙ୍କା ମଧ୍ୟରେ ପିଲାଙ୍କ ବସ୍ତ୍ର ଉପଲବ୍ଧ ହେଉଛି।

# ୬ରୁ ଷ୍ଟାର୍ କିରନ୍‌ର ଧାରାବାହିକ ପ୍ରସାରଣ

ଭୁବନେଶ୍ୱର,୪।୬





ଓଡ଼ିଆ ଦର୍ଶକମାନଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ସମର୍ପିତ ଡିଜ୍‌ନୀ ଷ୍ଟାର୍‌ର ଷ୍ଟାର୍ କିରନ୍ ଜୁନ୍ ୬ ତାରିଖ ଅର୍ଥାତ୍ ଆସନ୍ତା ସୋମବାର ସନ୍ଧ୍ୟା ୬ ଘଟିକାଠାରୁ ପ୍ରିମିୟର ହେବ। ଓଡ଼ିଆ ଦର୍ଶକଙ୍କୁ ପ୍ରେରଣା, ଆଶା ଏବଂ ଉତ୍ତମ କାହାଣୀ ସହିତ ଦେଶର ମୂଲ୍ୟବୋଧ ଓ ସଂସ୍କୃତିର ଗଭୀରତା ସହିତ ଜଡ଼ିତ ବିଷୟବସ୍ତୁ ଯୋଗାଇବ। ପୌରାଣିକ କଥାଠାରୁ ଆରମ୍ଭ କରି ଲୋକପ୍ରିୟ ଫିକ୍ସନ ଏବଂ ଫ୍ୟାଣ୍ଟାସି, ମନ୍ତ୍ରମୁଗ୍ଧ କରିବା ଭଳି ଥ୍ରୀଲର ଓ ମନୋରଞ୍ଜନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଶୋ'ର ମଜା ଦର୍ଶକମାନେ ଏହି ଚ୍ୟାନେଲ ମାଧ୍ୟମରେ ପାଇପାରିବେ। ଚ୍ୟାନେଲରେ ସୋମବାରରୁ ଶନିବାର ସନ୍ଧ୍ୟା ସମୟରେ ଦର୍ଶକମାନେ ବିଭିନ୍ନ ମନୋରଞ୍ଜନଭିତ୍ତିକ ଶୋ' ଉପଭୋଗ କରିପାରିବେ। ସୋମବାରରୁ ଶନିବାର ସନ୍ଧ୍ୟା ୬ରୁ ୬.୩୦ ପର୍ଯ୍ୟନ୍ତ ଦର୍ଶକ 'ରାଧା କୃଷ୍ଣ', ୬.୩୦ରୁ ୭ ପର୍ଯ୍ୟନ୍ତ 'ମା', ୭ରୁ ୭.୩୦ ପର୍ଯ୍ୟନ୍ତ 'ତୁ କହିବୁ ନା ମୁଁ', ୭.୩୦-୮ ଟା ଯାଏ 'କିଏ ପର କିଏ ଆପଣାର', ୮ରୁ ୮.୩୦ ପର୍ଯ୍ୟନ୍ତ 'ଶାନ୍ତି', ୮.୩୦ରୁ ୯ଟା ପର୍ଯ୍ୟନ୍ତ 'ସୁହାଗ ସିନ୍ଦୂର' କାର୍ଯ୍ୟକ୍ରମକୁ ଓଡ଼ିଆ ଦର୍ଶକ ଉପଭୋଗ କରିପାରିବେ। ଏହାଛଡ଼ା ସୋମବାରରୁ ରବିବାର ଅର୍ଥାତ୍ ସପ୍ତାହ ସାରା ରାତି ୯ରୁ ୯.୩୦ ପର୍ଯ୍ୟନ୍ତ ଭଗବାନ ଶିବଙ୍କ କାହାଣୀ 'ମହାଦେବ', ୯.୩୦ରୁ ୧୦ଟା ପର୍ଯ୍ୟନ୍ତ

### ଦର୍ଶକଙ୍କୁ ଯୋଗାଇବ ମନୋରଞ୍ଜନ

ଏକ ହରର ଶୋ' 'ନଜର' ଜରିଆରେ ଦର୍ଶକମାନଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବାକୁ ଆଶା ରଖିଛି ଡିଜ୍‌ନୀ ଷ୍ଟାର୍‌ର ଷ୍ଟାର୍ କିରନ୍ । ଏହି ସମସ୍ତ ଟେଲିଭିଜନ୍ ଶୋ' ହେଉଛି ଆଧ୍ୟାତ୍ମିକତା, ମା'ର ସ୍ନେହ, ପ୍ରେମ ଓ ପ୍ରତାରଣାର କାହାଣୀ, ହରର୍ ଭଳି ବିଭିନ୍ନ ପ୍ରକାର ଏକ ପୂର୍ଣ୍ଣ ପ୍ୟାକେଜ୍। ଡିଜ୍‌ନୀ ଷ୍ଟାର୍‌ର ଷ୍ଟାର୍ କିରନ୍ ଚ୍ୟାନେଲ ବର୍ତ୍ତମାନ ସମସ୍ତ ଡିଟିଏଚ୍, ଲୋକାଲ କେବୁଲ୍ ପ୍ଲାଟ୍‌ଫର୍ମ- ଏୟାରଟେଲ୍ ଡିଜିଟାଲ୍ ଟିଭି, ଟାଟା ପ୍ଲେ, ଡିସ୍ ଟିଭି, ଡିଟୁଏଚ୍ , ଏନ୍‌ଏକ୍ସଟି ଡିଜିଟାଲ୍, ସନ୍ ଡାଇରେକ୍ଟ, ଜିଟିପିଏଲ୍, କେସିବିପିଏଲ୍ ଭଳି ଅନ୍ୟାନ୍ୟ ନେଟ୍‌ୱର୍କରେ ଉପଲବ୍ଧ।

# ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ପକ୍ଷରୁ ସ୍କଲାରଶିପ୍ ଘୋଷଣା




ଭୁବନେଶ୍ୱର,୪।୬

ଓଡିଏମ୍ ଗ୍ଲୋବାଲ ସ୍କୁଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡିଏମ୍ ଏଜୁକେଶନ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ (ସିଓଓ) ଆସନ୍ତା ୫ବର୍ଷ ପାଇଁ ୨କୋଟି ଟଙ୍କାର ଏକ କ୍ରୀଡ଼ା ସ୍କଲାରଶିପ୍ ପାଣ୍ଠି ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ଏହା ଜରିଆରେ ଓଡିଏମ୍ ପକ୍ଷରୁ ସାରା ରାଜ୍ୟର ସର୍ବୋତ୍ତମ ଉଦୀୟମାନ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କର ୧୨ମ ଶ୍ରେଣୀ ପର୍ଯ୍ୟନ୍ତ ନିଃଶୁଳ୍କ ପଠନ ଓ କ୍ରୀଡ଼ା ପ୍ରଶିକ୍ଷଣର ଦାୟିତ୍ୱ ବହନ କରିବ। ଆଥ୍‌ଲେଟ୍‌ମାନଙ୍କୁ ସେମାନଙ୍କ ଖେଳ ପ୍ରତିଭା ଆଧାରରେ ମନୋନୀତ କରାଯିବ। ଭୁବନେଶ୍ୱର ଭିତ୍ତିକ ଆର୍ଡୋର ଫୁଟ୍‌ବଲ୍ ଏକାଡେମୀ, ଏନ୍‌ବିଏ ବାସ୍କେଟ୍ ବଲ୍ ଏକାଡେମୀ, ରୋହିତ ଶର୍ମା କ୍ରିକେଟ ଏକାଡେମୀ ଓ ମହେଶ ଭୂପତି ଟେନିସ୍ ଏକାଡେମୀ ଭଳି ବିଶିଷ୍ଟ କ୍ରୀଡ଼ା ସଂସ୍ଥା ସହ ସହଭାଗୀ ହୋଇ ଓଡିଏମ୍ ଖେଳ ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ରଙ୍କ ନିରନ୍ତର ଅନ୍ୱେଷଣ କରିବା ଆରମ୍ଭ କରିଛି। ସେମାନଙ୍କର ବୃହତ୍ତର ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଷ୍ଠା ହେତୁ ତଥା କ୍ରୀଡ଼ା କ୍ଷେତ୍ରରେ ଆମ ରାଜ୍ୟର ଉତ୍ତରୋତ୍ତର ଅଭିବୃଦ୍ଧି ଏହି ସ୍କଲାରଶିପ୍ ପ୍ରଦାନର ମୁଖ୍ୟ ଉଦ୍ଦେଶ୍ୟ। ସାଲିଆସାହି ବସ୍ତିବାସିନ୍ଦା ୮ ବର୍ଷୀୟ କୁଳଦୀପ ହେମ୍ବ୍ରମ୍‌ଙ୍କୁ ଓଡିଏମ୍ ଗ୍ଲୋବାଲ ସ୍କୁଲର ୧୦୦% ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ୨ୟ ପ୍ରାପ୍ତକର୍ତ୍ତା ପୃଥିବୀରାଜ ଦାସଙ୍କୁ ମଧ ୧୨ମ ଶ୍ରେଣୀ ପର୍ଯ୍ୟନ୍ତ ଓଡିଏମ୍ ପବ୍ଲିକ୍ ସ୍କୁଲର ୧୦୦% ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ସିଓଓ ସ୍ୱୟନ୍ ସତ୍ୟେନ୍ଦୁ କହିଛନ୍ତି, ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ଯୋଗ୍ୟତା ପାଇଁ ଓଡିଏମ୍ କ୍ରମାଗତ ଭାବରେ ପ୍ରଚେଷ୍ଟାରତ ।

# ଶରତ ସାହୁଙ୍କୁ ସ୍ୱାଇସ୍ ଆଇକନ୍ ପୁରସ୍କାର

ଭୁବନେଶ୍ୱର,୪।୬




ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ୪୭ ବର୍ଷରେ ପହଞ୍ଚିଥିବା ଲୋକପ୍ରିୟ ରୁଚି ଫୁଡ୍‌ଲାଇନ୍‌କୁ ଉତ୍କର୍ଷ, ଗୁଣବତ୍ତା ଓ ଉଦ୍ୟୋଗ କ୍ଷେତ୍ରରେ ବିକାଶ ପାଇଁ ମିଳିଛି ଆଉ ଏକ ପୁରସ୍କାର। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଗ୍ଲୋବାଲ ସ୍ୱାଇସ୍ ସମିଟ୍ ସମାରୋହରେ ରୁଚି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟର ଜଣାଶୁଣା ଶିଳ୍ପୋଦ୍ୟୋଗୀ ଶରତ କୁମାର ସାହୁଙ୍କୁ ମିଳିଛି ଚଳିତ ବର୍ଷର ସ୍ୱାଇସ୍ ଆଇକନ୍ ପୁରସ୍କାର। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୨୦୦ରୁ ଅଧିକ ମସଲା ଶିଳ୍ପଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଉତ୍ସବରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଦେବସିହ୍ନା ଚୌହାନ ଓ ରାଜ୍ୟ ସଭା ସଦସ୍ୟ ରାଜେନ୍ଦ୍ର ଗେହଲଟ୍ ଯୋଗଦେଇ ସାହୁଙ୍କୁ ଚଳିତବର୍ଷ ସମ୍ମାନଜନକ ସ୍ୱାଇସ୍ ଆଇକନ୍ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟର ଶିଳ୍ପ ଓ ଉଦ୍ୟୋଗ ଜଗତରେ ଏକ ସଫଳ ଶିଳ୍ପର ମାନ୍ୟତା ଲାଭ କରିଥିବା ଏହି ଅନୁଷ୍ଠାନ ପୂର୍ବରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ବିଭିନ୍ନ ରାଷ୍ଟ୍ରୀୟ ଏବଂ ଗଣମାଧ୍ୟମ ଅନୁଷ୍ଠାନଗୁଡ଼ିକରୁ ମଧ ପୁରସ୍କୃତ ହୋଇଛି। ଏହି ଅବସରରେ ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାହୁ କହିଛନ୍ତି, ଓଡ଼ିଶାର କୋଟି କୋଟି ଗ୍ରାହକ ହେଉଛନ୍ତି ରୁଚି ପରିବାରର ଶ୍ରେଷ୍ଠ ପୃଷ୍ଠପୋଷକ। ଆମେ ଗ୍ରାହକମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟପ୍ରଦ, ସୁଷମ ଓ ସୁଲଭ ମୂଲ୍ୟରେ ସାମଗ୍ରୀ ଉତ୍ପାଦନ କରୁଛୁ। ରାଜ୍ୟ ସରକାରଙ୍କ ସହଯୋଗରେ ସମ୍ପ୍ରତି ନୂତନ ଭାବରେ ବିକଶିତ ରାମଦାସପୁର ଶିଳ୍ପପୁଞ୍ଜଠାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିବା ଇଟାଲୀର ଆନ୍‌ସେଲ୍‌ମୋ ଇମ୍ପିଆଣ୍ଟି ସହଯୋଗରେ ଏହି ଫୁଡ୍ ପ୍ରୋସେସିଂ ପାର୍କ ଖୁବ୍ ଶୀଘ୍ର ପ୍ରତିଷ୍ଠା ହେବ ବୋଲି ସାହୁ ସୂଚନା ଦେଇଛନ୍ତି।

### ଇଟାଲୀ ସହଯୋଗରେ ରାମଦାସପୁରଠାରେ ହେବ ଅତ୍ୟାଧୁନିକ ରୁଚି ଫୁଡ୍‌ପାର୍କ

# ୨ଥର ବଢ଼ିପାରେ ରେପୋ ରେଟ୍

ନୂଆଦିଲ୍ଲୀ,୪।୬

ଆସନ୍ତା ସପ୍ତାହରେ ହେବାକୁ ଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)ର ମୁଦ୍ରାନୀତି (ଏମ୍‌ପିସି) ବୈଠକରେ ରେପୋ ରେଟ୍‌ରେ ୦.୪୦% ବୃଦ୍ଧି ଘଟିବା ନେଇ ଏକ ବିଦେଶୀ ବ୍ରୋକ୍‌ରେଜ୍ କମ୍ପାନୀ ବୋଫା ସିକ୍ୟୁରିଟିଜ୍ ପକ୍ଷରୁ ଶନିବାର ଆକଳନଭିତ୍ତିକ ତଥ୍ୟ ଦିଆଯାଇଛି। ଏହାଛଡ଼ା କେନ୍ଦ୍ରୀୟ ବ୍ୟାଙ୍କ୍‌ର ଦର ନିର୍ଦ୍ଧାରଣ ପ୍ୟାନେଲ ଅଗଷ୍ଟରେ ହେବାକୁ ଥିବା ପରବର୍ତ୍ତୀ ସମୀକ୍ଷା ବୈଠକରେ ରେପୋ ରେଟ୍‌ରେ ୦.୩୫% ବୃଦ୍ଧି ନେଇ ମଧ କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ତେବେ ଯଦି ଜୁନ୍ ବୈଠକରେ ରେପୋ ଦର ବୃଦ୍ଧି ୦.୫୦% ରହିବ ତା'ହେଲେ ଅଗଷ୍ଟରେ ତାହା ୦.୨୫% ରହିବ ବୋଲି କମ୍ପାନୀ କହିଛି। କମ୍ପାନୀ ସୂଚନା ଅନୁସାରେ ରେପୋ ଦରରେ ମୋଟ୍ ୦.୭୫% ବୃଦ୍ଧି ଘଟିବ। ସୂଚନାଯୋଗ୍ୟ, ଗତ ମେ' ମାସରେ ହୋଇଥିବା ଏମ୍‌ପିସି ସମୀକ୍ଷା ବୈଠକରେ ରେପୋ ଦରରେ ୦.୪୦% ବୃଦ୍ଧି ହୋଇଥିଲା।

# ଅଜନ୍ତା ଶୁଜ୍‌ର 'ପେରୋଁ କି ସୁନୋ' ଅଭିଯାନ

ଭୁବନେଶ୍ୱର,୪।୬




ଭାରତୀୟ ଜୋତା ଓ ଚପଲର ଗ୍ରାହକମାନେ ଉଭୟ ଷ୍ଟାଇଲ୍ ଓ ଆରାମ ବିଷୟରେ ଅଧିକରୁ ଅଧିକ ଜାଣିବା ନିମନ୍ତେ ନୂତନ ଅଜନ୍ତା ଜୋତା ଅଭିଯାନ ଠିକ୍ ଧ୍ୱନି ସୃଷ୍ଟି କରିଥିବା ଭଳି ମନେହୁଏ। ଏହା ଗ୍ରାହକଙ୍କୁ ସେମାନଙ୍କ ଆତ୍ମବିଶ୍ୱାସର ସହିତ ନିଜ ପସନ୍ଦକୁ ଚୟନ କରିବା ପାଇଁ ଅନ୍ତର୍ନିହିତ ଇଚ୍ଛାକୁ ବ୍ୟକ୍ତ କରିବାରେ ସାହାଯ୍ୟ କରେ। ବ୍ରାଣ୍ଡ୍ ଆମ୍ବାସାଡର ସୌରଭ ଗାଙ୍ଗୁଲି ଏବଂ ପରିଣିତି ଚୋପ୍ରା ଟିଭି ବିଜ୍ଞାପନର ଏକ କ୍ରମରେ 'ପେରୋଁ କି ସୁନୋ ବାର୍ତ୍ତା' ପ୍ରଚାରକରି କହିଛନ୍ତି, କମ୍ପାନୀ ଉପଭୋକ୍ତାଙ୍କୁ ଠିକ୍ ଜୋତା ଓ ଚପଲ ବାଛିବା ସହିତ ଜୀବନର ସମସ୍ତ କ୍ଷେତ୍ରରେ ନିଜର ବିଚାରକୁ ଅନୁସରଣ କରିବାର ଆବଶ୍ୟକତା କଥା ମନେ ପକାଇଛି। ଅଜନ୍ତା ଶୁଜ୍ ପରିଚାଳନା ନିର୍ଦ୍ଦେଶକ ସାମ୍ବିକ୍ ବଣିକଙ୍କ କହିବା ଅନୁସାରେ, ବ୍ରାଣ୍ଡ୍‌ର ଏହି ନୂତନ ମନ୍ତ୍ର ଆମର ନିରନ୍ତର ପ୍ରୟାସର ଯଥାର୍ଥତାକୁ ବଜାୟ ରଖିପାରିଛି। ଫଳରେ ଆମେ ଯାନ୍ତ୍ରିକ ଜ୍ଞାନକୌଶଳରେ ଗୋଟିଏ ପାଦ ଆଗରେ ରହିବା ସହିତ ଗ୍ରାହକମାନଙ୍କୁ ଆରାମଦାୟକ ଏବଂ ସୁପର ଷ୍ଟାଇଲିଶ୍ ଜୋତା ଯୋଗାଇପାରୁଛୁ।

## ଫୁରସତ୍

# ମାଲିକାନା ସାବ୍ୟସ୍ତ ପାଇଁ ମଇଁଷିର ଡିଏନ୍‌ଏ ଟେଷ୍ଟ

ଲକ୍ଷ୍ନୌ



ଚିହ୍ନଟ ପ୍ରକ୍ରିୟାକୁ ସହଜ କରିବା ପାଇଁ ସାଧାରଣ ଭାବେ ଡିଏନ୍‌ଏ ଟେଷ୍ଟକୁ ଆପଣାଯାଏ। ବିଶେଷ ଭାବେ ମଣିଷଙ୍କ ଡିଏନ୍‌ଏ ଟେଷ୍ଟ ହେବା କଥା ସଭିଏଁ ଜାଣିଥିବେ କିନ୍ତୁ ପଶୁମାନଙ୍କର ଡିଏନ୍‌ଏ ଟେଷ୍ଟ ହୁଏତ କେବେ କେଉଁଠାରେ ଡାକ୍ତରୀ ପରୀକ୍ଷା ପାଇଁ କରାଯାଇଥିବ। କିନ୍ତୁ ମାଲିକାନା ସାବ୍ୟସ୍ତ ପାଇଁ ଉତ୍ତର ପ୍ରଦେଶର ମିରଟରେ ଦୁଇ ମଇଁଷିଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ସ୍ଥାନୀୟ ପୋଲିସ ନିର୍ଦ୍ଦେଶ ଦେଇଛନ୍ତି। ଶାମଲି ଜିଲାର ଅହମଦଗଡ଼ର ଶ୍ରମିକ ଚନ୍ଦ୍ରପାଲ କଶ୍ୟପ ତାଙ୍କ ତିନି ବର୍ଷର ମଇଁଷି ଛୁଆ ଗୁହାଳରୁ ଚୋରି ହେବା ନେଇ ୨୦୨୦ ଅଗଷ୍ଟ ୨୫ରେ ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ କରିଥଲେ। ସେହିବର୍ଷ ନଭେମ୍ବରରେ ଚନ୍ଦ୍ରପାଲ ତାଙ୍କ ଚୋରି ହୋଇଥିବା ମଇଁଷି ଛୁଆକୁ ବୀନପୁର ଗ୍ରାମର ସତବୀର ସିଂଙ୍କ ଗୁହାଳରେ ଦେଖିଥିଲେ। ଚନ୍ଦ୍ରପାଲ ମଇଁଷି ଛୁଆଟି ତାଙ୍କର ବୋଲି ଦାବି କରିବାରୁ ସତବୀର ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। କରୋନା କାରଣରୁ ଏହି ମାମଲାର ସମାଧାନରେ ବିଳମ୍ବ ହେଉଥିବାବେଳେ ବର୍ତ୍ତମାନ ସ୍ଥାନୀୟ ପୋଲିସ ଦୁଇ ମାଲିକଙ୍କ ପାଖରେ ଥିବା ମଇଁଷିଙ୍କ ଡିଏନ୍‌ଏ ଟେଷ୍ଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଡିଏନ୍‌ଏ ଟେଷ୍ଟର ପ୍ରସ୍ତାବ ଅଭିଯୋଗକାରୀ ଚନ୍ଦ୍ରପାଲ ପ୍ରଥମେ ଦେଇଥିବା ଶାମଲି ଏସ୍‌ପି ସୁକ୍ରିତି ମାଧବ କହିଛନ୍ତି। ପଶୁ ଡାକ୍ତରଖାନା ବିଭାଗ ପକ୍ଷରୁ ଗୁରୁବାର ଉଭୟ ମା' ମଇଁଷିଙ୍କ ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇ ଟେଷ୍ଟ କରାଯିବ ବୋଲି କୁହାଯାଇଛି।

# ବର୍ଷକୁ ଦୁଇଥର ଜନ୍ମଦିନ ପାଳନ୍ତି ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ



**ଲଣ୍ଡନ:** ସାଧାରଣ ଲୋକଙ୍କଠାରୁ ରାଜା-ମହାରାଜା, ରାଣୀ-ମହାରାଣୀଙ୍କ ଜୀବନ ଶୈଳୀ ଭିନ୍ନ ହୋଇଥାଏ। ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସେମାନେ ଆଡମ୍ବର ସହକାରରେ ପାଳନ କରନ୍ତି। ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ପ୍ରତିବର୍ଷ ଦୁଇଥର ନିଜର ଜନ୍ମ ଦିନ ପାଳନ କରନ୍ତି, ଯାହା ଏକ ଐତିହାସିକ ସମାରୋହ ବୋଲି କୁହାଯାଇପାରିବ। ୯୬ ବର୍ଷୀୟା ଏଲିଜାବେଥ୍ ଦ୍ୱିତୀୟଙ୍କ ପ୍ରକୃତ ଜନ୍ମଦିନ ଏପ୍ରିଲ ୨୧ ତାରିଖରେ ପାଳନ କରାଯାଏ। ଏହାବାଦ୍ ପ୍ରତିବର୍ଷ ଜୁନ୍‌ମାସ ଦ୍ୱିତୀୟ ଶନିବାର ମଧ ଏଲିଜାବେଥ୍ ବଡ଼ ସମାରୋହର ଆୟୋଜନ କରି ନିଜ ଜନ୍ମଦିନ ପାଳନ କରନ୍ତି। ଚଳିତ ବର୍ଷ ଜୁନ୍ ୧୧ ତାରିଖରେ ମହାରାଣୀଙ୍କ ଜନ୍ମଦିବସ ପାଳନ କରାଯିବ। ୧୯୨୬ ଏପ୍ରିଲ ୨୧ ତାରିଖରେ ଏଲିଜାବେଥ୍ ଦ୍ୱିତୀୟ ଜନ୍ମ ଗ୍ରହଣ କରିଥିଲେ। ବର୍ଷକୁ ଦୁଇଥର ଜନ୍ମଦିନ ପାଳନ କରିବାର ପରମ୍ପରା ଜର୍ଜ ଦ୍ୱିତୀୟଙ୍କଠାରୁ ଆରମ୍ଭ ହୋଇଥିଲା। ଦେଶବାସୀ ଶୀତଋତୁକୁ ବେଶି ପ୍ରାଧାନ୍ୟ ଦେଉଥିବାବେଳେ ରାଜପରିବାରର ଲୋକେ ଥଣ୍ଡା ପାଗକୁ ବଡ଼ ଆକାରରେ ପାଳିବାକୁ ପସନ୍ଦ କରୁଥିଲେ। ନଭେମ୍ବର ମାସରେ ଜର୍ଜଙ୍କ ଜନ୍ମଦିନ ପଡୁଥିବାବେଳେ ପ୍ରବଳ ଶୀତ କାରଣରୁ ଖରାଦିନେ କରାଯାଉଥିବା ମିଲିଟାରି ପ୍ୟାରେଡ୍ (ଟ୍ରୁପିଙ୍ଗ୍ ଦ କଲର୍) ଦିନ ହିଁ ସେ ତାଙ୍କ ଜନ୍ମ ଦିନ ପାଳନ କରୁଥିଲେ। ତେବେ ୧୭୪୮ ମସିହାରୁ ଜର୍ଜ ଏହି ପରମ୍ପରା ଆରମ୍ଭ କରିଥିଲେ। ଟ୍ରୁପିଙ୍ଗ ଦ କଲରରେ ମଧ୍ୟାହ୍ନ ସମୟରେ ଏକାଧିକ ସ୍ଥାନରେ ଗନ୍ ସାଲ୍ୟୁଟ ଦିଆଯାଏ। ୱିଣ୍ଡସୋର ଗ୍ରେଟ୍ ପାର୍କରେ ୨୧ ଗନ୍ ସାଲ୍ୟୁଟ, ହାଇଡ୍ ପାର୍କରେ ୪୧ ଏବଂ ଟାୱାର ଅଫ୍ ଲଣ୍ଡନ୍‌ରେ ୬୨ ଗନ୍ ସାଲ୍ୟୁଟ ଦିଆଯାଏ। ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଶାସନକୁ ବିତିଯାଇଛି ୭୦ ବର୍ଷ। ତେବେ ଦୀର୍ଘ ଶାସନକାଳ ପାଇଁ ବ୍ରିଟେନ୍‌ରେ ବଡ଼ ଆକାରରେ ପ୍ଲାଟିନମ୍ ଜୁବଲି ପାଳନ କରାଯାଉଛି। ରାଜକୀୟ ଢ଼ଙ୍ଗରେ ଏହି ସମାରୋହ ପାଳନ କରାଯାଉଥିବାବେଳେ ରାଜପରିବାରର ପ୍ରତ୍ୟେକ ସଦସ୍ୟ ଏଥିରେ ସାମିଲ ହେଉଥିବାର ଦେଖିବାକୁ ମିଳିଛି।

# ମୃଣାଳ ନେଉଛନ୍ତି ପୋଲିସ ଟ୍ରେନିଂ


ମୃଣାଳ ଠାକୁର

**ମୁମ୍ବାଇ:** ଟେଲି ଜଗତରୁ ବଲିଉଡ୍‌ରେ ଜଣେ ସଫଳ ନାୟିକା ହୋଇଥିବା ମୃଣାଳ ଠାକୁର ନିଜ ଅପ୍‌କମିଂ ଫିଲ୍ମ ପାଇଁ ଏବେ ବ୍ୟସ୍ତ। ଆଗାମୀ ପ୍ରୋଜେକ୍ଟ 'ଗୁମ୍‌ରାହ'ରେ କାମ କରିବା ପାଇଁ ନାୟିକା ଜଣଙ୍କ ଏବେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଫିଲ୍ମରେ ସେ ଜଣେ ପୋଲିସ ଭୂମିକାରେ ଅଭିନୟ କରିବାକୁ ଥିବାବେଳେ ଏ ନେଇ ସେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଉଥିବାର ଦେଖିବାକୁ ମିଳିଛି। ଏଥିଲାଗି ସେ ଟ୍ରେଣ୍ଡ୍ ଆଥ୍‌ଲେଟମାନଙ୍କ ସହ ଦୌଡୁଥିବା କହିଛନ୍ତି। ସେହିପରି ମହିଳା ପୋଲିସଙ୍କ ସହ ବର୍ତ୍ତମାନ ମୃଣାଳ ଅଧିକ ସମୟ ବିତାଉଛନ୍ତି। ପୋଲିସମାନେ ବ୍ୟବହାର କରୁଥିବା ଶବ୍ଦ ସାଙ୍ଗକୁ ସେମାନଙ୍କ କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କରୁଥିବା ସେ କହିଛନ୍ତି। ଆଦିତ୍ୟ ରାଓ କପୁର ମଧ ଏହି ଫିଲ୍ମରେ ଅଭିନୟ କରିବେ। ତେବେ ଫିଲ୍ମରେ ସେ ଡବଲ୍ ରୋଲ୍ କରିବେ ବୋଲି କୁହାଯାଉଛି। ଭରଦନ କେତକର ଫିଲ୍ମର ନିର୍ଦ୍ଦେଶନା ଦେଉଥିବାବେଳେ ଟି ସିରିଜ୍ ବ୍ୟାନର୍‌ରେ ଫିଲ୍ମଟି ମୁକ୍ତିଲାଭ କରିବ। ଶେଷଥର ପାଇଁ ମୃଣାଳ ଫିଲ୍ମ 'ଜର୍ସି'ରେ ଦେଖିବାକୁ ମିଳିଥିଲେ। ଏଥିରେ ମୃଣାଳଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ସାହିଦ୍ କପୁର।

# ବିଦ୍ୟୁତ୍ କାର୍ଯ୍ୟାଳୟରେ ମସଲା ବଟା

**ବେଙ୍ଗାଲୁରୁ:** ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଚାଲିଛି ମସଲା ବଟା କାର୍ଯ୍ୟ। ଖବରଟି ପଢ଼ିଲାବେଳକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ। କର୍ନାଟକ ଶିଭମୋଗା ଜିଲାର ମଙ୍ଗୋଟେ ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଏମ୍. ହନୁମନ୍ତପା ଗ୍ରାଇଣ୍ଡର, ଜାର୍‌ରେ ଗୋଟା ମସଲା, ମୋବାଇଲ୍ ଏବଂ ଚାର୍ଜର ନେଇ ପ୍ରତ୍ୟେକଦିନ ମାଙ୍ଗାଲୋର ଇଲେକ୍ଟ୍ରିସିଟି କମ୍ପାନୀ ଲିମିଟେଡ୍‌କୁ ଯାଉଛନ୍ତି। ସେଠାରେ ସେ ମସଲା ବାଟିବା ସହ ମୋବାଇଲ୍ ଚାର୍ଜ କରିବା ପରେ ଘରକୁ ଫେରୁଛନ୍ତି। ଏମ୍. ହନୁମନ୍ତପାଙ୍କ ଏହା ନୀତିଦିନିଆ କାମ। ତେବେ ଏହାପଛର କାରଣ ହେଉଛି, ଦୀର୍ଘ ୧୦ ମାସ ହେଲା ତାଙ୍କ ପରିବାର ଦୈନିକ ୩ରୁ ୪ ଘଣ୍ଟା ବିଦ୍ୟୁତ୍ ପାଉଛନ୍ତି। ଫଳରେ ତାଙ୍କର ଅଧିକାଂଶ କାମ ଅଧାରେ ରହୁଛି। ଏକାଧିକ ଥର ବିଦ୍ୟୁତ୍ ଯୋଗାଣ ପାଇଁ ଆବେଦନ କରିଥିଲେ ସୁଦ୍ଧା ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ସମଲା ବାଟିବା ଏବଂ ମୋବାଇଲ୍ ଫୋନ୍ ଚାର୍ଜ କରିବା ନେଇ ବିଭାଗୀୟ ଉଚ୍ଚାଧିକାରୀ ହନୁମନ୍ତପାଙ୍କୁ ଅନୁମତି ଦେଇଥିବା ସେ କହିଛନ୍ତି। ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ଗୋଟିଏ ମାସ ଭିତରେ ହନୁମନ୍ତପାଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି।





କୁକୁରକୁ ଅତି ବିଶ୍ୱାସୀ ପ୍ରାଣୀ ବୋଲି କୁହାଯାଏ। ଅନେକ ସମୟରେ କୁକୁର ମାଲିକ ପାଇଁ ଜୀବନ ଦେଉଥିବାର ନଜିର ରହିଛି। ରାଜଧାନୀ ଦିଲ୍ଲୀରେ ପ୍ରେମିକା ସହ ବ୍ରେକ୍‌ଅପ୍ ହେବା ପରେ ଯୁବକ ଜଣଙ୍କ ଭାଙ୍ଗି ପଡ଼ିଥିଲେ। ମାଲିକ ମନଦୁଃଖରେ ରହୁଥିବା ଦେଖି ବୋଙ୍କି ନାମରେ ଥିବା ତାଙ୍କର ଏକ ପୋଷା କୁକୁର ପ୍ରତ୍ୟେକ ଦିନ ପ୍ରେମିକାଙ୍କ ଘର ଆଗରେ ଯାଇ ମଳତ୍ୟାଗ କରୁଥିବାର ଦେଖିବାକୁ ମିଳିଛି। ଏହାର ଫଟୋ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି।

# ପ୍ରକୃତି ମିତ୍ର

ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଏ କଥାକୁ ସେମାନେ କେବଳ ବୁଝି ନାହାନ୍ତି, ବରଂ ନିଜ କର୍ମରେ ଏହାର ଯଥାର୍ଥତା ପ୍ରତିପାଦନ କରି ଦେଖାଇଛନ୍ତି। ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଜଙ୍ଗଲ କ୍ଷୟ ଯୋଗୁ ବଢୁଥିବା ପ୍ରଦୂଷଣରେ ଧ୍ୱଂସାଭିମୁଖୀ ପୃଥିବୀକୁ ପୁଣିଥରେ ସବୁଜ ବନାନୀରେ ଭରିଦେବାକୁ ଅଣ୍ଟା ଭିଡ଼ିଥିବା ଏଭଳି କେତେଜଣ ପ୍ରକୃତି ମିତ୍ର ଯୁବକଙ୍କୁ ନେଇ ବିଶେଷ ଉପସ୍ଥାପନା...



**ବୃକ୍ଷରୋପଣରେ ବ୍ରତୀ ପ୍ରସନ୍ନ:** ଆଧୁନିକ ମାନବର ବିଳାସବ୍ୟସନ ଜୀବନଯାପନ ଓ ଲୋପ ପାଉଥିବା ସବୁଜ ବନାନୀ ଯୋଗୁ ଆଜି ଧ୍ୱଂସାଭିମୁଖୀ ହେଉଛି ପୃଥିବୀ। ଏହାକୁ ରୋକିବା ନିମନ୍ତେ କେତେଜଣ ପରିବେଶ ସୁରକ୍ଷା ଲାଗି ସବୁଜ ବନାନୀ ସୃଷ୍ଟି କରିବାକୁ ନିଜର ନିଶା ଭାବେ ଗ୍ରହଣ କରିଛନ୍ତି। ବ୍ରହ୍ମପୁର ସହରର ଏହିପରି ଜଣେ ଯୁବକ ହେଉଛନ୍ତି ପ୍ରସନ୍ନ ସ୍ୱାଇଁ। ପେସାରେ ଶିକ୍ଷକ ହୋଇଥିଲେ ହେଁ ନିଶା ତାଙ୍କର ପରିବେଶ ସୁରକ୍ଷା। ସେ ନିଜେ ବୃକ୍ଷରୋପଣ କରିବା ସହ ଶ୍ରେଣୀ ଗୃହରେ ପିଲାଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ବୁଝାନ୍ତି। ସେ ବ୍ରହ୍ମପୁର ସହରର ସବୁଜ ବାହିନୀ ଅନୁଷ୍ଠାନରେ ଯୋଗଦେଇ ଦୀର୍ଘ ୪ ବର୍ଷ ହେବ ବିଭିନ୍ନ ସ୍ଥାନରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଛନ୍ତି। ବିଭିନ୍ନ ପରିତ୍ୟକ୍ତ ସ୍ଥାନରୁ ବୃକ୍ଷ ଚାରା ସଂଗ୍ରହ କରି ସେଗୁଡ଼ିକର ଯତ୍ନ ନେଇଥା'ନ୍ତି। ସହର ତଥା ସହର ଆଖପାଖରେ ଥିବା ଖାଲି ଜାଗାରେ ବୃକ୍ଷରୋପଣ କରିବା ପରେ ନିକଟସ୍ଥ ଅଞ୍ଚଳବାସୀଙ୍କୁ ଏହାର ଯତ୍ନ ନେବା ପାଇଁ ମଧ୍ୟ ପ୍ରବର୍ତ୍ତାଉଛନ୍ତି। ସପ୍ତାହକୁ ଥରେ ବିଭିନ୍ନ ସ୍ଥାନ ବୁଲି ରୋପଣ କରିବା ସହ ପାଣି ଓ ଖତ ଦେଇଥା'ନ୍ତି। ଏହା ସହ 'ମୁଁ ବି ବଞ୍ଚିବାକୁ ଚାହେଁ' କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷରେ ଲାଗିଥିବା ଅନାବନା ହୋର୍ଡିଂ ହଟାନ୍ତି। 'ବୃକ୍ଷ ହିଁ ଜୀବନ' ମାଧ୍ୟମରେ ବିବାହ, ବ୍ରତ, ଜନ୍ମଦିନ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ବୃକ୍ଷଦାନ କରିବା ଓ ବୃକ୍ଷରୋପଣ କରିବା ନିମନ୍ତେ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିଥା'ନ୍ତି।

**ସିଡ୍‌ସ ବଲ୍‌ରୁ ସବୁଜ ବନାନୀ ଗଢ଼ିବାର ଲକ୍ଷ୍ୟ:** ଦିନକୁଦିନ ମାନବୀୟ ହସ୍ତକ୍ଷେପ ଓ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଉଜୁଡ଼ି ଯାଉଥିବା ସବୁଜିମାକୁ ବଜାୟ ରଖିବା ପାଇଁ ଏକ ନିଆରା ଚିନ୍ତାଧାରାକୁ ପରିବେଶବିତ୍ ସୁଶାନ୍ତ ସାହୁ ଆପଣେଇ ଓଡ଼ିଶାରେ ଆରମ୍ଭ କରିଛନ୍ତି ସିଡ୍‌ସବଲ୍ ଆନ୍ଦୋଳନ। ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନକୁ ପ୍ରତ୍ୟେକ ମଣିଷ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସାମିଲ କରି ଏହି ସିଡ୍‌ସବଲ୍ ଅର୍ଥାତ୍ (ବିହନ ପେଣ୍ଡୁ) ସମ୍ପର୍କରେ ବୁଝାଇବା ସହ ଏହାର ପ୍ରସ୍ତୁତି ସମ୍ପର୍କରେ ତାଲିମ ଦେଇଚାଲିଛନ୍ତି। ରାଜଧାନୀ ଭୁବନେଶ୍ୱର ପାଖରେ ରହିଥିବା ଚନ୍ଦକା ଜଙ୍ଗଲ, ଭରତପୁର ସଂରକ୍ଷିତ ଜଙ୍ଗଲ ଏବଂ ଘଙ୍ଗାପାଟଣା ସଂରକ୍ଷିତ ଜଙ୍ଗଲରେ ୨ବର୍ଷରେ ପାଖାପାଖି ୫ ହଜାର ତେନ୍ତୁଳି ଓ ପଣସର ବିହନପେଣ୍ଡୁ ନିକ୍ଷେପ କରିଛନ୍ତି। ସେ କୁହନ୍ତି, ମାଟି, ମଞ୍ଜି ଓ ଖତରେ ପ୍ରସ୍ତୁତ ଏହି ବିହନ ପେଣ୍ଡୁଗୁଡ଼ିକ ଜଙ୍ଗଲରେ ଖାଲି ସ୍ଥାନରେ ନିକ୍ଷେପ କରାଯାଇଥାଏ। ଏଥିରେ ଜୈବିକ ସାର ମିଶିଥିବାରୁ କୀଟପତଙ୍ଗ, ମୂଷା, ଗୁଣ୍ଡୁଚି ମୂଷା ଓ ଅନ୍ୟାନ୍ୟ ଜୀବଜନ୍ତୁ ଏହାକୁ ନଷ୍ଟ କରିପାରିବେ ନାହିଁ। ଅପହଞ୍ଚ ସ୍ଥାନରେ ଏହି ବଲ୍‌କୁ ନିକ୍ଷେପ କରି ସେଠାରେ ସବୁଜ ବଳୟ ସୃଷ୍ଟି କରିବାରେ ସହାୟକ ହୋଇପାରୁଛି। ତେବେ ଏହି ମହତ୍ କାର୍ଯ୍ୟ ଲାଗି କେହି କେହି ସୁଶାନ୍ତଙ୍କୁ 'ସିଡ୍‌ସବଲ୍ ମ୍ୟାନ୍' ମଧ୍ୟ କହିବା ଆରମ୍ଭ କରିଦେଲେଣି। ସମ୍ପ୍ରତି ଏହି ପଦ୍ଧତିକୁ ଅନେକ ପାଶ୍ଚାତ୍ୟ ଦେଶ ଏବଂ ପଡ଼ୋଶୀ ରାଜ୍ୟ ଆପଣାଇ ହେକ୍ଟର ହେକ୍ଟର ଜଙ୍ଗଲ ସୃଷ୍ଟି କରି ଉଦାହରଣ ସୃଷ୍ଟି କରିବାରେ ଲାଗିଛନ୍ତି। ସ୍ୱଳ୍ପ ଖର୍ଚ୍ଚ ଓ ସମୟରେ ବନୀକରଣ ହୋଇ ପାରୁଥିବାରୁ ଏହା ଦିନକୁଦିନ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଯଦି ଏହି ସିଡ୍‌ସବଲ୍ ମୁଭ୍‌ମେଣ୍ଟରେ ପ୍ରତି ବିଦ୍ୟାଳୟରେ ସପ୍ତାହରେ ଗୋଟିଏ ଦିନ ଗୋଟିଏ ଘଣ୍ଟା ପିଲାମାନେ ବଲ୍ ପ୍ରସ୍ତୁତ କରନ୍ତି, ତେବେ ଉଜୁଡ଼ି ଯାଇଥିବା ସବୁଜିମାକୁ ଖୁବ୍ କମ୍ ସମୟରେ ଫେରାଇ ଆଣି ପାରିବାକୁ ଆମେ ସକ୍ଷମ ହୋଇପାରିବା ବୋଲି ସୁଶାନ୍ତ ଆଶା ପ୍ରକାଶ କରନ୍ତି।

**ପରିବେଶ ସୁରକ୍ଷା ଆମ ଦାୟିତ୍ୱ:** ଦିନକୁଦିନ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଯେଉଁଥିପାଇଁ ନାନାଦି ରୋଗ ବ୍ୟାଧି ବଢୁଛି ଏବଂ ଜନଜୀବନ ହାନି ଘଟୁଛି। ତେବେ ଏହା ପଛର ମୁଖ୍ୟ କାରଣ ହେଉଛି ଜଙ୍ଗଲ କ୍ଷୟ। ତେଣୁ ଗଛ ଲଗାଇ ପୃଥିବୀକୁ ସବୁଜ ସୁନ୍ଦର କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି ଖୋର୍ଦ୍ଧା ଜିଲା ଶ୍ରୀରାମନଗରର ପାର୍ଥସାରଥି ସାମନ୍ତରାୟ। ସେ କୁହନ୍ତି, ପିଲାବେଳୁ ଜେଜେବାପାଙ୍କୁ ଗଛ ଲଗାଉଥିବାର ଦେଖିଛି। ତାଙ୍କ ସହ ମିଶି ବାଡ଼ି ବଗିଚାରେ ବିଭିନ୍ନ ଫୁଲ ଓ ଫଳ ଚାରା ରୋପଣ ସହ ଏହାର ରକ୍ଷଣାବେକ୍ଷଣ କିପରି କରାଯିବ ସେକଥା ମଧ୍ୟ ଶିଖିଛି। ଏବେ ଛାତ୍ର ଜୀବନରେ ତାହାର ପ୍ରଭାବ ପଡ଼ିଛି। ପାଠପଢ଼ା ସହ ସ୍କୁଲରେ ଗଛ ଲଗାଇବା, ସ୍କୁଲ ବଗିଚା ସଫେଇ, ଗଛମୂଳେ ପାଣି ଦେବା ଏକ ନିଆରା ଅନୁଭୂତି। ଏମିତିରେ ବର୍ଷ ସାରା କେଉଁଠି ନା କେଉଁଠି ଗଛ ନିଶ୍ଚୟ ଲଗାଏ ଏବଂ ତା'ର ଯତ୍ନ ବି ନିଏ। ତଥାପି ଚଳିତବର୍ଷ ପରିବେଶ ଦିବସରେ ସାଙ୍ଗମାନଙ୍କ ସହ ମିଶି ବିଭିନ୍ନ ସ୍ଥାନରେ ଚାରାରୋପଣ କରିବାର ଲକ୍ଷ୍ୟ ରହିଛି।

**ସଭିଏ ଗଛ ଲଗାଇବା ଦରକାର:** ଭୁବନେଶ୍ୱର ଲକ୍ଷ୍ମୀ ସାଗରରେ ରୁହନ୍ତି ପ୍ରିୟବ୍ରତ ପଣ୍ଡା। ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରିବାରେ ସେ ସର୍ବଦା ବ୍ରତୀ। ସେ କୁହନ୍ତି, ୩ୟ ଶ୍ରେଣୀରେ ପଢୁଥିବା ସମୟରେ 'ତୁମ ପରି ଛୋଟ ପିଲାଟିଏ' କବିତା ଯେଉଁଦିନ ପଢ଼ା ହୋଇଥିଲା, ସେହିଦିନ ମୁଁ ମଧ୍ୟ ୩-୪ ଜଣ ସାଙ୍ଗଙ୍କୁ ନେଇ ଗାଁ ରାସ୍ତା ବର୍ଷା ପାଣିରେ ବୁଡ଼ିଯାଉଥିବା ଜାଗାକୁ ପୋତିଥିଲି। ବୋଧହୁଏ ସେହିଦିନଠାରୁ ମୋର ସାମାଜିକ ଜୀବନ ଆରମ୍ଭ ହୋଇଥିଲା। ଧୀରେ ଧୀରେ ବୟସ ବଢ଼ିବା ସାଙ୍ଗକୁ ମୋ ଗାଁରେ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ମଧ୍ୟ ବଢ଼ିଥିଲା। ପାଠପଢ଼ା ପରେ କର୍ମକ୍ଷେତ୍ର ମୋର ଭୁବନେଶ୍ୱର। ସେଠାରେ ଭେଟ ହୁଅନ୍ତି ସମାଜସେବା କ୍ଷେତ୍ରରେ ମୁଁ ଗୁରୁ ବୋଲି ମାନୁଥିବା ସୁଶାନ୍ତ କୁମାର ସାହୁଙ୍କୁ। ତାଙ୍କ ସହ ମିଶି ବିଭିନ୍ନ ପରିବେଶଧର୍ମୀ କାର୍ଯ୍ୟ ଆରମ୍ଭ କଲି, ଯାହା ମଧ୍ୟରେ ମୁଖ୍ୟ କାର୍ଯ୍ୟ ହେଉଛି ପରିବେଶ ସୁରକ୍ଷା। ନିକଟରେ ଥିବା ଚନ୍ଦକା ଜଙ୍ଗଲ ହେଉ କିମ୍ବା ସ୍କୁଲ କଲେଜ ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରେ ଗଛ ଲଗାଇଥାଉ। ବର, ଅଶ୍ୱତ୍ଥ ଗଛଗୁଡ଼ିକୁ ଭୁବନେଶ୍ୱରରେ ଥିବା ଡ୍ରେନ୍, ପୁରୁଣା କୋଠା କିମ୍ବା ବ୍ରିଜ୍ ଆଦି ସ୍ଥାନରୁ ସଂଗ୍ରହ କରି ଫାଙ୍କା ସ୍ଥାନରେ ଲଗାଇଥାଉ। ଫଳ ଦୋକାନରେ ପଚି ଯାଉଥିବା ଆମ୍ବକୁ ନେଇ ସେଥିରୁ ଟାକୁଆ ସଂଗ୍ରହ କରି ବିଭିନ୍ନ ଜାଗାରେ ପୋତିଥାଉ। ଗୁପ୍‌ଚୁପ୍ ବିକାଳିଙ୍କଠାରୁ ତେନ୍ତୁଳି ମଞ୍ଜି ସଂଗ୍ରହ କରି ତାକୁ ବିହନ ପେଣ୍ଡୁ (ସିଡ୍ ବଲ୍) କରି ଜଙ୍ଗଲରେ ଫିଙ୍ଗିଥାଉ। ପ୍ରାୟତଃ ସବୁ ପ୍ରକାର ମଞ୍ଜିରେ ଆମେ ସିଡ୍ ବଲ୍ ପ୍ରସ୍ତୁତ କରିଥାଉ। ଏହି କାର୍ଯ୍ୟ ଲାଗି ମୋତେ ବିଭିନ୍ନ ଅନୁଷ୍ଠାନ ସମେତ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଯୁବ ପୁରସ୍କାର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କଠାରୁ ମିଳିଛି।



ପ୍ରସନ୍ନ ସ୍ୱାଇଁ



ପ୍ରିୟବ୍ରତ ପଣ୍ଡା



ପାର୍ଥସାରଥି ସାମନ୍ତରାୟ



ସୁଶାନ୍ତ ସାହୁ



## ଏ ସପ୍ତାହର ପ୍ରଶ୍ନ

୧- ପିଏମ୍‌ଇଜିପିର ଫୁଲ୍‌ଫର୍ମ......... ?
୨- ପୃଥିବୀର ସର୍ବବୃହତ୍ ନଦୀ ଦ୍ୱୀପ............ ?
୩- ନ୍ୟାଶନାଲ ଆଚିଭ୍‌ମେଣ୍ଟ ସର୍ଭେ ........... ବର୍ଷରେ ଥରେ କରାଯାଇଥାଏ ?
୪- ହଂକଂର ପ୍ରଥମ ମହିଳା ମୁଖ୍ୟ.............. ?
୫- ନ୍ୟାଶନାଲ ମେଡିକାଲ୍ କମିଶନର ପ୍ରଥମ ଚେୟାରମ୍ୟାନ୍........... ?

## ଗତ ଥରର ଉତ୍ତର

୧ ଏପ୍ରିଲ ମାସ ୩୦
୨ ଭାରତ
୩ ଇଣ୍ଡିଆନ୍ ଜମ୍ପିଂ ଆଣ୍ଟ
୪ ୱାଇଲ୍ଡଲାଇଫ୍ ଆଣ୍ଡ ବାୟୋ ଡାଇଭର୍ସିଟି
୫ ରୁଷିଆ

## ଉତ୍ତରଦାତା

- ରୁଦ୍ରମାଧବ ଖଟୁଆ, ସାଲେପୁର, କଟକ
- ମନ୍ଦାକିନୀ ଦେବତା, ସମ୍ବଲପୁର
- ଦେବଦତ୍ତ ସାମନ୍ତରାୟ, ନୟାଗଡ଼
- ମହାବିନାୟକ ଗାଡୁଆ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଦାମୀ ରେସ୍ତୋରାଁ



୧- ସବ୍ଲିମୋଶନ୍, ଇବିଜା, ସ୍ପେନ୍............. ୨୩୮୦ ଡଲାର (ମୁଣ୍ଡପିଛା ଦାମ୍)
୨- ପର୍ ସେ, ନ୍ୟୁୟର୍କ.................................. ୬୮୦ ଡଲାର
୩- ଅଲ୍‌ଟ୍ରା ଭାଓଲେଟ, ସାଙ୍ଘାଇ, ଚାଇନା................ ୫୬୦-୯୦୦ ଡଲାର
୪- ମାସା, ନ୍ୟୁୟର୍କ.................................. ୫୯୫ ଡଲାର
୫- ମାଇସନ୍ ପିକ୍ ଭ୍ୟାଲେନ୍ସ, ପ୍ୟାରିସ୍.......................... ୪୪୫ ଡଲାର
୬- ରେଷ୍ଟୁରାଣ୍ଟ ଡେ ଏଲ୍.ହୋଟେଲ୍ ଡେ ଭିଲେ, ସ୍ୱିଜରଲାଣ୍ଡ.......୪୧୫ ଡଲାର
୭- ଗୁଏ ସାଭୋଏ, ପ୍ୟାରିସ୍........................... ୩୮୫-୬୨୬ ଡଲାର
୮- କିଚୋ ଆରାଶିୟାମା, ଟୋକିଓ........................... ୫୬୦ ଡଲାର
୯- ଆରାଗାୱା, ଟୋକିଓ........................... ୨୬୦-୩୬୦ ଡଲାର
୧୦- ଇଠା ଅଣ୍ଡରସି, ମାଳଦ୍ୱୀପ.............................. ୩୨୦ ଡଲାର

## ଯୁବ ପ୍ରତିଭା

# ନୃତ୍ୟ ଦେଇଛି ପରିଚୟ

ଭୁବନେଶ୍ୱର ନୟାପଲ୍ଲୀରେ ରହୁଥିବା ମାଆ ସୌମ୍ୟାସ୍ମିତା ଏବଂ ବାପା ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଝିଅ ସ୍ୱସ୍ତିଦୀପା। ନୃତ୍ୟ ତାଙ୍କର ନିଶା ହେଲେ ମଧ୍ୟ ଭବିଷ୍ୟତର ଲକ୍ଷ୍ୟ ପ୍ରଶାସନିକ ସେବାରେ ଯୋଗ ଦେବା। ଯେଉଁଥିପାଇଁ ନିଜ ରୁଚି ସହ ପାଠପଢ଼ାକୁ ମଧ୍ୟ ସେ ସମାନ ଭାବେ ଗୁରୁତ୍ୱଦିଅନ୍ତି। ବର୍ତ୍ତମାନ ସେ ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ଡିଏଭି ସ୍କୁଲ୍‌ରୁ ଦଶମ ଶ୍ରେଣୀ ପଢ଼ା ସମାପ୍ତ କରିଛନ୍ତି। ମାତ୍ର ତିନି ବର୍ଷ ବୟସରୁ ଦେଖାଦେଇଥିଲା ତାଙ୍କର ନୃତ୍ୟ ପ୍ରତି ଆଗ୍ରହ। ଏହା ଦେଖି ମା'ବାପା ତାଙ୍କୁ ପ୍ରୋତ୍ସାହିତ କରିଥିଲେ। ଓଡ଼ିଶା ଡ୍ୟାନ୍ସ ଏକାଡେମୀରେ ସେ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ପରେ ଗୁରୁ ଶ୍ରୀଗୌତମ ଭଟ୍ଟାଚାର୍ଯ୍ୟଙ୍କଠାରୁ ସେମି କ୍ଲାସିକାଲ ନୃତ୍ୟ ଶିକ୍ଷା ଗ୍ରହଣ କଲେ। ବର୍ତ୍ତମାନ ସୁଦ୍ଧା ସେ ଅଭିନ୍ନ କଳାକ୍ଷେତ୍ର, ସାଇ କଳା ସଂସଦ, ପିକକ୍ ସଂସ୍କୃତି ସମ୍ମାନ ଏବଂ ଆହୁରି ଅନେକ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ୨୦୧୯ ମସିହାରେ ଓଡ଼ିଶୀ ନୃତ୍ୟରେ ଜାତୀୟ ମେଧାବୃତ୍ତି ମଧ୍ୟ ପାଇଛନ୍ତି। ୨୦୧୮ ମସିହାରେ ସେ ଜାତୀୟ ସ୍ତରୀୟ ରିଆଲିଟି ଶୋ' ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସରେ ଅଂଶ ଗ୍ରହଣ କରି ଶ୍ରେଷ୍ଠ ୧୬ଜଣଙ୍କ ମଧ୍ୟରେ ରହିଥିଲେ। ହେଲେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ତାଙ୍କୁ ବାଧ ହୋଇ ଓହରି ଯିବାକୁ ପଡ଼ିଥିଲା। ଏସବୁ ବ୍ୟତୀତ ଧଉଳି ମହୋତ୍ସବ, ଓଡ଼ିଶା ସ୍କିଲ୍ ଡେଭଲ୍‌ପମେଣ୍ଟ, ବିଜୁ କାଳିଆ ଯୋଜନା, ମା' ଭବାନୀ ଚାରିଟେବ୍‌ଲ ଟ୍ରଷ୍ଟ, କଳିଙ୍ଗ ଚାରିଟେବ୍‌ଲ ଟ୍ରଷ୍ଟ, ନିର୍ମଳାକୃତି ବିକାଶ ଟ୍ରଷ୍ଟ ଆଦି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ଅଭିନୟ ଓ ନୃତ୍ୟ ପାଇଁ ଅନେକବାର ପୁରସ୍କୃତ ହୋଇଛନ୍ତି। ଏହାଛଡ଼ା ସେ ଜାତୀୟ ସ୍ତରରେ ପୁରସ୍କାର ପାଇଥିବା ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଆ', 'ସିନ୍ଦୂର'ରେ ଅଭିନୟ କରି ନିଜର ଅଭିନୟ କଳାରେ ପାରଦର୍ଶିତା ଦେଖାଇ ସାରିଛନ୍ତି। ନୃତ୍ୟ ବ୍ୟତୀତ ବକ୍ତୃତା ଏବଂ ଅଭିନୟରେ ମଧ୍ୟ ସେ ପାରଦର୍ଶିତା ଦେଖାଇ ସଭିଙ୍କ ମନ ଜିଣି ପାରିଛନ୍ତି। ତେବେ ନିଜ ସମସ୍ତ ସଫଳତାର ଶ୍ରେୟ ଅଭିଭାବକଙ୍କ ସହ ଗୁରୁଙ୍କୁ ଦିଅନ୍ତି ସ୍ୱସ୍ତିଦୀପା।



ସ୍ୱସ୍ତିଦୀପା

## ଯୁଥ୍ ଆଲର୍ଟ

# ଇ- ଡେଟିଂ କରୁଥିଲେ

ବର୍ତ୍ତମାନ ଇଲେକ୍ଟ୍ରୋନିକ୍ ଯୁଗରେ ସବୁକିଛି ହେଉଛି ଅନ୍‌ଲାଇନ୍‌ରେ, ଯେଉଁଥିରୁ ବାଦ୍‌ପଡ଼ିନି ବନ୍ଧୁତା ଆଉ ପ୍ରେମ। ତେବେ ଏମିତିରେ ଦିନକୁଦିନ ବିଭିନ୍ନ ଇ- ଡେଟିଂ ସାଇଟ୍‌ର ମଧ୍ୟ ଚାହିଦା ବଢୁଥିବାର ଦେଖିବାକୁ ମିଳୁଛି। ଯଦି ଆପଣ ବି ବନ୍ଧୁତା କରିବା ଏବଂ ପରସ୍ପରକୁ ଦେଖାକରିବା ଲାଗି ଏଭଳି ସାଇଟ୍ ବ୍ୟବହାର କରୁଛନ୍ତି, ତେବେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ଆଦୌ ଭୁଲନ୍ତୁ ନାହିଁ...

➔ କୌଣସି ଡେଟିଂ ସାଇଟ୍‌ରେ ପ୍ରୋଫାଇଲ୍ କ୍ରିଏଟ୍ କରିବା ପୂର୍ବରୁ ତାହା ରେଜିଷ୍ଟର୍ଡ ସାଇଟ୍ କି ନୁହେଁ ଜାଣନ୍ତୁ। ଏକାଧିକ ଏଭଳି ସାଇଟ୍‌ରେ ନିଜର ସମସ୍ତ ତଥ୍ୟ ଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ। ସୁରକ୍ଷା ଦୃଷ୍ଟିରୁ ଯଥାସମ୍ଭବ ପ୍ରାଇଭେସି ମେଣ୍ଟେନ୍ କରନ୍ତୁ।

➔ ଏଭଳି ସାଇଟ୍‌ରେ ଆସୁଥିବା ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରିବା ସମୟରେ ତାହା ଫେକ୍ ନା ବାସ୍ତବ ଜାଣିବାକୁ ଚେଷ୍ଟା କରନ୍ତୁ। ତାହା ଲୋକାଲ କିମ୍ବା ଗ୍ଲୋବାଲ ପ୍ରଥମେ ଜାଣନ୍ତୁ। କାରଣ କେହି କେହି ଅନ୍ୟର ଭାବନା ସହିତ ଖେଳିବାର ମଜା ନେବା ଲାଗି ଫେକ୍ ପ୍ରୋଫାଇଲ୍ ପ୍ରସ୍ତୁତ କରିଥାନ୍ତି ଏବଂ ଡେଟିଂ ବାହାନାରେ ଡାକି ବିଭିନ୍ନ ଅପରାଧ ଘଟାଇଥା'ନ୍ତି।

➔ ଯଦି ଆପଣଙ୍କ ଅନ୍‌ଲାଇନ୍ ବନ୍ଧୁ କମ୍ ଦିନ ମଧ୍ୟରେ ଅଧିକ ନିବିଡ଼ ହେବାକୁ ଚେଷ୍ଟା କରୁଛନ୍ତି କିମ୍ବା ଆପଣଙ୍କ ଫଟୋର ଆବଶ୍ୟକତାରୁ ଅଧିକ ପ୍ରଶଂସା କରୁଛନ୍ତି, ଆପଣଙ୍କ ନିଜ ଜୀବନ ବିଷୟରେ ସମସ୍ତ ତଥ୍ୟ ଜାଣିବା ଲାଗି ଇଚ୍ଛା ପ୍ରକାଶ କରୁଛନ୍ତି ଏବଂ ନିଜ ସମ୍ପର୍କରେ ଠିକ୍ ତଥ୍ୟ ଦେବା କିମ୍ବା କହିବାରେ କୁଣ୍ଠାବୋଧ କରୁଛନ୍ତି ; ତେବେ ସତର୍କ ହୋଇଯାଆନ୍ତୁ। ସନ୍ଦେହ ହେବା ମାତ୍ରେ ଉକ୍ତ ପ୍ରୋଫାଇଲ୍‌କୁ ବ୍ଲକ୍ କରିଦିଅନ୍ତୁ।

➔ ନୂଆ ନୂଆ ବନ୍ଧୁ ହୋଇଥିବା କୌଣସି ଯୁବତୀ ଅବା ଯୁବକଙ୍କୁ ବିଶ୍ୱାସରେ ହଠାତ୍ ନିଜର ଠିକ ପରିଚୟ, ଠିକଣା, ଫଟୋ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଦେଇ ଦିଅନ୍ତୁ ନାହିଁ। ଯଦି କିଛି ଦିନ କଥା ହେବା, ପରସ୍ପରକୁ ଭଲ ଭାବେ ଜାଣିବା ଲାଗି ସମୟ ନ ଦେଇ କେହି ହଠାତ୍ ଡେଟିଂ ପାଇଁ ପ୍ରସ୍ତାବ ଦିଅନ୍ତି, ତେବେ ତତ୍କ୍ଷଣାତ୍ ରାଜି ହୋଇଯିବା ବୁଦ୍ଧିମତ୍ତାର କାମ ନୁହେଁ।

➔ ଯଦି କେହି ଖୁବ୍ କମ୍ ସମୟରେ ବାରମ୍ବାର ଡେଟ୍ ପ୍ରସ୍ତାବ ଦିଅନ୍ତି ଏବଂ ଏପରି ବ୍ୟବହାରକୁ ନେଇ ଆପଣଙ୍କ ମନରେ କିଛି ବି ସନ୍ଦେହ ଆସେ, ତେବେ ପ୍ରଥମେ ସମୟ ନେଇ ସତ କ'ଣ ଜାଣିବାକୁ ଚେଷ୍ଟା କରନ୍ତୁ। ମନା କରିବା ଦ୍ୱାରା ଅନ୍ୟକୁ ଦୁଃଖ ହେବ ଭାବି ଭାବପ୍ରବଣତାବଶତଃ କୌଣସି ଭୁଲ୍ ନିଷ୍ପତ୍ତି ନିଅନ୍ତୁ ନାହିଁ।

➔ ଡେଟିଂରେ ଯିବାକୁ ଚାହୁଁଥିଲେ କୌଣସି ନିରୋଳା ସ୍ଥାନ ପରିବର୍ତ୍ତେ ସାର୍ବଜନୀନ ସ୍ଥାନ ବାଛନ୍ତୁ। ତେବେ ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ ପରିବାରର ସଦସ୍ୟ କିମ୍ବା ସାଙ୍ଗଙ୍କୁ ନେଇ ଯିବା ମଧ୍ୟ ଭଲ।





# ଭାରତ ଚାମ୍ପିୟନ, ବାଂଲାଦେଶ ରନର୍ସଅପ୍


ଚାମ୍ପିୟନ ଭାରତୀୟ ଦଳ।


ରନର୍ସଅପ୍ ବାଂଲାଦେଶ ଦଳ।

## ୧୮ ବର୍ଷରୁ କମ୍ ଏସିଆନ୍ ବାସ୍କେଟବଲ

ଭୁବନେଶ୍ୱର,୪।୬ (ସ୍ପୋର୍ଟ୍ସ ବ୍ୟୁରୋ)

କଟକସ୍ଥିତ ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଫିବା ୧୮ ବର୍ଷରୁ କମ୍ ଏସିଆନ୍ ବାସ୍କେଟବଲ ଚାମ୍ପିୟନଶିପ୍ ସାବା (ଦକ୍ଷିଣ ଏସିଆ ବାସ୍କେଟବଲ ଆସୋସିଏଶନ୍)କ୍ୱାଲିଫାୟର୍ସ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ୩ୟ ଦିନ ଅନୁଷ୍ଠିତ ଅନ୍ତିମ ରାଉଣ୍ଡ ରବିନ ମ୍ୟାଚ୍‌ରେ ଭାରତୀୟ ଦଳ ୧୧୧-୪୭ ବୃହତ ବ୍ୟବଧାନରେ ବାଂଲାଦେଶକୁ ହରାଇ ଦେଇଛି। ୩ ଦଳକୁ ନେଇ ଆୟୋଜିତ ଏହି କ୍ୱାଲିଫାୟର୍ସରେ ଭାରତ ଲଗାତର ଦୁଇ ମ୍ୟାଚ୍ ଜିତି ଚାମ୍ପିୟନ ହୋଇଛି। ଏଥିସହିତ ସାବା ସବ୍ ଜୋନ୍‌ରୁ ଭାରତ ଫିବା ୧୮ ବର୍ଷରୁ କମ୍ ଏସିଆନ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହି ଇଭେଣ୍ଟ ଇରାନର ରାଜଧାନୀ ତେହରାନଠାରେ ଅଗଷ୍ଟ ୨୧ ତାରିଖରୁ ହେବ।

ପ୍ରଥମ ମ୍ୟାଚ୍‌ରେ ମାଲଦ୍ୱୀପକୁ ହରାଇଥିବା ଭାରତୀୟ ଦଳ ଆରମ୍ଭରୁ ସଂଘର୍ଷ କରିଥିଲା। ଏପରି କି ପ୍ରାରମ୍ଭିକ ୪ ମିନିଟ୍‌ରେ ଖାତା ଖୋଲିପାରି ନ ଥିଲା। କିନ୍ତୁ ପରବର୍ତ୍ତୀ କ୍ରମେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ପରେ ଭାରତ ଆଉ ପଛକୁ ଫେରି ଚାହିଁ ନ ଥିଲା। ପ୍ରଥମ କ୍ୱାର୍ଟରରେ ୨୪-୧୨ରେ ଆଗୁଆ ଥିବା ଘରୋଇ ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ୫୮-୨୧ରେ ଅଗ୍ରଣୀ ହାସଲ କରି ନେଇଥିଲା। ଭାରତୀୟ ଦଳ ମ୍ୟାନ-ଟୁ-ମ୍ୟାନ୍ ମାର୍କିଂ କରି ଖେଳିଥିଲା, ଯାହା ଫଳରେ ପ୍ରତିପକ୍ଷ ଦଳର ଖେଳାଳିମାନେ ଚାପର ବଶବର୍ତ୍ତୀ ହୋଇ ଅତ୍ୟଧିକ ତ୍ରୁଟି କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତ ତା'ର ଆକ୍ରମଣକୁ ଆହୁରି ତୀବ୍ର କରିଥିଲା। ଫଳରେ ଭାରତ ମ୍ୟାଚ୍‌କୁ ୧୧୧-୪୭ରେ ଜିତିନେଇଥିଲା। ବିଜୟୀ ଦଳ ପାଇଁ କୁଶାଲ ସିଂ ୨୦, ଲୋକେନ୍ଦ୍ର ସିଂ ୧୬, ଜୟଦୀପ ରାଠୋର ୧୨, ହର୍ଶ ଡାଗର ଓ ଉଦିତ ରବିଶ ୧୧ ଓ ଜନ୍ମଜୟ ସିଂ ୯ ସ୍କୋର କରିଥିଲେ। ବାଂଲାଦେଶ ପକ୍ଷରୁ ଏନଦାଦୁଲ ହକ ପିଆଶ ୧୭ ଓ ମନିକ ହାସନ ୧୧ ସ୍କୋର କରିଥିଲେ।

## ଚେନ୍ନାଇନ ଏଫ୍‌ସି ଦଳରେ ବେଙ୍ଗଲ ଅଧିନାୟକ ଚକ୍‌ଲଦାର

ଚେନ୍ନାଇ, ୪।୬ (ପି.ଟି.)

ଦୁଇଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଚାମ୍ପିୟନ ଚେନ୍ନାଇନ ଏଫ୍‌ସି ଟୁର୍ନାମେଣ୍ଟର ଆଗାମୀ ସିଜନ ପାଇଁ ବେଙ୍ଗଲ ଅଧିନାୟକ ଓ ଡିଫେଣ୍ଡର ମୋନୋତୋଶ ଚକଲଦାର୍‌ଙ୍କ ସହିତ ଚୁକ୍ତି କରିଛନ୍ତି। ଚକଲଦାରଙ୍କର ଏହା ହେଉଛି ପ୍ରଥମ ଆଇଏସ୍‌ଏଲ ଚୁକ୍ତି। ଚଳିତ ଗ୍ରୀଷ୍ମଋତୁରେ ଚେନ୍ନାଇନ ଇତିମଧ୍ୟରେଅନ୍ୟ ଦୁଇଜଣ ଖେଳାଳିଙ୍କୁ ଦଳରେ ସାମିଲ କରିସାରିଛି। ୨୪ ବର୍ଷୀୟ ଚକ୍‌ଲାଦାର ଗତ ମାସରେ ସନ୍ତୋଷ ଟ୍ରଫିରେ ବେଙ୍ଗଲର ଅଧିନାୟକ ଥିଲେ। ପ୍ରତିଯୋଗିତାରେ ତାଙ୍କ ରାଜ୍ୟକୁ ରନର୍ସ ଅପ୍ କରାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଚକ୍‌ଲଦାର ପୂର୍ବରୁ ଆଇ-ଲିଗ୍ ଦଳ ଗୋକୁଲମ କେରଳ ଓ ଇଷ୍ଟବେଙ୍ଗଲ ଦଳର ଅଂଶବିଶେଷ ଥିଲେ। ବର୍ତ୍ତମାନ ସେ ଦେଶର ପ୍ରମୁଖ ଫୁଟ୍‌ବଲ ଲିଗ୍‌ରେ ଚେନ୍ନାଇନ୍ ଏଫ୍‌ସି ଦଳରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି।

## ସ୍ୱିଟେକ୍‌ଙ୍କୁ ଫ୍ରେଞ୍ଚ ଓପନ ଟାଇଟଲ


ଇଗା ସ୍ୱିଟେକ୍

ପ୍ୟାରିସ, ୪।୬

ଟପ୍ ସିଡ୍ ତଥା ପୋଲାଣ୍ଡର ଇଗା ସ୍ୱିଟେକ୍ (୨୧ ବର୍ଷ) ଦ୍ୱିତୀୟ ଥର ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ପୂର୍ବରୁ ସେ ୨୦୨୦ରେ ଏଠାରେ ଚାମ୍ପିୟନ ହୋଇଥିଲେ। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ଆମେରିକାର ୧୮ ବର୍ଷୀୟା କୋକୋ ଗଫ୍‌ଙ୍କୁ୬-୧, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହାଦ୍ୱାରା ତାଙ୍କ କ୍ରମାଗତ ମ୍ୟାଚ ବିଜୟ ସଂଖ୍ୟା ରେକର୍ଡ ୩୫ରେ ପହଞ୍ଚିଛି, ଯାହାକି ଏକ ରେକର୍ଡ। ଗଫ୍‌ଙ୍କର ଏହା ଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ। ସ୍ୱିଟେକ୍‌ଙ୍କର ଏହା ହେଉଛି କ୍ରମାଗତ ୬ଷ୍ଠ ଟାଇଟଲ।

## ଟି୧୦ରେ ଗୋଟିଏ ଓଭରରେ ୬ ଛକା ମାରିଲେ ଭାରତୀୟ

ନୂଆଦିଲ୍ଲୀ,୪।୬

ଚଳିତ ପୁଡୁଚେରୀ ଟି୧୦ ଲିଗ୍‌ରେ ୧୫ ବର୍ଷୀୟ କ୍ରିଷ୍ଣା ପାଣ୍ଡେ ଗୋଟିଏ ଓଭରରେ ୬ ଛକା ମାରି କିମ୍ବଦନ୍ତୀ ଅନ୍ତର୍ଜାତୀୟ କ୍ରିକେଟର ଯୁବରାଜ ସିଂ, ହର୍ଶେଲ ଗିବ୍ସ ଓ କିରନ ପୋଲାର୍ଡଙ୍କ କ୍ଲବରେ ସାମିଲ ହୋଇଛନ୍ତି। ପାଟ୍ରିଅଟ୍ସ ଆଗରେ ରୟାଲ୍ସ ପକ୍ଷରୁ ୧୫୮ ରନ୍‌ର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଇନିଂସର ୬ଷ୍ଠ ଓଭର ବୋଲିଂ କରୁଥିବା ନିତେଶ କୁମାରଙ୍କୁ କ୍ରିଷ୍ଣା ୬ ଛକା ମାରିଥିଲେ। ନିତେଶ ଲଗାତର ୫ ଛକା ଖାଇବା ପରେ ଏକ ୱାଇଡ୍ ପକାଇଥିଲେ। କିନ୍ତୁ ଅତିରିକ୍ତ ବଲରେ ମଧ୍ୟ ତାଙ୍କୁ ସମଦଶା ଭୋଗିବାକୁ ପଡ଼ିଥିଲା। ପାଣ୍ଡେ ୧୯ ବଲରେ ୮୩ ରନ୍ କରି ଆଉଟ୍ ହୋଇଥିଲେ। ଏହାସତ୍ତ୍ୱେ ତାଙ୍କ ଦଳ ବିଜୟ ଲକ୍ଷ୍ୟଠାରୁ ୪ ରନ୍ ଦୂରରେ ରହିଯାଇଥିଲା। ଉଲ୍ଲେଖଯୋଗ୍ୟ, ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ସାର ଗାରଫିଲ୍ଡ ସୋବର୍ସ ପ୍ରଥମ କ୍ରିକେଟର ଭାବେ ଗୋଟିଏ ଓଭରରେ ୬ ଛକା ଲଗାଇଥିଲେ। ସେ ୧୯୮୮ କାଉଣ୍ଟି ଚାମ୍ପିୟନଶିପ୍‌ରେ ନଟିଂହାମଶାୟାର ପାଇଁ ଗ୍ଲାମୋର୍ଗାନ ବିପକ୍ଷରେ ଖେଳୁଥିବା ବେଳେ ଏହି ସଫଳତା ପାଇଥିଲେ। ତାଙ୍କ ପଛକୁ ପୂର୍ବତନ ଭାରତୀୟ ଅଲରାଉଣ୍ଡର ରବି ଶାସ୍ତ୍ରୀ ମୁମ୍ବାଇ ପାଇଁ ବରୋଦା ବିପକ୍ଷରେ ଗୋଟିଏ ଓଭରରେ ୩୬ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକାର ହର୍ଶେଲ ଗିବ୍ସ ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ସେହିବର୍ଷ ଟି୨୦ ବିଶ୍ୱକପ୍‌ରେ ଯୁବରାଜ ସିଂ ଇଂଲଣ୍ଡ ପେସର ଷ୍ଟୁଆର୍ଟ ବ୍ରଡଙ୍କ ଓଭରରେ ୬ ଛକା ଲଗାଇଥିଲେ। ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଥିଲା ୨୦୨୧ ମାର୍ଚ୍ଚରେ। ଶ୍ରୀଲଙ୍କା ବୋଲର ଆକିଲା ଧନଞ୍ଜୟଙ୍କ ଓଭରରେ ୬ ଛକା ମାରିଥିଲେ ପୋଲାର୍ଡ। କୌତୂହଳର ବିଷୟ ହେଲା, ଆକିଲା ସେହି ମ୍ୟାଚ୍‌ରେ ହ୍ୟାଟ୍ରିକ ଉଇକେଟ ନେଇଥିଲେ।

## ୱିମ୍ବଲଡନ ଏଣ୍ଟ୍ରି ଲିଷ୍ଟରେ ସେରେନା,ଭେନସଙ୍କ ନାମ ନାହିଁ

**ୱିମ୍ବଲଡନ, ୪।୬(ଏପି):** ୱିମ୍ବଲଡନ ଦ୍ୱାରା ପ୍ରକାଶିତ ମହିଳା ସିଙ୍ଗଲ୍ସ ଏଣ୍ଟ୍ରିରେ ସେରେନା ଓ ଭେନସ ୱିଲିୟମ୍ସଙ୍କ ନାମ ସ୍ଥାନ ପାଇ ନାହିଁ। ସମ୍ଭବତଃ ଉଭୟ ଖେଳାଳି ଜୁନ୍ ୨୭ରେ ଆରମ୍ଭ ହେବାକୁଥିବା ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଲାଗି ୱାଇଲ୍ଡ କାର୍ଡ ଆମନ୍ତ୍ରଣ ପାଇଁ ନିବେଦନ କରିପାରନ୍ତି। ସେରେନା ୱିଲିୟମ୍ସ ରେକର୍ଡ ୨୩ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ତନ୍ମଧ୍ୟରୁ ୭ଟି ସେ ଅଲ ଇଂଲଣ୍ଡ କ୍ଲବଠାରେ ଜିତିଛନ୍ତି। ଶେଷ ଥର ପାଇଁ ସେ ୨୦୧୬ରେ ୱିମ୍ବଲଡନ ଟାଇଟଲ ଜିତିଥିଲେ। ୪୦ ବର୍ଷୀୟା ଏହି ଆମେରିକୀୟ ଖେଳାଳି ୨୦୧୮ ଓ ୨୦୧୯ ସଂସ୍କରଣରେ ରନର୍ସଅପ୍ ହୋଇଥିଲେ। ବର୍ଷକ ପୂର୍ବେ ଡାହାଣ ଗୋଡ଼ରେ ଆଘାତପ୍ରାପ୍ତ ଯୋଗୁ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଅଧାରୁ ଓହରିଯାଇଥିଲେ। ଏହାପରଠାରୁ ସେ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ଅନ୍ୟପକ୍ଷରେ ଭେନସ ୱିଲିୟମ୍ସ ମୋଟ ଉପରେ ୭ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ତନ୍ମଧ୍ୟରୁ ୱିମ୍ବଲଡନରେ ସେ ୫ଥର ଚାମ୍ପିୟନ ହୋଇଛନ୍ତି। ସେ ତାଙ୍କର ସଦ୍ୟତମ ମ୍ୟାଚ୍ ଗତ ଅଗଷ୍ଟରେ ଚିକାଗୋରେ ଟୁର୍ ଗେମ୍ ଖେଳିଥିଲେ। ୨୦୨୧ ୟୁଏସ୍ ଓପନ ରନର୍ସ ଅପ୍ ଲେଲା ଫର୍ନାଣ୍ଡିଜଙ୍କ ନାମ ମଧ୍ୟ ଏଣ୍ଟ୍ରି ଲିଷ୍ଟରୁ ବାଦ୍ ପଡ଼ିଛି। ଚଳିତ ସପ୍ତାହରେ ଫ୍ରେଞ୍ଚ ଓପନରେ ଏକ ପରାଜୟ ମ୍ୟାଚ ବେଳେ ତାଙ୍କ ପାଦରେ ଆଘାତ ଲାଗିଛି।


ସେରେନା ଓ ଭେନସ ୱିଲିୟମ୍ସ

## ସାଇନାଙ୍କୁ ମହିଳା ଇଣ୍ଟରନ୍ୟାଶନାଲ ମାଷ୍ଟର ଟାଇଟଲ

ଭୁବନେଶ୍ୱର, ୪।୬ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାର ବିଶିଷ୍ଟ ଚେସ୍ ଖେଳାଳି ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ସର୍ବିୟାର ନୋଭିସାଦ୍‌ଠାରେ ଅନୁଷ୍ଠିତ ଆଇ.ଏମ୍. ମିକ୍ସ ଟୁର୍ନାମେଣ୍ଟରେ ମହିଳା ଇଣ୍ଟରନ୍ୟାଶନାଲ ମାଷ୍ଟର (ଡବ୍ଲ୍ୟୁଆଇଏମ୍)ଟାଇଟଲ ହାସଲ କରିଛନ୍ତି। ଡବ୍ଲ୍ୟୁଆଇଏମ୍ ଟାଇଟଲ ହାସଲ କରିବାକୁ ହେଲେ ଜଣକୁ ତିନୋଟି ପୃଥକ୍ ପୃଥକ୍ ଟୁର୍ନାମେଣ୍ଟରେ ୩ ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିବାକୁ ହେବ। ଏହାଛଡ଼ା ୨୨୦୦ ଇଣ୍ଟରନ୍ୟାଶନାଲ ରେଟିଂ ଅତିକ୍ରମ କରିବାକୁ ପଡ଼ିବ। ସାଇନା ତାଙ୍କ ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ ୨୦୧୯ ଜୁନ୍‌ରେ ଗୋଆ ଇଣ୍ଟରନ୍ୟାଶନାଲରେ, ଦ୍ୱିତୀୟ ନର୍ମ ସର୍ବିୟାର ପାରାସିନ୍‌ଠାରେ ୨୦୧୯ ଡିସେମ୍ବରରେ ଅନୁଷ୍ଠିତ ଓର୍ବିସ ଆଇଏମ୍ ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ ହାସଲ କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ସେ ଗତ ଅଢେଇ ବର୍ଷ ହେଲା ଖେଳିପାରି ନ ଥିଲେ। ସେ ପୂର୍ବରୁ ୨୨୦୦ ଇଣ୍ଟରନ୍ୟାଶନାଲ ରେଟିଂ ଅତିକ୍ରମ କରିସାରିଛନ୍ତି। ପୂର୍ବରୁ ତାଙ୍କର ସର୍ବୋଚ୍ଚ ରେଟିଂ ୨୨୦୬ ରହିଥିଲା। ଟୁର୍ନାମେଣ୍ଟ ପୂର୍ବରୁ ତାଙ୍କ ରେଟିଂ ୨୧୮୪ ରହିଥିଲା। ଟୁର୍ନାମେଣ୍ଟରୁ ସେ ୨୪ ରେଟିଂ ପଏଣ୍ଟ ଅର୍ଜନ କରିବା ଦ୍ୱାରା ତାଙ୍କ ରେଟିଂ ବର୍ତ୍ତମାନ ୨୨୦୮ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ସାଇନାଙ୍କ ଅନ୍ତର୍ଜାତୀୟ ପଦକ ସଂଖ୍ୟା ୨୦ରେ ପହଞ୍ଚିଛି। ତନ୍ମଧ୍ୟରୁ ସେ ୧୩ ସ୍ୱର୍ଣ୍ଣ ପଦକ ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍, କମନୱେଲ୍‌ଥ ଚେସ୍ ଚାମ୍ପିନଶିପ୍, ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ଓ ଆସିଆନ ଚେସ୍ ଚାମ୍ପିୟନଶିପ୍‌ରେ ପାଇଛନ୍ତି। ୨୦୧୩ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଅଲ୍ ଆଇନ୍‌ଠାରେ ୧୦ ବର୍ଷରୁ କମ୍ ବାଳିକା ବିଭାଗରେ ବିଶ୍ୱ ଚାମ୍ପିୟନ ହେବା ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା।


ସାଇନା ସାଲୋନିକା

## ଚତୁର୍ଥ ରାଉଣ୍ଡରେ ହାରିଲେ ଆନନ୍ଦ

**ଷ୍ଟାଭେଞ୍ଜର(ନରୱେ), ୪।୬ (ପି.ଟି.):** ନରୱେ ଚେସ୍ ଟୁର୍ନାମେଣ୍ଟର କ୍ଲାସିକାଲ ଇଭେଣ୍ଟରେ ଭାରତ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ବିଜୟ ଧାରାରେ ବ୍ରେକ୍ ଲାଗିଛି। ଆମେରିକାର ୱେସ୍‌ଲେ ସୋ'ଙ୍କ ବିପକ୍ଷ ଚତୁର୍ଥ ରାଉଣ୍ଡ ମ୍ୟାଚ ସେ ହାରିଯାଇଛନ୍ତି। ପରାଜୟ ସତ୍ତ୍ୱେ ପୂର୍ବତନ ବିଶ୍ୱ ଚାମ୍ପିୟନ ବର୍ତ୍ତମାନ ସୁଦ୍ଧା ୮.୫ ପଏଣ୍ଟ ଅର୍ଜନ କରି ପ୍ରତିଯୋଗିତାରେ ମାଗ୍ନସ କାର୍ଲସେନ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଶନିବାର ଆନନ୍ଦ ଓ ସୋ'ଙ୍କ ମଧ୍ୟରେ ରେଗୁଲାର କ୍ଲାସିକାଲ ଗେମ୍ ୨୮ଟି ମୁଭ୍ ପରେ ଡ୍ର' ରହିବା ପରେ ଆମେରିକୀୟ ଖେଳାଳି ଆର୍ମାଜେଡନ (ସଡନ ଡେଥ୍) ଗେମ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟରଙ୍କୁ ୪୬ ମୁଭ୍‌ରେ ହରାଇ ଦେଇଥିଲେ। ଭାରତୀୟ ଖେଳାଳି ପୂର୍ବରୁ ପ୍ରଥମ ୩ ରାଉଣ୍ଡରେ ଫ୍ରାନ୍ସର ମାକ୍ସିମି ଭାଚିଅର-ଲାଗ୍ରେଭ୍, ବୁଲଗେରିଆର ଭେସ୍‌ଲିନ୍ ଟୋପାଲୋଭଏବଂ ଚାଇନାର ହାଓ ୱାଙ୍ଗ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ କ୍ଲାସିକାଲ ଗେମ୍‌ରେ କାର୍ଲସେନ୍ ଡଚ୍‌ମ୍ୟାନ ଆନିଶ ଗିରିଙ୍କୁ ପରାସ୍ତ କରି ଏଥରୁ ୩ ପଏଣ୍ଟ ଅର୍ଜନ କରି ଆନନ୍ଦଙ୍କ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସଂକ୍ଷେପରେ**

## ଖେଲୋ ଇଣ୍ଡିଆ ପାଇଁ ପ୍ରଦୀପ ମନୋନୀତ



**ରସୁଲପୁର,୪।୬(ଡିଏନ୍ଏ):** ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ସୁଆଁସାହି ଗ୍ରାମର ପ୍ରଦୀପ ସାହୁ ଖେଲୋ ଇଣ୍ଡିଆ କବାଡି ଖେଳରେ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇବା ପାଇଁ ଓଡ଼ିଶାରୁ ମନୋନୀତ ହୋଇଛନ୍ତି। ହରିୟାଣାର ପଞ୍ଚକୁଲାଠାରେ ଜୁନ୍୩ ରୁ ୭ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଖେଲୋ ଇଣ୍ଡିଆରେ ସେ ଯୋଗ ଦେଇଛନ୍ତି। ଓଡ଼ିଶା ପୋଲିସରେ ପ୍ରଦୀପ ଏଏସ୍ଆଇ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଏବେ କେନ୍ଦ୍ରାପଡା ଜିଲା ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେ ଜଣେ ଭଲ କବାଡି ଖେଳାଳି ଭାବେ ପରିଚିତ ଥିଲେ। ଜାତୀୟସ୍ତରରେ କବାଡି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନକରି ପୋଲିସ ଚାକିରି କରିବାକୁ ସୁଯୋଗ ପାଇଥିଲେ।

## ମୂଲ୍ୟବାନ ପଥର ଚୋରା ଚାଲାଣ, ୪ ଗିରଫ

**କଳିଙ୍ଗନଗର,୪।୬(ଡି.ଏନ.ଏ.):** ମୂଲ୍ୟବାନ ପଥର ଚୋରାଚାଲାଣ ମାମଲାରେ ଦାନଗଦୀ ଫାଣ୍ଡି ପୋଲିସ ଶନିବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପିକଅପ୍ ଭ୍ୟାନ୍ ଚାଳକ ଯାଜପୁର ମଙ୍ଗଳପୁର ଥାନା କାଟିଆ ଛକର ମିର୍ ଅର୍ଶାଦ ଅଲ୍ଲୀ, କଣ୍ଟେନର ଚାଳକ ରାଜସ୍ଥାନର କମଲେସ କୁମାର, ହେଲ୍ପର ବିକ୍ରମ ସିଂହ ଓ ଟ୍ରାନ୍ସପୋର୍ଟର ରାଜସ୍ଥାନର ସନ୍ଦୀପ କୁମାର। ଏନେଇ ଥାନାରେ ନଂ. ୨୯୭/୨୨ରେ ମାମଲା ରୁଜୁ ହୋଇଛି।

ଗତ ୧ ତାରିଖ ରାତିରେ ଦାନଗଦୀ ତ୍ରିଜଙ୍ଗା ବିସ୍ଥାପିତ କଲୋନୀ ପଡ଼ିଆରେ ମୂଲ୍ୟବାନ ପଥର ଏକ କଣ୍ଟେନର ଯୋଗେ ଚୋରା ଚାଲାଣ ହେଉଥିବା ଦାନଗଦି ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁ କୌଣସି ସୂତ୍ରରୁ ଖବର ପାଇଥିଲେ। ପରେ ସେ ଯାଜପୁର ରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପିକଅପ୍ ଭାନ୍ ଓ କଣ୍ଟେନରକୁ ଜବତ କରିଥିଲେ। ଯାଞ୍ଚ ସମୟରେ କଣ୍ଟେନରରେ ମୂଲ୍ୟବାନ ପଥରମହଜୁଦ ଥିବା ପୋଲିସ ଦେଖିବାକୁ ପାଇଥିଲା। ଏହି ପଥର ଧୂଳିଗଡ଼ ଜଙ୍ଗଲରେ ମହଜୁଦ କରି କରାଯାଇଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଗୋଟିଏ ପିକଅପ୍‌ରେ ପଥର ଅଣାଯାଇ କଣ୍ଟେନରରେ ଲୋଡ୍ କରାଯାଉଥିଲା। ଏହି ଘଟଣାରେ ପୋଲିସ ଡ୍ରାଇଭରଙ୍କୁ ଜେରା ପରେ ଲୁଟ୍‌ର ସୁରାକ ପାଇଛି। ଏଥିରେ ଟ୍ରାନ୍ସପୋର୍ଟର ମୁଖ୍ୟ ଅଭିଯୁକ୍ତ ବୋଲି ଅନୁମାନ କରାଯାଉଛି। ତେବେ ଏହି ଘଟଣାରେ ଏକ ର୍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରୁଛି। ଜବତ ପଥରର ମାନ ପରୀକ୍ଷା ପାଇଁ ଡିଡିଏମ ଅଫିସକୁ ପଠା ଯାଇଛି।

# ନାରାୟଣ ଗୋସାଇଁଙ୍କ ପୀଠ ରୂପରେଖ ବଦଳିବ

**ରସୁଲପୁର,୪।୬(ଡି.ଏନ.ଏ.)**



ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀ କ୍ଷେତ୍ର ପରଦର୍ଶନ କରୁଛନ୍ତି।

■ ଖର୍ଚ୍ଚ ହେବ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ଶୀଘ୍ର ସରିବ ମରାମତି କାର୍ଯ୍ୟ

■ କ୍ଷେତ୍ର ପରିଦର୍ଶନ କଲେ ବିଧାୟକ ଓ ପ୍ରଶାସନିକ ଅଧିକାରୀ

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତସ୍ଥିତ ଜଳାଶାୟୀ ପ୍ରଭୁ ନାରାୟଣ ଗୋସାଇଁଙ୍କ ପୀଠର ରୂପରେଖ ବଦଳିବ। ଓଡ଼ିଶା ପ୍ରସିଦ୍ଧ ଏହି ଐତିହାସିକ ଧାର୍ମିକ ସ୍ଥାନ ମଧୁତୀର୍ଥ ପୁଷ୍କରିଣୀର ଶୋଭାବର୍ଦ୍ଧନ କରାଯିବ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏ ନେଇ ପଞ୍ଚାୟତ, ବ୍ଲକ ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗର ଅଧିକାରୀ ଏକାଠି ହୋଇଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଧିକାରୀମାନେ ଶନିବାର ପୁଷ୍କରିଣୀସ୍ଥଳ ପରିଦର୍ଶନ କରିଛନ୍ତି। ଉନ୍ନତୀକରଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଧାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ମୌସୁମୀ ଓଡ଼ିଶା ଛୁଇଁବା ପୂର୍ବରୁ ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟ ଶେଷ ପାଇଁ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ଗୁରୁତ୍ୱ ଦେବାକୁ କୁହାଯାଇଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଐତିହାସିକ ପୀଠର ଉନ୍ନତୀକରଣ ହେଉଛି। ସେହି ଆଧାରରେ ବିଧାୟକ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରାଜାରାଜୁଡା ଶାସନ ଅମଳର ଦେବତା ପ୍ରଭୁ ନାରାୟଣ ଗୋସାଇଁଙ୍କ ପୀଠର ଉନ୍ନତୀକରଣ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଆମ ଗାଁ, ଆମ ବିକାଶ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବେୟବରାଦ କରାଯାଇଛି। ପୁଷ୍କରିଣୀ ଉତ୍ତର ପାର୍ଶ୍ୱରେ ଥିବା ପୂର୍ତ୍ତ ବିଭାଗ ରାସ୍ତା ଓ ପୂର୍ବ ପାର୍ଶ୍ୱସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ସୁଦୃଢ଼ କରାଯିବ। ବିଭାଗ ପକ୍ଷରୁ ପୁଷ୍କରିଣୀ ଭିତରେ ପାଚେରି ନିର୍ମାଣ କରାଯାଇ ରାସ୍ତାକୁ ଚଉଡ଼ା କରାଯିବା ସହ ପୁଷ୍କରିଣୀ ଅତଡ଼ାକୁ ସୁଦୃଢ଼ୀକରଣ କରାଯିବ। ପୁଷ୍କରିଣୀ ଭିତରକୁ ପାବଚ୍ଛ ନିର୍ମାଣ କରାଯିବ। ପୁଷ୍କରିଣୀ ଭିତରେ ଆଲୋକମାଳାରେ ସଜାଯିବ। ଏହିସବୁ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପମ୍ପ ସହାୟତାରେ ପୁଷ୍କରିଣୀକୁ ଶୁଖାଇ ଦିଆଯାଇଛି। କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଶାସନ ପକ୍ଷରୁ ନାରାୟଣ ଗୋସାଇଁଙ୍କ ବିଜେସ୍ଥଳୀକୁ ସୁରକ୍ଷିତ ରଖାଯାଇଛି। କାର୍ଯ୍ୟ ସମୟରେ ଠାକୁରଙ୍କ ବିଜେସ୍ଥଳି ପ୍ରତି ଯେଭଳି କୌଣସି ଅସୁବିଧା ନଉପୁଜେ ସେଥିଲାଗି ପଞ୍ଚାୟତ ପକ୍ଷରୁ ବିଜେସ୍ଥଳି ଚତୁଃପାର୍ଶ୍ୱରେ ବାଲିବସ୍ତା ଘେରା ଯାଇଛି। ଅନ୍ୟପକ୍ଷରେ ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ପୁଷ୍କରଣୀ ସ୍ଥଳ ପରିଦର୍ଶନ ସମୟରେ ଗ୍ରାମବାସୀଙ୍କ ସହଯୋଗ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଅଧିକ ସହଜ ଓ ସରଳ କରିବାରେ ସହାୟକ ହୋଇ ପାରିବ ବୋଲି କୁହାଯାଉଛି। ବିଧାୟକଙ୍କ ସମେତ ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ବିଡିଓ ଉମାକାନ୍ତ ପରିଡ଼ା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନରେନ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣା, ସିଂହାପୁର ସରପଞ୍ଚ ହୃଦାନନ୍ଦ ସାହୁ, ସମିତିସଭ୍ୟା ପୁଷ୍ପାଶ୍ରୀ ନାୟକ, ଯୁବନେତା ମନୋଜ କୁମାର ରାଉତ ପ୍ରମୁଖ କ୍ଷେତ୍ର ପରିଦର୍ଶନକରି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

## ଖବରଦାତାଙ୍କୁ ଆକ୍ରମଣ

**କୋରେଇ ଥାନାରେ ଲିଖିତ ଅଭିଯୋଗ**

**ଯାଜପୁର ଅଫିସ,୪।୬**

ଯାଜପୁର ଜିଲା କୋରେଇ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ ହରିଲୁଟ ହେଉଥିବା ଅଭିଯୋଗ ହୋଇଆସୁଛି। ସେଥିରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍ଆର୍‌ଇଜିଏସ୍) ଅନ୍ୟତମ। ଏହି ଯୋଜନାରେ ଜବକାର୍ଡଧାରୀ ଶ୍ରମିକଙ୍କୁ ବର୍ଷକୁ ଅନ୍ୟୂନ ୧୦୦ ଦିନର କାମ ଯୋଗାଇଦେବାକୁ ଆଇନ ରହିଥିବାବେଳେ କେତେକ ପ୍ରକଳ୍ପରେ ମେଶିନ ଲଗାଇ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳିଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ କରାଗଲେ ସମ୍ପୃକ୍ତ ଠିକାଦାର କିମ୍ବା ତାଙ୍କ ସହଯୋଗୀ ଖବରଦାତାଙ୍କ କଣ୍ଠରୋଧ କରିବା ଲକ୍ଷ୍ୟରେ ସେମାନଙ୍କୁ ଆକ୍ରମଣ କରିଥିବା ଭଳି ଦୃଷ୍ଟାନ୍ତ ରହୁଛି। ଏହିକ୍ରମରେ ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ ରଗଡ଼ି ଛକରେ ଧରିତ୍ରୀର ପ୍ରତିନିଧି ଚନ୍ଦ୍ରକାନ୍ତ ପତିଙ୍କୁ ମାଡ଼ ମାରିବା ସହ ଆକ୍ରମଣ ହୋଇଥିବା କୋରେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ ଏମ୍‌ଜିଏନ୍ଆର୍‌ଇଜିଏସ୍‌ରେ କୋରେଇ ବ୍ଲକ ଅନ୍ଧାରି ପଞ୍ଚାୟତର ରଗଡ଼ିଠାରୁ କୋରେଇଗଡ଼ିଆ ରାସ୍ତା କାର୍ଯ୍ୟରେ ଅନିୟମିତତା ହେଉଥିବା ସଂକ୍ରାନ୍ତରେ ଶନିବାର ଧରିତ୍ରୀରେ 'ଶ୍ରମିକ ବଦଳରେ ମେଶିନ କରୁଛି କାମ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରଗଡ଼ି ଗ୍ରାମର ତାପସ କୁମାର ଦାସ ଖବରଦାତା ଚନ୍ଦ୍ରକାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କୁ ମାଡ଼ ମାରିବା ସହ ଦ୍ୱିତୀୟ ଥର ଖବର ପ୍ରକାଶ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ଚନ୍ଦ୍ରକାନ୍ତ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ କୋରେଇ ଥାନାଧିକାରୀ ଶ୍ରବଣ କୁମାର ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ଉପରେ ମାମଲା ରୁଜୁ ହୋଇ ସାରିଛି। ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପ୍ରଶିକ୍ଷଣ ଶିବିର ଆରମ୍ଭ



ଶିବିରରେ ଯୋଗଦେଇଥିବା ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରୀଛାତ୍ର।

**ଜେନାପୁର,୪।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ୪(ଓ)ଏନ୍‌ସିସି କଟକ ତତ୍ତ୍ୱାବଧାନରେ ଯାଜପୁର ଜିଲା ଓ ଜିଲା ବାହାରର ୧୮ ଉଚ୍ଚ ବିଦ୍ୟାଳୟର ୪୨୨ ସମର ଶିକ୍ଷାର୍ଥୀ ବାହିନୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ୪(ଓ) ଏନ୍‌ସିସି କଟକର କମାଣ୍ଡିଂ ଅଫିସର ଲ୍ୟୁଟୁନାଣ୍ଟ କର୍ନେଲ ଉମେଶ ମାରୱା ଉଦ୍‌ଘାଟନ କରିବା ସହ ସମର ଶିକ୍ଷାର୍ଥୀ ବାହିନୀଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଶିବିରରେ ଜେନାପୁର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ କୁମାର ବରାଳ ଅତିଥି ଭାବେ ଯୋଗଦେଇ ନିଷ୍ଠା, ଏକବ୍ରତା ଏବଂ ତ୍ୟାଗ ଦ୍ୱାରା ଶିକ୍ଷାର୍ଥୀ ଜୀବନକୁ ଆଗେଇ ଦେଶ ତଥା ରାଜ୍ୟର ସୁନାମକୁ ବହୁଗୁଣିତ କରି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରୋଜ କୁମାର ମହାନ୍ତି ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ପାଇଁ ବିଭାଗୀୟ ପଦସ୍ଥମାନେ ଜେନାପୁର ଉଚ୍ଚ ବିଦ୍ୟାଳକୁ ଚୟନ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ ଶିବିର ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ଶିକ୍ଷାର୍ଥୀଙ୍କ ପାଇଁ ବନ୍ଧୁକ ଚାଳନା, ମ୍ୟାପ ରିଡିଂ, ଗୁଣବତ୍ତା, ବ୍ୟକ୍ତିତ୍ୱର ବିକାଶ, ବିଭିନ୍ନ ପ୍ରକାର ଖେଳ, ସାଧାରଣଜ୍ଞାନ, ବକ୍ତୃତା ଓ ଶୃଙ୍ଖଳିତ ଜୀବନ ଆଦି ଉପରେ ପ୍ରଶିକ୍ଷଣ ଦିଆଯିବ। ଶିବିରରେ ପ୍ରଶିକ୍ଷଣ ଦେବାକୁ କର୍ନେଲ ଜେ.ପି. ସିଂହ, ଏସ୍.କେ. ଶର୍ମା, ଆର୍.କେ. ମିଶ୍ର, ଏସ୍. ସାମନ୍ତ ଏବଂ ଅନ୍ୟ ପଦସ୍ଥ ଅଫିସର ନିୟୋଜିତ ହୋଇଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ, ଜଣେ ଗିରଫ

**ଧର୍ମଶାଳା,୪।୬(ଡି.ଏନ.ଏ.)**

ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଅସଦାଚରଣ ଉଦ୍ୟମ କରିଥିବା ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଧର୍ମଶାଳା ବଜାର ଅଞ୍ଚଳର ଭୁଷା ଦୋକାନୀ ସେକ୍ ସିକନ୍ଦର(୪୫)। ସୂଚନା ମୁତାବକ, ଶୁକ୍ରବାର ନାବାଳିକା ଜଣକ ସାମଗ୍ରୀ ଆଣିବା ପାଇଁ ସିକନ୍ଦରଙ୍କ ଦୋକାନକୁ ଯାଇଥିଲେ। ଏହି ସମୟରେ ନାବାଳିକାଙ୍କୁ ଏକାକି ପାଇ ସିକନ୍ଦର ଅସଦାଚରଣ ଉଦ୍ୟମ କରିଥିଲେ। ନାବାଳିକା କୌଶଳକ୍ରମେ ସେଠାରୁ ଖସି ଆସି ଘର ଲୋକଙ୍କୁ ଜଣାଇଥିଲେ। ପରେ ଏନେଇ ନାବାଳିକାଙ୍କ ମା'ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଉଦ୍‌ଘାଟିତ



ଏଟିଏମ୍ ଉଦ୍‌ଘାଟନ କରାଯାଉଛି।

**ବରୀ,୪।୬(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ବାଳିବିଲସ୍ଥିତ ସାଇ ମନ୍ଦିର ପରିସରରେ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଉଦ୍‌ଘାଟିତ ହୋଇଛି। ଏଠାରେ ବିଭିନ୍ନ ସମୟରେ ପ୍ରବଳ ଭକ୍ତଙ୍କ ସମାଗମ ହେଉଛି। ତେବେ କୌଣସି ଏଟିଏମ୍ ନ ଥିବାରୁ ଭକ୍ତ ଓ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଏଠାରେ ଏକ ଏଟିଏମ୍ ପ୍ରତିଷ୍ଠା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା। ଏହାକୁ ଗୁରୁତ୍ୱ ଦେଇ ଷ୍ଟେଟ୍ ବ୍ୟାଙ୍କ କାଇପଡ଼ା ଶାଖା ପକ୍ଷରୁ ଏଟିଏମ୍ ସ୍ଥାପନ କରାଯାଇଛି। ଉକ୍ତ ଏଟିଏମ୍ ସ୍ଥାପନ ଦ୍ୱାରା ଭକ୍ତଙ୍କ ସମେତ ବାଲିବିଲ ଓ ଅନ୍ୟାସୀପୁର ଆଦି ଅଞ୍ଚଳର ଲୋକେ ଅର୍ଥ ଉଠାଣ କ୍ଷେତ୍ରରେ ସୁବିଧା ପାଇ ପାରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଷ୍ଟେଟ୍ ବ୍ୟାଙ୍କ କାଇପଡ଼ା ଶାଖା ଉପସାଧାରଣ ପରିଚାଳକ ସୁଶାନ୍ତ କୁମାର ମହାନ୍ତି, ସହକାରୀ ସାଧାରଣ ପରିଚାଳକ ଲକ୍ଷ୍ମୀକାନ୍ତ ସାହୁ, ସିଏମ୍ଏସ୍ ପ୍ରକଳ୍ପ ମୁଖ୍ୟ ରାଜେନ୍ଦ୍ର ବେହେରା, ବିନୋଦ ମିଶ୍ର, ସାଇ ଟ୍ରଷ୍ଟ ପରିଚାଳନା କମିଟିର ସଭ୍ୟ ଗୋପାଳ ଚନ୍ଦ୍ର ସାମଲ ଓ ଗିରୀଶ ଚନ୍ଦ୍ର ସାମଲଙ୍କ ସମେତ ଟ୍ରଷ୍ଟର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶିବ ପାର୍ବତୀଙ୍କ ବିବାହ ଉତ୍ସବ

**ବିଞ୍ଝାରପୁର,୪।୬(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଅରେଇ ପଞ୍ଚାୟତର ବରୁଣେଶ୍ୱର ପୀଠରେ ଶନିବାର ଜୈଷ୍ଠ ଶୁକ୍ଳ ପକ୍ଷ ୬ଷ୍ଠି ତିଥିରେ ମାତା ପାର୍ବତୀଙ୍କ ସହିତ ବାବା ବରୁଣେଶ୍ୱରଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ପ୍ରାତଃ କାଳରୁ ବରୁଣେଶ୍ୱରଙ୍କ ଜଳାଭିଷେକ ପରେ ରୁଦ୍ରାଭିଷେକ ଯଥାବିଧି ଅନୁଯାୟୀ ହୋଇଥିଲା। ପରେ ମାତା ପାର୍ବତୀଙ୍କ ବିଧିପୂର୍ବକ ମହାସ୍ନାନ ଓ ଶୋଡ଼ଷ ଉପଚାର ପୂଜା ହୋଇଥିଲା। ସନ୍ଧ୍ୟାରେ ବାବାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରପିତା ଭାବେ ଗୋବିନ୍ଦ ଚନ୍ଦ୍ର ପରିଡ଼ା, କନ୍ୟାପିତା ଭାବେ ଦୀପକ ସାହୁ ଯୋଗଦେଇ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବରାନୁଗମନ ସମୟରେ ବାବାଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଥିଲା।



## ସାନଭାଇ ଆକ୍ରମଣରେ ବଡ଼ ଗୁରୁତର

**ରସୁଲପୁର,୪।୬(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତରେ ଶନିବାର ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଶାନ ଭାଇଙ୍କୁ ଗିରଫ କରିଛି। ସୂଚନା ମୁତାବକ, ସକାଳେ ବଡ଼ଭାଇ ଅମୂଲ୍ୟ ସାହୁ(୪୫) ଗାଈ ବାନ୍ଧୁଥିବା ସମୟରେ ସାନଭାଇ ପ୍ରଭାତ ଏକ ମାଠୁଲରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ଏଥିରେ ବଡ଼ ଭାଇ ଅମୂଲ୍ୟ ଗୁରୁତର ହୋଇଥିଲେ। ପରେ ଅମୂଲ୍ୟ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୧୮୮/୨୨ରେ ଏକ ମାମଲା ରୁଜୁ ହୋଇଛି। ପ୍ରଭାତଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍ଆଇ ଦୁଷ୍ମନ୍ତ ଦାସଙ୍କଠାରୁ ସୂଚନା ମିଳିଛି। ଉକ୍ତ ଘଟଣାର ପ୍ରାଥମିକ ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି କି ଦୁଇ ଭାଇଙ୍କ ମଧ୍ୟରେ କୌଣସି ପୂର୍ବଶତ୍ରୁତା ନ ଥିଲା। ପ୍ରଭାତ ମାନସିକ ଭାରସାମ୍ୟ ହରାଇଛନ୍ତି। ସେ ଆଗରୁ ଏହିଭଳି କେତେକ ଅସ୍ୱାଭାବିକ କାଣ୍ଡ ଘଟାଇ ଥିବା ମଧ୍ୟ ନଜିର ରହିଛି।

## ଶିକ୍ଷକ ଦକ୍ଷତା ବିକାଶ ପ୍ରଶିକ୍ଷଣ




ଦକ୍ଷତା ବିକାଶ ପ୍ରଶିକ୍ଷଣରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ।

**ଯାଜପୁର ଅଫିସ,୪।୬**

ଯାଜପୁର ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ୪ର୍ଥ ପର୍ଯ୍ୟାୟ ୫-ଟି ରୂପାନ୍ତରିତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କ ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲା ସ୍କୁଲ ପରିସରରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୫ଦିବସୀୟ କାର୍ଯ୍ୟକ୍ରମରେ ନେତୃତ୍ୱ ଦକ୍ଷତା ଓ ଡିଜିଟାଲ ଦକ୍ଷତା ବୃଦ୍ଧି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଶଶିଧର ସିଂହ, ରାଜେଶ କୁମାର ସ୍ୱାଇଁ, କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଧର୍ମଶାଳା ବାଣୀପୀଠର ପ୍ରଧାନ ଶିକ୍ଷକ ବସୁଦେବ ରାଉଳ, ବିରଜା ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ସମଗ୍ର ଶିକ୍ଷାର ପ୍ରୋଗ୍ରାମର ରଜତ କୁମାର ସାହୁ, ସତ୍ୟବ୍ରତ ପାଢ଼ୀ, ଶୈକ୍ଷିକ ବିକାଶ ସଂଯୋଜକ ରାଜେଶ କୁମାର କର ମହାପାତ୍ର, ଅରୁଣ କୁମାର ମହନ୍ତ, ରମେଶ ଚନ୍ଦ୍ର ପାତ୍ର, ପ୍ରିୟମ୍ୱଦା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ୫ ସ୍କୁଲର ୫୦ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ।

# ଫ୍ଲଟ୍ ଛକରୁ ଆର୍‌ଓବି ନିର୍ମାଣ ପ୍ରସ୍ତାବ

**ଯାଜପୁର ଅଫିସ,୪।୬**




■ ରାସ୍ତା ସମ୍ପ୍ରସାରଣକୁ ନେଇ ଚିନ୍ତାରେ ଅଞ୍ଚଳବାସୀ

■ ପଦକ୍ଷେପ ନେବାକୁ ନିର୍ମାଣ ବିଭାଗକୁ ପରିବହନ ବିଭାଗର ଚିଠି

ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେଶନର ଦକ୍ଷିଣ ପାର୍ଶ୍ୱ କ୍ରସିଂ ଉପରେ ରେଳ ଓଭରବ୍ରିଜ(ଆର୍‌ଓବି) କିମ୍ବା ଏହାର ବିକଳ୍ପ ଭାବେ ରେଳ ଅଣ୍ଡରବ୍ରିଜ(ଆର୍‌ୟୁବି) ନିର୍ମାଣ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ହାଇକୋର୍ଟରେ ୧୪୪୨୫/୨୦୧୪ ନମ୍ବର ଜନସ୍ୱାର୍ଥ ମାମଲାର ରାୟ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ମାଣ ବିଭାଗର ଯୁଗ୍ମ ସଚିବଙ୍କୁ ପରିବହନ ବିଭାଗର ଅନୁସଚିବ ଦୁର୍ଗାଚରଣ ସାହୁ ଚିଠି ଦେଇଛନ୍ତି। ଏହାପରେ ଦୀର୍ଘଦିନ ଅପେକ୍ଷାର ଅନ୍ତ ହେବ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ରେଳ ଓଭରବ୍ରିଜ୍ ଟାଟା ଫ୍ଲଟ୍ ନିକଟରୁ ଆରମ୍ଭ ପ୍ରସ୍ତାବ ରହିଥିବାରୁ ମହତାବନଗରବାସୀ ରାସ୍ତା ସମ୍ପ୍ରସାରଣକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଜନବସତି ନ ଥିବା ଅଞ୍ଚଳ ଦେଇ ଆର୍‌ଓବିର ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯାଜପୁର ରୋଡ୍ ରେଳଷ୍ଟେଶନର ଦକ୍ଷିଣ ରେଲୱେ ଫାଟକ ଏକ ସ୍ୱତନ୍ତ୍ର ଶ୍ରେଣୀର। ଏଠାରେ ଯାତ୍ରୀଙ୍କ ଭିଡ଼ ସବୁବେଳେ ଦେଖିବାକୁ ମିଳିଛି। ଏହି ଫାଟକର ଅପରପାର୍ଶ୍ୱରେ ଯାଜପୁର ସହର ରହିଥିବାବେଳେ ଅନ୍ୟପଟେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନରସିଂହ ଚୌଧୁରୀ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରାଣୀ ଚିକିତ୍ସାକେନ୍ଦ୍ର ଆଦି ରହିଛି। ଏହାବାଦ୍ ଏହି ପାର୍ଶ୍ୱ ଦେଇ ଖରସ୍ରୋତା ନଦୀକୂଳବାସୀ ଯାଜପୁର ରୋଡ୍‌କୁ ବାଣିଜ୍ୟ ବ୍ୟବସାୟ କରିବାକୁ ଆସିଥାନ୍ତି। ଏଭଳି ସ୍ଥିତିରେ ଫାଟକ ବନ୍ଦ ରହିଲେ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ତେଣୁ ଆଇନଜୀବୀ ଜିତେନ୍ଦ୍ର କୁମାର ପ୍ରତିହାରୀ ରେଲୱେ ବୋର୍ଡକୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଆରଓବି କିମ୍ବା ଆରୟୁବି ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (୧୪୪୨୫/୨୦୧୪) ରୁଜୁ କରିଥିଲେ। ୧୫।୩।୨୦୨୨ରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଆର୍.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବଶ୍ୟକ ପ୍ରତିକାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ପ୍ରତିହାରୀ ଏନେଇ ଯାଜପୁର ଜିଲାପାଳ, ପୂର୍ବତଟ ରେଲୱେ ଡିଭିଜନ ଜେନେରାଲ ମ୍ୟାନେଜର ଓ ଅନ୍ୟ ପଦାଧିକାରୀଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶର ନକଲ ସହିତ ନିଜର ପ୍ରସ୍ତାବ ଦେଇଥିଲେ। ଏହାପରେ ଗତ ୨୮ ତାରିଖରେ ବ୍ରିଜ ନିର୍ମାଣ ପାଇଁ ରେଲ୍‌ୱେ ବୋର୍ଡ ପକ୍ଷରୁ ୮୧.୭୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଥିଲା। ଏହି ସୂଚନା ମିଳିବା ପରେ ନିର୍ମାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆରଓବି ନିର୍ମାଣ କରିବାକୁ ବିଭାଗ ପକ୍ଷରୁ ଯୋଜନା ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି। ଯୋଜନା ଅନୁସାରେ ଗୋଶାଳା ଛକଠାରୁ ରାସ୍ତା ସମ୍ପ୍ରସାରଣ କରାଯାଇ ଟାଟା ଫ୍ଲଟ୍ ନିକଟରୁ ଆରଓବି ନିର୍ମାଣ ହେବ। ଏହାଦ୍ୱାରା ପ୍ରାୟ ଶତାଧିକ ବସତି କ୍ଷତିଗ୍ରସ୍ତ ହେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ମହତାବନଗରର ଜମ୍ମୁନାଥ ସାମଲ କହନ୍ତି, ଆରଓବି ନିର୍ମାଣ ଅତି ଜରୁରୀ। ତେଣୁ ଏହାକୁ ସ୍ୱାଗତ କରୁଛୁ। କିନ୍ତୁ ଜନବସତି ନଥିବା ଅଞ୍ଚଳ ଦେଇ ଆର୍‌ଓବିକୁ ସଂଯୋଗ କରୁଥିବା ରାସ୍ତା ସମ୍ପ୍ରସାରଣ କରାଗଲେ ସମ୍ପୃକ୍ତ ଲୋକେ କ୍ଷତିଗ୍ରସ୍ତ ହେବେ ନାହିଁ। ସରୋଜ ତ୍ରିପାଠୀ କୁହନ୍ତି, ରେଳ ଓଭରବ୍ରିଜ ନିର୍ମାଣ ଦୀର୍ଘଦିନର ସ୍ୱପ୍ନ। ତେଣୁ ଆର୍‌ଓବି ସଂଯୋଗୀକରଣ ରାସ୍ତା ନିର୍ମାଣ ଉପରେ ବିଭାଗ ଆଉଥରେ ଯୋଜନା କରିବାର ଆବଶ୍ୟକତା ରହିଛି। ଲୋକ ବସବାସ କରୁ ନ ଥିବା ଅର୍ଥାତ୍ ଖାଲି ସ୍ଥାନ ଦେଇ ନୂତନ ରାସ୍ତା ନିର୍ମାଣ କରାଗଲେ ଲୋକେ କ୍ଷତିଗ୍ରସ୍ତ ହେବାରୁ ମୁକ୍ତି ପାଆନ୍ତେ।

# ଦୁର୍ଘଟଣାରେ ଜଣେ ମୃତ, ୨ ଘଣ୍ଟା ରାସ୍ତାରୋକୋ



ବ୍ରାହ୍ମଣୀ ସେତୁ ଉପରେ ମର୍ଜିତାପୁର ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ଜେନାପୁର,୪।୬(ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ୫୩ ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ସେତୁରେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ଦୁର୍ଘଟଣା ଘଟିଛି। ଏକ ହାଇୱା ଲୁନା ଆରୋହୀଙ୍କୁ ଧକ୍କା ଦେବାରୁ ଲୁନା ପଛରେ ବସିଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଲୁନା ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମର ଗୌରାଙ୍ଗ ପରିଡ଼ା। ଗୁରୁତର ହେଲେ ସେହି ଗ୍ରାମର କୁନାନନ୍ଦ ତରାଇ। ଅନ୍ୟପକ୍ଷରେ ଏହି ଦୁର୍ଘଟଣାକୁ ନେଇ ସେଠାରେ ୨ ଘଣ୍ଟା ରାସ୍ତାରୋକୋ କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ହାଇୱାକୁ କାବୁ କରିବା ଦାବିରେ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ସେତୁର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। କୌଣସି ବିକଳ୍ପ ରାସ୍ତା ନ ଥିବାରୁ ଯାତ୍ରୀମାନେ ଜାମ୍‌ରେ ଫସି ରହିଥିଲେ। ବିଶେଷକରି ଆମ୍ବୁଲାନ୍ସ ଓ ଜରୁରୀକାଳୀନ ପରିସ୍ଥିତିରେ ଥିବା ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, କୁନାନନ୍ଦ ଏକ ଲୁନା ନଂ.(ଓଡି-୦୪-କ୍ୟୁ-୯୯୪୪)ରେ ଗୌରାଙ୍ଗଙ୍କୁ ବସାଇ ମାଛ ମାରିବାକୁ ଯାଉଥିଲେ। ଏହି ସମୟରେ ବ୍ରାହ୍ମଣୀସେତୁ ଉପରେ ଏକ ହାଇୱା ସେମାନଙ୍କୁ ପଛରୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଫଳରେ ସେଠାରେ ପଡ଼ି ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦାନଗଦୀ ମେଡିକାଲକୁ ପଠାଇଥିଲେ। ଗୌରାଙ୍ଗଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# କୁଟୁରିଆରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ଝୁମ୍ପୁରୀ,୪।୬(ଡି.ଏନ୍.ଏ.)



ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ କୁଟୁରିଆ ଗାଁରେ ଏକ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ଚାଲିଥିବା ଏହି ପ୍ରତିଷ୍ଠା ଉତ୍ସବରେ ନୂତନ ଦିଅଁଙ୍କ ବିଗ୍ରହ ମନ୍ଦିରରେ ସ୍ଥାପନା କରାଯାଇଥିବାବେଳେ ୩ ଦିନବ୍ୟାପୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିସହ ଜଗନ୍ନାଥ ମନ୍ଦିରକୁ ଲାଗି ଏକ ନୂତନ ଶିବ ମନ୍ଦିର ନିର୍ମାଣ କରାଯାଇ ଭୋଳାନାଥଙ୍କ ଲିଙ୍ଗକୁ ମଧ୍ୟ ସ୍ଥାପନା କରାଯାଇଛି। ପ୍ରାୟ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଗ୍ରାମର ପ୍ରବେଶ ରାସ୍ତାରେ ଜଗନ୍ନାଥଙ୍କର ଏକ ଛୋଟିଆ ମନ୍ଦିର ଥିଲା। ପାରମ୍ପରିକ ରୀତି ଅନୁଯାୟୀ ଦିଅଁଙ୍କ ପୂଜା କରାଯାଇ ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହେଉଥିଲା। ଗାଁର କମଳ ଲୋଚନ ରାଉତ, ତାରକେଶ୍ୱର ସାମଲ ଓ ଅଜିତ କୁମାର ସାମଲଙ୍କ ଚେଷ୍ଟାରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଶୁକ୍ରବାର ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ପଞ୍ଚାୟତର ନୂତନ ସରପଞ୍ଚ ହୋଇଥିବା ସ୍ନିଗ୍ଧା ମଞ୍ଜରୀ ରାଉତ ଏହି ସମସ୍ତ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗାଈ ଉପରେ ଚଢ଼ିଗଲା ହାଇୱା

କାଳିଆପାଣି, ୪।୬ (ଡି.ଏନ.ଏ.): କାଳିଆପାଣି ଖଣି ଅଞ୍ଚଳକୁ ବାଲି ପରିବହନ କରୁଥିବା ଏକ ହାଇୱା ଧକ୍କାରେ କଲରଙ୍ଗି ଦେହୁରି ସାହିଠାରେ ଏକ ଗାଈର ଗୋଡ଼ ଭାଙ୍ଗିଯାଇଛି, ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଗାଡ଼ି ଅଟକାଇ କ୍ଷତିପୂରଣ ଦାବି କରିଥିଲେ। ତେବେ ଆପୋସ ବୁଝାମଣା ପରେ ଗାଡ଼ିକୁ ସ୍ଥାନୀୟ ଲୋକ ଛାଡ଼ିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଖଣି ଅଞ୍ଚଳକୁ ପ୍ରତିଦିନ ଶହଶହ ଟ୍ରିପ୍ ବାଲି ହାଇୱାରେ ଚାଲାଣ ହେଉଛି। ଶୁକ୍ରବାର ରାତି ପ୍ରାୟ ୮ଟାରେ ହାଇୱା ଖଣି ଅଞ୍ଚଳରୁ ବାଲି ଖାଲି କରି କଲରଙ୍ଗି ଗାଁ ଭିତର ଦେଇ ଆସୁଥିଲା। ଏହି ସମୟରେ କଲରଙ୍ଗି ଦେହୁରିସାହି ଭିତରେ ଏକ ଗାଈକୁ ଧକ୍କା ଦେଇଥିଲା। ଫଳରେ ଗାଈର ଗୋଡ ଭାଙ୍ଗି ଯାଇଥିଲା। ଏହାକୁ ନେଇ ଲୋକେ ଉତ୍ତ୍ୟକ୍ତ ହୋଇ ଗାଡ଼ି ଅଟକାଇଥିଲେ। ପ୍ରକାଶଯେ, ଖଣି ଅଞ୍ଚଳକୁ ବାଲି ଗାଡ଼ି ଆସିବା ରୁଟ ଭୁବନରୁ ମଙ୍ଗଳପୁର ଦେଇ କାଳିଆପାଣିକୁ ରହିଥିବା ବେଳେ ଭୁବନରୁ ବାହାରି ଗୋଡ଼ାଛକ ଓଡ଼ିଶ ଦେଇ କଲରଙ୍ଗି ଡାବା ଛକ ଗ୍ରାମ୍ୟ ରାସ୍ତାରେ ବାହାରୁଛି। ତେବେ ବେଆଇନ ଭାବେ ଆସୁଥିବା ବାଲି ଗାଡିକୁ ଲଗାମ ନ ଦେଲେ ଆଗାମୀ ଦିନରେ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

## ହିତାଧିକାରୀଙ୍କ ଅସନ୍ତୋଷ

କେନ୍ଦ୍ରାପଡ଼ା ଅଫିସ, ୪।୬: କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅରଡ଼ପଲ୍ଲୀ କଣ୍ଟ୍ରୋଲ ଡିଲରଙ୍କ ପ୍ରତି ହିତାଧିକାରୀଙ୍କ ଅସନ୍ତୋଷ ବଢ଼ୁଛି। ତାଙ୍କ ବିରୋଧରେ ହିତାଧିକାରୀମାନେ ବହୁ ଅଭିଯୋଗ ଆଣି ଉପଜିଲାପାଳଙ୍କୁ ଶନିବାର ଏକ ଅଭିଯୋଗପତ୍ର ଦେଇଛନ୍ତି। ହିତାଧିକାରୀ ଶ୍ରୀମନ୍ତ ଦାସ କହିଛନ୍ତି, ସମ୍ପୃକ୍ତ ଡିଲରଙ୍କ ହିତାଧିକାରୀଙ୍କ ପ୍ରତି ବ୍ୟବହାର ଅତ୍ୟନ୍ତ ରୁକ୍ଷ ହେଉଛି। ସାମଗ୍ରୀ ଯୋଗାଣ ସମ୍ପର୍କରେ ତ୍ରୁଟି ଦେଖାଇଲେ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି।

## ମଈଁଷିକୁ ନଦୀକୂଳରୁ ଝାମ୍ପିନେଲା କୁମ୍ଭୀର

ଆଳି,୪।୬(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ପ୍ରବାହିତ ନଦୀଗୁଡ଼ିକରେ ଦିନକୁ ଦିନ କୁମ୍ଭୀର ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଅପରାହ୍ନରେ ଗୋଟିଏ ମଈଁଷିକୁ କୁମ୍ଭୀର ଝାମ୍ପିନେଇ ମାରି ଦେଇଥିବା ସୂଚନା ମିଳିଛି । ଆଳି ବ୍ଲକ କୋଳିଡିହ ପଞ୍ଚାୟତ ଇଚ୍ଛାପୁର ଗ୍ରାମ ନିକଟରେ ପ୍ରବାହିତ ଖରସ୍ରୋତା ନଦୀକୂଳରେ ମଈଁଷିଗୁଡ଼ିକ ଚରୁଥିଲେ। ଗୋଟିଏ ମଈଁଷି ନଦୀକୁ ପାଣି ପିଇବାକୁ ଯାଇଥିଲା। ଏହି ସମୟରେ କୁମ୍ଭୀରଟି ମଈଁଷିକୁ ନଦୀଗର୍ଭକୁ ଟାଣି ନେଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଡଙ୍ଗା ନେଇ ନଦୀରେ ଖୋଜାଖୋଜି କରିବା ପରେ ମଈଁଷିକୁ ଉଦ୍ଧାର



କରି କୂଳକୁ ଆଣିଥିଲେ। କୁମ୍ଭୀର ଶିକାରରେ ପ୍ରାଣ ହରାଇଥିବା ମଈଁଷିଟି ଇଚ୍ଛାପୁର ଗାଁର ପ୍ରକାଶ ନାୟକଙ୍କର ବୋଲି ଜଣାପଡ଼ିଛି। କିଛିଦିନ ପୂର୍ବେ ନଳପାହି ଗାଁର ଶିବ ପ୍ରସାଦ ବେହେରା କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ। ନଦୀରେ କୁମ୍ଭୀର ଉତ୍ପାତ ଯୋଗୁ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।


## DIRECTORATE OF MEDICAL EDUCATION & TRAINING, ODISHA

**NOTICE FOR ADMISSION TO BASIC BSC NURSING COURSE**

**No 6587//** **Dt 03.06.2022**

**No.E-193:**It is for the information of all concerned that the admission to the Basic B.Sc Nursing course shall be done through a common entrance test as per the syllabus of Indian Nursing Council, New Delhi. It is also stipulated that the NEET(UG) entrance test shall be used for such selection of candidates.

It is hereby informed that, from the academic session 2023-24, the admission to Basic B.Sc Nursing course in all Nursing institutions in this state shall be through the NEET(UG).

Hence all the candidates desirous of taking admission in Basic B.Sc Nursing course shall participate in NEET(UG) Examination conducted by National Testing Agency(NTA). No candidates will be admitted to Basic B.Sc Nursing course without qualifying the NEET(UG) from the academic session 2023-24. The candidates are requested to check the website https://nta.ac.in time to time.

**Sd./- Convener**
**State Nursing Selection Committee, Odisha**
**OIPR-10016/11/0008/2223**

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, +୨ ନାମଲେଖା ବିଜ୍ଞାପନ

**Student Academic Management System**

No. RR-6: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୧୬।୦୫।୨୦୨୨ରିଖ (ପୂର୍ବାହ୍ନ ୧୧.୩୦ ଘଟିକା) |
| ୨. | **www.samsodisha.gov.in** ୱେବସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୧୨।୦୬।୨୦୨୨ରିଖ (ରାତ୍ର ୧୧.୫୯ ଘଟିକା) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡ଼୍‌ମିଟ୍ କାର୍ଡ଼ ଡାଉନଲୋଡ଼ ପାଇଁ ଉପଲବ୍ଧ ହେବାର ତାରିଖ | ତା୧୫।୦୬।୨୦୨୨ରିଖ |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୨୦।୦୬।୨୦୨୨ରିଖରୁ ତା୨୫।୦୬।୨୦୨୨ରିଖ ପର୍ଯ୍ୟନ୍ତ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୩୦।୦୬।୨୦୨୨ରିଖ |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ **www.samsodisha.gov.in** ମାଧ୍ୟମରେ ପ୍ରକାଶନ କରାଯିବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ଫଳାଫଳକୁ ଅପେକ୍ଷା କରିଥିବେ (ପ୍ରକାଶିତ ହୋଇନଥିବ) କିମ୍ବା ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:-
ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।

**ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.**

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।

OIPR-03011/11/0007/2223

## ଭ୍ରମ ସଂଶୋଧନ

ନିର୍ବାଚନ ଅଧିକାରୀ, ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀ ଲିଃ, ଆସିକା (ଗଞ୍ଜାମ) ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ ସଂଖ୍ୟା ୪ ତାରିଖ ୨୧।୫।୨୦୨୨ର କ୍ର.ନଂ. ୬ରେ ସମୟ ପୂର୍ବାହ୍ନ ୩.୦୦ ପରିବର୍ତ୍ତେ ଅପରାହ୍ନ ୩.୦୦ ପଢ଼ିବା ହେବେ।

**ସ୍ୱା./- ନିର୍ବାଚନ ଅଧିକାରୀ, ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀ ଲିଃ, ଆସିକା**

## ତହସିଲଦାରଙ୍କ କାର୍ଯ୍ୟାଳୟ, ଦଶରଥପୁର, ଜିଲ୍ଲା: ଯାଜପୁର
### ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ସଂଖ୍ୟା: ୩୪୬୮ ତାରିଖ: ୦୨।୦୬।୨୦୨୨

### ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ - ୨୦୧୬ ଅନୁଯାୟୀ

No. F-66: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଦଶରଥପୁର ତହସିଲ ଅଧୀନରେ ଥିବା ସୈରତା ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)କୁ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଦଶରଥପୁରରେ ସମସ୍ତ କାର୍ଯ୍ୟଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website: **https://www.jajpur.nic.in**ରେ ମଧ୍ୟ ଉପଲବ୍ଧ ଅଟେ।

### ସୈରାତ ଉତ୍ସଗୁଡ଼ିକର ବିବରଣୀ

| କ୍ର.ନଂ. | ସଇରାତ କେସ୍ ନଂ./ବର୍ଷ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘନ ମିଟରରେ) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟରରେ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୦୩/ ୨୦୨୨-୨୩ | ବାମଦେବପୁର ବାଲି ଘାଟ | ବାମଦେବପୁର | ୨୬୧ | ୧ | ୨.୫୦ | ନଦୀ | ୨୫୦୦ | ୩୫.୦୦ | ୪୫.୦୦ |

OIPR-24151/11/0002/2223 **ସ୍ୱା./- ତହସିଲଦାର, ଦଶରଥପୁର**

## ODISHA PHARMACY COUNCIL

Constituted under the Pharmacy Act. 1948
Office of the Registrar-cum-Secretary
Odisha Pharmacy Council, Bhubaneswar - 751017, Odisha
Email ID: odishapharmacycouncil.opc@gmail.com, Ph.: 0674-2301620
Ref. No. 3738/OPC Date: 02.06.2022

### NOTICE

No. E-190: This is for information of all Pharmacy Graduates/ Pharmacy Diploma holder that the Online applications submitted by them for registration, are either found incomplete or without essential documents as required. This results in 'no-registration' and 'delayed registration'. Further, the required fee for Registration is Rs.2001/- (Rupees two thousand one only) which is collected in case at present. It has now been decided by the council to collect registration fees either by "Bank Draft" or by NEFT only. The Council's current SBI A/c No. 355 22477673 and the IFSC Code is SBIN0009025 SWIFT. All are advised to follow the correct guidelines to submit application duly filled in correctly with all documents attached and remit fees by Bank Draft/NEFT in favour of the "Registrar-cum-Secretary" Odisha Pharmacy Council, Bhubaneswar - 17 w.e.f. 10.06.2022. The council will not remain responsible for non-registration of applicants whose applications are found incomplete or who pay the registration fee other than by Bank Draft/or NEFT.

**Sd./- (S.K. Mohapatra)**
**Registrar-cum-Secretary**
**Odisha Pharmacy Council, Bhubaneswar**
OIPR-10127/11/0002/2223

## OFFICE OF THE EXECUTIVE ENGINEER, RURAL WORKS DIVISION, BARGARH

**Email: rd_bgh@yahoo.co.in, Gmail: rwd.bgh@gmail.com**

**No. O-412** **e-Procurement Notice No. ONLINE-BGH-07 of 2022-23**

| | | |
|---|---|---|
| 1 | Name of the work | : Road works during 2022-23 in the district of Bargarh |
| 2 | EMD | : Bid Security Declaration |
| 3 | Other Details | : As per DTCN |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-07 of 2022-23 | 09.06.2022 at 11.00 A.M. | 18.06.2022 upto 5.00 P.M. | 17.06.2022 upto 5.00 P.M. | 20.06.2022 at 11.00 A.M. |

Further details can be seen from the website **www.tendersorissa.gov.in**.
**OIPR-25062/11/0012/2223** **Sd./- Executive Engineer, R.W. Division, Bargarh**

## OFFICE OF THE SUPERINTENDING ENGINEER, P.H. DIVISION, BERHAMPUR

No. C-442
**Mail ID: eephbam@gmail.com/eephbam@nic.in**
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. SEPHBAM-15/2022-23 Dt.26.05.2022**

1. Name of Work : Installation, Commissioning of 3.0 MLD Capacity WTP for Improvement of Water Supply to Chikiti NAC
2. Estimated Cost : Rs.228.28 lakh (Approx.)
3. Period of Completion : 11 (Eleven) Months
4. Date & time of availability of bid document in the portal : From 11.00 hrs. of Dt.08.06.2022 to 17.30 hrs. of Dt.23.06.2022
5. Last date/time for Bidding in the Portal : 17.30 hrs. of Dt.23.06.2022
6. Date of Opening of Tender : On Dt.24.06.2022 at 11.00 hrs.
7. Name and address of the Officer Inviting Tender : Superintending Engineer, P.H. Division, Berhampur

Further details can be seen from the e-procurement portal: **https://tendersodisha.gov.in**.

**Sd./- Superintending Engineer**
**P.H. Division, Berhampur**
OIPR-13014/11/0006/2223

## OFFICE OF THE MUNICIPALITY, BASUDEVPUR

**BHADRAK, PIN - 756125**
**Tel No.: 06784-271252, E-mail: basudevpurn.hud@nic.in**
**No. 1493** **Date: 03.06.2022**

No. C-448: **INVITATION FOR Expression of interest for "Preparation of Comprehensive Drainage Master Plan and Detail Project Report for Basudevpur Municipal Area"**.

1. The Executive Officer, Basudevpur Municipality, Bhadrak (Odisha) on behalf of Governor of Odisha invites Expression of Interest (EOI) for **"Preparation of Comprehensive Drainage Master Plan and Detail Project Report for Basudevpur Municipal Area"** from registered and eligible firm/consultant for tendering their bids in sealed cover addressed to the Executive Officer, Basudevpur Municipality. The EOI may be downloaded from the websites **www.basudevpur municipality.in / www.bhadrak.nic.in** and can be submitted in sealed envelope containing hard & soft copies by Speed Post or can be dropped in the specified Drop Box at the office of the Executive Officer, Basudevpur Municipality.

Name of the Work: **PREPARATION OF COMPREHENSIVE DRAINAGE MASTER PLAN AND DETAIL PROJECT REPORT FOR BASUDEVPUR MUNICIPAL AREA**.

1. EOI may be downloaded from websites **www.basudevpur municipality.in / www.bhadrak.nic.in** from 04.06.2022, 10.00 hrs. to 30.06.2022 upto 15.00 hrs.
2. Date of submission of sealed envelope containing their bids is upto 04.07.2022 till 14.00 hrs.
3. The EOI will be opened on Dt.05.07.2022 at 11.00 hrs. in the Office of the Executive Officer, Basudevpur Municipality in presence of the bidders or their authorized representatives, who wish to attend.
4. The bids received after due date and time shall not be considered for evaluation.

All other details are available in the mentioned websites.

**Sd./- Executive Officer**
**Basudevpur Municipality**
OIPR-13135/11/0002/2223

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

**E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore**

**No. O-406** **"e" Procurement Notice for Road Work**

**Letter No. 1798** **Identification No. - Online Tender - Road N.C.B. No. 336 for 2022-23** **Date: 31.05.2022**

1. Name of the Work : Periodical Maintenance of PMGSY Road
2. Total No. of Work : 01 No. of Work
3. Estimated Cost : Rs.140.13 lakhs (Approximately)
4. Eligible Class of Contractor : 'B' & 'A' Class (of Odisha PWD) or relevant Class of other licencing authorities (as per annexure).
5. Period of Completion : From 03 Calendar months for the work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 336 | 07.06.2022 at 11.00 A.M. | 21.06.2022 upto 5.00 P.M. | 20.06.2022 upto 5.00 P.M. | 22.06.2022 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

**OIPR-25105/11/0014/2223** **Sd./- Chief Construction Engineer, R.W. Circle, Balasore**

## MUNICIPAL OFFICE, JEYPORE

**Ph. No. 06854-321098, Fax No. 06854-230104**
**E-mail: jeyporem.hud@nic.com**
**L No. 3833 JM-TCN02/2022-23** **Dt.03.06.2022**

No. C-450: Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app**.

| | | |
|---|---|---|
| Bid documents including schedule of quantity available for Online Bidding | : | **https://tendersorissa.gov.in/nicgep/app.** |
| No. of Works | : | 04 |
| Estimated Cost | : | As per DTCN |
| Date & time of Bidding in portal | : | From 04.06.2022 at 11.00 hours to 16.06.2022 upto 16.00 hours |
| Last date & time for receipt of bids in portal | : | 16.06.2022 upto 16.00 hours |
| Offline Documents received through Speed Post/Registered Post | : | 16.06.2022 at 16.00 hours to 20.06.2022 upto 11.00 hours (Working days only) |
| Bids received online shall be opened on | : | 20.06.2022 at 11.00 hours onwards |
| Offline documents shall be opened in presence of the participate bidders | : | 20.06.2022 at 11.00 hours onwards |

**Sd./- Executive Officer**
**Jeypore Municipality**
OIPR-13079/11/0033/2223

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE
### Zilla Swasthya Samiti, Balasore

**District Programme Management Unit,**
**National Health Mission, Balasore**
**Adv.No. 8342** **Date.03.06.22**

**No.E-194:**Applications are invited only from the Contractual employees currently working under NHM, in the same post of OSH&FW Society in any District, Odisha desiring to be posted in Balasore District against the vacant position as mentioned below.

**IN HOUSE ADVERTISEMENT**

| Sl. No. | Name of the Post as per NHM PIP | No. of Vacant Position |
|---|---|---|
| 1 | Block Programme Manager | 01 |
| 2 | Public Health Manager, NUHM | 01 |
| 3 | MO, Ayush-Homoeopathic (F), RBSK | 02 |
| 4 | Psychiatric Social Worker, DMHP | 01 |
| 5 | Psychiatric Nurse, DMHP | 01 |

Eligible in house candidates are hereby informed to visit /log in to the District Official website www.baleswar.nic.in. to download the detail terms, conditions & application forms. The filled in application form in all respect should reach the O/o. CDM&PHO, Balasore, Pin-756001 by Dt. 17.06.2022 upto (5.00 PM) by Regd. Post/Speed Post only. Application received from any other candidate except the contractual employees currently working under NHM will be rejected.

The envelope containing the application must be superscripted as "APPLICATION FOR THE POST OF....." IN HOUSE CANDIDATE. Application received after due date will not be entertained. No personal query will be entertained. The authority reserves the right to cancellation/ rejection of any or all applications and modify/cancel the advertisement without assigning any reason thereof.

**Sd./- Chief District Medical &**
**Public Health Officer, Balasore**
OIPR-10032/11/0001/2223

## Odisha State Health & Family Welfare Society, Govt. of Odisha

**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012,**
**District-Khordha (Odisha) Phone/Fax: 0674- 2392480/79**

**Advt.No.07/22** **Walk-in-Interview** **Date:05.06.2022**

**No.E-199:**Walk-in-Interview will be conducted as scheduled below for filling up of the following vacant position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The above position is purely temporary and co-terminus with the scheme. Lower age limit is 21 years as on dtd. 01.06.2022

| Sl. No. | Name of the Post | Remuneration (in Rs.) Performance Incentive (P.I) & other allowances as admissible | Date of Registration/ Interview |
|---|---|---|---|
| 01 | Midwifery Educator | Rs.39,413/-+ PI | 18.06.2022 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, Application Form etc. **Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A. M. to 12 Noon only on Walk-in-Interview date.** No application will be received after scheduled date & timing of registration.
**Venue: -** Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist- Khordha, Pin- 751012, Odisha

**Sd./- Mission Director, NHM,**
**Member Secretary, OSH&FWS, Odisha**
OIPR-10084/11/0006/2223

## Bhubaneswar Municipal Corporation

*Progress through Partnership for better Bhubaneswar*

**RFP No. 171** **Date: 03.06.2022**

**RFP for "Selection of an Agency to Provide Paramedical Professionals on Contractual Basis in BMC Hospital and its associate Dispensaries, Bhubaneswar"**

No. C-446: Bhubaneswar Municipal Corporation invites sealed proposals from intending agencies having the requisite qualification as per terms stipulated in the RFP document for providing Paramedical Professionals on contractual basis in BMC Hospital and its associate dispensaries. The detailed terms and conditions, scope of work etc. can be seen in the bidding document/RFP available in website i.e. **www.tendersodisha.gov.in** (for view, download and bidding) and in BMC website i.e. **bmc.gov.in** (for view and download only) from Dt.06.06.2022, 10.00 A.M. to Dt.27.06.2022 upto 5.30 P.M. The last date of receipt of application is 5.30 P.M. on 27.06.2022. For any clarification, an e-mail may be sent on **bmcpmu@bmc.gov.in**.

By Order
**Sd./- Chief Municipal Medical Officer**
**Bhubaneswar Municipal Corporation**
OIPR-13002/11/0051/2223

## Odisha State Health & Family Welfare Society

**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District- Khordha (Odisha), Phone/Fax: 0674- 2392480/79, E-mail ld-hrdnrhm1@gmail.com**

**Advt.No.05/22** **CONTRACTUAL APPOINTMENT** **Date:05.06.2022**

**No.E-197:**Applications are invited from eligible candidates for filling up of the following positions under National Health Mission, Odisha on contractual basis with monthly remuneration as noted against each and subject to renewal as per the terms and conditions of OSH&FW Society. These positions are purely temporary and co-terminus with the scheme. Lower age limit for all the positions is 21 years as on dtd. 01.06.2022.

| Sl. No. | Name of the Position | No. of Vacancies | Remuneration (in Rs.) Performance Incentive & other allowances as admissible |
|---|---|---|---|
| 1 | Accounts Manager, NCD | 01 | Rs.57,281/- + PI |
| 2 | Insect Collector, NVBDCP | 01 | Rs.20,699/-+ PI |
| 3 | Nurse Trainer | 06 | Rs.36,842/-+ PI |

Interested candidates can log on to www.nhmodisha.gov.in for details of vacancy, eligibility criteria, age & selection procedure etc. Online application form will be available from 07.06.2022 to 16.06.2022 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 23.06.2022 (by 5.00 P.M.).

**Sd./- Mission Director, NHM,**
**Member Secretary, OSH&FWS, Odisha**
OIPR-10084/11/0003/2223

# ‘ସୁସ୍ଥ ପରିବେଶ ପାଇଁ ଉଦାରବାଦୀ ଦୃଷ୍ଟିଭଙ୍ଗୀ ଜରୁରୀ’

**ରବିବାର ବିଶ୍ୱ ପରିବେଶ ଦିବସ । ସବୁଠି ପ୍ରଦୂଷଣର ମାତ୍ରା ବଢ଼ି ଚାଲିଛି। ଜଳ, ବାୟୁ ଓ ମାଟି ବି ପ୍ରଦୂଷଣରେ ବୁଡ଼ି ରହିଛି । ଯେତେ ସଚେତନତା ସୃଷ୍ଟି କରା ଗଲେ ବି ମଣିଷ ସମାଜ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ । ଏବେଠୁ ପରିବେଶ ସୁରକ୍ଷା ଉପରେ ସତର୍କତା ଅବଲମ୍ବନ ନ କଲେ ଭବିଷ୍ୟତ ସମ୍ପୂର୍ଣ୍ଣ ବିପଦାପନ୍ନ ହୋଇପଡିବ ଏଥିରେ ସନ୍ଦେହ ନାହିଁ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା**

### ମଣିଷ ଜାତି ପୃଥିବୀରୁ ନିଶ୍ଚିହ୍ନ ହେବ



ମଣିଷ ନିଜ ଅହଂ ତଥା ଆତ୍ମ ବଡିମାର ପରିପ୍ରକାଶ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରୁଛି, ପରୋକ୍ଷରେ ତାହା ପରିବେଶକୁ ପ୍ରଦୂଷିତ କରୁଛି। ଜଳ, ସ୍ଥଳ, ଆକାଶ, ବାୟୁ, ଖାଦ୍ୟ, ବସ୍ତ୍ର ସବୁଥିରେ ପ୍ରଦୂଷଣର ପ୍ରଭାବ । ସୁସ୍ଥ ମଣିଷଟିଏ ପାଇଁ ସୁସ୍ଥ ପରିବେଶ ଲୋଡା । ସୁସ୍ଥ ପରିବେଶ ପାଇଁ ଆବଶ୍ୟକ ଉଦାରବାଦୀ ଦୃଷ୍ଟିଭଙ୍ଗୀ, ମାତ୍ର ବିଡମ୍ବନା ଆଜି ସମଗ୍ର ବିଶ୍ୱ ଏକ ଭୟାନକ ଭବିଷ୍ୟତ ଆଡକୁ ଗତି କରୁଛି । ଯଦି ମାନବସମାଜ ଏବେଠାରୁ ସତର୍କତା ଅବଲମ୍ବନ ନ କରନ୍ତି ଡାଇନୋସର ଭଳି ମଣିଷ ଜାତି ଦିନେ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଯିବ ।

**–ଡ. ପବିତ୍ର କୁମାର ସୁବୁଦ୍ଧି,**
**ପ୍ରାଧ୍ୟାପକ ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ**

### ପ୍ରାକୃତିକ ସମ୍ବଳ ଉପରେ ଚାପ ବଢୁଛି



ପ୍ରାକୃତିକ ପରିବେଶ ଧ୍ୱଂସ ହେଲେ ସାମାଜିକ ସାଂସ୍କୃତିକ, ଅର୍ଥନୈତିକ ତଥା ରାଜନୈତିକ ସ୍ଥିତିରେ କୁପ୍ରଭାବ ପଡିବା ଅବଶ୍ୟମ୍ଭାବୀ । ଜନସଂଖ୍ୟା ବୃଦ୍ଧି ହେତୁ ଲୋକଙ୍କ ଚାହିଦା ପୂରଣ ପାଇଁ ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳ ଉପରେ ଅହେତୁକ ଚାପ ପଡୁଛି । ଯଦି ଆମେ ଏବେଠାରୁ ଏଦିଗରେ ସଚେତନ ନ ହେବା ଦିନ ଆସିବ ଆମର ପରବର୍ତ୍ତୀ ପୀଢ଼ି ପାଇଁ ଏହି ସମ୍ବଳଗୁଡିକ ସ୍ୱପ୍ନ ହୋଇଯିବ । ଏଥିପାଇଁ ପ୍ରାକୃତିକ ସମ୍ବଳର ସଦୁପଯୋଗ ନିହାତି ଆବଶ୍ୟକ । ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ।

**–କ୍ଷମା ଷଡ଼ଙ୍ଗୀ, ବନଖଣ୍ଡ ଅଧିକାରିଣୀ, ନୟାଗଡ଼**

### ଦିବ୍ୟ ଜୀବନ ଅନୁଭବ କରିବା



ସୁସ୍ଥ ପରିବେଶ ହେଉଛି ସୁସ୍ଥ ସମାଜର ପ୍ରତୀକ । ଗଛର ନୀଳପତ୍ରରୁ ଆମେ ପାଉ ଅକ୍ସିଜେନ ଏବଂ ଜଳ ହେଉଛି ଦିବ୍ୟ ଜୀବନ ତତ୍ତ୍ୱ । ଏତଦ୍‌ବ୍ୟତୀତ ସମାଜର ସମସ୍ତ ଆବଶ୍ୟକତାକୁ ପୂରଣ କରିବାରେ ସୁସ୍ଥ ପରିବେଶ ଆମକୁ ବରଦାନ ତୁଲ୍ୟ ଅଟେ । ତେଣୁ ସମସ୍ତେ ମିଳିମିଶି ନିଜ ପାରିପାର୍ଶ୍ୱିକ ପରିବେଶ ସୁସ୍ଥ ରଖିବା ଏବଂ ଏହି ଦିବ୍ୟ ଜୀବନକୁ ଅନୁଭବ କରିବା । ଏହା ନ ହେଲେ ଆମେ ଦିନକୁ ଦିନ ଭୁଲ ପଥରେ ଚାଲୁଛି ବୋଲି ଭାବି ନେବା ଉଚିତ୍ । ନିଜ ଘର ଚାରିପାଖରେ ଥିବା ପରିବେଶ ସୁରକ୍ଷା ପ୍ରଥମେ କରାଯିବା ଦରକାର ।

**–ପ୍ରଫେସର ଡ. ଭାରତ ଭୂଷଣ ରଥ**
**ଉପନିର୍ଦ୍ଦେଶକ,ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ**

### ଚାରା ରୋପଣରେ କାର୍ଯ୍ୟକ୍ରମ ସୀମିତ



ସୁସ୍ଥ ପରିବେଶ ବିନା ଏ ଜୀବ ଜଗତ ତିଷ୍ଠି ରହିବା ଅସମ୍ଭବ । କରୋନା କବଳିତ ବିଶ୍ୱ ପାଇଁ ସୁସ୍ଥ ପରିବେଶ କେତେ ଜରୁରୀ ତାହା ସମସ୍ତେ ଜାଣିବା ଦରକାର । ମାତ୍ର ସାଂପ୍ରତିକ ପରିସ୍ଥିତିରେ ସରକାରୀସ୍ତରରେ ହେଉ ଅବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପରିବେଶ ଦିବସକୁ ହାତଗଣତି ଚାରା ରୋପଣ ଓ ଫଟୋ ଉଠା କାର୍ଯ୍ୟକ୍ରମରେ ସମ୍ପନ୍ନ କରାଯାଇଛି । ଏହା ଠିକ୍ ନୁହେଁ । ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବହୁଳ ଚାରା ରୋପଣ, ବନ୍ୟପ୍ରାଣୀଙ୍କ ସୁରକ୍ଷା ଆହ୍ୱାନ ଓ କର୍ତ୍ତବ୍ୟ ହେବା ଜରୁରୀ ।

**–ଆଦିତ୍ୟ ଦାଶ, ପରିବେଶବିତ୍ ନୟାଗଡ଼ ।**

### ପରିବେଶ ସୁରକ୍ଷା ବିପର୍ଯ୍ୟସ୍ତ



ବିଜ୍ଞାନର ଦ୍ରୁତ ଉନ୍ନତି ଯୋଗୁ ଆମେ ସଭ୍ୟତା ଚରମସୀମାରେ ଉପନୀତ ହେଲେ ମଧ୍ୟ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ବିପର୍ଯ୍ୟସ୍ତ । ସାରା ବିଶ୍ୱରେ କରୋନା ମହାମାରୀ ଜୀବନ ଜୀବିକାକୁ ଦୋହଲାଇ ଦେଇଛି । ଏଥି ପାଇଁ ମାନବ ସମାଜ ସମ୍ପୂର୍ଣ୍ଣ ଦାୟୀ । ଆମେ ଆମର ସ୍ୱାର୍ଥ ପାଇଁ ବହୁ ବୃକ୍ଷଲତା, ଜଙ୍ଗଲ ପାହାଡକୁ ନଷ୍ଟ କରିଚାଲିଛେ, ଏହାର ପ୍ରଭାବ ଆମକୁ ହିଁ ଭୋଗିବାକୁ ପଡୁଛି । ଏହାର କୁପ୍ରଭାବ ବିଶ୍ୱରେ ପ୍ରତିଫଳିତ ହେଉଛି । ଆଜିର ଦିବସରେ ବିପୁଳ ଚାରା ରୋପଣ ଓ ତାର ସୁରକ୍ଷା ଆବଶ୍ୟକ ।

**–ଡା.ଏଲୋରା ଦାସ, କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର**
**ଉପସ୍ଥାପନା–ଅଜୟ କୁମାର ମହାରଣା**

## ସଂକ୍ଷେପରେ

### ପ୍ରତାପପ୍ରସାଦରେ ଶୀତଳଷଷ୍ଠୀ ଯାତ୍ରା



**ନୟାଗଡ଼ ଅଫିସ,୪।୬:** ନୟାଗଡ଼ ବ୍ଲକ ପ୍ରତାପପ୍ରସାଦ ଗାଁରେ ଶୀତଳଷଷ୍ଠୀ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଦେବଦମ୍ପତିଙ୍କ ବିବାହ ଅବସରରେ ଏକ ରୋଷଣୀ ଶୋଭାଯାତ୍ରା ନରସିଂହପ୍ରସାଦର ବରପକ୍ଷ ବାସଭବନରୁ ବାହାରି ଗ୍ରାମ୍ୟ ପରିକ୍ରମା କରି କନ୍ୟାପିତାଙ୍କ ବାସଭବନରେ ପହଞ୍ଚି ଥିଲା । ପରେ ପ୍ରତାପପ୍ରସାଦ ମନ୍ଦିର ନିକଟରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ନରସିଂହ ପ୍ରସାଦର ବରପିତା ଭାବେ ବିରଞ୍ଚି ନାରାୟଣ ଜେନା ଓ କନ୍ୟା ପିତା ଭାବେ ପ୍ରତାପପ୍ରସାଦର ଉଛବ ରାଉତରା ଦାୟିତ୍ୱ ତୁଲାଇଥିଲେ। ଶନିବାର ପୂର୍ବାହ୍ନରେ କଳସ ଆବାହନ ଯାତ୍ରା, ରୁଦ୍ରାଭିଷେକ, ସୂର୍ଯ୍ୟପୂଜା ଓ ହୋମ ହୋଇଥିଲା ।

### ବେକରେ ଧୋତି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୪।୬:** ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମସିହାଖାଲି ଗ୍ରାମରେ ଜଣେ ଯୁବକ ନିଜ ବେକରେ ଧୋତି ଲଗାଇ ଶନିବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଟୁକୁନା ସାହୁ (୩୫)। ପୋଲିସ ମୃତଦେହ ଜବତ କରି ୨୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଟୁକୁନା ନିଜର ଦୁଇ ଭଉଣୀଙ୍କୁ ବିବାହ ବେଳେ ଲକ୍ଷାଧିକ ଟଙ୍କା ଧାର ଆଣିଥିଲେ। ହେଲେ ଉକ୍ତ ଟଙ୍କା ଶୁଝିପାରୁନଥିବାରୁ ସେ ମାନସିକ ଚାପରେ ରହୁଥିଲେ। ଏଣୁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ପ୍ରକାଶ ଯେ, ଟୁକୁନା ଶନିବାର ସକାଳେ ଘରେ କେହିନଥିବା ବେଳେ ବେକରେ ଧୋତି ଲଗାଇ ଘର ଭିତରେ ଥିବା ଏକ ଫ୍ୟାନ ହୁକରେ ଝୁଲି ପଡ଼ିଥିଲେ। ଘର ବାରିପଟେ କାମ କରୁଥିବା ତାଙ୍କ ମା’ ଦମୟନ୍ତୀ ସାହୁ ଘର ଭିତରକୁ ଆସି ଦେଖିବା ବେଳକୁ ପୁଅ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପରେ ସେ ନେଇ ତାଙ୍କ ବଡ଼ପୁଅ ପୂର୍ଣ୍ଣଙ୍କୁ ଡାକିଥିଲେ। ଟୁକୁନା ବଞ୍ଚିଥିବ ଭାବି ଧୋତି କାଟି ବାହାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ଡାକ୍ତର ଦମ୍ପତିଙ୍କୁ ଆକ୍ରମଣ ମାମଲା**

ବ୍ରହ୍ମପୁର ଅଫିସ,୪।୬

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମନୋଜ କୁମାର ଜନୈକ ଡାକ୍ତର ଦମ୍ପତିଙ୍କୁ ଆକ୍ରମଣ ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ଘଟଣାର ୯ ବର୍ଷ ପରେ ସେ ଅଭିଯୁକ୍ତ ସୁଜିତ କୁମାର ଗୌଡ଼ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୩ ମେ ୨୨ ଅପରାହ୍ନରେ ଏମ୍‌କେସିଜି ମେଡିକାଲରୁ ଡାକ୍ତର ନରେନ୍ଦ୍ର ବେହେରା ଓ ତାଙ୍କ ସ୍ତ୍ରୀ ଡାକ୍ତର ଜ୍ୟୋତିପ୍ରଭା ବେହେରା ଡ୍ୟୁଟି ସାରି କାରରେ ଘରକୁ ଫେରୁଥିଲେ। ରାସ୍ତାରେ ଜଣେ ଯୁବକ ତାଙ୍କ କାର ଉପରକୁ ପଥର ଫିଙ୍ଗିଥିଲେ। କାଚ ଭାଙ୍ଗି ଯିବାରୁ ଡାକ୍ତର ଦମ୍ପତି କାରକୁ ରାସ୍ତା କଡ଼ରେ ରଖି ଭିତରୁ ବାହାରିଥିଲେ। ପରେ ଯୁବକ ଜଣଙ୍କ ସେଠାରେ ଡାକ୍ତର ଦମ୍ପତିଙ୍କୁ ଆକ୍ରମଣ କରିବା ସହ ଧମକଚମକ ଦେଇଥିଲେ। ଡାକ୍ତର ବେହେରା ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସୁଜିତ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ପରେ ସୁଜିତଙ୍କୁ ଜାମିନ ମିଳିଥିଲା। ଏହି ମାମଲାର ବିଚାର ବେଳେ ସୁଜିତ ଏସିଜେଏମ୍‌ଙ୍କ କୋର୍ଟରେ ହାଜର ହୋଇଥିଲେ। ୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଏସିଜେଏମ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

## କଣ୍ଟିଲୋ ରାମଲୀଳା

# ଶାପମୁକ୍ତ ହେଲେ ଅହଲ୍ୟା

ଖଣ୍ଡପଡ଼ା, ୪।୬ (ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀ ଶ୍ରୀ ରଘୁନାଥ ଜୀଉ ନାଟ୍ୟ ସମିତି ମାଧବଚୌଧୁରୀ ପାଟଣା ପକ୍ଷରୁ ଶୁକ୍ରବାର ରାମଲୀଳାର ପ୍ରଥମ ପର୍ବ ତାଡ଼କା ବଧ ଓ ଅହଲ୍ୟା ଉଦ୍ଧାର ନାଟକ ମଞ୍ଚସ୍ଥ ହୋଇଥିଲା । ଅବସରପ୍ରାପ୍ତ ପ୍ରାଧ୍ୟାପକ ବଳରାମ ପଣ୍ଡା ମୁଖ୍ୟଅତିଥି ରୁପେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରାମାୟଣର ବିଷୟବସ୍ତୁକୁ ଆଧାର କରି ତ୍ରେତୟା ଯୁଗରେ ରାକ୍ଷସମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଭଗବାନ ଶ୍ରୀରାମଚନ୍ଦ୍ର ହିଁ ଏକମାତ୍ର ଭରସା ବୋଲି ବିଶ୍ୱାମିତ୍ର ଋଷି ଧ୍ୟାନ ବଳରେ ଜାଣି ପାରିଥିଲେ । ଏହାପରେ ସେ ରାଜା ଦଶରଥଙ୍କ ଦ୍ୱାରସ୍ଥ ହୋଇଥିଲେ । ଅସୁରଙ୍କ ଅତ୍ୟାଚାର ଓ ଦମନଲୀଳାରେ ଅତିଷ୍ଠ ହୋଇ ବିଶ୍ୱାମିତ୍ରଙ୍କ ଅନୁରୋଧ ଓ କୂଳଗୁରୁ ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷିମାନଙ୍କ ସୁରକ୍ଷା ପାଇଁ ରାଜା ଦଶରଥ ୨ପୁତ୍ର ରାମ ଓ ଅନୁଜ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ରଙ୍କ ସାଥିରେ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ବିଶ୍ୱାମିତ୍ର ଋଷିଙ୍କ ସଙ୍ଗେ ଦୁଇ ଭାଇ ଅଗମ୍ୟ ଜଙ୍ଗଲ ମଧ୍ୟରେ ଯିବା ବାଟରେ ମାୟାବିନୀ ତାଡ଼କା ଅସୁରୁଣୀ ସେମାନଙ୍କ ପଥ ଅବରୋଧ କରିବାରୁ ରାମଚନ୍ଦ୍ର ତାକୁ ବଧ କରିଥିଲେ । ତାଡ଼କା ବଧ ପରେ ସେମାନେ ଆଗକୁ ଯିବା ବାଟରେ ଗୌତମ ଋଷିଙ୍କ ଅଭିଶାପରେ ପାଷାଣୀ ପାଲଟିଥିବା ଅହଲ୍ୟା ରାମଚନ୍ଦ୍ରଙ୍କ ପାଦ ସ୍ପର୍ଶରେ ଶାପମୁକ୍ତ ହୋଇଥିଲେ । ପୁରାଣର ଏହି କଥା ବସ୍ତୁକୁ ନାଟ୍ୟରୂପ ଦେଇଥିଲେ ରାମଲୀଳା କଳାକାରମାନେ। ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଶିଶୁ କଳାକାର ଯଥାକ୍ରମେ ବିଶ୍ୱନାଥ,ଗୁଡୁ ଓ ଶ୍ରୀକାନ୍ତଙ୍କ ଅଭିନୟ ହୃଦୟସ୍ପର୍ଶୀ ହୋଇ ପାରିଥିଲା । ସେହିପରି ଦଶରଥ, ବିଶ୍ୱାମିତ୍ର, ଅହଲ୍ୟା ଓ ତାଡକ ଭୂମିକାରେ ଚିତ୍ତରଞ୍ଜନ ମହାରଣା, ବିରଞ୍ଚି ମହାରଣା,ପିକୁନ ଓ ରଜତ ଦାସ ଅଭିନୟ କରିଥିଲେ ।



ତାଡ଼କା ବଧ ଓ ଅହଲ୍ୟା ଉଦ୍ଧାର ରାମଲୀଳାର ଏକ ଦୃଶ୍ୟ ।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ପିଲା କଳିରୁ ହତ୍ୟା ମାମଲା**

■ସ୍ତ୍ରୀ, ବାପା ନିର୍ଦ୍ଦୋଷରେ ଖଲାସ

ନୟାଗଡ଼ ଅଫିସ,୪।୬

ପିଲା କଳିକୁ କେନ୍ଦ୍ର କରି ରଣପୁର ଥାନା ଅଧୀନ ରାଉତରାପୁରରେ ମହିଳାଙ୍କୁ ଗୁହାଳ ଘରେ ହତ୍ୟା କରିବା ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ନୟାଗଡ଼ ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ଅଭିଯୁକ୍ତ ନୀଳକଣ୍ଠ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଅଭିଯୁକ୍ତ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି । ମାମଲାର ବିବରଣୀ ଅନୁଯାୟୀ, ରାଉତରାପୁରର ରବୀନ୍ଦ୍ର ପ୍ରଧାନ ଓ ନୀଳକଣ୍ଠ ପ୍ରଧାନଙ୍କ ଝିଅଦ୍ୱୟ କଳିକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଦେଖା ଦେଇଥିଲା । ଉଭୟ ପରିବାରର ସଦସ୍ୟଙ୍କ ମଧ୍ୟରେ କଥା କଟାକଟି, ଯୁକ୍ତିତର୍କ ହୋଇଥିଲା । ଏହି ଘଟଣାରେ ନୀଳକଣ୍ଠଙ୍କ ପରିବାର ଲୋକେ ଉତ୍ତେଜିତ ହୋଇ ରବୀନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ଉଷାରାଣୀ ଓରଫ ମଞ୍ଜୁଙ୍କୁ ଅପହରଣ କରି ନେଇ ଗୁହାଳ ଘରେ ୨୦୦୮ ମେ ୩ରେ ହତ୍ୟା କରିଥିଲେ । ଏନେଇ ଉଷାରାଣୀଙ୍କ ଦିଅର ରମେଶ ପ୍ରଧାନ ରଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୯/୨୦୦୮) ରୁଜୁ କରି ନୀଳକଣ୍ଠ ପ୍ରଧାନ, ବାପା ହରିହର ଓ ସ୍ତ୍ରୀ ଶାନ୍ତିଲତାଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରିଥିଲା । କିଛି ବର୍ଷ ପରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ଜେଲ ପଠାଇଥିଲା । ଜେଲରେ କିଛି ମାସ ରହିବା ପରେ ନୀଳକଣ୍ଠଙ୍କ ସମେତ ଅନ୍ୟମାନେ ଜାମିନରେ ଫେରି ଥିଲେ । ଶନିବାର ଶୁଣାଣୀରେ ନୀଳକଣ୍ଠଙ୍କ ସ୍ତ୍ରୀ ଓ ବାପା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। କେବଳ ନୀଳକଣ୍ଠଙ୍କ ଦୋଷୀସାବ୍ୟସ୍ତ ହୋଇଛନ୍ତି । ସରକାରଙ୍କ ତରଫରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସନ୍ନ ମହାପାତ୍ର ପରିଚାଳନା କରୁଥିଲେ।

## ପୁରୁଣା ମାମଲା ଫଇସଲା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୪।୬

ବ୍ରହ୍ମପୁର ପୋଲିସ ଜିଲାର ଅପରାଧ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍‌ଙ୍କ ଅଧ୍ୟକ୍ଷତାରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଥାନାରେ ବହୁ ଦିନ ଧରି ପଡ଼ି ରହିଥିବା ପୁରୁଣା ମାମଲାଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ୱରିତ ଫଇସଲା କରିବାକୁ ସେ ସମସ୍ତ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ପ୍ରତ୍ୟେକ ଥାନାରେ ହୋଇଥିବା ହତ୍ୟା ମାମଲାଗୁଡିକର ଏସ୍‌ପି ସମୀକ୍ଷା କରିଥିଲେ। ପ୍ରତ୍ୟେକ ଥାନାରେ ରୁଜୁ ହୋଇଥିବା ବଳାତ୍କାର ମାମଲା, ଠକେଇ, ନିଖୋଜ ମାମଲା ସମ୍ପର୍କରେ ଏସ୍‌ପି ସମୀକ୍ଷା କରିଥିଲେ। ସହର ଓ ସହରତଳି ଅଞ୍ଚଳରେ ଏବେ ଜେଲରୁ ଜାମିନରେ ମୁକୁଳିଥିବା ଅପରାଧୀଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏସ୍.ପି. ପ୍ରତ୍ୟେକ ଥାନାଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ପେସାଦାର ଅପରାଧୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ଆବଶ୍ୟକସ୍ଥଳେ ସେମାନଙ୍କୁ ଅଟକ ରଖାଯିବା ନେଇ ଆଲୋଚନା ହୋଇଛି। ଏହାସହିତ ୱାରେଣ୍ଟ ଧରପଗଡ଼ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ଶୀତଳଷଷ୍ଠୀ ପାଇଁ ମର୍ଦ୍ଧରାଜପୁର ଚଳଚଞ୍ଚଳ

ଖଣ୍ଡପଡ଼ା,୪।୬(ସ୍ୱ.ପ୍ର.)

ଶୀତଳଷଷ୍ଠୀ ତଥା ଦେବଦମ୍ପତିଙ୍କ ବିବାହ ପାଇଁ ଖଣ୍ଡପଡା ବ୍ଲକ ଅର୍ନ୍ତଗତ ଖଣ୍ଡପଡ଼ା ସହର ସମେତ ଖଳିସାହି, ମର୍ଦ୍ଧରାଜପୁର, ବୋଦଶା ଆଦି ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି । ମର୍ଦ୍ଧରାଜପୁରରେ ଏହି ଯାତ୍ରାର ସ୍ୱତନ୍ତ୍ରତା ରହିଛି । ଗ୍ରାମର ଆରାଧ୍ୟ ଦେବତା ମୁକ୍ତି କ୍ଷେତ୍ର ମୁଣ୍ଡିଆ ହନୁମାନଙ୍କ ପ୍ରାଙ୍ଗଣରେ ପ୍ରଭୁ ଶିବ ଏବଂ ମା’ ପାର୍ବତୀଙ୍କ ମଧ୍ୟରେ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ତିଥିରେ ଅନୁଷ୍ଠିତ ବିବାହ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା । ବରପକ୍ଷ ଓ କନ୍ୟାପକ୍ଷଙ୍କ ଦ୍ୱାରା ବିଭିନ୍ନ ବାଜା ରୋଷଣୀର ଆୟୋଜନ କରାଯାଇଥିଲା । ପୁରୋହିତ ରମେଶ ହୋତା ବିବାହ କର୍ମ ସମ୍ପାଦନ କରିଥିଲେ । କନ୍ୟା ପିତା ବିପିନ କୁମାର ରାଉତ ଏବଂ ବର ପିତା ଭାବେ ଶ୍ରୀଧର ବେହେରା ବିବାହ କାର୍ଯ୍ୟ ପରିଚାଳନା କରିଥିଲେ । ପୂଜକ ଶ୍ରୀଜୀଉଙ୍କଠାରୁ ଆଜ୍ଞାମାଳ ଆଣି ଦେବଦମ୍ପତିଙ୍କୁ ବିବାହ ପାଇଁ ଆମନ୍ତ୍ରଣ କରିଥିଲେ । ସନ୍ଧ୍ୟାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ବିବାହ ଭୋଜିରେ ଦେଢ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଖଣ୍ଡପଡ଼ା ଓ ଖଳିସାହିସ୍ଥିତ ନୀଳକଣ୍ଠେଶ୍ୱର ଦେବ, ବୋଦଶାର ବାଲୁଙ୍କେଶ୍ୱର ମହାଦେବଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଛି । ରବିବାର ଶ୍ରୀଜୀଉ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

## ଶ୍ରୀ ଜଗନ୍ନାଥଙ୍କ ଦାରୁ ପୀଠରେ ଗୀତାଯଜ୍ଞ

ଖଣ୍ଡପଡ଼ା,୪।୬ (ସ୍ୱ.ପ୍ର.)

ଶୁକ୍ରବାର ଜ୍ୟେଷ୍ଠ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ନୀଳମାଧବଜୀଉଙ୍କ ପାର୍ଶ୍ୱ ଠାକୁର ଶ୍ରୀଜଗନ୍ନାଥଙ୍କ ଦାରୁ ପୀଠ ବଳରାମ ପ୍ରସାଦଠାରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ବଳରାମପ୍ରସାଦ ସଡ଼କ ନୂଆସାହି ଆନୁକୂଲ୍ୟରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଗୁରୁବାର ପ୍ରଥମ ଦିବସରେ ଅଧିବାସ ହୋଇଥିଲା । ସୂଚନାଯୋଗ୍ୟ, ଶ୍ରୀ ନୀଳମାଧବ ଜୀଉଙ୍କ କ୍ଷେତ୍ରରେ ବିରାଜିତ ସୁଦର୍ଶନ, ବଳଭଦ୍ର, ମା’ ସୁଭଦ୍ରା ଓ କାଳିଆ ଠାକୁରଙ୍କ ନବକଳେବର ପାଇଁ ବନଯୋଗ ଓ ଦାରୁ ଛେଦନ ପ୍ରକ୍ରିୟା ୨୦୧୫ ମେ ୨୦ରୁ ଆରମ୍ଭ ହୋଇଥିଲା । ସେହିବର୍ଷ ମେ ୨୨ ତାରିଖ ଆଜିର ତିଥିରେ ବଳରାମପ୍ରସାଦ ଗ୍ରାମରେ ପହଞ୍ଚି ଦାରୁ ଚିହ୍ନଟ କରାଯାଇ ଛେଦନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଦୂତିକେଶ୍ୱରଙ୍କ ପୀଠରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ



ଦୂତିକେଶ୍ୱରଙ୍କ ପୀଠରେ ଦେବଦମ୍ପତିଙ୍କ ବିବାହ ଚାଲିଛି ।

ଓଡ଼ଗାଁ,୪।୬ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଜାମୁପାଟଣାରେ ବିଜେ ବାବା ଦୂତିକେଶ୍ୱର ମହାଦେବଙ୍କ ପୀଠରେ ଶିବ ବିବାହ ସମ୍ପନ୍ନ ହୋଇଛି । ଶୂଳିଆ ପାଦ ଦେଶରେ ଥିବା ବାବା ଦୂତିକେଶ୍ୱର ମହାଦେବଙ୍କ ପୀଠରେ ଏହି ବିବାହ ଉତ୍ସବ ପାଇଁ ଚଳଚଞ୍ଚଳ ହୋଇଉଠିଥିଲା । ଚଳିତ ବର୍ଷ ବରପିତା ଭାବେ ଅଶୋକ କୁମାର ମହାପାତ୍ର ଓ କନ୍ୟାପିତା ଭାବେ ବିଭୁତି ରଞ୍ଜନ ଷଡ଼ଙ୍ଗୀ ସପତ୍ନିକ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ମନ୍ଦିର ପୁରୋହିତ ରବି ନାରାୟଣ କର ପ୍ରଥମ ବରଣ, ଦ୍ୱିତୀୟ ବରଣ,ଅଧିବାସ, ଲବଣୀ ଚଉରୀ, କନିଷ୍ଠ ବେଦୀ ଶତାର୍ଘ୍ୟ,ହସ୍ତଗ୍ରନ୍ଥି ଆଦି କର୍ମ ସମ୍ପାଦନ କରିଥିଲେ । ପରେ ଦେବ ଦମ୍ପତି ପରିକ୍ରମା ସାରି ମନ୍ଦିର ପ୍ରବେଶ କରିଥିଲେ । ମନ୍ଦିର ଟ୍ରଷ୍ଟି ଗୋଦାବରୀଶ ମିଶ୍ର, ସମସ୍ତ ପାଳିଆ ସେବାସୀ, ବୁଦ୍ଧିଜିବୀ ବିରେନ୍ଦ୍ର କୁମାର ସାହୁ, ସାରସ କୁମାର ମିଶ୍ର,ମନ୍ଦିର କମିଟି ସଭ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

# ପ୍ରଦୂଷଣ ବଳୟରେ ନୟାଗଡ଼

ନୟାଗଡ଼ ଅଫିସ,୪।୬

**୩୭% ଜଙ୍ଗଲର ସୁରକ୍ଷା ବ୍ୟବସ୍ଥା ନାହିଁ**



ଜଙ୍ଗଲରେ ଲାଗିଛି ନିଆଁ ।

କ୍ରଶର, ବିସ୍ଫୋରକ ସାମଗ୍ରୀର ବ୍ୟବହାର ଓ ମାତ୍ରାଧିକ ଯାନବାହନ ଚଳାଚଳ ଆଦି କାରଣରୁ ନୟାଗଡ଼ ଜିଲା ପ୍ରଦୂଷଣ ବଳୟରେ ରହିଛି। ଜିଲାରେ ଠେଙ୍ଗାପାଳି ଓ ବନ ସୁରକ୍ଷା ସମିତି ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରାଯାଉଥିଲେହେଁ ଜିଲାର ୩୭% ଜଙ୍ଗଲ ସୁରକ୍ଷିତ ନୁହେଁ । ବିକାଶ ନାଁରେ ବିନାଶ ଚାଲିଛି । କେବଳ ସ୍ଥଳ କି ଆକାଶ ନୁହେଁ, ଜଳ ବି ପ୍ରଦୂଷିତ ହୋଇଛି। ପରିବେଶର ସୁରକ୍ଷା ସମସ୍ତଙ୍କୁ ଘାରିଥିଲେ ମଧ୍ୟ ପ୍ରତିକାର ନାହିଁ। ଏଣୁ ବିବର୍ତ୍ତମାନ ପରିବେଶ, ଅସନ୍ତୁଳିତ ଜଳବାୟୁ ଓ ବିପର୍ଯ୍ୟୟମୁଖୀ ସବୁଜିମା ନୟାଗଡ଼ ଜିଲାରେ ଜୀବଜଗତକୁ ଧ୍ୱଂସ ମୁହଁକୁ ଠେଲି ଦେଇଛି। ହେଲେ ଏହାର ପ୍ରଭାବ କାଠ ଓ ପଥର ଚୋର, କରତ କଳ, କ୍ରଶର ମାଲିକ, ପରିବେଶକୁ ନଷ୍ଟ କରୁଥିବା ମଣିଷ ଓ ବନ ବିଭାଗ ଉପରେ ପଡୁନି।

ଜିଲାର ବିଭିନ୍ନ ପାହାଡ଼ ଓ ଜଙ୍ଗଲିଆ ଅଞ୍ଚଳରେ ପଥର ଚୋରମାନେ କମ୍ପ୍ରେସର ଲଗାଇ ମୁଣ୍ଡିଆରୁ ପଥର ବ୍ଲାଷ୍ଟିଂ କରୁଛନ୍ତି । ଏଥିପାଇଁ ଡିଟୋନେଟର, ଜିଲୋଟିନ୍, ଆମୋନିୟମ ନାଇଟ୍ରେଟ ଭଳି ବିସ୍ଫୋରକ ବ୍ୟବହାର କରାଯାଉଛି, ଦିନ ରାତି ବ୍ଲାଷ୍ଟିଂ ଚାଲିଛି। ବ୍ଲାଷ୍ଟିଂ ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ସେହିପରି କେତେକ କ୍ରଶର ଶିଳ୍ପ ସାଇଟିଂ ନିୟମକୁ ମାନୁନାହାନ୍ତି । ଏ କ୍ଷେତ୍ରରେ ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୀରବ ରହୁଛନ୍ତି । ପୁଣି ଜିଲାରେ ଯାନବାହନ ସଂଖ୍ୟା ବଢ଼ି ଚାଲିଛି। କେତେକ ଯାନବାହନ କିରୋସିନି ଓ ଗ୍ୟାସ୍‌ରେ ଚାଲୁଥିଲେ ମଧ୍ୟ ନଜର ନାହିଁ। ଖରାଦିନେ ଜଙ୍ଗଲରେ ନିଆଁ ଲାଗି ଔଷଧୀୟ ବୃକ୍ଷ ସମେତ ଅନ୍ୟ ଗଛ ପୋଡୁଛି। ଅଙ୍ଗାର ଓ ପୋଡୁଚାଷ ଯୋଗୁ ଜଙ୍ଗଲ ଜଳୁଛି। ବେଆଇନ ଶିକାରର ପ୍ରଭାବ ମଧ୍ୟ ପରିବେଶ ଉପରେ ପଡୁଛି। ରାସ୍ତା କଡ଼, ବିଭିନ୍ନ ଅଞ୍ଚଳ ଓ ଜଙ୍ଗଲରୁ ଯେଉଁ ପରିମାଣର ଗଛକଟା ଯାଉଛି ସେତିକି ଗଛ ଲଗା ଯାଉନାହିଁ। ଚାରା ରୋପଣର ବାହାବା ନିଆଯାଉଛି। ହେଲେ ଯେତିକି ଚାରା ଲାଗୁଛି ୧୦% ଚାରା ବଞ୍ଚୁ ନାହିଁ । କେତେଜଣ ଲୋକ ଧରାଧରି କରି ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ପୁରସ୍କାର ହାତେଇ ଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି।

ଏନେଇ ପରିବେଶବିତ୍ ଆଦିତ୍ୟ ଦାଶ କୁହନ୍ତି, ଭାଷଣବାଜି ନ କରି ପରିବେଶର ସୁରକ୍ଷା ପାଇଁ କାମ କରିବା ଦରକାର। ଆଧୁନିକ ଯୁଗରେ ବିଭିନ୍ନ କାରଣରୁ ପରିବେଶ ପ୍ରଦୂଷିତ ହୋଇ ଚାଲିଛି। ଏହାକୁ ଅଣଦେଖା କରିବା ଅନୁଚିତ। ବୃକ୍ଷରୋପଣ କରି ଯେପରି ବାହାବା ନିଆଯାଉଛି ସେଗୁଡିକୁ ବଞ୍ଚାଇଲେ ପରିବେଶର ରୂପ ବଦଳିବ । ପରିବେଶବିତ୍ ବିଭୁ ପ୍ରସାଦ ଦାଶ କୁହନ୍ତି, ପରିବେଶକୁ କିପରି ବଦଳାଯିବ ସେନେଇ ସମୀକ୍ଷା କରିବା ଦରକାର । ପ୍ରତିବର୍ଷ କିଛି ଲୋକ ଚାରାରୋପଣ କରି ବାହାବା ନେଉଛନ୍ତି। ଜଙ୍ଗଲକୁ ଧ୍ୱଂସ କରି ପରିବେଶବିତ୍ ପୁରସ୍କାର ହାତଉଛନ୍ତି । ସରକାର ନିଜର ନୀତିରେ ପରିବର୍ତ୍ତନ ଆଣନ୍ତୁ । ନୟାଗଡ଼ ଜିଲାରେ ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା କରାଯିବାରୁ ଜଙ୍ଗଲ ବଞ୍ଚିଯାଇଛି । ହେଲେ ଜଙ୍ଗଲ ଅଛି ବୋଲି ବାହାବା ନେଲେ କାଠ ଚୋରମାନେ ତାକୁ ନଷ୍ଟ କରି ପଦା କରିଦେବେ। ଏଣୁ ପରିବେଶକୁ ବଦଳାଇବା ପାଇଁ ଚେଷ୍ଟା ହେବା ଦରକାର। ପରିବେଶବିତ୍ ଗଛ ସାର ଅନ୍ତର୍ଯାମୀ ସାହୁ କୁହନ୍ତି, କେହି କାହାରିକୁ ଦୋଷାରୋପ କରନ୍ତୁ ନାହିଁ। କିପରି ପରିବେଶ ସୁରକ୍ଷା ହେବ, ସେଥିପାଇଁ ସମସ୍ତେ ଆଗେଇ ଆସିବା ଦରକାର। ପରିବେଶକୁ ବଦଳାଇବାକୁ ହେଲେ ସମସ୍ତଙ୍କର ସହଯୋଗ ଦରକାର। ଭାଷଣବାଜି କରିଦେଲେ ପରିବେଶ ବଦଳିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ବାଲ୍ୟବିବାହ ବନ୍ଦ ଲାଗି ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼(ଗଜପତି), ୪।୬: ଗଜପତି ଜିଲାରେ ଶିଶୁପ୍ରକଳ୍ପ ଯୋଜନା ବ୍ଲକ, ରାୟଗଡ ଓ ଏକ୍ସନଏଡ଼ର ମିଳିତ ଉଦ୍ୟମରେ ବାଲ୍ୟ ବିବାହ ବନ୍ଦ କରିବା ନିମନ୍ତେ ରାୟଗଡ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟରେ ୫୫ ଛାତ୍ରୀ ଉପସ୍ଥିତ ଥିଲେ। ସ୍କୁଲର ଛାତ୍ରୀମାନଙ୍କୁ ନେଇ ବାଲ୍ୟବିବାହ ନିଷେଧ ଆଇନ -୨୦୦୬ ସଚେତନତା କରିବା ପାଇଁ ଶିଶୁଙ୍କ ମଧରେ ରଚନା ପ୍ରତିଯୋଗିତା କରାଯାଇଥିଲା ଓ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତତସହିତ ସେମାନଙ୍କୁ ବାଲ୍ୟବିବାହ ଆଇନ-୨୦୦୬ ବିଷୟରେ ଅଦ୍ରିକା କାର୍ଯ୍ୟକ୍ରମ ଉପରେ ଅବଗତ କରିବା ସହ ବାଲ୍ୟ ବିବାହ ଦ୍ୱାରା ଶିଶୁଙ୍କର ଅସୁବିଧା ବିଷୟରେ ଅବଗତ କରାଯାଇଥିଲା। ବାଲ୍ୟ ବିବାହ ଦ୍ୱାରା ଶିଶୁର ଅଧିକାର କ୍ଷୁର୍ଣ୍ଣ ସହ ଶିଶୁଟି ଉଚ୍ଚ ଶିକ୍ଷିତ ହେବାରେ ବଞ୍ଚିତ ହୋଇଥାଏ, ମାନସିକ ନିର୍ଯାତନାର ଶିକାର ହୋଇଥାଏ, ନିଜେ ନିଷ୍ପତ୍ତି ନେବାରୁ ବଞ୍ଚିତ ହୋଇଥାଏ ଓ ପରିବାର ର ସାମାଜିକ ଓ ଆର୍ଥିକ ସ୍ଥିତି ଦୃର୍ବଳ ହୋଇ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାୟଗଡର ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ସିଡିପିଓ କମ୍ ସିଏମପିଓ ତେରେସ୍କୋଭା ମଲ୍ଲିକ, ପ୍ରଧାନ ଶିକ୍ଷକ ମନୋଜ ବେହେରା, ଶିକ୍ଷକ ସିଦ୍ଧାର୍ଥ ଶଙ୍କର ପାଠୀ, ସୂରଜ ନାୟକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆକ୍ସନଏଡ୍‌ର ବିଜୟ ପ୍ରଧାନ ପରିଚାଳନା କରିଥିଲେ।

### ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ



ବ୍ରହ୍ମପୁର ଅଫିସ,୪।୬: କପିଳେଶ୍ୱର ମନ୍ଦିର ପକ୍ଷରୁ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ମନ୍ଦିର ପକ୍ଷରୁ ପ୍ରଥମେ ପିତା ମାତା ଦାୟିତ୍ୱରେ ଥିବା ଭକ୍ତଙ୍କ ଦ୍ୱାରା ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମହାଦେବଙ୍କୁ ବିଭିନ୍ନ ଫଳ ଓ ଫଳ ରସ ଏବଂ ପଞ୍ଚାମୃତରେ ମାଜଣା କାର୍ଯ୍ୟ ହୋଇଥିଲା। ପରେ ମଙ୍ଗଳ ଆଳତୀ ଦ୍ୱାରା ପୂଜା ପାଠ କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ମନ୍ଦିର ସାଜସଜା କରାଯାଇଥିଲା। ସନ୍ଧ୍ୟାରେ ମହାଦେବଙ୍କ ବାଟ ବରଣ ପରେ ଶୁଭ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆସନ୍ତା ସୋମବାର ପୂର୍ବାହ୍ନରେ ବାଘବେଶ, ହନୁମାନ ବେଶ, ଚଇତି ଘୋଡା, କଳା ଘୋଡା ବେଶ ହେବା ସହ ବୃଷଭ ଦେବଙ୍କ ସଜ୍ଜିତ ରଥରେ ନଗର ପରିକ୍ରମାର ଯୋଜନା ରହିଥିବା କମିଟି ପକ୍ଷରୁ କୁହାଯାଇଛି।

### ପୋଖରୀରୁ ଛାତ୍ରଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୪।୬: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଶକଳେଶ୍ୱର ପୋଖରୀରୁ ଶନିବାର ଜଣେ ୮ମ ଶ୍ରେଣୀ ଛାତ୍ରଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଛାତ୍ର ଜଣକ ଆଙ୍କୁଲି ନିଗମ ନଗରର ଜଗଦୀଶ ନାହାକ (୧୪)। ମୃତଦେହ ଜବତ କରି ପୋଲିସ ନଂ.୩୦୩/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜଗଦୀଶ ଏକ ସରକାରୀ ସ୍କୁଲରେ ୮ମ ଶ୍ରେଣୀରେ ପଢୁଥିଲେ। ଶନିବାର ସେ ସ୍କୁଲରୁ ଆସିବା ପରେ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ତାଙ୍କର ଭାବେ ଗୋଡ଼ ଖସିଯିବାରୁ ପାଣି ଭିତରେ ବୁଡ଼ି ଯାଇଥିଲେ। ଅନ୍ୟ ଲୋକମାନେ ତାଙ୍କୁ ଖୋଜାଖୋଜି କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଡକାୟତି ଘଟଣାରେ ଜେଲ ଗଲେ ୨ ଭାଇ

- ୫୫ ହଜାର ଟଙ୍କା ସମେତ ସୁନା, ରୁପା ଅଳଙ୍କାର ଜବତ
- ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଡକାୟତି ହୋଇଥିଲା

ନୟାଗଡ଼ ଅଫିସ,୪।୬

ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ଗତ ଏପ୍ରିଲ ଓ ମେ ମାସରେ ୧୦ରୁ ଉର୍ଦ୍ଧ୍ୱ ଚୋରି ଘଟଣା ଘଟିଥିବା ବେଳେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଡକାୟତି ହୋଇଥିଲା । ପୋଲିସ ମାତ୍ର ୪ ଡକାୟତି ଘଟଣାରେ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଆନ୍ତଃରାଜ୍ୟ ଦୁଇ ଡକାୟତ ଭାଇ ନୂଆଗାଁ ଥାନା ମହିପୁର ଖୁଣ୍ଟାବନ୍ଧ ଗାଁର ଦିଲ୍ଲୀପ କୁମାର ନାୟକ(୩୦) ଓ ଚନ୍ଦନ ନାୟକ(୨୪)ଙ୍କୁ ନୟାଗଡ଼ ସବ୍‌ଜେଲକୁ ଶନିବାର ପଠାଇ ଦିଆଯାଇଛି । ଏନେଇ ନୟାଗଡ଼ ଟାଉନ ଥାନାରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବିଦ୍ୟୁତ୍ ପଣ୍ଡା ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଏପ୍ରିଲ ୪ତାରିଖରେ ଦେବୋତ୍ତର କଲୋନୀ, ମେ ୧ରେ ରାଜବଗିଚା, ମେ ୨୬ରେ ବାରମାସୀ ଦଣ୍ଡା, ମେ ୨୭ରେ ପଣ୍ଡା କ୍ଲିନିକ୍ ନିକଟ ସାଇ ବିହାରରେ ଡକାୟତି ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନାଙ୍କ ନେତୃତ୍ୱରେ ଡକାୟତିଙ୍କୁ ଗିରଫ ପାଇଁ ଅଭିଯାନ ଆରମ୍ଭ ହୋଇଥିଲା । ମହିପୁରର ଦୁଇ ଆନ୍ତଃ ରାଜ୍ୟ ଡକାୟତ ଭାଇ ଦିଲ୍ଲୀପ ଓ ଚନ୍ଦନ ଏହି ଘଟଣାରେ ସଂପୃକ୍ତ ବୋଲି ଜଣାପଡିଥିଲା । ଦୁଇ ଭାଇଙ୍କୁ ଓଡ଼ଗାଁ ଥାନା ଅଞ୍ଚଳରୁ ଅଟକ ରଖି ପଚରାଉଚୁରା କରାଯାଉଥିଲା । ଚୋରି ଉପକରଣ ଜବତ ପାଇଁ ଗୁରୁତ୍ୱ ଦିଆଯାଇଥିଲା । ସେମାନଙ୍କଠାରୁ ୧୦ ହଳ ସୁନା କାନ ରିଙ୍ଗ, ୨୦ ମୁଦି, ୬ ସୁନା ଲକେଟ, ୧ ପେୟାର ସୁନା ଚୁଡ଼ି, ଦେଢ଼ କେଜି ରୁପା ଅଳଙ୍କାର, ୧ ମୋବାଇଲ ଫୋନ, ୫୫ ହଜାର ୫୦୦ ନଗଦ ଟଙ୍କା, ଏକ ବାଇକ୍ ଜବତ ହୋଇଛି । ଏହି ଦୁଇ ଭାଇଙ୍କ ନାମରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା, ବଡଗଡ ଥାନା, ଧଉଳି ଥାନା, ଏୟାରଫିଲ୍ଡ ଥାନାରେ ୧୨ରୁ ଉର୍ଦ୍ଧ୍ୱ ମାମଲା ରହିଛି । ସାଇ ବିହାରର ରବୀନ୍ଦ୍ର କୁମାର ଦାଶ ଓ ବାରମାସୀଦଣ୍ଡାର ସୋମନାଥ ଚୌଧୁରୀଙ୍କ ଘରୁ ଡକାୟତି ପରେ ଏହି ଦୁଇ ଭାଇ ପୋଲିସର ସ୍କାନରକୁ ଆସିଥିଲେ । ଦୁଇ ଭାଇଙ୍କୁ ରିମାଣ୍ଡରେ ଅଣାଯିବ କି ନାହିଁ ଅତିରିକ୍ତ ଏସ୍‌ପି ସ୍ପଷ୍ଟ କରି ନ ଥିଲେ । ପୁଣି ଜବତ୍ ସୁନା ଓ ରୁପା ଅଳଙ୍କାର ନୟାଗଡ଼ ସହରର କେତେକ ସୁନା ଦୋକାନରେ ତରଳାଇ ନୂଆ ସୁନା ଓ ରୁପା ଅଳଙ୍କାର ତିଆରି ହୋଇଛି କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଅତିରିକ୍ତ ଏସ୍‌ପି ଠିକ୍ ଉତ୍ତର ରଖିପାରି ନ ଥିଲେ। ଏପରି ପ୍ରଶ୍ନର ଉତ୍ତର ପରେ ଦିଆଯିବ କହି ଏଡାଇ ଯାଇଥିଲେ । ତେବେ ପୋଲିସର ତଦନ୍ତ ଜାରି ରହିଛି । ତଦନ୍ତରେ ଯେଉଁମାନେ ଆସିବେ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ସେ କହିଛନ୍ତି । ଖବରଦାତା ସମ୍ମିଳନୀରେ ସତ୍ୟଜିତ ଦାଶ ଓ ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା ଉପସ୍ଥିତ ଥିଲେ ।

## ଚୋରି ଅଳଙ୍କାର ଉପରେ ଉଠିଲା ପ୍ରଶ୍ନ



ଗିରଫ ଦୁଇ ଡକାୟତ।

ମେ ୪ରେ ରାଜବଗିଚାର ବିମଳ ଖଟେଇଙ୍କ ଘରୁ ଦେଢ଼ କୋଟି ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା । ସେଥିରେ ସୁନା ଓ ରୁପା ଅଳଙ୍କାର, ଦାମୀ ଉପକରଣ ଓ ନଗଦ ଟଙ୍କା ରହିଥିଲା । ବିମଳ ମା'ଙ୍କ ୪ଟି ସୁନାହାର, ଗୋଟିଏ ସୁନା ବ୍ରତ, ୧୦ଟି ସୁନା ମୁଦି ପ୍ରାୟ ୪୦୦ ଗ୍ରାମ ସୁନା ଅଳଙ୍କାର, ୧ କେଜି ରୁପା ଅଳଙ୍କାର ଚୋରି ହୋଇଥିଲା । ସେହିପରି ବିମଳ ସ୍ତ୍ରୀଙ୍କ ସୁନା ହାର, ୧ବ୍ରେସଲେଟ୍, ୪ ସୁନାମୁଦିସମେତ ୧୨୦ ଗ୍ରାମ ସୁନା ଅଳଙ୍କାର ଚୋରି ହୋଇଥିଲା । ପୁଣି ଏକାଧିକ ଦାମୀ କ୍ୟାମେରା, ବହୁ ଉପକରଣ ମଧ ଚୋରି ହୋଇଛି । ଚୋରମାନେ ଗତ ୪ ତାରିଖ ରାତି ୧.୩୨ରୁ ୩.୩୫ ପର୍ଯ୍ୟନ୍ତ ଚୋରି କରିଥିବା ସିସିଟିଭି କ୍ୟାମେରାରୁ ଜଣାପଡିଥିଲା। ଏଭଳିସ୍ଥଳେ ପୋଲିସ ଯେଉଁ ଉପକରଣ ଜବତ କରିଛି ସେଥିରେ ବିମଳଙ୍କ ପରିବାରର କୌଣସି ସାମଗ୍ରୀ ନାହିଁ ବୋଲି ପରିବାରର ସଦସ୍ୟ ଶ୍ରୀକାନ୍ତ ଖଟେଇ ଅଭିଯୋଗ କରିଛନ୍ତି । ଶ୍ରୀକାନ୍ତଙ୍କ ଅଭିଯୋଗ ପରେ ଚୋରି ସୁନା ଓ ରୁପା ଅଳଙ୍କାର ତଳାଇ ନୂଆ କରାଯାଇଥିବା ସ୍ପଷ୍ଟ ହୋଇଛି । ପୁଣି ଖବରଦାତା ସମ୍ମିଳନୀରେ ପୋଲିସ ଯେଉଁ ଜବତ ଉପକରଣ ଦେଖାଇଥିଲା ତାହା ନୂଆ ଅଳଙ୍କାର ପରି ଦେଖା ଯାଉଥିଲା। ଚୋରି ସୁନା ଓ ରୁପା ଅଳଙ୍କାର ତରଳାଇବା କାର୍ଯ୍ୟରେ ନୟାଗଡ଼ ସହରର କେତେଜଣ ସୁନା ଦୋକାନୀ କାମ କରିନ୍ତି। ସହରର ବିଭିନ୍ନ ସ୍ଥାନରୁ ଚୋରି ଘଟଣାରେ ଜବତ ସୁନା ଓ ରୁପା ଅଳଙ୍କାରକୁ ନୟାଗଡରେ ତରଳାଇ ନୂଆ ଉପକରଣ କରାଯାଇଥିଲା । ବିକ୍ରୀ ହେବା ପୂର୍ବରୁ ପୋଲିସ ତାକୁ ଜବତ କରିଛି । ହେଲେ ପୋଲିସ ସୁନା ଦୋକାନୀଙ୍କୁ ତଦନ୍ତ ପରିସରକୁ ଆଣି ଛାଡି ଦେଇଥିବା ଚର୍ଚ୍ଚାର ବିଷୟ ହେଉଛି ।

## ୨ ପରିବାରରେ କଳାକନା ବୁଲାଇଲେ ଡକାୟତ

ଭାପୁର,୪।୬(ଡି.ଏନ.ଏ.)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳରେ ଚୋରି ଡକାୟତି ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ତଳେ ଫତେଗଡ଼ ଥାନା ପୋଲିସ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ଫତେଗଡ଼ ଥାନା ଅନ୍ତର୍ଗତ ବଡସହରା ପଞ୍ଚାୟତରେ ଡକାୟତମାନେ ଦୁଇଟି ଘରୁ କଳାକନା ବୁଲାଇବା ସହ ଗୋଟିଏ ସାଇକେଲ ନେଇ ଯାଇଛନ୍ତି । ବଡସହରା ଗ୍ରାମର ଅନ୍ତର୍ଯ୍ୟାମୀ ଦଳବେହେରାଙ୍କ ପରିବାର ଶୋଇଥିବା ସମୟରେ ଘରେ ପଶି ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ଅଳଙ୍କାର ନେଇ ଯାଇଛନ୍ତି । ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ପରିବାର ଲୋକେ ଘର ଭିତରେ ଶୋଇ ନ ପାରି ଛାତ ଉପରେ ଏବଂ ଦାଣ୍ଡ ବାରଣ୍ଡାରେ ଶୋଇଥିଲେ । ଏହାର ସୁଯୋଗ ନେଇ ଏକାଧିକ ଯୁବକ ଘର ପଛ ଦ୍ୱାର ଦେଇ ତାଙ୍କ ଘରେ ପଶି ଲୁହା ଆଲମିରା ଭାଙ୍ଗି ନଗଦ ଟଙ୍କା ଓ ୩ଟି ସୁନା ଚେନ (୨୦ଗ୍ରାମ), ୮ ଗ୍ରାମର ସୁନାହାର ,୭ଟି ସୁନାମୁଦି ,କାନଫୁଲ ,ରୂପା ଅଣ୍ଟା ସୂତା,ପାଉଁଜି ନେଇଯାଇଥିଲେ । ସେହିପରି ବଡସହରା ଛକରେ ଧେଡିଆ ପରିଡାଙ୍କ ଗୋଟିଏ ସାଇକେଲ ନେଇ ଯାଇଛନ୍ତି। ସେହିପରି ବଡସହରା ପଞ୍ଚାୟତ ଗୋପାଳପ୍ରସାଦ ଗ୍ରାମର କୈବଲ୍ୟ ପ୍ରଧାନଙ୍କ ଘରୁ ସେହି ରାତିରେ କେହି କଳାକନା ବୁଲାଇ ଦେଇଛନ୍ତି । ଏନେଇ ଫତେଗଡ ଥାନାରେ ଲିଖିତ ଅଭିଯୋଗ ପରେ ଫତେଗଡ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି ।

## ପଞ୍ଜୀକୃତ ତାଲିକାରେ ବରିଷ୍ଠ କଳାକାରଙ୍କ ନାମ ନାହିଁ

ଖଣ୍ଡପଡ଼ା,୪।୬ (ସ୍ୱ.ପ୍ର.)

ବହୁ ବର୍ଷ ଧରି କଳା ପ୍ରଦର୍ଶନ କରି ଆସୁଥିବା ଅନେକ ବରିଷ୍ଠ କଳାକାରଙ୍କ ନାମ ଏବେ ବି ଖଣ୍ଡପଡ଼ା ବ୍ଲକ କଳାକର ସଂଘ ତାଲିକରେ ସ୍ଥାନିତ ହୋଇ ନ ଥିବାରୁ କଳାକାରମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡା ବ୍ଲକ କଳାକାର ସଂଘର ସଭାପତି ବିଡିଓ ଅରୁଣୀମା ସାହୁ ଅଛନ୍ତି । ହେଲେ ପ୍ରଶାସନିକ ଉଦାସୀନତା ଯୋଗୁ ବହୁ କଳାକାରଙ୍କ ନାମ ସରକାରଙ୍କ ତାଲିକାରେ ପଞ୍ଜୀକୃତ ହୋଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଛି । ଏପରି କି ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ପାଲା ଗାୟକ ପ୍ରଦୀପ କୁମାର ଅତବୁଦ୍ଧି ଏକଦା ଖଣ୍ଡପଡା ବ୍ଲକ କଳାକାର ସଂଘର ଉପସଭାପତି ଭାବେ ଦାୟିତ୍ୱ ତୁଲାଇ ଥିଲେ ହେଁ ଅଦ୍ୟାବଧି ତାଙ୍କ ନାମ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ତାଲିକାରେ ସ୍ଥାନ ପାଇନାହିଁ । ସେହିପରି କୋସକା ପଞ୍ଚାୟତ ସିଙ୍ଗିବାରୀ ଗ୍ରାମର ପାଲା ଗାୟକ ସତ୍ୟବାଦୀ ସାହୁ, ଯୋଗିଆପଲ୍ଲୀ ଗ୍ରାମର ରାଜ କିଶୋର ବେହେରା, ଜଗନ୍ନାଥ ପ୍ରସାଦ ପଞ୍ଚାୟତ କାଦୁଆ ଗ୍ରାମର ଦୀନବନ୍ଧୁ ପଣ୍ଡାଙ୍କ ପରି ଅନେକ ବର୍ଷୀୟାନ କଳାକାର କଳାକୁ ନିଜର ନିଶା ଓ ପେଶା ରୁପେ ଗ୍ରହଣ କରିଥିଲେ ହେଁ ଅଦ୍ୟାବଧି ସେମାନେ ପ୍ରୋତ୍ସାହନ ରାଶି ପାଇବ ତ ଦୂରର କଥା ପ୍ରଶାସନ ଦ୍ୱାରା ପଞ୍ଜୀକୃତ ତାଲିକାରେ ନାମ ନାହିଁ । ଫଳରେ ସେମାନେ ସବୁଥିରୁ ବଞ୍ଚିତ ହୋଇ ଦୁଃଖ ଓ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ବୋଲି ଅଭିଯୋଗ ହୋଇଛି । ବ୍ଲକ ପ୍ରଶାସନ, ବିଭାଗୀୟ ଅଧିକାରୀ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଅନେକ କଳାକାର ଦାବି କରିଛନ୍ତି ।

## ଜିଆର୍‌ଏସ୍‌ଙ୍କୁ ବହିଷ୍କାର କଲେ ଜିଲାପାଳ

### ଆବାସ ଜାଲିଆତି ଘଟଣା

ଭାପୁର,୪।୬(ଡି.ଏନ୍.ଏ.)

ମହଙ୍ଗା ପଡିଲା ଆବାସ ଜାଲିଆତି ଘଟଣା । ଜାଲ କାଗଜପତ୍ରରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ନ ଦେବା ତଥା ଅର୍ଥ ଆତ୍ମସାତ୍ ମାମଲାରେ ନୟାଗଡ଼ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସମ୍ପୃକ୍ତ ଜିଆରଏସ୍‌ଙ୍କୁ ଚାକିରୀରୁ ବିଦା କରିଛନ୍ତି । ସେ ହେଲେ ଭାପୁର ବ୍ଲକ ନିମାଣି ପଞ୍ଚାୟତରେ ପୂର୍ବରୁ ଜିଆରଏସ୍ ଥିବା ବଳଭଦ୍ର ସ୍ୱାଇଁ । ତାଙ୍କୁ ଶନିବାର ଚାକିରୀରୁ ବହିଷ୍କାର କରାଯାଇଛି । ସରକାରୀ ଅର୍ଥ ହେରଫେର, ମିଥ୍ୟା ବିଲ, ଜାଲ ଦସ୍ତଖତ, ସରକାରୀ କାଗଜପତ୍ର ଠିକ ନ ରଖିବା, ଆରଏଚ୍ ପୋର୍ଟାଲରେ ମିଥ୍ୟା ଫଟୋ ଅପ୍‌ଲୋଡ କରିବା ଭଳି ସଙ୍ଗୀନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା ।

ଅଭିଯୋଗ ଅନୁଯାୟୀ ନିମାଣି ପଞ୍ଚାୟତ ଅଧୀନ ବାଦଭୁଇଁ ଗ୍ରାମର ସୁଦାମ ନାଏକ ୨୦୧୭-୧୮ରେ ଆବାସ ଯୋଜନା ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ । ତେବେ ତାଙ୍କ ଅଜାଣତରେ ଆସିଥିବା ଆବାସ ଯୋଜନାର ଅର୍ଥ ହଡପ ହେବା ସହ ସେ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିଲେ । ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଘର ମରାମତି ନିମନ୍ତେ ସହାୟତା ରାଶି ଘୋଷଣା କରିଥିଲେ । ସୁଦାମଙ୍କୁ ମଧ ସରକାରୀ ସହାୟତା ମିଳିଥିଲା । ତେବେ ବ୍ଲକ ପ୍ରଶାସନ ସୁଦାମଙ୍କ ଚାଳ ଛପର ଘର ଦେଖି ତାଜୁବ ହେବା ସହ ଘଟଣାର ଖୋଳତାଡ ଆରମ୍ଭ କରିଥିଲା । ଏପରିକି ଏ ବାବଦରେ ସୁଦାମ ପଚାରିବାରୁ ସ୍ଥାନୀୟ ସମିତିସଭ୍ୟଙ୍କ ସ୍ୱାମୀ ଏବଂ ତତ୍କାଳୀନ ବ୍ଲକ ଅଧକ୍ଷ ଜାତିଆଣ ଆକ୍ଷେପ ସହ ହତ୍ୟା କରିବା ନିମନ୍ତେ ତାଙ୍କୁ ଧମକ ଦେଇଥିଲେ ବୋଲି କହିଥିଲେ । ବ୍ଲକ ପ୍ରଶାସନ ଖୋଳତାଡରୁ ତତ୍କାଳୀନ ଜିଆରଏସ୍ ସ୍ୱାଇଁ ଅର୍ଥଲୋଭ ଏବଂ ରାଜନୈତିକ ମଧୁଚନ୍ଦ୍ରିକାରେ ପ୍ରଭାବିତ ହୋଇ ଅତି ଚତୁରତାର ସହ ସୁଦାମଙ୍କ ଅର୍ଥ ହଡପ କରିଥିଲେ । ଏଥିପାଇଁ ସେଇ ବାଦଭୂଇଁ ଗ୍ରାମର ଧନେଶ୍ୱର ପରିଡ଼ାଙ୍କ ନାମରେ ଭାପୁର ଇଣ୍ଡିଆନ ଓଭରସିଜ ବ୍ୟାଙ୍କରେ ଖାତା ଖୋଲି ସମସ୍ତ ଅର୍ଥ ଉଠା ଯାଇଥିବା ଜଣାପଡିଥିଲା। ନୟାଗଡ଼ ଜିଲାପାଳ ବିଳମ୍ବରେ ହେଲେ ମଧ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।ସେହିପରି ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ଜିଆରଏସ୍ ସଞ୍ଜୟ କୁମାର ଦସଙ୍କ ନାମରେ ଜବ୍‌କାର୍ଡ କାଟିବା ଭଳି ଅଭିଯୋଗ ଆସିଥିଲା ।

## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ



ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ନୟାଗଡ଼ ଅଫିସ,୪।୬

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାଧନା ପୀଠ ନୟାଗଡ଼ ଜିଲା ମାଳିସାହି ଗ୍ରାମରେ ବିଜେ ଗତୀଶ୍ୱରମହାଦେବଙ୍କ ପ୍ରାଙ୍ଗଣରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଜୟନ୍ତୀ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ବିଶ୍ୱନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ ମୁଖ୍ୟଅତିଥି ରୂପେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ଭଞ୍ଜସାହିତ୍ୟର ବହୁବିଧ ସାରସ୍ୱତ ବିଭବ ଉପରେ ଆଲୋଚନା କରିଥିଲେ । ଭଞ୍ଜ ସାହିତ୍ୟ ରସିକ ଶ୍ରୋତାମଣ୍ଡଳୀକୁ ସବୁ ସମୟରେ ବିମୁଗ୍ଧ କରି ଆସିଛି । ଅନ୍ୟପକ୍ଷେ କବିସମ୍ରାଟଙ୍କ ଘୁମୁସରଗଡରୁ ନୟାଗଡ଼ ଆଗମନ, ମାଳିସାହି ଖମାରରେ ଅବସ୍ଥାନ, ଗତୀଶ୍ୱରମହାଦେବଙ୍କ ଉପାସନା, ଢ଼େଙ୍କଣା ରଘୁନାଥଙ୍କ ପାଖରେ ଆରାଧନା ଓ ତାରକମନ୍ତ୍ର ସିଦ୍ଧି ଉପରେ ତଥ୍ୟଭିତ୍ତିକ ଆଲୋଚନା ରଖିଥିଲେ । ସଭାରେ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ ଗାୟକ ପ୍ରେମାନନ୍ଦ ପାଟଶାଣୀ,ବିନୋଦ ରାଉତ,ଧନେଶ୍ୱର ପଳତା ପ୍ରମୁଖ ‌d ଧନ୍ୟବାଦ ଦେଇଥିଲେ ସୁରେନ୍ଦ୍ର କୁମାର ପ୍ରଧାନ dପୂଜକ ଗୌରାଙ୍ଗ ମହାପାତ୍ର ମନ୍ତ୍ରପାଠ କରିଥିଲେ d ସ୍ମୃତି କମିଟିର ଅଧକ୍ଷ ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ସର୍ବସମ୍ମତ କ୍ରମେ ମନୋନୀତ ହୋଇଛନ୍ତି ।

**OFFICE OF THE MUNICIPAL COUNCIL, RAYAGADA**

**QUOTATION CALL NOTICE**

**Letter No. 3098** **Date: 26.05.2022**

No. C-440: Sealed quotations are invited from the Reputed Company/ Authorised Dealer for Purchase of Personal Protective Equipment (PPE) for Rayagada Municipality. The quotation paper will be available from the Sanitation Section of Rayagada Municipality on payment of Rs.1000/- (Non-refundable) in shape of Bank Draft/Demand Draft/Bankers Cheque/ Cash in favour of Executive Officer, Rayagada Municipality, payable at Rayagada except Government Holidays. The last date of submission of quotation paper is on Dtd.10.06.2022 upto 10.00 A.M. and the same will be opened on Dtd.10.06.2022 at 12.30 P.M. in the presence of the quotationer or their authorised representative who may be present there. The quotationer required must submit valid G.S.T. Registration Certificate/Signed Copy of PAN Card allotted by Income Tax Department/ NSIC Registration Certificate (if available)/Experience in Similar Nature of Work since last 02 (Two) years. The authority has rights to reject or accept any or all quotation without assigning any reason thereof.

**Sd./- Executive Officer**
**Rayagada Municipality**
**OIPR-13150/11/0010/2223**

**Sambalpur Municipal Corporation**
**Sambalpur-768001**
**Email ID: sambalpurm.hud@nic.in**

**'e' Procurement NOTICE**

**Bid Identification No: 05/SMC_SBP/2022-23**

**No.C-431:**The Municipal Commissioner on behalf of Municipal Corporation, Sambalpur invites tenders in Two Bid system {Part-I: General & Technical Bid and Part-II: Price Bid (percentage rate bids)} in conformity with Detailed Tender Call Notice (DTCN) for the following work .
1.**Name of the Works: i. Development of Eco Park at Kuluthkani. ii. Rejuvenation of pond inside Jawahar Udyan with Pepherial development with boating and Lighting arrangement at Hirakud.**
2.Approximate Estimated Costs:**Rs.178.55 Lakhs & Rs.80.01 Lakhs**
3. Period of completion: As per NIT. 4.Date & time of availability of the bid documents in the portal: From **11.00 Hrs of 04. 06 .2022 To 17.00 Hrs of 24.06.2022.** 5.Last Date/ Time for receipt of bids in the portal: **17.00 Hours of 24.06.2022.** 6.Technical Bids will be opened on: **11.00 Hrs of 27.06.2022.** 7. Name & address of the officer inviting bid: **Municipal Commissioner, Sambalpur Municipal Corporation, Sambalpur.**
Further the details can be seen from the procurement portal: **https:// tendersodisha.gov.in.**

**Sd./-Municipal Commissioner, Sambalpur Municipal Corporation**
**OIPR-13122/11/0020/2223**

**ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ**
**Office of the Municipal Council, Phulbani**
**Through Fax/E-mail/Post କନ୍ଧମାଳ, Kandhamal, Phulbani,**
**Tel.No.06842-253619, Fax:06842-253619**
**E-mail: municipality.plb@rediffmail.com**
**Letter No.2259// Date:27.05.2022**

**TENDER NOTICE**

**No.C-436:**Bid documents consisting of 25 (twenty five) Nos. of civil works with estimated cost (work value), cost of tender paper, time of completion, class of contractors and the set of terms and conditions applicable for the contract and required necessary documents available in Phulbani Municipality.

| | |
|---|---|
| 1. Name of the works | : Civil works as mentioned in the office. |
| 2. No. of works | : 25 (twenty five) only |
| 3. Tender amount | : Rs.13.00 lakhs to Rs. 19.00 lakhs |
| 4. Date & time of Availability of Bid Documents on the portal | : From date.02.06.2022, 10.00 AM To Date 09.06.2022, 5.00 PM |
| 5. Last Date & time of Availability of Bid Documents on the portal | : 09.06.2022, 5.00 PM |
| 6. Bid opening date and time | : 10.06.2022, 11.00AM |
| 7. Name and address of bid Iniviting officer | : Executive Officer, Phulbani Municipality |

Further details of the tender documents can be seen from municipality office in working hours.

**Sd./- Executive Officer, Phulbani Municipality**
**OIPR-13195/11/0005/2223**

**Government of Odisha**
**Sports & Youth Services Department**
**C-1,Nayapalli, Bhubaneswar-751012**
**ODISHA-SAI, REGIONAL BADMINTON ACADEMY**
**Sahidnagar, Bhubaneswar**
**Email: odishasairba@gmail.com**
**Web site address: department.sportsodisha.gov.in**
**PHONE: - 0674-2543044/ 3510240**

**TENDER CALL NOTICE**

**No.TT-01:**Sealed tenders are invited from the reputed firms / suppliers / authorized dealer for supply of the following items to Odisha-AI, Regional Badminton Academy, Shaheed Nagar, Bhubaneswar.

| Schedule No. | Brief Description of Sports Kit | Bidding documents cost (Rs.) |
|---|---|---|
| 01 | Supply of Yonex feather Shuttle Cocks | 500 |

| | |
|---|---|
| 2.(i) Date of Sale of Bidding Document | From 05.06.2022 to 20.06.2022 1 1:00 hrs to 16:30 hrs |
| (ii) Place of Sale of Bidding Documents | Odisha-SAI, Regional Badminton Academy, Saheed Nagar, Bhubaneswar 751009 |
| (iii) Closing date & time for receipt of Bid | 20.06.2022 at 15:30 hrs |
| (iv) Time and date of opening of Technical Bid Financial Bid | 20.06.2022 at 15.30 hrs 20.06.2022 16.00 hrs |
| (v) Validity period of tender paper | One Year from the date of finaliza-tion of tender. |

Tender Form and other details shall be obtained from the office on all working days (except on Saturdays & Sundays) from 05.06.2022 to 20.06.2022 against payment of Rs.500/-as tender cost (up to 11:30 A.M. on 20.06.2022). If opening day of the tender falls on a holiday, the next working day shall be considered for opening the tender as scheduled.
The tender documents are also available on website department.sportsodisha.gov.in and the same may be downloaded. The cost of the tender forms shall be paid by means of Demand Draft for Rs. 500 /- drawn in favour of Director, Odisha-SAI, Regional Badminton Academy, Saheed Nagar, Bhubaneswar while submission of the bid for those who download the document.
An amount of Rs.20,000/- (Rupees Twenty Thousand only) should be deposited as EMD along with the tender as per Annexure I of the tender document. The technical specifications of required sports kit are detailed in Annexure - II of the tender documents. Undersigned reserves the right to accept or reject any or all tenders without assigning any reasons.

**Sd./- Director**
**Odisha Sai-Regional Badminton Academy**
**OIPR-29009/11/0004/2223**

**DIRECTORATE OF MEDICAL EDUCATION & TRAINING, ODISHA**

**NOTICE FOR ADMISSION TO BASIC BSC NURSING COURSE**

**No 6587//** **Dt 03.06.2022**

**No.E-193:**It is for the information of all concerned that the admission to the Basic B.Sc Nursing course shall be done through a common entrance test as per the syllabus of Indian Nursing Council, New Delhi. It is also stipulated that the NEET(UG) entrance test shall be used for such selection of candidates.

It is hereby informed that, from the academic session 2023-24, the admission to Basic B.Sc Nursing course in all Nursing institutions in this state shall be through the NEET(UG).

Hence all the candidates desirous of taking admission in Basic B.Sc Nursing course shall participate in NEET(UG) Examination conducted by National Testing Agency(NTA). No candidates will be admitted to Basic B.Sc Nursing course without qualifying the NEET(UG) from the academic session 2023-24. The candidates are requested to check the website https://nta.ac.in time to time.

**Sd./- Convener**
**State Nursing Selection Committee, Odisha**
**OIPR-10016/11/0008/2223**

## ସଂକ୍ଷେପରେ

### ଦେବିତୀ ଗ୍ରାମରେ ଜାଡିମ୍ବା ଠାକୁରାଣୀ ପର୍ବ

ପାରଳାଖେମୁଣ୍ଡି,୪।୬(ଡି.ଏନ୍.ଏ.): ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଦେବିତୀ ଗ୍ରାମରେ ଜାଡମ୍ବାଠାକୁରାଣୀ ପର୍ବ ବହୁ ଆଡମ୍ବରରେ ପାଳିତ ହେଉଥିବାର ଲକ୍ଷ୍ୟ କରାଯାଉଛି। ଏହି ଯାତ୍ରା ଚଳିତ ମାସ ୧ରୁ ଆରମ୍ଭ ହୋଇ ୭ ତାରିଖରେ ଉଦ୍‌ଯାପନ ହେବ। ପ୍ରତି ଦିନ ସକାଳ ସମୟରେ ଘଟହାଣ୍ଡି ଗୁଡିକୁ ଧୂପ, ଦୀପ, ଭୋଗ ସାମଗ୍ରୀ ସହ ପୂଜାର୍ଚ୍ଚନା କରିଥାନ୍ତି ଏବଂ ସନ୍ଧ୍ୟା ୬ରୁ ପ୍ରାୟ ରାତ୍ର ୧୧ଟା ଯାଏ ଠାକୁରାଣୀ ମାଁଙ୍କର ଗ୍ରାମ ପରିକ୍ରମା କରାଯାଉଛି। ଏଥି ଉପଲକ୍ଷେ ସମଗ୍ର ଗ୍ରାମ ଆଲୋକମାଳରେ ସାଜସଜ୍ଜା କରାଯାଇ ଜାକଜକମରେ ପାଳନ କରାଯାଉଛି। ଏଥିଲାଗି ଦେବିତୀ ଗ୍ରାମ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ବହୁ ଜନସାଧାରଣ ଏଥିରେ ଯୋଗଦେଇ ପୂଜାର୍ଚ୍ଚନା କରୁଥିବାର ଲକ୍ଷ୍ୟ କରାଯାଇଛି।

### ମିଶନ ଶକ୍ତି ମହିଳାମାନଙ୍କୁ ଆତ୍ମ ସୁରକ୍ଷା ତାଲିମ

ରାୟଗଡ଼(ଗଜପତି),୪।୬: ଗଜପତି ଜିଲା ରାୟଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଶନିବାର ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲା ଟାଏକୋଣ୍ଡୋ ଏକାଡେମୀ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାପାତ୍ରଙ୍କ ପରିଚାଳନାରେ ମହିଳାଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକର ସମସ୍ତ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ମିଶନ ଶକ୍ତିରେ କାର୍ଯ୍ୟରତ ଏମିକେ ଓ ସିଆରପିମାନେ ପ୍ରାୟ ୭୨ ଜଣ ତାଲିମ ଶିବିରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଜୀବିକା ମିଶନର ବିପିଏମ୍ ଲତିକା ଦେବୀ ଓ ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ ଉକ୍ତ ତାଲିମ ପ୍ରଦାନ କରଯାଇଥିଲା। ଏହିଭଳି କାର୍ଯ୍ୟକ୍ରମ ମହିଳାଙ୍କୁ ଅନେକ ସାହାସ ଯୋଗାଇବ ବୋଲି ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି। ମହିଳାମାନଙ୍କୁ ସଶକ୍ତିକରଣ କରିବା, ମହିଳା ମାନଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି କରି ସମାଜରେ ସେମାନଙ୍କୁ ମୁଖ୍ୟସ୍ରୋତରେ ଆଣିବା ସାଙ୍ଗକୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରି କିପରି ମହିଳାମାନେ ନିଜ ସୁରକ୍ଷା ନିଜେ କରିପାରିବେ ବୋଲି ଗୁରୁତ୍ୱ ଦିଆଯାଉଛି।

### ଆଇଟିଡିଏ ପକ୍ଷରୁ ଅଦା ବିହନ ବଣ୍ଟନ

ଫୁଲବାଣୀ ଅଫିସ, ୪।୬-ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମିଶନ ଜୀବୀକା ପକ୍ଷରୁ ଫୁଲବାଣୀ, ଖଜୁରିପଡା ଏବଂ ଫିରିଙ୍ଗିଆ ବ୍ଲକର ଚାଷୀଙ୍କୁ ଅଦା ବିହନ ବଣ୍ଟନ କରାଯାଇଛି । ମୋଟ ୨୮୭ ଜଣ ଚାଷୀଙ୍କୁ ୨୪ ଟନ ବିହନ ପ୍ରଦାନ କରାଯାଇଛି। ଏହି ୩ ବ୍ଲକରେ ୪୦ ଏକର ଜମିରେ ଅଦା ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଅତିଥି ଭାବେ ଯୋଗଦେଇ ଅଦା ଚାଷ ଦ୍ୱାରା ଆମେ କିପରି ଅଧିକ ଲାଭବାନ ହୋଇ ପାରିବା ତାହା ଉପରେ ଚାଷୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ପରିଚାଳକ ପି.ମୁରଲୀ ମୋହନ, ବିଷୟ ବିଶାରଦ ଶୁଭଶ୍ରୀ ମହାନ୍ତି, ଜୀବୀକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଚାଷୀଙ୍କୁ ବିହନ ବାଣ୍ଟିଥିଲେ।

# ଲଡୁବାବାଙ୍କ ବିବାହ ଉତ୍ସବ ସରିଲା

- ଇଙ୍ଗିତ ସହ୍ୟ ନ କରି କ୍ଷୁବ୍ଧ ହୋଇ ଫେରିଲେ ବରଯାତ୍ରୀ
- ଦୋଷ ସ୍ୱୀକାର କରି ଫେରାଇ ଆଣିଲେ କନ୍ୟାପକ୍ଷ

ନୟାଗଡ଼ ଅଫିସ,୪।୬

ନୟାଗଡ଼ ଜିଲା ଶରଣକୁଳଠାରେ ବିଜେ ଲଡୁବାବାଙ୍କ ବିବାହ ଉତ୍ସବ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବର ଓ କନ୍ୟାଯାତ୍ରୀଙ୍କ ମଧ୍ୟରେ ଗୀତ ମାଧ୍ୟମରେ ୧ଘଣ୍ଟା ଧରି ବାକ୍ ବିନିମୟ ହୋଇଥିଲା । ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଇଙ୍ଗୀତ ସହ୍ୟ କରି ନ ପାରି କ୍ଷୁବ୍ଧ ହୋଇ ବରଯାତ୍ରୀଙ୍କୁ ନେଇ ଫେରି ଯାଇଥିଲେ । ପରେ କନ୍ୟା ପକ୍ଷ ସେମାନଙ୍କ ଦୋଷ ସ୍ୱୀକାର କରି କ୍ଷମା ପ୍ରାର୍ଥନା ପୂର୍ବକ ପୁନଃ ଆମନ୍ତ୍ରଣ କରାଇ ବିବାହବେଦୀକୁ ପାଛୋଟି ଆଣିଥିଲେ । ଗୀତ ମାଧ୍ୟମରେ ଏହି ବାକ୍ ବିନିମୟର ଦୃଶ୍ୟ ଉପଭୋଗ କରିଥିଲେ ଅଞ୍ଚଳବାସୀ । ଏହା ଏକ ଧାର୍ମିକ ଶିହରଣ ସୃଷ୍ଟି କରିଥିଲା ।

ଶନିବାର ସନ୍ଧ୍ୟାରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇ ଅଙ୍ଗବସ୍ତ୍ର ଓ ଅଳଙ୍କାର ପରିଧାନ କରାଯାଇଥିଲା । ପରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ କରାଯାଇଥିଲା । ଏହାପରେ ସୁସଜ୍ଜିତ ବିମାନରେ ନିଜ ଗ୍ରାମ ଭିକାରୀପଡା ରଘୁନାଥପୁର ବ୍ରାହ୍ମଣ ଶାସନର ଭୋଗ ମଣ୍ଡପରେ ଅବସ୍ଥାନ କରିଥିଲେ । ମଧ୍ୟସ୍ଥତା କରୁଥିବା ପାର୍ଶ୍ୱଦେବତା ଗୋପୀନାଥ ବ୍ୟାଘ୍ର ବାହାନ ବିମାନରେ ଉପବେଶନ କରି ପାର୍ବତୀଙ୍କ ସହ ଦୁର୍ଗାବଜାରର ଚାଳି ମଣ୍ଡପକୁ ବିଜେ କରିଥିଲେ । ସେଠାରେ ଗୋପୀନାଥ ଓ ପାର୍ବତୀଙ୍କ ଆଳତୀ ଏବଂ ଭୋଗ କାର୍ଯ୍ୟ ସମାପନ କରାଯିବା ପରେ ଉଭୟଙ୍କୁ ଭିକାରୀପଡା ରଘୁନାଥପୁର ବ୍ରାହ୍ମଣ ଶାସନର ଭୋଗମଣ୍ଡପକୁ ନିଆଯାଇଥିଲା । ସେଠାରେ ଗୋପୀନାଥ ବର ଧରିବା ପାଇଁ ପ୍ରସ୍ତୁତି ହୋଇଥିଲେ । ଏହି ଭୋଗମଣ୍ଡପରେ ଚନ୍ଦ୍ରଶେଖର ଓ ମା'ପାର୍ବତୀଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହିତ ମହାଆଳତି କରାଯାଇଥିଲା ।

ଏହାପରେ ପ୍ରଭୁ ଚନ୍ଦ୍ରଶେଖର ଭିକାରୀପଡା ରଘୁନାଥପୁର ଶାସନର ବ୍ରାହ୍ମଣମାନଙ୍କୁ ବରଯାତ୍ରୀ ରୂପେ ନେଇ ବାହାରିଥିଲେ । ସେହିପରି କନ୍ୟା ଘର ପକ୍ଷରୁ ଗୋପୀନାଥ ଲଡୁବାବାଙ୍କ ସେବାକାରୀମାନଙ୍କ ସହ ମା'ପାର୍ବତୀଙ୍କୁ ନେଇ ବିବାହମଣ୍ଡପ ଅଭିମୁଖେ ବାହାରିଥିଲେ । ବିବାହମଣ୍ଡପରୁ ୫୦ ଫୁଟ ଦୂରରେ ବର ଓ କନ୍ୟାଯାତ୍ରୀ ଅଟକି ରହିଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ଗୀତ ମାଧ୍ୟମରେ ୧ଘଣ୍ଟା ଧରି ବାକ୍ ବିନିମୟ ହୋଇଥିଲା । ଉଭୟ ପକ୍ଷ ନିଜ ନିଜର ଗୁଣଗାନ କରିବା ସହିତ ଅନ୍ୟ ପକ୍ଷର ନିନ୍ଦାଗାନ କରିଥିଲେ । ଚନ୍ଦ୍ରଶେଖର ବାକ୍ ବିନିମୟ ସମୟରେ ଇଙ୍ଗୀତ ସହ୍ୟ କର ନ ପାରି କ୍ଷୁବ୍ଧ ହୋଇ ନିଜକୁ ଅପମାନ ବୋଧକରି ବରଯାତ୍ରୀଙ୍କୁ ନେଇ ଫେରି ଯାଇଥିଲେ । ପରିସ୍ଥିତି ବିଗିଡି ଯାଇଥିବା ଦେଖି କନ୍ୟା ପକ୍ଷ ସେମାନଙ୍କ ଦୋଷ ସ୍ୱୀକାର କରି କ୍ଷମାପ୍ରାର୍ଥନା ପୂର୍ବକ ପୁନଃ ଆମନ୍ତ୍ରଣ କରାଇ ବିବାହ ବେଦୀକୁ ବରଯାତ୍ରୀଙ୍କୁ ପାଛୋଟି ଆଣିଥିଲେ । ବାକ୍ ବିନିମୟ ସମୟରେ କନ୍ୟାଯାତ୍ରୀଙ୍କ ପକ୍ଷରୁ ଶିବ ପୁଷ୍ପପାଳକ ଓ ବରଯାତ୍ରୀଙ୍କ ପକ୍ଷରୁ ଗୋଲଖ ବିହାରୀ ବଡପଣ୍ଡା ଗୀତ ଆବୃତ୍ତି କରିଥିଲେ । ବିଳମ୍ବିତ ରାତିରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ମନ୍ଦିର ପରିଷ୍ଠା ତୋଷବନ୍ତ କର ବିବାହ କାର୍ଯ୍ୟ ସମାପନ କରିଥିଲେ । ସଞ୍ଜୟ ମହାପାତ୍ର ଓ କଲ୍ୟାଣୀ ପ୍ରତିହାରୀ ହାତଗଣ୍ଠି ଫିଟାଇ ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡଙ୍କ ଠାରୁ ୨୦୦୧ଟଙ୍କା ପାଇଥିଲେ । ରବିବାର ରାତିରେ ୧୬ଶମ୍ଭୁଙ୍କ ମେଳଣ ହେବାର ରହିଛି ।





ଲଡୁବାବାଙ୍କ ସେବକଙ୍କ ସହିତ ପାର୍ବତୀଙ୍କ ସେବକଙ୍କ ଗୀତ ମାଧ୍ୟମରେ ବାକ୍ ବିନିମୟ ଚାଲିଛି।



ଦେବ ଦମ୍ପତିଙ୍କ ବିବାହ ଚାଲିଛି।

## ବଜ୍ରପାତରେ ଘରପୋଡ଼ି, ଗଛ ପଡ଼ି ରାସ୍ତା ଅବରୋଧ

କାଶୀନଗର,୪।୬

ଗତ ରାତିରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ମେଘ, ପବନ ଯୋଗୁ କତିଙ୍ଗି ଗ୍ରାମର ଦୁଇଟି ଘର ବଜ୍ରପାତରେ ପୋଡ଼ିଯାଇଥିବା ସହ କିଛି ବ୍ୟକ୍ତି ଆହତ ହୋଇଛନ୍ତି। ଅନ୍ନା ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଛି। ବଥବା ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପଡ଼ିଯାଇ ରାସ୍ତା ଅବରୋଧ ହୋଇଛି। ପବନ ଫଳରେ ରାସ୍ତାରେ ଗଛ ପଡ଼ି କାଶୀନଗର ଖାଣ୍ଡବା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଘଟଣାସ୍ଥଳରେ ତହସିଲଦାର ଲରିମନ ଖର୍ସେଲ, ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁ, ଅଗ୍ନିଶମ ବିଭାଗ, ଡାକ୍ତରୀ ଦଳ ପହଞ୍ଚି ରାସ୍ତା ସଫା କରିବା ସହ ଆହତମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ସରପଞ୍ଚ ସଞ୍ଜୟ ମିଶ୍ର ପ୍ରମୁଖ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସହାୟତା ନିମନ୍ତେ ପ୍ରଶାସନକୁ ଜଣାଇଥିଲେ। ତହସିଲଦାର ବିପନ୍ନ ପରିବାରକୁ ତାର୍ପଲିନ ଓ ସହାୟତା ରାଶି ପ୍ରଦାନ କରିଥିଲେ। ବୁଦୁରା ପଞ୍ଚାୟତର କିତିଙ୍ଗି, ଭାନ୍ନା, ଗଉରୀ, ବୁଦୁରା ଆଦି ଗ୍ରାମରେ ବ୍ୟାପକ ନଷ୍ଟ ହୋଇଛି।

## କାଳବୈଶାଖୀରେ ଗଛ ପଡ଼ି ଯାତାୟାତ ଠପ୍

ପାରଳାଖେମୁଣ୍ଡି,୪।୬(ଡି.ଏନ୍.ଏ.)

ମୋହନାରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହେବାରୁ ବଡ଼ ବଡ଼ ଗଛ ଭାଙ୍ଗିଯିବା ସହ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଯାଇଛି। ଏହାର ପ୍ରଭାବରେ ମୋହନା ଥାନା, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ବ୍ଲକ ରାସ୍ତା, ଅଗ୍ନିଶମ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ ଭଳି ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିପଡ଼ିବା ଯୋଗୁ ବିଭିନ୍ନ କାର୍ଯ୍ୟାଳୟକୁ ଯାତାୟାତ କରିବା ଠପ୍ ହୋଇଯାଇଛି। ସେହିପରି ଜାତୀୟ ରାଜପଥ ୩୨୬ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିକଟରେ ଏକ ବିରାଟ ବଡ଼ ଗଛ ପଡ଼ି ରାସ୍ତା ଅବରୋଧ ହୋଇ ଗଞ୍ଜାମ- ବ୍ରହ୍ମପୁରଠାରୁ ରାୟଗଡ଼ା ଜିଲାକୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଯାତ୍ରୀମାନେ ବହୁ ସମୟ ଅପେକ୍ଷା କରିବା ପରେ ନିଜେ ଗଛକୁ ରାସ୍ତାରୁ ହଟାଇଥିଲେ। ଦୋକାନ ଘରର ଟିଣ ଉଡି ଭାଙ୍ଗି ରାସ୍ତାରେ ପଡ଼ିଥିଲା।

## ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ

ପାରଳାଖେମୁଣ୍ଡି,୪।୬(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ରାଜ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କିତ ଏକ ୧୫ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅବସରରେ ଗଜପତି ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ସବୁଜ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ପାରଳାଖେମୁଣ୍ଡି ପୌରାଞ୍ଚଳର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଶିଶୁ ଶ୍ରମିକ ଆଇନରେ ଥିବା ବ୍ୟବସ୍ଥା ତଥା କଟକଣା ଆଦି ସମ୍ପର୍କରେ ଏହି ରଥ ଲୋକଙ୍କୁ ସଚେତନ କରାଇବ ବୋଲି କୁହାଯାଇଛି ।

## ତବଲା ବାଦକ ରମେଶଙ୍କୁ ଶ୍ରଦ୍ଧାଞ୍ଜଳି



ରମେଶ ଚନ୍ଦ୍ର ଦାସଙ୍କ ସ୍ମୃତିରେ ସଙ୍ଗୀତ ପରିବେଷଣ କରାଯାଉଛି।

ନୟାଗଡ଼ ଅଫିସ,୪।୬

ସିଦ୍ଧହସ୍ତ ତବଲା ବାଦକ ରମେଶ ଚନ୍ଦ୍ର ଦାସଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ନିଉ ଜନତା ପ୍ରେକ୍ଷାଳୟରେ ଅନୁଷ୍ଠିତ ହେଇଯାଇଛି । ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ହରି ନାଟ୍ୟୟାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରସିଦ୍ଧ ତବଲା ଗୁରୁ କୁଳମଣି ସାହୁ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଅତିଥି ନାଟ୍ୟଭୂଷଣ ପ୍ରାଧ୍ୟାପକ ବିଜୟ କୁମାର ଚୌଧୁରୀ ସ୍ୱର୍ଗତ ଦାସଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ଭାବେ ବର୍ଣ୍ଣନା କରିଥିଲେ । ଗୁରୁ ପ୍ରକାଶ ଚନ୍ଦ୍ର ନନ୍ଦ ସ୍ୱର୍ଗତ ଦାସଙ୍କ ବିୟୋଗକୁ ଏକ ବ୍ୟକ୍ତିଗତ କ୍ଷତି ଦର୍ଶାଇବା ସହ ନୟାଗଡ଼ ସଂଗୀତକୁ ସ୍ୱର୍ଗତ ଦାସଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ସୁର ଗନ୍ଧର୍ବ, ନବକିଶୋର ମିଶ୍ର, ଗୁରୁ ପ୍ରଭାତ କୁମାର ଦାସ, ଆଶୁତୋଷ ମିଶ୍ର, ବିଷ୍ଣୁପ୍ରିୟା ବେହେରା, ମେଘନା ନାୟକ, ରୋଜାଲିନ ବସନ୍ତରା, କୃଷ୍ଣ ଚନ୍ଦ୍ର ମିଶ୍ର, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ସରୋଜ ରଥ, ଶ୍ରୀହରି ନାଟ୍ୟୟାନର ସମ୍ପାଦକ କାଳିଦାସ ମହାପାତ୍ର, ଗୁରୁ ଦୁର୍ଗାମାଧବ ପଣ୍ଡା ଓ ବିଦ୍ୟୁତ୍‌ପ୍ରଭା ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ । ତବଲା ବାଦନ କରିଥିଲେ ଗୁରୁ ସୁବାସ ଚନ୍ଦ୍ର ସେଠୀ, ପଦ୍ମନାଭ ନାୟକ ଓ ଗୋପବନ୍ଧୁ ବେହେରା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରମେଶ କୁମାର ନନ୍ଦ ଓ ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ଓଝା ।

## ଗଞ୍ଜାମରେ ପଦ୍ମଶ୍ରୀ ବାବା ବଳିଆଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ,୪।୬(ଡି.ଏନ୍.ଏ.)

ଗଞ୍ଜାମ ସହରସ୍ଥିତ ସାମନ୍ତରାୟ ସାହିଠାରେ ଗଞ୍ଜାମ ସହର ନାଗରିକ କମିଟି, ଗଞ୍ଜାମ ପ୍ରେସ୍ କ୍ଲବ, ଗଞ୍ଜାମ ବରିଷ୍ଠ ପୌରାଞ୍ଚଳ ପକ୍ଷରୁ ଶନିବାର ପଦ୍ମଶ୍ରୀ ବାବା ବଳିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ପ୍ରେସ୍ କ୍ଲବ ସଭାପତି ଶବର କୁମାର ତରାଇ, ସାମାଜିକ କର୍ମୀ ବିନୋଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଉଭୟ ସହର ଓ ଗ୍ରାମାଞ୍ଚଳରେ ବୃକ୍ଷରୋପଣ ସହିତ ତାହାର ସଂରକ୍ଷଣ, ପ୍ରାକୃତିକ ଜଙ୍ଗଲର ସୁରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା, ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ଧନ କିମ୍ବା ବାହୁବଳ ଦ୍ୱାରା ପ୍ରଭାବିତ ନ ହୋଇ ଉତ୍ତମ ପ୍ରତିନିଧିଙ୍କୁ ନିର୍ବାଚିତ କରିବା, ସମାଜରେ ପତିହରା ମା'ମାନଙ୍କର ସାଂସ୍କୃତିକ ଓ ସାମାଜିକ ଅଧିକାର ରଖିବା, ବିବାହ ପୂର୍ବରୁ ପୁଅ ଝିଅଙ୍କର ରକ୍ତ ମେଳକ ଓ ସ୍ୱାସ୍ଥ୍ୟ ପରୀକ୍ଷା କରି ବିବାହ ସ୍ୱୀକୃତି ଦେବା ଏବଂ ନିଶା ଓ ମାଦକର ଅପକାରିତା ସମ୍ବନ୍ଧରେ ସଚେତନତା ଆବଶ୍ୟକ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ବାବା ବଳିଆ ପ୍ରକାଶ କରିଛନ୍ତି। ୧୯୭୦ରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅରିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିବା ବାବା ବଳିଆ ୩୦ ଜିଲାରେ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଚାରାରୋପଣ ଓ ଆଧ୍ୟାତ୍ମିକ ଅମୃତ ବାଣୀ ଦ୍ୱାରା ପ୍ରକୃତି ବନ୍ଧୁ, ବୃକ୍ଷପ୍ରେମୀ, ଗୀତା ସମ୍ମାନ ପାଇଥିବା ବେଳେ ଖୁବ୍ ନିକଟରେ ସେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ଉପାଧି ଗ୍ରହଣ କରିଛନ୍ତି। ଏଥିପାଇଁ ସେ ଅନ୍ଧ ବିଶ୍ୱାସଠାରୁ ଦୂରେଇ ରହିବା ଏବଂ ପରିବେଶ ସୁସ୍ଥ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଧ୍ୟାପକ ଗିରିଶ ଆଚାର୍ଯ୍ୟ, ଉତ୍ତମ ପଣ୍ଡା, ବିନୋଦ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିବା ବେଳେ ବାବାଜୀ ମଧୁସୂଦନ ଦାସ, ସଞ୍ଜୟ ଦାସ, କାଳନ୍ଦୀ ଦାସ, ଗୋପାଳ ଦାସ, ନରହରି ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପଦ୍ମଶ୍ରୀ ବାବା ବଳିଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମିଳିତ ଶିକ୍ଷକ ସଂଘ ବିରୋଧରେ ଭାଜପାର ସମ୍ମିଳନୀ

ପାତ୍ରପୁର,୪।୬(ଡି.ଏନ.ଏ.)

ପାତ୍ରପୁର ମିଳିତି ଶିକ୍ଷକ ସଂଘ ବିରୋଧରେ ଚିକିଟି ଭାଜପା ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ପାତ୍ରପୁର ଭାଜପା କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମିଳିତ ଶିକ୍ଷକ ସଂଘର ଲେଟର ପେଡରେ ବିଧାୟିକା ଉଷା ଦେବୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଏବଂ ବିଜେଡିର ସମର୍ଥନରେ ଲଢୁଥିବା ଶିକ୍ଷକ ପରିବାରର ପ୍ରାର୍ଥୀ ମାନଙ୍କୁ ଭୋଟ ଦେଇ ଜିତେଇବା ସହ ଭୋଟ ସମୟରେ ସହଯୋଗ କରିବା ପାଇଁ ଚିଠି ମାଧ୍ୟମରେ କୁହାଯାଇଥିଲା। ଏ ନେଇ ସମିତି ବୈଠକରେ ଉପାଧ୍ୟକ୍ଷ ଅନାଦୀ ଚରଣ ପଣ୍ଡିତ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କିଛି ଶିକ୍ଷକଙ୍କୁ ବିଧାୟିକା ଉଷା ଦେବୀ ବଦଳୀ ପାଇଁ ସୁପାରିଶ କରି ଯେଉଁ ବଦଳୀ କରିଛନ୍ତି। ତାହା ନିୟମ ଉଲ୍ଲଂଘନ କରୁଥିବା ଭାଜପା ଅଭିଯୋଗ କରିଛି ।



ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ସୂଚନା ଅଧିକାର ଆଇନ ଜରିଆରେ ମଗାଯାଇଥିବା ତଥ୍ୟ ଅନୁସାରେ, ବିଗତ ୩ବର୍ଷ ଧରି ମେଡିକାଲ ଖର୍ଚ୍ଚ ବାବଦରେ ଆସୁଥିବା ଟଙ୍କାକୁ କିଛି ଶିକ୍ଷକ ସଞ୍ଚକତା କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଛନ୍ତି। କିଛି ଶିକ୍ଷକ ମେଡିକାଲ ଛୁଟି ନ ନେଇ ମଧ୍ୟ ସେମାନେ କିପରି ମେଡିକାଲ ବିଲ ଦାଖଲ କରି ନିଜ ନାମରେ ଆର୍.ସି.ଏମ ଟଙ୍କା ଗ୍ରହଣ କରିଛନ୍ତି। ମିଳିତ ଶିକ୍ଷକ ସଂଘ ପାତ୍ରପୁର ନାମରେ ପଞ୍ଜିକୃତ ହୋଇନଥିଲେ ମଧ୍ୟ ଏକ ବେନାମି ସଂଘ କରି ପ୍ରତିବର୍ଷ ବିଭିନ୍ନ ଆଳ ଦେଖାଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କଠାରୁ ଚାନ୍ଦା ଆଦାୟ କରାଯାଉଛି। ଓଡିଶା ସିଭିଲ ସରଭିସ ନିୟମ ୨୧ର ପାରା ୬,୭,୮କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି । ଗୋଟିଏ ଶିକ୍ଷକ ୧୦ ବର୍ଷରୁ ଅଧିକ ସମୟ ନିର୍ଦ୍ଦିଷ୍ଟ ଏକ ସ୍କୁଲରେ ରହିବା ନିୟମ ନଥିବା ବେଳେ କିଛି ଶିକ୍ଷକ କାହିଁକି ଏହି ନିୟମରୁ ବାଦ ପଡୁଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ଆଗାମୀ ଦିନରେ ଉକ୍ତ ଦୁର୍ନିତୀ ବିରୋଧରେ ଦୃଢ ପଦକ୍ଷେପ ନ ନେଲେ ଭାଜପା ରାଜରାସ୍ତା ଆସିବ ବୋଲି ଭାଜପା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ପ୍ରକାଶ କରିଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଇ. କାଳି ଦାଶ ରେଡ୍ଡୀ, ରେଣୁକେଶ୍ୱର ରାଓ, ଅନନ୍ତରାମ ପାଣିଗ୍ରାହୀ, ୟାଇ.ସଂଯୁକ୍ତା, ୟା. ମହୋନ ରାଓ, ସନ୍ତୋଷ ପ୍ରଧାନ, ଧନୁ ଶବର, ଲଳିତା ପ୍ରଧାନ, ଦେବଦ୍ଧତ୍ତ ପଣ୍ଡା, ଏମ୍. ମାହନ, ଏମ. ତ୍ରିପତି, ସନ୍ତୋଷ ପାତ୍ର, ସରୋଜ ପଣ୍ଡା, ବାଲକ୍ରିଷ୍ଣା ରେଡ୍ଡିଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା

ଛତ୍ରପୁର,୪।୬(ଡି.ଏନ.ଏ.)

ଛତ୍ରପୁରର ଆରାଧଦେବୀ ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ଶନିବାର ୩୦ ଦିନରେ ପହଞ୍ଚିଛି । ମା'ଙ୍କ ଯାତ୍ରା ନେଇ ଛତ୍ରପୁର ସହର ଉତ୍ସବ ମୁଖର ହୋଇପଡିଛି । ମା'ଙ୍କ ଅସ୍ଥାୟୀ ମଣ୍ଡପରେ ଦର୍ଶନ ଲାଗି ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି । ସ୍ୱର୍ଗତ ପ୍ରଭାକର ପଟ୍ଟନାୟକଙ୍କ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ଆଳତୀ ବେଳେ ସୁଧୀର ପଟ୍ଟନାୟକ ଓ ସମାପ୍ତି ପଟ୍ଟନାୟକ, ଯାତ୍ରା ପରଚାଳକ କେ.ଚନ୍ଦ୍ରଶେଖର ରେଡ୍ଡୀ ଉପସ୍ଥିତ ଥିଲେ । ଏହାପରେ ମା'ଙ୍କ ଘଟ ଅସ୍ଥାୟୀ ମନ୍ଦିରରୁ ବାହାରି ସାହିକୁ ସାହି ବୁଲି ଭକ୍ତ ଏବଂ ସ୍ୱର୍ଗତ ପ୍ରଭାକର ପଟ୍ଟନାୟକଙ୍କ ଘର ନିକଟକୁ ଯାଇ ଭୋଗ ଗ୍ରହଣ କରିଥିଲେ। ମା'ଙ୍କ ଘଟ ପରିକ୍ରମା ବେଳେ ବିଭିନ୍ନ ଦେବଦେବୀଙ୍କର କଣ୍ଢେଇ ନୃତ୍ୟ, ଆନ୍ଧ୍ରକାଳୀ ନୃତ୍ୟ, କାଠପାଦ କାଳୀ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ଶନିବାର ପରୀ ସାହିଯାତର ଦୁର୍ଗା, ନୃସିଂହ, ଶିବ ଆଦି ୫ଟି ମେଢ ଓ ବିପଦଜନକ ନଅଁ ବନାଟି ଖେଳ ପ୍ରଦର୍ଶିତ କରାଯାଇଥିଲା। କମେଡିଆନ୍ ପପୁ ପମ୍ପପମ୍ପଙ୍କ କମେଡି ଲୋକଙ୍କୁ ଆକୃଷ୍ଟ କରିଥିଲା। ଯାତ୍ରା କମିଟି ପକ୍ଷରୁ ରାମ ଦୋଳି ଓ ମୀନାବଜାରର ଆୟୋଜନ କରାଯାଇଛି। ପ୍ରତି ଛକଗୁଡିକରେ କଳାକୁଞ୍ଜ ବେଶ୍ ଆକର୍ଷଣୀୟ ହୋଇଛି। ୭ ତାରିଖ ବିଳମ୍ବିତ ରାତିରେ ମା ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତି ୨ ବର୍ଷକୁ ଥରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ଯାତ୍ରା କରୋନା ଯୋଗୁ ୩ ବର୍ଷ ପରେ ଏହି ଯାତ୍ରା ହେଉଛି ।



ମା'ଙ୍କ ପୂଜାର୍ଚ୍ଚନା ।